# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, April 10/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 136 | ମୂଲ୍ୟ ₹୭/-




## ହେରେରାଙ୍କ ଗୋଲ୍‌ରେ ଗୋଆ ବିଜୟୀ

ଆଇଏସ୍ଏଲ୍‌ର ମଙ୍ଗଳବାର ମ୍ୟାଚ୍‌ରେ ଇଞ୍ଜୁରୀ ଟାଇମରେ ବୋର୍ଜା ହେରେରାଙ୍କ ଗୋଲ୍‌ରେ ଜାମସେଦପୁର ଏଫ୍‌ସିକୁ ହରାଇଛି ଏଫ୍‌ସି ଗୋଆ।

୧୪

୦୨

## ୧୧ରେ 'ମଇଦାନ' ରିଲିଜ୍

ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ମଇଦାନ'ର ରିଲିଜ୍ ତାରିଖକୁ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି। ଏପ୍ରିଲ ୧୧ରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବ।



# ହାଇକୋର୍ଟରେ କେଜ୍‌ରିୱାଲ ନିରାଶ

### ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ଆପ୍



**ନୂଆଦିଲ୍ଲୀ, ୯।୪**

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମଙ୍ଗଳବାର ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଛି। କେଜ୍‌ରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ତେବେ ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ହୋଇ ନ ଥିବା ଦର୍ଶାଇ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। କେଜ୍‌ରିୱାଲ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ କୁହାଯାଇଛି।

ଗତ ମାର୍ଚ୍ଚ ୨୧ରେ ହାଇକୋର୍ଟ କେଜ୍‌ରିୱାଲଙ୍କୁ ସୁରକ୍ଷା ଦେବାକୁ ମନା କରିବା ପରେ ଇଡି ତାଙ୍କୁ ଗିରଫ କରିଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। କେଜ୍‌ରିୱାଲ ନିଜ ଗିରଫଦାରି ଏବଂ ଇଡି ରିମାଣ୍ଡକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅନୁରୂପ ଭାବେ ତାଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ କରି ଆଉ ଏକ ରିଟ୍ ପିଟିଶନ୍ ମଧ୍ୟ ଦାଖଲ ହୋଇଥିଲା। ଜଷ୍ଟିସ୍ ସ୍ୱରଣାକାନ୍ତ ଶର୍ମା କେଜ୍‌ରିୱାଲଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଇଡି ନିକଟରେ 'ପର୍ଯ୍ୟାପ୍ତ ପ୍ରମାଣ' ରହିଛି, ଯାହାକୁ ନେଇ ଏଜେନ୍ସି ତାଙ୍କୁ ଗିରଫ କରିଛି। ଏହି ପ୍ରମାଣ ବଳରେ ତଳ କୋର୍ଟ ଇଡିକୁ ରିମାଣ୍ଡ ଅନୁମତି ଦେଇଥିଲେ। ରିମାଣ୍ଡକୁ ବେଆଇନ ଦର୍ଶାଯାଇପାରିବ ନାହିଁ ବୋଲି ୨୫ ମିନିଟ୍ ଧରି ରାୟ ଶୁଣାଇବା ବେଳେ ବିଚାରପତି ଶର୍ମା କହିଥିଲେ। ଜଷ୍ଟିସ୍ ଶର୍ମା ଆହୁରି କହିଥିଲେ, ଅଦାଲତ କେଜ୍‌ରିୱାଲଙ୍କ ଜାମିନ ଆବେଦନର ଶୁଣାଣି କରି ନାହାନ୍ତି, ବରଂ ଗିରଫଦାରିକୁ ଚ୍ୟାଲେଞ୍ଜ କରି ସେ ଦାଖଲ କରିଥିବା ରିଟ୍ ପିଟିଶନ ଉପରେ ଏହି ରାୟ ଦେଇଛନ୍ତି। ଆଇନ ସମାନ ଭାବେ ସମସ୍ତ ଅଦାଲତରେ ଲାଗୁ ହୋଇଥାଏ। କୋର୍ଟଗୁଡ଼ିକ ରାଜନୈତିକ ନୈତିକତା ପରିବର୍ତ୍ତେ ସାମ୍ବିଧାନିକ ନୈତିକତାକୁ ଗୁରୁତ୍ୱ ଦେଇଥାଆନ୍ତି। ଲୋକ ସଭା ନିର୍ବାଚନରେ କେଜ୍‌ରିୱାଙ୍କୁ ପ୍ରଚାର କରାଇ ନ ଦେବା ପାଇଁ ତାଙ୍କୁ ଗିରଫ କରାଯାଇଛି ବୋଲି ଆପ୍ ଦର୍ଶାଉଥିବାବେଳେ ☞ପୃଷ୍ଠା-୪



ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳନ ଅବସରରେ ସୋମବାର କଟକ ପିଠାପୁର ମଦନ ମୋହନ ମନ୍ଦିର ନିକଟରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି। (ଫଟୋ: ରାଜକିଶୋର ମହାନ୍ତି)

# ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ମନା

**ସମ୍ବଲପୁର, ୯।୪ (ପ୍ରମୋଦ ବହିଦାର)**

ଗତବର୍ଷ ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁର ସହରରେ ବାହାରିଥିବା ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ବ୍ୟାପକ ପୋଡ଼ାଜଳା ସାଙ୍ଗକୁ ଜୀବନହାନି ଘଟିଥିଲା। ଏଥିଯୋଗୁ ୬ ଥାନା ଅଞ୍ଚଳରେ ପ୍ରାୟ ୧୦ ଦିନ ଧରି କର୍ଫ୍ୟୁ ଲାଗୁ କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଥିଲା। ଆଗକୁ ନିର୍ବାଚନ ଥିବାବେଳେ ଗତବର୍ଷର ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ସମ୍ବଲପୁରରେ ହନୁମାନ ଜୟନ୍ତୀରେ ଶୋଭାଯାତ୍ରା, ବାଇକ୍ ରାଲି ଓ ଆଖଡ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ବିଧି ଅନୁସାରେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ହନୁମାନ ଜୟନ୍ତୀକୁ ଶାନ୍ତି ଓ ଭାଇଚାରା ମଧ୍ୟରେ ପାଳନ କରିବାକୁ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ମତ ଲୋଡ଼ାଯାଇଥିଲା। ଏଥିରେ ଏସ୍‌ପି ମୁକେଶ ଭାମୁ ଉପସ୍ଥିତ ଥିଲେ। ଆଗକୁ ନିର୍ବାଚନ ଥିବାରୁ ଏଥର ହନୁମାନ ଜୟନ୍ତୀ ଶୋଭାଯାତ୍ରା ବନ୍ଦ ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ୧୨ରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ସଚେତନତା ପାଇଁ ବାଇକ୍ ରାଲି ଓ ମୁଖ୍ୟ ଶୋଭାଯାତ୍ରା ସମୟରେ ହିଂସାକାଣ୍ଡ ହୋଇଥିଲା। ବାଇକ୍ ରାଲି ସମୟରେ ପୋଲିସର ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଫଳରେ ମୋତିଝରଣ ନିକଟରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପକ୍ଷରୁ ବାଇକ୍ ରାଲି ଉପରେ ପଥରମାଡ଼ ହୋଇଥିଲା। ଏଥିରେ ଶତାଧିକ ହନୁମାନ ଭକ୍ତ ଆହତ ହୋଇଥିଲେ। ଏହି ଘଟଣା ପରେ ମଧ୍ୟ ପୋଲିସର ଚେତା ପଶି ନ ଥିଲା। ଫଳସ୍ୱରୂପ ଗୋଟିଏ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୪ରେ ଢିଲା ସୁରକ୍ଷା ବ୍ୟବସ୍ଥାର ସୁଯୋଗରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ପକ୍ଷରୁ ହନୁମାନ ଜୟନ୍ତୀ ମୁଖ୍ୟ ଶୋଭାଯାତ୍ରା ଉପରେ ପୁନର୍ବାର ପଥରମାଡ଼ ହେବା ସହ ଦୁଇଜଣ ଯୁବକଙ୍କ ଉପରେ ☞ପୃଷ୍ଠା-୪

# ଘରୋଇ ଓଡ଼ିଆ ମିଡିୟମ ସ୍କୁଲ ପିଲାଙ୍କୁ ମିଳିବ ମାଗଣା ପୁସ୍ତକ

**ଭୁବନେଶ୍ୱର, ୯।୪ (ଅସମାପିକା ସାହୁ)**

ରାଜ୍ୟର ସମସ୍ତ ଘରୋଇ ଏବଂ ଅନୁଦାନପ୍ରାପ୍ତ ଓଡ଼ିଆ ମିଡିୟମ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ମାଗଣା ପୁସ୍ତକ ପ୍ରଦାନ କରିବେ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିପାଇଁ ଟେକ୍ସଟ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ (ଟିବିପିଏମ୍)କୁ ପୁସ୍ତକ ଛପା ଓ ବଣ୍ଟନ ନିମନ୍ତେ ଶ୍ରେଣୀ, ବ୍ଲକ ଏବଂ ଜିଲାସ୍ତରରେ ନାମଲେଖା ତଥ୍ୟ ଦିଆଯାଇଛି। ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମକୁ ସୁରୁଖୁରୁରେ କରିବା ପାଇଁ ୨୦୨୪-୨୫ ଶିକ୍ଷାବର୍ଷର ସମସ୍ତ ଘରୋଇ ଏବଂ ଅନୁଦାନପ୍ରାପ୍ତ ଓଡ଼ିଆ ମିଡିୟମ ସ୍କୁଲ ତାଲିକା ମାଗିଛି ଗଣଶିକ୍ଷା ବିଭାଗ। ଏ ନେଇ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ କିପରି ସୁରୁଖୁରୁରେ ଦିଆଯିବ, ସେ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ କୁହାଯାଇଛି।

## ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ପରୀକ୍ଷା ହଲ୍‌କୁ ବାରଣ ନାହିଁ: ଏନ୍‌ଟିଏ

**ଭୁବନେଶ୍ୱର, ୯।୪ (ଅସମାପିକା ସାହୁ)**

ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ପରୀକ୍ଷା ହଲ୍‌କୁ ଯିବା ପାଇଁ ବାରଣ ନାହିଁ। ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ମଧ୍ୟ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସବୁ ପରୀକ୍ଷା ଦେଇହେବ। ଏ ନେଇ ଏନ୍‌ଟିଏ ମଙ୍ଗଳବାର ନୋଟିସ ଜାରି କରିଛି। ସାଧାରଣ ନିର୍ବାଚନର ଭୋଟ୍ କାଳି ଆଙ୍ଗୁଠିରେ ଲାଗିଥିଲେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ବାରଣ କରାଯିବା ନେଇ ସୋସିଆଲ ମିଡିଆରେ ଯେଉଁ ପ୍ରଚାର ହେଉଛି ତାହା ଗୁଜବ ବୋଲି ଏନ୍‌ଟିଏ କହିଛି। ଉପରୋକ୍ତ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ସେପରି କୌଣସି ସୂଚନା ପ୍ରଦାନ କରାଯାଇନାହିଁ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏପରି ଗୁଜବ ପ୍ରତି ଧ୍ୟାନ ନ ଦେବା ଏବଂ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଏନ୍‌ଟିଏ ଅନୁରୋଧ କରିଛି। ନିର୍ବାଚନରେ ମତଦାନ ସେମାନଙ୍କର ପରୀକ୍ଷା ଦେବାକୁ ଯୋଗ୍ୟତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ପ୍ରାର୍ଥୀମାନଙ୍କୁ ସେମାନଙ୍କ ଅଧ୍ୟୟନ ଉପରେ ଧ୍ୟାନ ଦେବାକୁ ଏବଂ ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଏନ୍‌ଟିଏ ପରାମର୍ଶ ଦେଇଛି। ପରୀକ୍ଷାର୍ଥୀଙ୍କୁ ଏନ୍‌ଟିଏର ଅଫିସିଆଲ୍ ୱେବ୍‌ସାଇଟ୍ www.nta.ac.in ଏବଂ https://exams.nta.ac.in/NEET/ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

## ପଣାସଂକ୍ରାନ୍ତି ତାରିଖକୁ ନେଇ ହାଇକୋର୍ଟରେ ମାମଲା

### ମୁକ୍ତିମଣ୍ଡପ ପଣ୍ଡିତସଭାର ନିଷ୍ପତ୍ତିକୁ ବିରୋଧ

**କଟକ, ୯।୪ (କାର୍ତ୍ତିକ ସାହୁ)**

ଅଧିବର୍ଷ କାରଣରୁ ୨୦୨୪ ମସିହା ୩୬୫ ଦିନ ବଦଳରେ ୩୬୬ ଦିନ ହୋଇଛି। ଫଳରେ ଚଳିତବର୍ଷ ଏପ୍ରିଲ ୧୪ ବଦଳରେ ୧୩ ତାରିଖରେ ମହାବିଷୁବ ସଂକ୍ରାନ୍ତି ଅର୍ଥାତ୍ ପଣା ସଂକ୍ରାନ୍ତି ପାଳନ ହେବ। ହେଲେ କେତେକ ପଞ୍ଜିକାରେ ଏପ୍ରିଲ ୧୪ ତାରିଖରେ ପଣା ସଂକ୍ରାନ୍ତି ପାଳନ କରାଯିବ ବୋଲି ମୁଦ୍ରିତ ହୋଇଛି। ଏହି ପଞ୍ଜିକାଗୁଡ଼ିକୁ ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦନ ଦେଇଥିବାରୁ ଏହା ବିରୋଧରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ମଙ୍ଗଳବାର ରୁଜୁ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶାର ପ୍ରାୟ ସମସ୍ତ ପାଞ୍ଜି ଗଣନାରେ ବିଶେଷ ଭାବେ ଅବଲମ୍ବନ କରାଯାଉଥିବା ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, ଯାଜପୁର ଜିଲାରେ ବିରଜା ପାଞ୍ଜି ଗଣନାରେ ବ୍ୟବହୃତ ଶତାନନ୍ଦଙ୍କ ଭାସ୍ୱତୀ, ଭାରତରେ ପାରମ୍ପରିକ ପାଞ୍ଜି ଗଣନାରେ ବ୍ୟବହୃତ ସୂର୍ଯ୍ୟସିଦ୍ଧାନ୍ତ ଏବଂ ଆଧୁନିକ ବୈଜ୍ଞାନିକ ପଦ୍ଧତି ଗଣନା ଅନୁସାରେ ଏପ୍ରିଲ ୧୩ରେ ପଣା ସଂକ୍ରାନ୍ତି ପଡୁଛି। ଓଡ଼ିଶା ତଥା ସର୍ବଭାରତୀୟ ସ୍ତରର ପ୍ରାୟ ସମସ୍ତ ପଞ୍ଜିକାରେ ଏପ୍ରିଲ ୧୩ରେ ହିଁ ମେଷ ରାଶିକୁ ନିରୟଣ ରବି ଚଳନ ହେଉଥିବା ଦର୍ଶାଯାଇଛି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ପଞ୍ଚାଙ୍ଗ, ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଜ୍ୟୋର୍ତିର୍ବିଦ୍ୟା ବାଚସ୍ପତି ମେଡେନ କୁମାର ବିଶିଙ୍କ ଦ୍ୱାରା ଗଣିତ ଭାଗ୍ୟଜ୍ୟୋତି ପ୍ରକାଶନର ପରମେଶ୍ୱରୀ ପଞ୍ଜିକା ଓ ଶ୍ରୀକ୍ଷେତ୍ର ପାଞ୍ଜି, ☞ପୃଷ୍ଠା-୪

# ବକେୟା ପାଇଁ ସ୍କୁଲରେ ତାଲା ପକାଇଲେ ଠିକାଦାର

**ବାଲେଶ୍ୱର, ୯।୪ (ମାନସ ବିଶ୍ୱାଳ)**

୫-ଟି ଅଧୀନରେ ରୂପାନ୍ତରଣ ହୋଇଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଦହପଡ଼ା ଚିନ୍ତାମଣି ହାଇସ୍କୁଲର ନିର୍ମାଣ କାର୍ଯ୍ୟ ଶେଷ ହେବାର ବର୍ଷେ ବିତିଗଲାଣି। ହେଲେ ଏଯାଏ ବକେୟା ଟଙ୍କା ମିଳ ନ ଥିବାରୁ ଠିକାଦାର ଅସନ୍ତୋଷ ପ୍ରକାଶ କରିବା ସହ ମଙ୍ଗଳବାର ସ୍କୁଲ ଗୃହରେ ତାଲା ପକାଇ ଦେଇଥିଲେ। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଆସି ବାହାରେ ବୁଲିବା ସହ ଶିକ୍ଷକମାନେ ବାହାରେ ଛିଡ଼ା ହୋଇଥିଲେ। ଖବର ପାଇ ସ୍ଥାନୀୟ ଏବିଡିଓ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

୫-ଟି ରୂପାନ୍ତର ବେଳେ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ପକ୍କା ଘର ନିର୍ମାଣ କାମ କରିବା ପାଇଁ ଦିଆଯାଇଥିଲା। ବର୍ଷେରୁ ଅଧିକ ବିତିଯାଇଥିଲେ ବି ବକେୟା ଟଙ୍କା ମିଳିନାହିଁ। ଫଳରେ ସେମାନେ କାମ ☞ପୃଷ୍ଠା-୪



ଦହପଡ଼ା ଚିନ୍ତାମଣି ହାଇସ୍କୁଲର କ୍ଲାସ ରୁମରେ ତାଲା ପଡ଼ିଥିବା ଯୋଗୁ ବାହାରେ ଛାତ୍ରୀଛାତ୍ର।

# ଆଣ୍ଟୋନି କହିଲେ ପୁଅ ହାରିଯାଉ



ଏ.କେ. ଆଣ୍ଟୋନି



ଅନିଲ ଆଣ୍ଟୋନି

**ଥିରୁଭାନନ୍ତପୁରମ୍, ୯।୪**

ବରିଷ୍ଠ କଂଗ୍ରେସ ନେତା ଏ.କେ. ଆଣ୍ଟୋନିଙ୍କ ପୁଅ ଅନିଲ ଆଣ୍ଟୋନି କେରଳର ପଥନମ୍‌ଥିଟ୍ଟାରେ ଭାଜପା ଟିକେଟରେ ନିର୍ବାଚନ ଲଢୁଛନ୍ତି। ଅନିଲ ଜିତିବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଥିବାବେଳେ ଆଣ୍ଟୋନି ପୁଅଙ୍କ ପରାଜୟ କାମନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଣ୍ଟୋନି କହିଛନ୍ତି, ପୁଅର ଦଳ ଭାଜପା ହାରିବା ଉଚିତ। ଏହି ଆସନରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଆଣ୍ଟୋ ଆଣ୍ଟୋନି ଜିତିବା କଥା। ଏହି ଅବସରରେ ସେ କଂଗ୍ରେସ ନେତାମାନଙ୍କ ପିଲାମାନଙ୍କ ଭାଜପାରେ ଯୋଗଦାନକୁ ନାପସନ୍ଦ କରିଛନ୍ତି। ଭେଟେରାନ୍ ଆଣ୍ଟୋନି କଂଗ୍ରେସକୁ ନିଜ ଧର୍ମ ବୋଲି ଅଭିହିତ କରିଛନ୍ତି।

# ଏବର୍ଷର ମାର୍ଚ୍ଚ ସବୁଠୁ ଉତ୍ତପ୍ତ

### ୧୨ ମାସର ହାରାହାରି ତାପମାତ୍ରାରେ ନୂଆ ରେକର୍ଡ

**ନୂଆଦିଲ୍ଲୀ, ୯।୪ (ପି.ଟି.)**

ଚଳିତବର୍ଷର ମାର୍ଚ୍ଚ ବିଶ୍ୱରେ ସବୁଠୁ ଉତ୍ତପ୍ତ ମାସ ଭାବେ ଅନୁଭୂତ ହୋଇଛି। ଏଲ୍ ନିନୋ ସ୍ଥିତି ଏବଂ ମାନବକୃତ ଜଳବାୟୁ ପରିବର୍ତ୍ତନର ମିଳିତ ପ୍ରଭାବ ଯୋଗୁ ଗତବର୍ଷର ଜୁନ୍‌ରୁ କ୍ରମାଗତ ୧୦ ମାସ ତାପମାତ୍ରାରେ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ୟୁରୋପୀୟ ସଂଘର ଜଳବାୟୁ ସଂସ୍ଥା କୋପରନିକସ୍ କ୍ଲାଇମେଟ ଚେଞ୍ଜ୍ ସର୍ଭିସ (ସିଥ୍ରିଏସ୍) ପକ୍ଷରୁ କୁହାଯାଇଛି। ଚଳିତ ମାର୍ଚ୍ଚରେ ହାରାହାରି ତାପମାତ୍ରା ୧୪.୧୪ ଡିଗ୍ରୀ ସେଲ୍‌ସିୟସ୍ ଥିଲା। ତେବେ ୧୮୫୦ରୁ ୧୯୦୦ ମଧ୍ୟରେ ମାର୍ଚ୍ଚ ମାସଗୁଡ଼ିକର ହାରାହାରି ତାପମାତ୍ରାକୁ ଦେଖିଲେ, ଏହା ତା'ଠାରୁ ୧.୬୮ ଡିଗ୍ରୀ ସେଲ୍‌ସିୟସ୍ ଅଧିକ। ସେହିପରି ଏଥର ମାର୍ଚ୍ଚର ତାପମାତ୍ରା ୧୯୯୧ରୁ ୨୦୨୦ ମଧ୍ୟରେ ମାର୍ଚ୍ଚ ମାସଗୁଡ଼ିକର ହାରାହାରି ତାପମାତ୍ରାଠାରୁ ଏହା ୦.୭୩ ଡିଗ୍ରୀ ସେଲ୍‌ସିୟସ ଅଧିକ ଥିବା ଜଣାପଡ଼ିଛି। ୨୦୧୬ ମାର୍ଚ୍ଚରେ ତାପମାତ୍ରା ସର୍ବାଧିକ ହୋଇଥିବାବେଳେ ଏଥର ମାର୍ଚ୍ଚ ତାକୁ ଟପିଯାଇଛି। ୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ଗତ ୧୨ ମାସର ବୈଶ୍ୱିକ ହାରାହାରି ତାପମାତ୍ରା ସର୍ବାଧିକ ରେକର୍ଡ ହୋଇଛି, ଯାହା ୧୯୯୧-୨୦୨୦ ହାରାହାରିଠାରୁ ୦.୭୦ ଡିଗ୍ରୀ ସେଲ୍‌ସିଅସ୍ ଅଧିକ ଏବଂ ୧୮୫୦-୧୯୦୦ର ହାରାହାରି ତାପମାତ୍ରାଠାରୁ ୧.୫୮ ଡିଗ୍ରୀ ସେଲ୍‌ସିୟସ ବେଶୀ ବୋଲି ଜଳବାୟୁ ସଂସ୍ଥା କହିଛି। ଜାନୁଆରୀରେ ପ୍ରଥମ ଥର ପାଇଁ ସାରା ବର୍ଷରେ ହାରାହାରି ତାପମାତ୍ରା ବୃଦ୍ଧି ଧାର୍ଯ୍ୟ ସୀମା ୧.୫ ଡିଗ୍ରୀ ସେଲ୍‌ସିଅସ୍ ବଢ଼ିଥିବା ସିଥ୍ରିଏସ୍ କହିଛି। ଜଳବାୟୁ ପରିବର୍ତ୍ତନର ଖରାପ ପ୍ରଭାବରୁ ମୁକ୍ତି ପାଇବାକୁ ହେଲେ ତାପମାତ୍ରା ବୃଦ୍ଧି ସୀମା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ୧.୫ ଡିଗ୍ରୀ ସେଲ୍‌ସିଅସ୍ ମଧ୍ୟରେ ସୀମିତ ରଖିବାକୁ ପ୍ୟାରିସ୍ ଚୁକ୍ତିନାମାରେ ସ୍ଥିର ହୋଇଥିଲା। ଉତ୍ତାପ ବଢ଼ିବା କାରଣରୁ ବିଶ୍ୱବ୍ୟାପୀ ଅନାବୃଷ୍ଟି, ବନାଗ୍ନି ଏବଂ ବନ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ବୃଦ୍ଧି ପାଇଛି। ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ଘନତା ବିଶେଷ କରି ଅଙ୍ଗାରକାମ୍ଳ ଏବଂ ମିଥେନ୍ ଦ୍ରୁତ ବୃଦ୍ଧି ଯୋଗୁ ହାରାହାରି ବୈଶ୍ୱିକ ତାପମାତ୍ରା ବଢ଼ିଚାଲିଛି। ଗତ ୧୦ ମାସରେ ଉଭୟ ସ୍ଥଳଭାଗ ଓ ଜଳଭାଗର ତାପମାତ୍ରାରେ ରେକର୍ଡ ବୃଦ୍ଧି ହୋଇଛି।

**ଆଜିର ସମ୍ପାଦକୀୟ**

**ମଣିପୁରର ପ୍ରମାଣ**





ସୋମବାର ରାତିରେ ସୂର୍ଯ୍ୟୋପରାଗ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମେକ୍ସିକୋର ମାଜାଟ୍‌ଲାନ୍‌ରେ ନିଆଯାଇଥିବା ଫଟୋ।

# ମୋଦି ଜିତିଲେ ଦେଶର ମାନଚିତ୍ର ବଦଳିଯିବ: ସୀତାରାମନ୍‌ଙ୍କ ସ୍ୱାମୀ

ଚଳିତ ଲୋକ ସଭା ନିର୍ବାଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ନିର୍ବାଚିତ ହେଲେ ଭାରତର ମାନଚିତ୍ର ବଦଳିଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସ୍ୱାମୀ ପରକଲା ପ୍ରଭାକର ସତର୍କ କରାଇଛନ୍ତି। ଅର୍ଥନୀତିଜ୍ଞ ପ୍ରଭାକର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାଜପା ଏଥର କ୍ଷମତାକୁ ଆସିଲେ ସାରା ଦେଶରେ ଲଦାଖ-ମଣିପୁର ଭଳି ସ୍ଥିତି ଉପୁଜିବ। ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେଲେ ଦେଶରେ ଆଉ ନିର୍ବାଚନ ମଧ୍ୟ ହେବ ନାହିଁ। ଯେଉଁମାନଙ୍କୁ


ପରକଲା ପ୍ରଭାକର

ପାକିସ୍ତାନ ଯିବାର ଅଛି, ଯିବାକୁ ଦିଅ ଭଳି ଘୃଣା ମନ୍ତବ୍ୟ ଦିଲ୍ଲୀର ଲାଲକିଲ୍ଲାରୁ ଶୁଣିବାକୁ ମିଳିବ। ମୋଦି ନିଜେ ଖୋଲାଖୋଲି ଭାବେ ଏପରି ମନ୍ତବ୍ୟ ଦେବେ ବୋଲି ପ୍ରଭାକର କହିଛନ୍ତି।

## କଂଗ୍ରେସରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ

**ନୂଆଦିଲ୍ଲୀ,୯।୪:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ ଏବଂ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକା ପ୍ରେମଲତା ମଙ୍ଗଳବାର କଂଗ୍ରେସରେ ସାମିଲ ହୋଇଛନ୍ତି। ମାସକ ପୂର୍ବରୁ ସେମାନଙ୍କ ପୁଅ ବ୍ରିଜେନ୍ଦ୍ର ସିଂ ହିସାର ଏମ୍‌ପି ପଦ ଏବଂ ଭାଜପାରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୭୮ ବର୍ଷୀୟ ବୀରେନ୍ଦ୍ର ୨୦୧୪ରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାରରେ ଇସ୍ପାତ, ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ରହିଥିଲେ। ସୋମବାର ସେ ଭାଜପା ଛାଡ଼ିଥିଲେ। କଂଗ୍ରେସରେ ଯୋଗଦେବା ଅବସରରେ ସେ କହିଛନ୍ତି, ଏହା କେବଳ ମୋର ଘରବାହୁଡ଼ା ନୁହେଁ, ବିଚାର ବାହୁଡ଼ା।

## ଖାଇରେ ଭ୍ୟାନ୍ ଖସି ୮ ମୃତ

**ନୈନିତାଲ, ୯।୪:** ଉତ୍ତରାଖଣ୍ଡର ନୈନିତାଲ ଜିଲା ବେତାଲ୍‌ଘାଟ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ୮ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଉଁଚାକୋଟ ଗ୍ରାମରୁ ଏକ ପିକ୍‌ଅପ୍ ଭ୍ୟାନ ନେପାଳ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ୨୦୦ ମିଟର ଗଭୀର ବିଶିଷ୍ଟ ଏକ ଖାଇ ମଧ୍ୟକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ୭ ଜଣ ନେପାଳୀ ନାଗରିକ ରହିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣା ପରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଦଳ(ଏସ୍‌ଡିଆର୍‌ଏଫ୍) ଘଟଣାସ୍ଥଳରେ ପହଞ୍ଚି ୮ ମୃତଦେହକୁ ଉଦ୍ଧାର କରିଛି।

# ପ୍ରାର୍ଥୀ ସବୁ ସମ୍ପତ୍ତି ଘୋଷଣା କରିବା ଅନାବଶ୍ୟକ

### ପ୍ରାର୍ଥୀଙ୍କର ପ୍ରତିଟି ସମ୍ପତ୍ତି ସମ୍ପର୍କରେ ଭୋଟର ଜାଣିବାର ନିରଙ୍କୁଶ ଅଧିକାର ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୪

ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଲଢ଼ିବାକୁ ଥିବା ପ୍ରାର୍ଥୀମାନଙ୍କୁ ନାମାଙ୍କନପତ୍ର ଦାଖଲ ବେଳେ ସେମାନଙ୍କ ନାଁରେ ଥିବା ଆପରାଧିକ ମାମଲା ଏବଂ ସମ୍ପତ୍ତି ତାଲିକା ସତ୍ୟପାଠ ଜରିଆରେ ଦାଖଲ କରିବାକୁ ପଡ଼ିଥାଏ। ନିର୍ବାଚନୀ ସଂସ୍କାର ଅନୁଯାୟୀ ରାଜନେତା ସେମାନଙ୍କର ତଥା ସେମାନଙ୍କ ସ୍ୱାମୀ ବା ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଆୟର ଉତ୍ସ ଏବଂ ସମ୍ପତ୍ତି ସମ୍ପର୍କରେ ଜଣାଇବା ନିୟମ ରହିଛି। ତେବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ତାଙ୍କର ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତି ଘୋଷଣା କରିବା ଆବଶ୍ୟକ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିବା ସହ ଅରୁଣାଚଳପ୍ରଦେଶର ସ୍ୱାଧୀନ ବିଧାୟକ କରିଖୋ କ୍ରିଙ୍କ ନିର୍ବାଚନକୁ କାଏମ ରଖିଛନ୍ତି। ଜଣେ ପ୍ରାର୍ଥୀଙ୍କ ମାଲିକାନାରେ ତଥା ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ନାଁରେ ଥିବା ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଯଦି ପର୍ଯ୍ୟାପ୍ତ ହୋଇ ନ ଥାଏ



କିମ୍ବା ଏହା ବିଳାସପୂର୍ଣ୍ଣ ଜୀବନଶୈଳୀର ପ୍ରତିଫଳନ କରୁ ନ ଥାଏ, ତେବେ ଘୋଷଣା କରିବା ଦରକାର ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ୨୦୧୯ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ କରିଖୋ ତେଜୁ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସେ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ୩ଟି ଗାଡ଼ି ସମ୍ପର୍କରେ ତଥ୍ୟ ଦେଇ ନ ଥିବା ପିଟିଶନରେ ଅଭିଯୋଗ ହୋଇଥିଲା। ଉକ୍ତ ଗାଡ଼ି କରିଖୋଙ୍କ ସ୍ତ୍ରୀ ଓ ପୁଅଙ୍କ ନାଁରେ ଥିଲା।

ସର୍ବୋଚ୍ଚ ଅଦାଲତ କହିଛନ୍ତି, ଜଣେ ପ୍ରାର୍ଥୀଙ୍କର ପ୍ରତିଟି ସମ୍ପତ୍ତି ସମ୍ପର୍କରେ ଭୋଟର ଜାଣିବାର ନିରଙ୍କୁଶ ଅଧିକାର ନାହିଁ। ଏଥିସହିତ ଜଣେ ପ୍ରାର୍ଥୀଙ୍କର ବିଭିନ୍ନ ବିଷୟରେ ଗୋପନୀୟତା ଅଧିକାର ରହିଥିବା ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଗୌହାଟି ହାଇକୋର୍ଟ ପୂର୍ବରୁ କରିଖୋଙ୍କ ନିର୍ବାନନକୁ ରଦ୍ଦ ଘୋଷଣା କରିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କରିଖୋ ନାମାଙ୍କନପତ୍ର ଦାଖଲ କରିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଉପହାର ଦେଇଥିଲେ କିମ୍ବା ବିକିଦେଇଥିଲେ। ତେଣୁ ନିର୍ବାଚନ ସମୟରେ ଉକ୍ତ ଗାଡ଼ି ତାଙ୍କ ପରିବାର ମାଲିକାନାରେ ଥିଲା ବୋଲି ବିବେଚନା କରାଯାଇ ପାରିବ ନାହିଁ। ପ୍ରାର୍ଥୀଙ୍କ ସମ୍ପର୍କରେ ସବୁକିଛି ଜାଣିବା ନେଇ ଭୋଟରଙ୍କ ଅଧିକାର ନିରଙ୍କୁଶ ବୋଲି ଆବେଦନକାରୀ ଦର୍ଶାଇଥିବା ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ଜଣେ ପ୍ରାର୍ଥୀ ନିଜ ଜୀବନକୁ ଭୋଟରଙ୍କ କଷଟି ପଥରରେ ପରୀକ୍ଷା କରାଉ ବୋଲି ଲୋକଙ୍କ ଧାରଣା ସହ ଆମେ ଏକମତ ନୋହୁଁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରାର୍ଥୀଙ୍କର ମଧ୍ୟ ଗୋପନୀୟତା ଅଧିକାର ରହିଛି। ତେଣୁ ସବୁକିଛି ସାଧାରଣରେ ପ୍ରକାଶ କରିବା ପ୍ରାସଙ୍ଗିକ ନୁହେଁ। ପ୍ରାର୍ଥୀଙ୍କ ମାଲିକାନାରେ ଥିବା ପ୍ରତ୍ୟେକଟି ସମ୍ପତ୍ତି ସମ୍ପର୍କରେ ଘୋଷଣା ନ ହେବା ଦୋଷ ନୁହେଁ। ପୋଷାକ, ଜୋତା, ଆସବାବପତ୍ର, ପ୍ରସାଧନୀ ସାମଗ୍ରୀ ଭଳି ଅସ୍ଥାବର ସମ୍ପତ୍ତି ଘୋଷଣା କରିବା ଆବଶ୍ୟକ ନାହିଁ। ତେବେ ପ୍ରାର୍ଥିତ୍ୱ ଉପରେ ସମ୍ପତ୍ତିର ପର୍ଯ୍ୟାପ୍ତ ପ୍ରଭାବ ଥିଲେ, ତାହା ଘୋଷଣା କରିବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ରାଜୀବଙ୍କ ସତ୍ୟପାଠ ଯାଞ୍ଚ କରିବ ସିବିଡିଟି

### କଂଗ୍ରେସର ଅଭିଯୋଗ ପରେ ଇସିଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୪

କେନ୍ଦ୍ରମନ୍ତ୍ରୀ ତଥା ଥିରୁଭାନନ୍ଥପୁରମ୍ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ରାଜୀବ ଚନ୍ଦ୍ରଶେଖର ଦାଖଲ କରିଥିବା ନିର୍ବାଚନୀ ସତ୍ୟପାଠରେ ତାଳମେଳ ନ ଥିବା ନେଇ କଂଗ୍ରେସ ଅଭିଯୋଗ କରିଥିଲା। ତାଙ୍କ ସତ୍ୟପାଠକୁ ଯାଞ୍ଚ କରିବା ଲାଗି ନିର୍ବାଚନ କମିଶନ (ଇସି) ମଙ୍ଗଳବାର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରଶେଖର କଂଗ୍ରେସ ନେତା ଶଶୀ ଥରୁରଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ସେ ସତ୍ୟପାଠରେ ଘୋଷଣା କରିଥିବା ସମ୍ପତ୍ତି ତଥ୍ୟ ଏବଂ ପ୍ରକୃତ ସମ୍ପତ୍ତି ମଧ୍ୟରେ ତାଳମେଳ ନ ଥିବା କଂଗ୍ରେସ ଅଭିଯୋଗରେ ଦର୍ଶାଇଥିଲା। ତଥ୍ୟରେ ତାଳମେଳ ନ ଥିଲେ କିମ୍ବା ଭୁଲ୍ ତଥ୍ୟ ଦେଇଥିଲେ,


କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର

ଜନପ୍ରତିନିଧି ଆଇନର ଧାରା ୧୨୫ଏ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ ଅନୁଯାୟୀ ନାମାଙ୍କନପତ୍ର କିମ୍ବା ସତ୍ୟପାଠରେ କୌଣସି ତଥ୍ୟ ଲୁଚାଇବା ଦଣ୍ଡନୀୟ। ଏଥିପାଇଁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି।

# ସିଇସି ରାଜୀବ କୁମାରଙ୍କୁ ଜେଡ୍ ସୁରକ୍ଷା

ନୂଆଦିଲ୍ଲୀ,୯।୪

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦ ରହିଥିବା ସୂଚନା ମିଳିବା ପରେ କେନ୍ଦ୍ର ସରକାର ତାଙ୍କୁ ଜେଡ୍ ବର୍ଗର ଭିଆଇପି ସୁରକ୍ଷା ଯୋଗାଇଦେଇଛନ୍ତି। ତାଙ୍କ ସୁରକ୍ଷାରେ ସଶସ୍ତ୍ର କମାଣ୍ଡୋମାନେ ନିୟୋଜିତ ହେବେ। ଏଥିପାଇଁ ସିଆର୍‌ପିଏଫ୍ ୪୦ରୁ ୪୫ ଯବାନ ଯୋଗାଇଦେବ। ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବାବେଳେ ସିଇସିଙ୍କୁ କଡ଼ା ସୁରକ୍ଷା ଯୋଗାଇଦେବା ପାଇଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସୁପାରିସ କରିଥିଲା। ତଦନୁଯାୟୀ ସିଇସିଙ୍କ ଗସ୍ତ ବେଳେ ସଶସ୍ତ୍ର କମାଣ୍ଡୋମାନେ ତାଙ୍କୁ ଜଗିରହିବେ। ୧୯୮୪ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରାଜୀବ କୁମାର ୨୦୨୨ ମେ' ୧୫ରେ ଦେଶର ୨୫ତମ ସିଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୨୦ ସେପ୍ଟେମ୍ବରରେ ସେ ନିର୍ବାଚନ କମିଶନର ନିଯୁକ୍ତ ହୋଇଥିଲେ।

## ଆମେରିକାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ନ୍ୟୁୟର୍କ, ୯।୪:** ଆମେରିକାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗତମାସରୁ ନିଖୋଜ ଥିବା ମହମ୍ମଦ ଅବଦୁଲ ଆର୍‌ଫାତଙ୍କ ମୃତଦେହ ମଙ୍ଗଳବାର ଓହିଓସ୍ଥିତ କ୍ଲିଭଲ୍ୟାଣ୍ଡରୁ ମିଳିଛି। ସପ୍ତାହେ ମଧ୍ୟରେ ଆମେରିକାରେ ଦ୍ୱିତୀୟ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୧ରେ ପହଞ୍ଚିଛି।

# ଏମ୍‌ଭିଏରେ ଆସନ ବୁଝାମଣା

### ଉଦ୍ଧବ ୨୧, କଂଗ୍ରେସ ୧୭, ଏନ୍‌ସିପି ୧୦

ନୂଆଦିଲ୍ଲୀ,୯।୪

ଲୋକ ସଭା ନିର୍ବାଚନ ଲାଗି ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମଙ୍ଗଳବାର ଆସନ ବୁଝାମଣା ଚୁକ୍ତି ଘୋଷଣା କରିଛି। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ମହାରାଷ୍ଟ୍ରର ୨୧ ଲୋକ ସଭା ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ୧୭ ଏବଂ ଶରଦ ପାଓ୍ୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ୧୦ ଆସନରେ ଲଢ଼ିବ। ଦୀର୍ଘଦିନର ଆଲୋଚନା ପରେ ଶରଦ ପାଓ୍ୱାର, ଉଦ୍ଧବ ଏବଂ କଂଗ୍ରେସ ରାଜ୍ୟ ସଭାପତି ନାନା ପାଟୋଲେ ମିଳିତ ଭାବେ ଖବରଦାତା ସମ୍ମିଳନୀରେ ମହାରାଷ୍ଟ୍ରର ୪୮ ଆସନ ପାଇଁ ଆସନ ବୁଝାମଣା ଚୁକ୍ତି ଘୋଷଣା କରିଛନ୍ତି। କଂଗ୍ରେସ ସାଙ୍ଗଲି ଏବଂ ଭିୱଣ୍ଡି ଆସନ ପାଇଁ କରିଆସୁଥିବା ଦାବିରୁ ଓହରିଯିବା ପରେ ଆଗାମୀ ନିର୍ବାଚନରେ ୩ ସହଯୋଗୀ ଦଳ ଏକାଠି ଲଢ଼ିବା ପାଇଁ ପଥ ପରିଷ୍କାର ହୋଇଥିଲା।


ମୁମ୍ବାଇର ଗିରଗାଓଁରେ ମହାରାଷ୍ଟ୍ରୀୟ ନବବର୍ଷ 'ଗୁଡ଼ି ପଡ଼ୱା' ପାଳନ ଅବସରରେ ମହିଳାମାନେ ପାରମ୍ପରିକ ବେଶଭୂଷାରେ ଶୋଭାଯାତ୍ରା କରୁଛନ୍ତି।

# ତିହାର ଜେଲରେ କବିତାଙ୍କୁ ସିବିଆଇ ଜେରା

ନୂଆଦିଲ୍ଲୀ, ୯।୪(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ସିବିଆଇ ମଙ୍ଗଳବାର ଜେରା କରିଛି। ମଦ ଲବି ସପକ୍ଷରେ ଅବକାରୀ ନୀତି ପ୍ରସ୍ତୁତ କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୧୦୦ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ହୋଇଥିବା ଜମି ଡିଲ୍‌ର ଦସ୍ତାବିଜ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ସହଅଭିଯୁକ୍ତ ବୁଚି ବାବୁଙ୍କ ଫୋନ୍‌ରୁ ମିଳିଥିବାରୁ ଏହା ଉପରେ କବିତାଙ୍କୁ ଜେରା ପାଇଁ ସ୍ୱତନ୍ତ୍ର କୋର୍ଟ ସିବିଆଇକୁ ଅନୁମତି ଦେଇଥିଲେ। ସିବିଆଇ ଅଧିକାରୀମାନେ ତିହାର ଜେଲରେ ପହଞ୍ଚି ମାମଲାର ଉପରୋକ୍ତ


କେ. କବିତା

ଦିଗ ଉପରେ ପ୍ରଶ୍ନ କରିଥିଲେ। କବିତା ବିଚାର ବିଭାଗୀୟ ହାଜତରେ ଥିବାରୁ ତାଙ୍କୁ ଜେରା ପାଇଁ ଅଦାଲତଙ୍କ ଅନୁମତି ବାଧ୍ୟତାମୂଳକ ଥିଲା। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି କବିତାଙ୍କୁ ମାର୍ଚ୍ଚ ୧୫ରେ ହାଇଦ୍ରାବାଦରୁ ଗିରଫ କରିଥିଲା। ମଙ୍ଗଳବାର ସ୍ୱତନ୍ତ୍ର କୋର୍ଟ ତାଙ୍କ ହାଜତ ମିଆଦକୁ ଏପ୍ରିଲ ୨୩ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

### ଅବକାରୀ ଦୁର୍ନୀତି ଘଟଣାକ୍ରମ

**୨୦୨୧ ନଭେମ୍ବର:** ଦିଲ୍ଲୀ ସରକାର ଏକ ନୂଆ ଅବକାରୀ ନୀତି ପ୍ରଣୟନ କରିଥିଲେ।

**୨୦୨୨ ଜୁଲାଇ:** ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି) ଭି.କେ. ସାକ୍ସେନା ଏଥିରେ ଅନିୟମିତତା ଅଭିଯୋଗ ଆଣି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ସୁପାରିସ କରିଥିଲେ।

**୨୦୨୨ ଅଗଷ୍ଟ:** ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

**୨୦୨୨ ସେପ୍ଟେମ୍ବର:** ଦିଲ୍ଲୀ ସରକାର ଅବକାରୀ ନୀତିକୁ ଉଚ୍ଛେଦ କରିଥିଲେ।

**୨୦୨୩ ଅକ୍ଟୋବର ୩୦:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କୁ ଇଡ ମନି ଲଣ୍ଡରିଂ ମାମଲାରେ ନଭେମ୍ବର ୨ରେ ହାଜର ହେବା ପାଇଁ ପ୍ରଥମ ନୋଟିସ କରିଥିଲା।

**୨୦୨୩ ଡିସେମ୍ବର:** ଇଡି ଡିସେମ୍ବର ୨୧ ଓ ଜାନୁୟାରୀ ୩ରେ ହାଜର ହେବାକୁ କେଜ୍‌ରିଓ୍ୱାଲଙ୍କୁ ଆଉ ୨ଟି ନୋଟିସ କରିଥିଲା।

**୨୦୨୩ ଜାନୁୟାରୀ:** ଜାନୁୟାରୀ ୧୮ ଓ ଫେବୃୟାରୀ ୨ରେ ହାଜିରା ପାଇଁ ଆହୁରି ୨ଟି ନୋଟିସ ପଠାଯାଇଥିଲା।

**୨୦୨୪ ଫେବୃୟାରୀ ୩:** କେଜ୍‌ରିଓ୍ୱାଲ ହାଜର ନ ହେବାରୁ ତାଙ୍କ ବିରୋଧରେ କୋର୍ଟକୁ ଯାଇଥିଲା ଇଡି।

**୨୦୨୪ ମାର୍ଚ୍ଚ ୭:** ମାଜିଷ୍ଟ୍ରେଟ୍ କୋର୍ଟ କେଜ୍‌ରିଓ୍ୱାଲଙ୍କୁ ସମନ କରିଥିଲେ।

**୨୦୨୪ ମାର୍ଚ୍ଚ ୧୫:** କେଜ୍‌ରିଓ୍ୱାଲଙ୍କ ବିରୋଧରେ ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିବାକୁ ସେସନ୍ସ କୋର୍ଟ ମନା କଲେ।

**୨୦୨୪ ମାର୍ଚ୍ଚ ୧୬:** ମାଜିଷ୍ଟ୍ରେଟ୍ କୋର୍ଟ କେଜ୍‌ରିଓ୍ୱାଲଙ୍କୁ ଜାମିନ ଦେଲେ।

**୨୦୨୪ ମାର୍ଚ୍ଚ ୨୧:** ଦିଲ୍ଲୀ ହାଇକୋର୍ଟ କେଜ୍‌ରିଓ୍ୱାଲଙ୍କୁ ସୁରକ୍ଷା ଦେବାକୁ ମନା କରିବା ପରେ ଇଡି ତାଙ୍କୁ ଗିରଫ କଲା।

**୨୦୨୪ ମାର୍ଚ୍ଚ ୨୩:** ଇଡି ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିଓ୍ୱାଲ ହାଇକୋର୍ଟ ଗଲେ।

**୨୦୨୪ ଏପ୍ରିଲ ୯:** କେଜ୍‌ରିଓ୍ୱାଲଙ୍କ ଆବେଦନକୁ ହାଇକୋର୍ଟ ଖାରଜ କଲେ।

ଫୁର୍‌ସତ୍

# ଗବେଷଣାକୁ ପ୍ରୋତ୍ସାହନରେ ଦକ୍ଷତାର ବିକାଶ

### ଆଜି ବିଶ୍ୱ ହୋମିଓପ୍ୟାଥି ଦିବସ

ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଇଥାଏ। ହୋମିଓପ୍ୟାଥି ଚିକିତ୍ସାର ଜନକ ଡା. ସାମୁଏଲ ହ୍ୟାନିମାନଙ୍କ ଜନ୍ମଦିନକୁ ଏଭଳି ଦିନ ଭାବରେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି- 'ଗବେଷଣାକୁ ପ୍ରୋତ୍ସାହନ ଦେଇ ଦକ୍ଷତାର ବିକାଶ'। ବର୍ତ୍ତମାନ ବିଭିନ୍ନ ରୋଗର ଚିକିତ୍ସା କ୍ଷେତ୍ରରେ ହୋମିଓପ୍ୟାଥି ଚିକିତ୍ସାର ମଧ୍ୟ ଭୂମିକା ରହିଛି। "ହୋମିଓପ୍ୟାଥି ଚିକିତ୍ସା କ୍ଷେତ୍ରରେ ସାମୁଏଲ ହ୍ୟାନିମାନଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହି ବୈଜ୍ଞାନିକ ଚିକିତ୍ସା ପଦ୍ଧତି ୧୭୯୬ରେ



ଜନ୍ମନେଇଥିଲା। ଦୀର୍ଘ ବର୍ଷଧରି ଏହି ଚିକିତ୍ସା ସମଗ୍ର ବିଶ୍ୱରେ ଜନାଦୃତ ହେବାରେ ସକ୍ଷମ ହୋଇଛି। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଚିକିତ୍ସା ପ୍ରଣାଳୀ ପ୍ରଚଳିତ। ଏହାକୁ ଆହୁରି ଲୋକାଭିମୁଖୀ କରାଇବା ସହ ଏହି ଚିକିତ୍ସା ବିଜ୍ଞାନରେ ଗବେଷଣା ଏବଂ ଗ୍ରହଣୀୟତା ବଢ଼ାଇବା ଲାଗି ସମସ୍ତେ ଚେଷ୍ଟା କଲେ ଏହି ଚିକିତ୍ସା ପ୍ରଣାଳୀ ଆହୁରି ଲୋକପ୍ରିୟ ହୋଇପାରିବ। ହୋମିଓପ୍ୟାଥିକ ଚିକିତ୍ସା ମାଧ୍ୟମରେ ସାଧାରଣ ରୋଗ-ଥଣ୍ଡା, କାଶ, ଜ୍ୱର ବ୍ୟତୀତ ଜଟିଳ ତଥା ପୁରାତନ ରୋଗ ଯଥା-ଶ୍ୱାସ (ଆଜ୍‌ମା), ଆଣ୍ଠୁଗଣ୍ଠି ସମସ୍ୟା, ଗ୍ୟାଷ୍ଟ୍ରିକ୍, ସ୍ନାୟୁ ରୋଗ, ସ୍ପଣ୍ଡିଲୋସିସ, ପକ୍ଷାଘାତ (ପାରାଲିସିସ), ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡ଼ିତ ଉଚ୍ଚ ରକ୍ତଚାପ, ମଧୁମେହ (ଡାଇବେଟିସ୍)ର ସଫଳ ଚିକିତ୍ସା କରାଯାଇପାରୁଛି। ସବୁଠାରୁ ଖାସ୍ କଥା ହେଲା, ଏହି ଚିକିତ୍ସା ହେଉଛି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ। ହୋମିଓପ୍ୟାଥିକ ଡାକ୍ତରଙ୍କର ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହେଲେ ଚିକିତ୍ସା କରାଯାଉଥିବା ରୋଗର ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ତେଣୁ ଦିନକୁ ଦିନ ହୋମିଓପ୍ୟାଥି ଚିକିତ୍ସା ଜାନଦୃତ ହେବାରେ ଲାଗିଛି। ଏହି ଚିକିତ୍ସାରେ ରୋଗୀର ରୋଗକୁ ନୁହେଁ, ବରଂ ରୋଗୀର ଶାରୀରିକ ଏବଂ ମାନସିକ ସ୍ତରର ଅବସ୍ଥାକୁ ଲକ୍ଷଣ ରୂପେ ବିଚାରକୁ ନେଇ ଚିକିତ୍ସା କରାଯାଏ। ସରକାରଙ୍କ ସହାୟତା ଯୋଗୁ ଆମ ଦେଶ ଏବଂ ରାଜ୍ୟରେ ଏହି ଚିକିତ୍ସା ଉତ୍ତମ ବିକଳ୍ପ ଏବଂ ସାହାଯ୍ୟକାରୀ ଚିକିତ୍ସା ପଦ୍ଧତି ଭାବେ ସୁନାମ ପାଇପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଚିକିତ୍ସାକୁ ମାନ୍ୟତା ଦେବା ଏହି ଚିକିତ୍ସାର ଗୁଣବତ୍ତାକୁ ଦର୍ଶାଉଛି। ତେଣୁ ପ୍ରତିଟି ସ୍ତରରେ ହେଉଥିବା ଗବେଷଣା ଏବଂ ଏହାର ନିର୍ଯ୍ୟାସର ଠିକ୍ ବିନିଯୋଗ ହୋଇପାରିଲେ ଏହି ଚିକିତ୍ସାର ପ୍ରଚାର ପ୍ରସାର ଅଧିକ ହୋଇପାରିବ- ଏହା ନିଃସନ୍ଦେହରେ କୁହାଯାଇପାରେ।"

**-ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ,**
ଅଧ୍ୟାପିକା, ବିଜୁ ପଟ୍ଟନାୟକ ହୋମିଓପ୍ୟାଥି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ, ବ୍ରହ୍ମପୁର

# ୧୧ରେ 'ମଇଦାନ' ରିଲିଜ

ମୁମ୍ବାଇ

ବଲିଉଡ୍ ଅଭିନେତା ଅଜୟ ଦେବ୍‌ଗନ୍ ଫିଲ୍ମ 'ମଇଦାନ'ର ପ୍ରସ୍ତୁତି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ପୂର୍ବରୁ ଏହି ଚଳଚ୍ଚିତ୍ର ଏପ୍ରିଲ୍ ୧୦ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ ହେବାନେଇ ସ୍ଥିର ହୋଇଥିଲା। କିନ୍ତୁ ଏବେ ଫିଲ୍ମ ନିର୍ମାତାମାନେ ଏହାର ରିଲିଜ୍ ତାରିଖକୁ ଗୋଟିଏ ଦିନ ଘୁଞ୍ଚାଇ ଦେଇଛନ୍ତି। ଭାରତରେ ଆସନ୍ତା ଏପ୍ରିଲ ୧୧ରେ ଇଦ୍ ପାଳନ ହେଉଥିବାରୁ, ସେହିଦିନ ଏହି ଚଳଚ୍ଚିତ୍ର ରିଲିଜ୍ ହେବ। ଅଜୟ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ମଇଦାନ' ଚଳଚ୍ଚିତ୍ରର ପୋଷ୍ଟର ଶେୟାର କରି ଏନେଇ ସୂଚନା ଦେଇଛନ୍ତି। ତେବେ ବୁଧବାର ସନ୍ଧ୍ୟା ୬ ଟାରୁ ଭାରତର ସିନେମା ହଲ୍ ଗୁଡ଼ିକରେ 'ମଇଦାନ' ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ ବୋଲି ସେ କହିଛନ୍ତି। ସେହିପରି 'ମଇଦାନ' ସହ ସମାନ ଦିନ ରିଲିଜ୍ ହେବାକୁ ଥିବା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍‌ଙ୍କ 'ବଡେ ମିୟାଁ ଛୋଟେ ମିୟାଁ' ଫିଲ୍ମ ମଧ୍ୟ ନିଜ ରିଲିଜ୍ ଡେଟ୍‌କୁ ପରିବର୍ତ୍ତନ କରିଛି।୧୦ ଏପ୍ରିଲ ପରିବର୍ତ୍ତେ ଏହି ଫିଲ୍ମ ୧୧ ଏପ୍ରିଲରେ ରିଲିଜ୍ ହେବ। ଏନେଇ ଉଭୟ ଅଭିନେତା ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସୂଚନା ଦେଇଛନ୍ତି। ଭାରତୀୟ ଫୁଟ୍‌ବଲ ପ୍ରଶିକ୍ଷକ ସୟଦ ଅବଦୁଲ ରହିମଙ୍କ ଉପରେ 'ମଇଦାନ' ଫିଲ୍ମଟି ଆଧାରିତ। ସୟଦଙ୍କ ନେତୃତ୍ୱରେ ଭାରତୀୟ ଫୁଟ୍‌ବଲ ଦଳ ୧୯୫୧ ଏବଂ ୧୯୬୨ରେ ଏସିଆନ ଗେମ୍ସରେ ଜିତିଥିଲା। ଅଜୟ ଏହି ଚଳଚ୍ଚିତ୍ରରେ ସୟଦ ଅବଦୁଲ ରହିମଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଅଜୟଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟାମଣି, ଗଜ୍‌ରାଜ୍ ରାଓ ଏବଂ ଅନ୍ୟ ଯୁବ ଅଭିନେତାମାନେ ମଧ୍ୟ ଅଭିନୟ କରିଛନ୍ତି।


ଅଜୟ ଦେବଗନ୍




# ତ୍ରୁଟି ସୁଧାରି ଜବାବ ଦାଖଲ କର: ହାଇକୋର୍ଟ

**ଘରୋଇ ସ୍କୁଲରେ ଆର୍ଥିକ ଅନଗ୍ରସର ପିଲାଙ୍କ ନାମଲେଖା ମାମଲା**

- ଜବାବ ରଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ
- ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ସମ୍ମତି

**କଟକ,୯।୪ (କାର୍ତ୍ତିକ ସାହୁ)**

ରାଜ୍ୟର ଘରୋଇ ବିଦ୍ୟାଳୟରେ ୨୫% ସଂରକ୍ଷଣ ସିଟ୍‌ରେ ନାମଲେଖା ନିମନ୍ତେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇ ଜବାବ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟ ଆବେଦନ ନିମନ୍ତେ ହୋଇଥିବା ପ୍ରାର୍ଥନା ଉପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ମିଶ୍ର ସମ୍ମତି ଜଣାଇଛନ୍ତି। ଏଥିସହ ନାମଲେଖା ପ୍ରକ୍ରିୟାରେ କେତେକ ତ୍ରୁଟି ବାବଦରେ ହାଇକୋର୍ଟରେ ସ୍ୱୀକାର କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସଂରକ୍ଷିତ ସିଟ୍‌ରେ ନାମଲେଖା ନିମନ୍ତେ ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ତ୍ରୁଟି ସୁଧାରି ପରବର୍ତ୍ତୀ ଶୁଣାଣିରେ ଜବାବ ଦାଖଲ ପାଇଁ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ ଆଡ୍‌ମିଶନ ପ୍ରକ୍ରିୟା ଜୁନ୍ ପର୍ଯ୍ୟନ୍ତ ଚାଲିବ, ତେଣୁ ମାମଲା ଚାଲୁ ରହିବ। ଯୋଜନାର ଶତ ପ୍ରତିଶତ ରୂପାୟନ ସହ ଆର୍ଥିକ ଅନଗ୍ରସର ପିଲାମାନେ ଯେପରି ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ପାଠ ପଢ଼ିବାରେ ସମ୍ପୂର୍ଣ୍ଣ ସୁବିଧା ପାଇବେ, ତାହା ଯୋଗାଇ ଦିଆଯାଇଥିବା ପଦକ୍ଷେପ ଉପରେ ପରବର୍ତ୍ତୀ ଶୁଣାଣିରେ ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ହାଇକୋର୍ଟ ସୋମବାର ମାମଲାର ଶୁଣାଣିବେଳେ ଏହା ପିଲାମାନଙ୍କ ପାଠପଢ଼ା ଭଳି ଜରୁରୀ ଓ ଅତ୍ୟାବଶ୍ୟକ ସମସ୍ୟା ହୋଇଥିବାରୁ ତ୍ୱରିତ ଶୁଣାଣି ପାଇଁ ମଙ୍ଗଳବାର ଗଣଶିକ୍ଷା ବିଭାଗର ମୁଖ୍ୟ ହାଜର ହୋଇ ଜବାବ ରଖିବାକୁ କହିଥିଲେ। ମଙ୍ଗଳବାର ଶୁଣାଣିବେଳେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ତଥା ରାଇଟ୍ ଟୁ ଏଜୁକେଶନ (ଆରଟିଇ)ର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ମିଶ୍ର ହାଜର ହୋଇ ଜବାବ ରଖିଥିଲେ। ଶୁଣାଣିବେଳେ ସେ ଦେଇଥିବା ତଥ୍ୟ ଅନୁସାରେ, ଗତବର୍ଷ ୪,୪୪୨ ବେସରକାରୀ ସ୍କୁଲ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଏଗୁଡ଼ିକର ସିଟ୍ ସଂଖ୍ୟା ୬୦,୦୦୦ରୁ ଊର୍ଦ୍ଧ୍ୱ ଥିଲା। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭବେଳେ ୨,୪୦୯ ସ୍କୁଲ ପୋର୍ଟାଲରେ ଦୃଶ୍ୟମାନ ଥିଲା। ପ୍ରତିଦିନ ସ୍କୁଲ ସଂଖ୍ୟା ବଢ଼ି ଶେଷ ତାରିଖ ସୁଦ୍ଧା ୩,୩୩୧ ସ୍କୁଲ ପଞ୍ଜୀକରଣ କରିଥିଲେ। ଏସବୁ ସ୍କୁଲର ମୋଟ ସିଟ୍ ସଂଖ୍ୟା ମାତ୍ର ୩୩,୦୦୦ ହୋଇଥିଲା। ଅର୍ଥାତ୍ ପୂର୍ବବର୍ଷ ଅପେକ୍ଷା ୨୭,୦୦୦ ସିଟ୍ କମ୍ ହୋଇଗଲା। ଗତବର୍ଷ ପ୍ରି ପ୍ରାଇମେରୀ ବା ନର୍ସରୀ ଶ୍ରେଣୀରେ ମଧ୍ୟ ଆଡ୍‌ମିସନ ପାଇଁ ସୁବିଧା ଥିଲା। ହେଲେ ଚଳିତବର୍ଷ ବହୁ ସ୍କୁଲରେ ଏହି ସୁବିଧା ନ ଥିବା ଏବଂ ସମାନ ସ୍କୁଲରେ ଗତବର୍ଷ ଯେତିକି ସିଟ୍ ଥିଲା ଏବର୍ଷ ସିଟ୍ ସଂଖ୍ୟା ପୋର୍ଟାଲରେ କମ୍ ଦେଖାଉ ଥିଲା। ତେଣୁ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିବାକୁ ସେ କହିଥିଲେ। ଏହି ଯୋଜନାରେ ୩ଟି ପର୍ଯ୍ୟାୟରେ ଆବେଦନ ଗ୍ରହଣ ସହ ଆଡ୍‌ମିସନ ସୁବିଧା ଥିବାରୁ ଏବର୍ଷ ତୃତୀୟ ପର୍ଯ୍ୟାୟ ଆଡ୍‌ମିସନ କରିବା ପାଇଁ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ଶୁଣାଣି ସମୟରେ ନିର୍ଦ୍ଦେଶକ ମିଶ୍ର ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ସମ୍ମତି ଦେଇଥିଲେ। ସ୍କୁଲରେ ଗତବର୍ଷ ଅପେକ୍ଷା ସିଟ୍ ସଂଖ୍ୟା କମିଯିବାରୁ ସ୍କୁଲ ଅନୁଯାୟୀ ତର୍ଜମା କରି ପଦକ୍ଷେପ ନେବେ। ଯେଉଁ ସ୍କୁଲରେ ପ୍ରି ପ୍ରାଇମେରୀରେ ଗତବର୍ଷ ସିଟ୍ ଥିଲା, ଏବର୍ଷ ଆଡ୍‌ମିସନ ଅସୁବିଧା ହୋଇଛି କି ନାହିଁ ସେନେଇ ତର୍ଜମା କରିବେ। ଶୁଣାଣି ସମୟରେ ସ୍ୱୀକୃତିପ୍ରାପ୍ତ ସ୍କୁଲ ସଂଖ୍ୟା ଓ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ସ୍କୁଲ ସଂଖ୍ୟାକୁ ନେଇ ଆସୁଥିବା ଦ୍ୱନ୍ଦ୍ୱ ଦୂର ପାଇଁ ବିଭାଗରେ ଏକ ସ୍ୱତନ୍ତ୍ର ପଲିସି ବା ଫର୍ମାଟ ଆଣି ସମସ୍ୟା ଦୂର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ପକ୍ଷରୁ ରୁଜୁ ମାମଲାକୁ ଆଡ୍‌ଭୋକେଟ ଆଦିଶା ମହାନ୍ତି ପରିଚାଳନା କରୁଛନ୍ତି।

# ଆଜି ମହାପ୍ରଭୁଙ୍କ ଦର୍ଶନ ୪ ଘଣ୍ଟା ବନ୍ଦ

**ବନକଲାଗି ନୀତି ହେବ**

**ପୁରୀ,୯।୪(ଅଜିତ୍ ମହାନ୍ତି)**

ଚୈତ୍ର ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ବନକଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ସେମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥାଏ। ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇଥାଏ।

# ଗନ୍ଧମାର୍ଦ୍ଦନରେ ମାଓବାଦୀ-ଯବାନ ଗୁଳି ବିନିମୟ

**ପାଇକମାଳ,୯।୪(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ଥାନା ନୃସିଂହନାଥ ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସେଠାରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗୁଳି ବିନିମୟରେ କେହି ମୃତାହତ ହୋଇଥିବା ଜଣାପଡିନାହିଁ। ଏହି ଘଟଣା ପରେ କୋମ୍ବିଂ ଅପରେଶନ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ଗନ୍ଧମାର୍ଦ୍ଦନ ପର୍ବତରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଏବଂ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିବାରୁ ଯବାନମାନେ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ। ଫଳରେ ମାଓବାଦୀମାନେ କ୍ୟାମ୍ପ ଛାଡି ସେଠାରୁ ଛତ୍ରଭଙ୍ଗ ଦେଇ ଖସି ପଳାଇଥିଲେ। ଏହାପରେ ଯବାନମାନେ ସେଠାରୁ ମାଓବାଦୀଙ୍କ ବ୍ୟବହୃତ ଛତା, ଟୋପି ସମେତ ରାଶନ ସାମଗ୍ରୀ ଆଦି ଜବତ କରିଥିବା ଜଣାପଡିଛି। ପ୍ରକାଶଥାଉକି, ଗତ ଫେବୃଆରୀ ୨୩ତାରିଖରେ ଗନ୍ଧମାର୍ଦ୍ଦନ ପର୍ବତରେ ଯବାନମାନେ ଅନ୍ୟ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ।

# ୧୧ରେ ପାଳନ ହେବ ଇଦ୍

**କଟକ,୯।୪ (କାର୍ତ୍ତିକ ସାହୁ)**

ଆସନ୍ତା ୧୧ ତାରିଖରେ ଇଦ୍ ପର୍ବ ପାଳନ ହେବ। ଏନେଇ କଟକ ଦିୱାନବଜାରସ୍ଥିତ ଅଞ୍ଜୁମାନ ଇସ୍‌ଲାମିଆ ଅହେଲ ସୁନତ ଓ ଜମାତ୍ ଚାନ୍ଦ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ଲିଆକତ୍‌ଉଦ୍ଦିନ୍ ଅହେମ୍ମଦ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଅହେମ୍ମଦଙ୍କ କହିବାନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଚାନ୍ଦ ଦର୍ଶନ ହୋଇପାରିନାହିଁ। ଫଳରେ ବୁଧବାର ଇଦ୍ ପର୍ବ ପାଳନ କରାଯିବ ନାହିଁ। ତେଣୁ ରାଜ୍ୟର ସମସ୍ତ ମୁସଲମାନ ଭଉଣୀଭାଇ ୧୧ ତାରିଖରେ ଏହି ପର୍ବକୁ ଶୃଙ୍ଖଳିତ ଭାବେ ଉତ୍ସାହର ସହ ପାଳନ କରିବାକୁ ସେ ନିବେଦନ କରିଛନ୍ତି।

# ୧୩ରୁ ପୁଣି ବଢ଼ିବ ତାତି

**ଭୁବନେଶ୍ୱର, ୯।୪(ଅସମାପିକା ସାହୁ)**

ରାଜ୍ୟରେ ବର୍ଷା ପାଇଁ ଏବେ ତାତିରୁ ଆଶ୍ୱସ୍ତି ମିଳିଛି। ମଙ୍ଗଳବାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୯.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୩୭.୫, ବାରିପଦା ଏବଂ ଅନୁଗୋଳରେ ୩୭.୪ ଡିଗ୍ରୀ ସେଲସିୟସ୍ ତାପମାତ୍ର ରହିଥିଲା। ନୂଆପଡ଼ା, ବଲାଙ୍ଗୀର, ବରଗଡ଼ରେ ସକାଳେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ଲାଗିରହିଥିଲା। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୩ ତାରିଖଠାରୁ ରାଜ୍ୟରେ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୧୩ତାରିଖ ପରଠାରୁ ରାଜ୍ୟରେ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେବା ସହିତ ପୁଣି ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ସମ୍ଭାବନା ରହିଛି। ଏଥିସହ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ୪୦ଡିଗ୍ରୀ ସେଲସିୟସ୍ ତାପମାତ୍ରା ଛୁଇଁବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।



**ଆଜିର ମନ୍ତବ୍ୟ**

"ରମଜାନ ମାସ ପାଇଁ ଗାଜାରେ ତୁରନ୍ତ ଯୁଦ୍ଧବିରତି ଦାବିରେ ଜାତିସଂଘ ସୁରକ୍ଷା ପରିଷଦରେ ପ୍ରସ୍ତାବ ଗୃହୀତ ହେବା ସକାରାତ୍ମକ ପଦକ୍ଷେପ। ଇସ୍ରାଏଲ୍-ହମାସ ଯୁଦ୍ଧ ଯୋଗୁ ମାନବୀୟ ସଙ୍କଟ ଆଦୌ ଗ୍ରହଣୀୟ ନୁହେଁ।
– ରୁଚିରା କମ୍ବୋଜ୍, ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଘରୋଇ ହୋମିଓପାଥିକ୍ ଚିକିତ୍ସା ସଂଘର ୯ମ ବାର୍ଷିକୋତ୍ସବ, ସ୍ଥାନ: ରେଲୱେ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ନୂଆ ସାହି, ଜିଜିପି କଲୋନୀ, ବାଲିଆପଟା, ସମୟ: ଅପରାହ୍ନ ୫ଟା।

## କଟକ

- ପ୍ରାଇଭେଟ୍ ହୋମିଓପ୍ୟାଥିକ ପ୍ରାକ୍ଟିସନର୍ସ ଆସୋସିଏଶନ୍ ପକ୍ଷରୁ ୯ମ ବାର୍ଷିକ ସମ୍ମିଳନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋମିଓପ୍ୟାଥିକ ଫିଜିସିଆନ୍ ପକ୍ଷରୁ ବିଶ୍ୱ ହୋମିଓପାଥି ଦିବସ ପାଳନ, ସ୍ଥାନ: କଟକ ରାଣୀହାଟସ୍ଥିତ ଆଇଏମ୍ଏ ହାଉସ୍, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଗାନ୍ଧୀ ସ୍ମାରକୀନିଧି ପକ୍ଷରୁ ଜନ ଇସ୍ତାହାର ପୁସ୍ତକ ଉନ୍ମୋଚନ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲର ବାର୍ଷିକୋତ୍ସବ ପାଳନ, ସ୍ଥାନ: ଓଟିଏମ୍ ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।

## ପୁରୀ

- ଗୋପ ଲୋକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗୋପ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ପ୍ରଥମବାର୍ଷିକ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ୫ମ ଦିବସ, ସ୍ଥାନ: ବାଟମହାବୀର ପ୍ରାଙ୍ଗଣ ପାଟପୁର ମେଳକ, କିଆକଣ୍ଟା, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନ, ସ୍ଥାନ: ନିରାକାରପୁର ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: ବେଗୁନିଆ ସଦର ମହକୁମାସ୍ଥିତ ମା'ଦୁର୍ଗାଦେବୀଙ୍କ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାଜନିତ ଦ୍ୱିତୀୟ ପର୍ଯ୍ୟାୟ ଡାକ୍ତରୀ ପରୀକ୍ଷା, ସ୍ଥାନ: ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରେମୁଣା ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ରେମୁଣା ଭାଜପା କାର୍ଯ୍ୟାଳୟ (ବାଲିଆ), ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ ଉତ୍ସବ 'ଅମୃତମ୍ ସ୍ମୃତେ', ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ମହୋତ୍ସବ, ସ୍ଥାନ:କପ୍ତିପଦା ବ୍ଲକ ଅଧୀନ ବେଲଡିହା, ସାନବିଶୋଳ, ସମୟ: ସକାଳ ୭ଟା।
- ବାଥୁଡ଼ି ସାଂସ୍କୃତିକ ସମାଜ ପକ୍ଷରୁ ନିର୍ବାଚନୀ ବୈଠକ, ସ୍ଥାନ: ଉଦଳା ବ୍ଲକ ପାଟପୁର ସଭାଗୃହ, ସମୟ: ଅପରାହ୍ନ ୪ ଟା।
- ମୋରଡ଼ା ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଶୁଭାରମ୍ଭ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଚବିଶ ପ୍ରହର ନାମଯଜ୍ଞର ଶୁଭାଧିବାସ, ସ୍ଥାନ: ଗୋପାଳଦୋହରା, ତିହିଡ଼ି, ସମୟ: ସକାଳ ୬ଟା।
- ଭଗବତୀ ତାରିଣୀଙ୍କ ବାର୍ଷିକ ପୂଜା ଉତ୍ସବର ନାମଯଜ୍ଞ, ସ୍ଥାନ: ଭାଟପଡ଼ା, ତିହିଡ଼ି, ସମୟ: ସକାଳ ୮ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଆମ୍ବରୋଳି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ପାରାୟଣର ତୃତୀୟ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ସରଳା, ହାଟଡିହୀ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଓମେନ୍ସ ଷ୍ଟଡିଜ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ବିଦ୍ୟୁତ୍ କାଟ,ସ୍ଥାନ:ଭଞ୍ଜନଗର ଅଞ୍ଚଳ, ସମୟ: ସକାଳ ୮ ଟାରୁ ମଧ୍ୟାହ୍ନ ୧୨ ଟା।
- ଗାଲେରୀ ଧୂଳିଦଣ୍ଡ, ସ୍ଥାନ:ବେଲଗୁଣ୍ଠା ବ୍ଲକ ବିରିପୁର, ସମୟ: ଅପରାହ୍ନ ୧ ଟା।

## ରାୟଗଡ଼ା

- ତେଲୁଗୁ ନବବର୍ଷ 'ଉଗାଦି' ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ତେଜସ୍ୱୀ ପଡ଼ିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ବିଜେଡି ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କ ଘରଘର ବୁଲି ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଆର୍‌କେ କଲୋନୀ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ସିୟୁଓ ପରିଦର୍ଶନରେ ଆସିଥିବା ଦିଲ୍ଲୀ ଇନ୍ଦିରାଗାନ୍ଧୀ କଳାକେନ୍ଦ୍ର ଛାତ୍ରୀଛାତ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସିୟୁଓ କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୦ଟା୩୦।
- ଘଟଯାତ୍ରା ଅବସରରେ ବାଟ ମଙ୍ଗଳାଙ୍କ ସାହି ପରିକ୍ରମା,ସ୍ଥାନ: କୋରାପୁଟ ରଥଶର୍ମା କଲୋନୀ ଓ ଟିକରା ସାହି, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୮ଟା।
- ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା, ସ୍ଥାନ: ବହିଦାରନୂଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୮ଟା।
- ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜାରମ୍ଭ, ସ୍ଥାନ: ଭୁତାପଡା ଛକ, ସମୟ: ସକାଳ ୮ଟା।
- ବିସ୍ଥାପିତ ଘୁନଘୁନ ପଡ଼ାବାସୀଙ୍କ ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ : ୧୧ଟା।
- ଅଷ୍ଟଶମ୍ଭୁ ମହାମିଳନ ମହୋତ୍ସବ, ସ୍ଥାନ: ଯୁଯୁମୁରା ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀମଦ୍ ଭାଗବତ କଥା ସପ୍ତାହ ଅଭିଜ୍ଞାନ ଯଜ୍ଞ, ସ୍ଥାନ: ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମ, ସମୟ: ଅପରାହ୍ନ ୩ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର

- ବଲାଙ୍ଗୀର ଲୋକ ସଭା ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଟିଟିଲାଗଡ଼ ବିଜେଡ଼ି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟା ମନଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ବୀରମହାରାଜପୁର,ସମୟ: ପୂର୍ବାହ୍ନ ୧୦ଟା।
- ଚାରିଶମ୍ଭୁ ମିଳନ ମହୋତ୍ସବ, ସ୍ଥାନ: ଦେଉଳି, ବୀରମହାରାଜପୁର, ସମୟ : ପୂର୍ବାହ୍ନ ୧୧ଟା।
- ଝାମୁଯାତ୍ରାରେ ପାଣିଦଣ୍ଡ, ସ୍ଥାନ: ବୁରବୁଡ଼ା,ବୀରମହାରାଜପୁର, ସମୟ : ଅପରାହ୍ନ ୩ ଟା।
- ପ୍ରଥମ ବହଳପଦର ପ୍ରିମିୟର ଲିଗ କ୍ରିକେଟର ଫାଇନାଲ, ସ୍ଥାନ: ବହଳପଦର ଖେଳପଡିଆ,ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଦିଲୀପ ରାୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା, ସ୍ଥାନ: ରାଉରକେଲା ବିମାନ ବନ୍ଦର, ସମୟ: ଅପରାହ୍ନ ୩ଟା ୩୦।
- ରାତ୍ରିକାଳୀନ କ୍ରିକେଟ ଉଦ୍‌ଯାପନୀ ମ୍ୟାଚ, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତ୍ରି ୮ଟା।
- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ବେଦବ୍ୟାସ ସଂସ୍କୃତ ଗୁରୁକୁଳ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୮ଟା।
- ସମଲେଶ୍ୱରୀଙ୍କ ଚୈତ୍ର ନବଦିନାତ୍ମକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୮ଟା।
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ଦେବୀ ପୀଠ, ଗୁଡ଼େଶିରା, ସମୟ: ସକାଳ ୮ଟା।
- ବାଟ ମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତିଲପାଲି(ଜମୁର୍ଡ଼ା), ସମୟ: ସକାଳ ୮ଟା ୩୨।

## କଳାହାଣ୍ଡି

- ଏଚ୍‌ଆଇଭି ଏଡ୍‌ସ ଉପରେ ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ଭବାନୀପାଟଣା ବିକାଶ ନର୍ସିଂ କଲେଜ, ସମୟ: ସକାଳ ୯ଟା ୩୦ ମିନିଟ୍।
- ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: କେସିଙ୍ଗାଠାରୁ ଭବାନୀପାଟଣା ଗାନ୍ଧୀ ଛକ ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୩ଟା।
- ପଞ୍ଚ ଦିବସୀୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ, ସ୍ଥାନ: କୋକସରା ବ୍ଲକ କନ୍ଦାଗଡ (ଆମପାଣି), ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିହନ ଛିନ୍ନା ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ, ସମୟ: ଅପରାହ୍ନ ୧ ଟା।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ସ୍ଥାନ ଖଡ଼ିଆଳ ସାହୁପଡା ୫ ନମ୍ବର ୱାର୍ଡ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ଷଷ୍ଠ ଦିବସ, ସ୍ଥାନ: ଦୁର୍ଗାମଣ୍ଡପ,କଣ୍ଟାମାଳ ବ୍ଲକ, ସମୟ: ସକାଳ ୮ଟା।

## ଦେବଗଡ଼

- ବାସୁଦେବପୁର ସାମନ୍ତରାପାଲି ଧାଡିକିପାଶି ଯାଦବ ସମାଜ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଗୋପାଳ ଚନ୍ଦ୍ରିକା(ଯାଦବ) ସମାଜର ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ତିଲେଇବଣି ବ୍ଲକର ବାସୁଦେବପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣକାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ବାରକୋଟ ବ୍ଲକ କାଲିଆପାଳ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଦୁର୍ଗାପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନଜନିତ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଅନୁଗୋଳ ଜିଲା କଳାକାର ସାମୁଖ୍ୟ ତରଫରୁ ବସନ୍ତ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ କୁଲେଇ ଗ୍ରାମ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଦୁର୍ଗା କ୍ଲବ ପକ୍ଷରୁ ୨ ଦିନିଆ ବନ୍ଧୁତ୍ୱପୂର୍ଣ୍ଣ ସାନ୍ଧ୍ୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ସ୍ଥାନ: ଖିଲାରୀ ସ୍କୁଲ ଖେଳ ପଡିଆ, କୋଇଲିପୁର, ରାଜକନିକା, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଇନ୍ଦୁପୁର ବାରୁଣୀ ମହୋତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମହାବୀରଙ୍କ ୧୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ରସୁଲପୁର ବ୍ଲକ୍ ଅଧୀନ ବାରବାଟୀ ପଞ୍ଚାୟତର ବରଜପୁର ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ୍ ମଧୁବନହାଟର ପାଞ୍ଚଗୋଛିଆ, ସମୟ: ସନ୍ଧ୍ୟା ୬ଟା।
- ଯାଜପୁର ବ୍ଲକ ଅନ୍ତର୍ଗତ ଚଇନିପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ପଞ୍ଚାୟତ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକାଶ ପରିଷଦର ଧାରଣା, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଡ.ସାମୁଏଲ ହ୍ୟାନିମ୍ୟାନ୍‌ଙ୍କ ଜୟନ୍ତୀ ଉତ୍ସବ,ମାଗଣା ହୋମିଓପ୍ୟାଥି ଚିକିତ୍ସା ଶିବିର, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି କଲ୍ୟାଣ ମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା୩୦।
- ଅଷ୍ଟଶମ୍ଭୁ ମେଳଣ, ସ୍ଥାନ: ଖଣ୍ଡପଡ଼ା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା୩୦ ।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – ଗୁରୁଚାନ୍ଦ୍ରୀ ଯୋଗ ହେତୁ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ, ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍ଭାବ ସବୁ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ୍ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** – ଆର୍ଥିକ ଉନ୍ନତି ସଙ୍ଗକୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନ ବାହନ ମରାମତି ଇତ୍ୟାଦିରୁ ଉପକୃତ ହେବେ। ପ୍ରଶାସନିକ କ୍ଷେତ୍ରରେ ଗତକାଲି ଘଟି ଯାଇଥିବା ଘଟଣାର ମୋଡ଼ ବଦଳି ଯାଇପାରେ।

**ମିଥୁନ** – ଆଜି ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ଦିଗରେ ଖର୍ଚ୍ଚାନ୍ତ ସହ କ୍ଷତିରେ ପଡ଼ିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ମାଙ୍ଗଳିକ କାମ ସକାଶେ ପରିବାର କିମ୍ବା ବନ୍ଧୁଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** – ପଦସ୍ଥବ୍ୟକ୍ତିଙ୍କ ସହାୟତାରେ କୌଣସି କଥାକୁ ଖାତିର ନ କରି ଆପଣ ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା, ନେବା ଆଣିବା, କ୍ଷେତ୍ରରେ ସତର୍କ ରହନ୍ତୁ, ନଚେତ୍ କ୍ଷତିରେ ପଡ଼ିପାରନ୍ତି। କର୍ମଜଞ୍ଜାଳ ଓ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। କଚେରୀ ମାମଲା ମନ୍ଥର ହେବା କାରଣରୁ ଚିନ୍ତା କରି ପାରନ୍ତି।

**ସିଂହ** – କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ, ବାଣିଜ୍ୟ, ଜମିଜମା କାରବାର, ନିର୍ମାଣ, ପରିବହନରୁ ଭଲ ଲାଭ ପାଇବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ଦାୟିତ୍ୱପୂର୍ଣ୍ଣ କାମରେ ଅବହେଳା କରି ପଦସ୍ଥବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**କନ୍ୟା** – ଅନ୍ତରରେ ସହୃଦୟତା ଭରି ରହିଥିଲେ ମଧ୍ୟ ମୁହଁରେ କଡା ଭାଷାର ପରିଣାମ ଭୋଗିବାକୁ ପଡିପାରେ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। ରାଜନୀତି, ସଂଗଠନ, ଆଲୋଚନା କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** – କେତେକ କ୍ଷେତ୍ରରେ ସମସ୍ୟାର ସମାଧାନଜନିତ ଟେନ୍ସନ ଲାଗି ରହିବ। ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଲେଖା ପଢ଼ା, ସଭାସମିତିରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। କୌଣସି ସମ୍ପର୍କୀୟଙ୍କ ଚିନ୍ତାରେ ବ୍ୟଥିତ ହୋଇପାରନ୍ତି।

**ବିଛା** – ଆଜି ଅନ୍ୟକୁ ପ୍ରଭାବିତ କରି କାମ ହାତେଇବେ। ଜ୍ୟେଷ୍ଠା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ଘଟଣାକୁ ଭଲ ରୂପରେ ନ ବୁଝି ସହକର୍ମୀ କିମ୍ବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**ଧନୁ** – କ୍ରନିକ୍ ରୋଗର ପୀଡ଼ା ସାମାନ୍ୟ ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭ ଖବର ବନ୍ଧୁଙ୍କ ଜରିଆରେ ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ ।

**ମକର** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି। ଯାତ୍ରା କାଳରେ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ବିବାଦରେ ପଶିଲେ ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡ଼ି ହେବ ନାହିଁ।

**କୁମ୍ଭ** – ଆଜିର କାମ ଠିକ୍ ଭାବେ କାର୍ଯ୍ୟକାରୀ ହେବା ବଦଳରେ କଷ୍ଟକର ହୋଇପଡ଼ିବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରି ସଫଳତା ହାସଲ କରିବେ। ପରିବହନରେ ଝଗଡାର ସମ୍ମୁଖୀନ ହୋଇପାରନ୍ତି। ପ୍ରେସ୍, ଜମିଜମା କାରବାର, ନିର୍ମାଣ ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** – ପରିବାରର ଖର୍ଚ୍ଚ ଭାର ବଢ଼ିଯିବା କାରଣରୁ ଚିନ୍ତିତ ରହିବେ। ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କରୁ ଋଣ କରିବା ପାଇଁ ଯୋଜନା କରି ପାରନ୍ତି। କର୍ମକ୍ଷେତ୍ରରେ ମନ୍ଥର ଗତି ହେତୁ ସଫଳତାର ଆଶଙ୍କା ସୃଷ୍ଟି ହୋଇପାରେ। ସମସ୍ୟା ଲାଗି ରହୁଥିବାରୁ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

ଆଜି ଏପ୍ରିଲ ୧୦ ତାରିଖ, ଡ. ହାନିମ୍ୟାନ୍ ଜୟନ୍ତୀ, ସମର କବି ବ୍ରଜନାଥ ବଡଜେନାଙ୍କ ଜୟନ୍ତୀ, ରମଜାନ ମାସର ରୋଜା ଶେଷ, ଚୈତ୍ରଶୁକ୍ଳ ଦ୍ୱିତୀୟା ବୁଧବାର, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୬ମି. ଗତେ ଘ.୦୭.୧୫ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

# ପୁରୀ ବେଳାଭୂମିରେ ଶତାଧିକ ମୃତ ଜେଲିଫିସ୍

**ପୁରୀ,୯।୪(ଅଜିତ୍ ମହାନ୍ତି)**



ପୁରୀ ବେଳାଭୂମିରେ ମଙ୍ଗଳବାର ବହୁ ସଂଖ୍ୟାରେ ମୃତ ଜେଲି ଫିସ୍ ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ପାଇଁ ଭୟ କରିଛନ୍ତି। ପୂର୍ବରୁ ମଧ୍ୟ ଏପରି ଶହ ଶହ ଜେଲି ଫିସ୍ ମରି ପୁରୀ ବେଳାଭୂମିରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏପରିକି ମୃତ ଜେଲିଫିସ୍ ପର୍ଯ୍ୟଟକଙ୍କ ଦେହରେ ଲାଗିବା ପରେ ସେମାନେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିବା ମଧ୍ୟ ନଜିର ରହିଛି। ତେବେ ଜେଲିଫିସ୍ ମରିବାର କାରଣ ଜଣାପଡୁ ନ ଥିଲେ ମଧ୍ୟ ତାପମାତ୍ରା ପରିବର୍ତ୍ତନ ଏହାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ପର୍ଯ୍ୟଟକମାନେ ଯେପରି ସୁବିଧାରେ ତଥା ସୁରକ୍ଷିତ ଭାବରେ ସ୍ନାନ କରିପାରିବେ ସେଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବା ସହ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଦିଗବାରେଣୀ ଛକ ବେଳାଭୂମିରେ ଶହ ଶହ ସଂଖ୍ୟାରେ ଜେଲି ଫିସ ଭାସୁଥିବା ଦେଖିବାକୁ ମିଳିଥିଲା। ଏହା ବିଷାକ୍ତ ହୋଇଥିବାରୁ ସମୁଦ୍ରରେ ଗାଧୋଉଥିବା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଜେଲି ଫିସ୍‌ର ଲାଳ ଶରୀରରେ ଲାଗିବା ଦ୍ୱାରା ସଂକ୍ରମଣ ହୋଇଥାଏ। ଦେହ କୁଣ୍ଡାଇ ହେବା ସହ ଲାଲ୍ ପଡ଼ିଯାଏ। ବର୍ତ୍ତମାନ ପେଣ୍ଟକଟାରୁ ଆରମ୍ଭ କରି ଲାଇଟହାଉସ୍ ପର୍ଯ୍ୟନ୍ତ ବେଳାଭୂମିରେ କୁଢ଼ କୁଢ଼ ବିରଳ ଜେଲିଫିସ୍‌ଙ୍କ ମୃତଦେହ ପଡ଼ିରହିଛି। ପୁରୀ ବେଳାଭୂମିରେ ଲାଇଫ୍‌ଗାର୍ଡ ଭାବେ କାମ କରୁଥିବା ଗୋବିନ୍ଦ ହରିଙ୍କ କହିବା ଅନୁଯାୟୀ, ଅମାବାସ୍ୟା ଯାଇଥିବାରୁ ସମୁଦ୍ରରେ ଜୁଆର ଅଧିକ ରହିଛି। ଜୁଆର ସମୟରେ ସମୁଦ୍ର ମଧ୍ୟରୁ ମୃତ ଜେଲିଫିସ୍ କୂଳରେ ଆସି ଲାଗୁଛନ୍ତି। ତେବେ ଖରାଦିନେ ଏହିଭଳି ମଲା ଜେଲି ଫିସ୍ କୂଳକୁ ଆସିଥାନ୍ତି। ତିନି ଚାରି ରଙ୍ଗର ଜେଲି ଫିସ୍ ରହିଛନ୍ତି। ସେଥିମଧ୍ୟରୁ ଧଳା ରଙ୍ଗର ଜେଲିଫିସ୍ କ୍ଷତିକାରକ। ଉକ୍ତ ଜେଲିଫିସ୍ ପର୍ଯ୍ୟଟକଙ୍କ ଦେହରେ ଲାଗିଲେ ୨୪ ଘଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଦେଇଥାଏ। ତେବେ ପ୍ରବଳ ଗରମ କାରଣରୁ ଏପରି ହେଉଥିବା ଅନୁମାନ କରାଯାଇଛି। ସେହିପରି ଫଟୋଗ୍ରାଫର ଭାବରେ କାର୍ଯ୍ୟ କରୁଥିବା ବଟକୃଷ୍ଣ ସ୍ୱାଇଁଙ୍କ କହିବା ଅନୁଯାୟୀ ଖରାଦିନେ ମୁଖ୍ୟତଃ ଏହି ଜେଲି ଫିସ୍ କୂଳରେ ଲାଗୁଛନ୍ତି। ଅନେକ ସମୟରେ ପର୍ଯ୍ୟଟକଙ୍କ ଦେହରେ ଲାଗି ଯାଇଥାନ୍ତି, ଯାହାଫଳରେ ପର୍ଯ୍ୟଟକମାନେ ସମସ୍ୟା ଭୋଗିଥାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ପୁରୀ ସମୁଦ୍ରକୂଳ ବେଳାଭୂମି ପର୍ଯ୍ୟଟକଙ୍କ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାରେ ଦୈନିକ ହଜାର ହଜାର ଲୋକଙ୍କ ଭିଡ଼ ହୋଇଥାଏ। ତେଣୁ ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ହିଟ୍ ୱେଭ୍ କାରଣରୁ ଏପରି ମୃତ ଜେଲି ଫିସ୍ କୂଳରେ ଲାଗୁଛନ୍ତି। ସମୁଦ୍ର ମଧ୍ୟରେ ପ୍ରବଳ ତାତି ରହିଲେ ଜେଲି ଫିସ୍‌ମାନେ ପବନ ବହିବା ଦିଗରେ ଭାସି ଭାସି କୂଳକୁ ଆସିଥାନ୍ତି ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

# ଭିଭିପିଏଟି ସ୍ଲିପ୍ ଯାଞ୍ଚ ଶୁଣାଣି ୧୬ରେ

**ନୂଆଦିଲ୍ଲୀ,୯।୪(ପି.ଟି.)**

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଦିଆଯାଉଥିବା ଭୋଟକୁ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍ ସହ ଯାଞ୍ଚ ପାଇଁ ସୁପ୍ରିମକୋର୍ଟରେ ଦାଏର ଏକାଧିକ ପିଟିଶନ୍‌ର ଶୁଣାଣି ଆସନ୍ତା ୧୬ ତାରିଖରେ ହେବ। ଭିଭିପିଏଟି ଏକ ନିରପେକ୍ଷ ଭୋଟ ଯାଞ୍ଚ ବ୍ୟବସ୍ଥା ଯାହା ଦ୍ୱାରା ଜଣେ ଭୋଟର ଦେଇଥିବା ଭୋଟ ଠିକ୍ ବ୍ୟକ୍ତିଙ୍କୁ ମିଳିଲା କି ନାହିଁ, ତାହା ସ୍ପଷ୍ଟ ହୋଇଥାଏ। ଏଥିରୁ ଏକ ପେପର ସ୍ଲିପ୍ ବାହାରିଥାଏ ଯାହାକୁ ଭୋଟର ଦେଖିପାରିବେ। ଏହାକୁ ଜଉମୁଦ ପ୍ୟାକେଟରେ ରଖାଯାଇଥାଏ, ଯାହା ବିବାଦ ଦେଖାଦେଲେ ଖୋଲାଯାଇପାରିବ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଇଭିଏମ୍ ସମ୍ପର୍କିତ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିପାରି ନ ଥିବାବେଳେ ଆସନ୍ତା ମଙ୍ଗଳବାର ସବୁ ଆବେଦନର ଶୁଣାଣି ହେବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସମ୍ବଲପୁରରେ ହନୁମାନ...

ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା। ଏଥିରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ପଥରମାଡ଼ରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବିଭିନ୍ନ ଥାନା ଅଧିକାରୀଙ୍କ ସମେତ ୧୦ରୁ ଅଧିକ ପୋଲିସ କର୍ମୀ ଆହତ ହୋଇଥିଲେ। ସହର ସାରା ଜଳାପୋଡ଼ା ହୋଇ ଦଙ୍ଗାର ରୂପ ନେଇଥିଲା। ଏହାକୁ ନେଇ ଏପ୍ରିଲ ୧୪ ତାରିଖ ରାତି ୧୨ଟାରେ ସହରରେ କର୍ଫ୍ୟୁ ଜାରି କରାଯାଇଥିଲା। ସୋସିଆଲ ମିଡିଆର ଅପବ୍ୟବହାର ଆଶଙ୍କାରେ ସମଗ୍ର ଜିଲାରେ ଇଣ୍ଟରନେଟ ସେବାକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା। ଏପ୍ରିଲ ୨୩ ଯାଏ କର୍ଫ୍ୟୁ ଜାରି ରହିଥିଲା।

ଜିଲାପାଳ ଅଗ୍ରୱାଲ କହିଛନ୍ତି, ଗତବର୍ଷ ଘଟଣା ପରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଏକବର୍ଷ ପାଇଁ କୌଣସି ବଡ଼ ଶୋଭାଯାତ୍ରା କଟକଣା ନିଷ୍ପତ୍ତିକୁ ଚଳିତବର୍ଷ ମଧ୍ୟ ବଳବତ୍ତର ରଖାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳାର ସହିତ ମୁକ୍ତ ଓ ଅବାଧ ଭୋଟଗ୍ରହଣ ଆୟୋଜନ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ କେବଳ ହନୁମାନ ଜୟନ୍ତୀ ବା ରାମନବମୀ ଶୋଭାଯାତ୍ରା ନୁହେଁ, ବରଂ ଇଦ୍, ମହରମ ଓ ମହମ୍ମଦ ଜୟନ୍ତୀ ଶୋଭାଯାତ୍ରା ବା କୌଣସି ପର୍ବପର୍ବାଣି ରାସ୍ତା ଉପରେ ଆୟୋଜନକୁ ମଧ୍ୟ ବାରଣ କରାଯାଇଛି। ଉକ୍ତ ପର୍ବପର୍ବାଣି ପାଳନ ବେଳେ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯିବ। ଏହାକୁ ଘର ମଧ୍ୟରେ ବା ମନ୍ଦିର, ମସ୍‌ଜିଦ ମଧ୍ୟରେ ସୀମିତ ରଖିବାକୁ ସମ୍ବଲପୁରବାସୀଙ୍କୁ ପରାମର୍ଶ ଦେଇ ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏହାସହ ପ୍ରଶାସନ ପକ୍ଷରୁ ସହରବାସୀଙ୍କ ଧନଜୀବନ ସୁରକ୍ଷାର ପ୍ରତିଶ୍ରୁତି ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାରେ ଏକ ପ୍ଲାଟୁନ ସିଆର୍‌ପିଏଫ୍ ଯବାନ ନିୟୋଜିତ ହୋଇଥିବା ବେଳେ ହନୁମାନ ଜୟନ୍ତୀ ସମୟରେ ଉଭୟ ସିଆର୍‌ପିଏଫ୍ ଓ ଜିଲା ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବେ ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି। ବୈଠକରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଚାରୁ କୁମାର ବଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ଜିଲାପରିଷଦ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ହାଇକୋର୍ଟରେ କେଜ୍‌ରିୱାଲ...

ଏଭଳି କିଛି ନାହିଁ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ସେହିପରି ଆପ୍ ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କ ବିରୋଧରେ ରାଜସାକ୍ଷୀମାନଙ୍କ ବୟାନକୁ ଶୁଣାଣି ବେଳେ ବିଚାର କରାଯିବ। ହାଇକୋର୍ଟଙ୍କ ରାୟ ଆସିବା ପରେ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରାଯିବ ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଦିଲ୍ଲୀର କ୍ୟାବିନେଟ୍ ମନ୍ତ୍ରୀ ସୌରଭ ଭରଦ୍ୱାଜ କହିଛନ୍ତି, ହାଇକୋର୍ଟଙ୍କୁ ଏକ ସାମ୍ବିଧାନିକ ସଂସ୍ଥା ଭାବେ ଆମେ ସମ୍ମାନ ଜଣାଉଛୁ। କିନ୍ତୁ ଏହି ରାୟ ସହ ଆମେ ସହମତ ନୋହୁଁ। ତେଣୁ ସୁପ୍ରିମକୋର୍ଟ ଯିବୁ। ତଥାକଥିତ ଅବକାରୀ ନୀତି ମାମଲାରେ ଇଡି ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୧ ଟଙ୍କା ମଧ୍ୟ ଜବତ କରିପାରି ନାହିଁ। କେଜ୍‌ରିୱାଲ ଓ ଦିଲ୍ଲୀ ସରକାରଙ୍କୁ ଶେଷ କରିଦେବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କ ଭଳି କେଜ୍‌ରିୱାଲଙ୍କୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଜାମିନ ଦେବେ ବୋଲି ଆମେ ଆଶାବାଦୀ। ଅନ୍ୟପକ୍ଷେ ଭାଜପା ଏମ୍‌ପି ମନୋଜ ତିୱାରୀ ଏକ୍ସ'ରେ ଲେଖିଛନ୍ତି, ଜଣେ ଅପରାଧୀ ହେଉଛନ୍ତି ଅପରାଧୀ। ସମସ୍ତଙ୍କୁ ଦେଶର ଆଇନକୁ ମାନି ଚଳିବାକୁ ପଡ଼ିବ। ଆପ୍‌ର ଗ୍ୟାଙ୍ଗ୍ ଲିଡରଙ୍କୁ ହାଇକୋର୍ଟଙ୍କ ରାୟ ଆଇନା ଦେଖାଇଛି। ଇଡି ଦ୍ୱାରା ସଂଗୃହୀତ ପ୍ରମାଣ ଆପ୍‌ର ଆଭିମୁଖ୍ୟକୁ ପଦାରେ ପକାଇଦେଇଛି।

### ବକେୟା ପାଇଁ ସ୍କୁଲରେ...

କରିଥିବା ୫ଟି କ୍ଲାସ ରୁମ୍‌ଗୁଡ଼ିକରେ ତାଲା ପକାଇ ବନ୍ଦ ରଖିଥିଲେ। ଫଳରେ ପିଲାମାନଙ୍କ କ୍ଲାସ କରିବାରେ ବାଧା ସୃଷ୍ଟି ହୋଇଥିଲା। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ମଧ୍ୟ ବାହାରେ ଛିଡ଼ା ହୋଇଥିଲେ। ପ୍ରଶାସନିକ ଅଧିକାରୀମାନେ ଓ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ସହ ୫-ଟି କାମ ଉକ୍ତ ଠିକାଦାରମାନଙ୍କୁ କିଏ ପ୍ରଦାନ କରିଥିଲା ଓ କେଉଁ ସୂତ୍ରରେ ପ୍ରଦାନ କରିଥିଲେ, କେତେଟଙ୍କା ପୈଠ ହୋଇଛି, କେତେ ଟଙ୍କା ବାକି ଅଛି, ଏ ସମ୍ପର୍କରେ ବୁଝିଥିଲେ। ଠିକାଦାରମାନଙ୍କୁ ବ୍ଲକ ଅଫିସ୍‌କୁ ଡକାଇ ଆଲୋଚନା କରିବା ପାଇଁ ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ କ୍ଲାସରୁମ୍‌ରେ ପଡ଼ିଥିବା ତାଲା ଖୋଲିଥିଲା।

### ପଣାସଂକ୍ରାନ୍ତି ତାରିଖକୁ...

ଆମ ଓଡ଼ିଶାର ଆମ ପାଞ୍ଜି, ଭାଗ୍ୟଦୀପ ପଞ୍ଜିକା, ସାରଳା ପାଞ୍ଜି ଓ ରାଧାରମଣ ପ୍ରେସ୍‌ର ବିରଜା ପାଞ୍ଜିରେ ଏପ୍ରିଲ ୧୩ରେ ହିଁ ପଣାସଂକ୍ରାନ୍ତି ବୋଲି ଉଲ୍ଲେଖ କରାଯାଇଛି। ହେଲେ ଅନ୍ୟ କେତେକ ପଞ୍ଜିକାରେ ଏହାର ବ୍ୟତିକ୍ରମ ଦେଖାଦେଇଥିବାରୁ ଆବେଦନକାରୀ ତଥା ପାଞ୍ଜି ଗଣକ ଦୋଳଗୋବିନ୍ଦ ପଣ୍ଡା ହାଇକୋର୍ଟରେ ମାମଲା ନଂ. ଡବ୍ଲୁପି(ସି)/୧୫୯୧୫/୨୦୨୪ ଦାଏର କରିଛନ୍ତି। ଭୁଲ୍ ଦିନରେ ପର୍ବପର୍ବାଣି ପାଳନ ବ୍ୟକ୍ତି, ରାଜ୍ୟ ତଥା ସମାଜ ପାଇଁ ହାନିକାରକ ହୋଇଥିବାରୁ ଠିକ୍ ଦିନରେ ଏହି ଧାର୍ମିକ ଦିବସ ପାଳନ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଥିବାବେଳେ ସୁରେନ୍ଦ୍ର କୁମାର ରାଉତ, ବିବୁଧେନ୍ଦୁ ମିଶ୍ର ଓ ଜୟନ୍ତୀ ନାୟକ ସହଯୋଗ କରୁଛନ୍ତି। ଏଥିରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସେକ୍ରେଟାରି, ଶ୍ରୀମନ୍ଦିର ପ୍ରଶାସନ, ସମ୍ପୃକ୍ତ ପ୍ରତିପକ୍ଷ ପଞ୍ଜିକା ଏବଂ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପକ୍ଷଭୁକ୍ତ କରାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଘ ବରଷା**
**ମାଆ ପରଷା।**

ସାଧାରଣତଃ ମାଘ ମାସରେ ବର୍ଷା ହେଲେ ଏହା କୃଷି ବା ଚାଷ ପାଇଁ ଅନୁକୂଳ ହୋଇଥାଏ । ଠିକ୍ ସେହିପରି ମା' ହାତପରଷା ମଧ୍ୟ ସନ୍ତାନମାନଙ୍କୁ ଅଧିକ ତୃପ୍ତି ପ୍ରଦାନ କରାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମଞ୍ଚାରୁ ପଡ଼ି ମାମୁ ମଲା**
**ମୋତେ ତ ଦଇବ ରଖିଲା।**

ବିପଦଟି ସ୍ୱତଃପ୍ରବୃତ୍ତ ଅପସାରିତ ହୋଇଗଲେ ବା ଦୂରେଇଗଲେ ଆତଙ୍କିତ ବ୍ୟକ୍ତି ଜଣକ ଆଶ୍ୱସ୍ତି ଲାଭ କରିଥାଏ। ଏହା ଈଶ୍ୱରଙ୍କ ଏକପ୍ରକାର ଆଶୀର୍ବାଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘ ଆବାସିକ ସଂଯୋଜକ

**ଭୁବନେଶ୍ୱର,୯।୪(ଅନିଲ ଦାସ)**

ଭାରତରେ ନିଯୁକ୍ତ ଜାତିସଂଘ ଆବାସିକ ସଂଯୋଜକ(ରେସିଡେଣ୍ଟ କୋଅର୍ଡିନେଟର) ସୋମ୍ବି ସାର୍ପ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଓଡ଼ିଶାର ବିକାଶ ଓ ଜାତିସଂଘର ବିଭିନ୍ନ ଅଂଶୀଦାର ଏଜେନ୍ସି ସହିତ ସହଭାଗିତା ବିଷୟରେ ଆଲୋଚନା କରିଛନ୍ତି। ଓଡ଼ିଶା ସରକାରଙ୍କ ସହ ଜାତିସଂଘ ଏଜେନ୍ସିଗୁଡ଼ିକର ଦୀର୍ଘଦିନ ଧରି ଫଳପ୍ରଦ ଅଂଶୀଦାର ବିଷୟରେ ସେ ଉଲ୍ଲେଖ କରିଛନ୍ତି। ମାନବ ବିକାଶ ସୂଚକାଙ୍କରେ ହୋଇଥିବା ଉନ୍ନତିକୁ ନେଇ ଓଡ଼ିଶା ସରକାରଙ୍କୁ ସାର୍ପ ପ୍ରଶଂସା କରିଛନ୍ତି। ଏଥିସହିତ ସେ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାରଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରିଛନ୍ତି।

ଦେଶରେ ଓଡ଼ିଶା ହେଉଛି ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ୧୯୯୯ ମହାବାତ୍ୟାରେ ଏହା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବା ପରେ ସମଗ୍ର ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ ଦେବା ସହ ଗୋଷ୍ଠୀ ପରିଚାଳିତ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ଆଜି ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଏକ ଆଗୁଆ ରାଜ୍ୟର ସ୍ୱୀକୃତି ପାଇଛି। ୨୦୧୩ରେ ଫାଇଲିନ ବାତ୍ୟାର ଠିକ୍ ପରିଚାଳନା କରିପାରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଜାତିସଂଘ ସମ୍ମାନିତ କରିଛି। ସେହିପରି ଓଡ଼ିଶା ଫନି ବାତ୍ୟା ପରିଚାଳନା ସମ୍ପର୍କରେ ନ୍ୟୁୟର୍କ ଟାଇମ୍ସରେ ସ୍ତମ୍ଭ ପ୍ରକାଶ ପାଇବା ସହ ଅନ୍ୟ ଦେଶଗୁଡ଼ିକ ଓଡ଼ିଶାରୁ ବିପର୍ଯ୍ୟୟ ପରିଚାଳନା କରିବା ନେଇ ଉଲ୍ଲେଖ କରିଥିଲା। ସାର୍ପ ଓଡ଼ିଶାର ଖାଦ୍ୟ ସୁରକ୍ଷା ସମ୍ପର୍କିତ ସଫଳତା ଉପରେ ଉଲ୍ଲେଖ କରିଛନ୍ତି। ମିଲେଟ ମିଶନ ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶା କିପରି ଭାରତ ଓ ବିଶ୍ୱକୁ ଏ ନେଇ ବାଟ ଦେଖାଇଛି ସେ ସମ୍ପର୍କରେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ଭାରତରେ ନିଯୁକ୍ତ ଜାତିସଂଘ ଆବାସିକ ସଂଯୋଜକ ସୋମ୍ବି ସାର୍ପ।

**■ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା, ମିଲେଟ୍ ମିଶନକୁ ପ୍ରଶଂସା**

**■ ଜାତିସଂଘ ଏଜେନ୍ସି ସହିତ ସହଭାଗିତା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

୨୦୨୩କୁ ଜାତିସଂଘ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲା। ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଏକ ନମ୍ବର ର୍ୟାଙ୍କରେ ରହିଛି। ପୂର୍ବରୁ ଅନାହାର ରାଜ୍ୟରେ ପରିଗଣିତ ହେଉଥିବା ଓଡ଼ିଶା ଏବେ ଖାଦ୍ୟ ଶସ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗରିବଙ୍କୁ ସୁହାଇବା ଭଳି ନୀତି ଯୋଗୁ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାରେ ସହାୟକ ହୋଇଛି। ସମଗ୍ର ରାଜ୍ୟରେ ଲୋକମାନଙ୍କୁ ୫ଟଙ୍କାରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସ୍ଥାନୀୟ ଲୋକମାନଙ୍କର ଖାଦ୍ୟ ଭାବେ ପରିଚିତ ମିଲେଟକୁ ସମଗ୍ର ବିଶ୍ୱରେ ପରିଚିତ କରାଇବାରେ ଓଡ଼ିଶା ଏକ ଆଗୁଆ ରାଜ୍ୟ ହୋଇପାରିଛି। ଓଡ଼ିଶାର ଖାଦ୍ୟ ସୁରକ୍ଷା ଅଭିଜ୍ଞତାକୁ ଜାଣିବା ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ମୁଖ୍ୟାଳୟ ୨୦୨୨ରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲା। ରାଜ୍ୟରେ ୫-ଟି ବ୍ୟବସ୍ଥା ଓ ଏହାର ପ୍ରଭାବ ସମ୍ପର୍କରେ ସାର୍ପ ଆଲୋଚନା କରିଥିଲେ। ଓଡ଼ିଶା ପରିଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ସୋମ୍ବି ସାର୍ପଙ୍କୁ ଧନ୍ୟବାଦ ଦେବା ସହ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଜାତିସଂଘ ଏଜେନ୍ସିଗୁଡ଼ିକର ଉତ୍ତମ କାର୍ଯ୍ୟକ୍ରମଗୁଡ଼ିକ ସହ ଓଡ଼ିଶା ତା'ର ଅଂଶୀଦାର ଭାବେ କାର୍ଯ୍ୟକ୍ରମ ଜାରିରଖିବ ବୋଲି କହିଛନ୍ତି ।

# ଯାଞ୍ଚ ବେଳେ ୩.୭୦ଲକ୍ଷ ଟଙ୍କା ଜବତ

**ମାଲକାନଗିରି,୯।୪ (ଦୁର୍ଯ୍ୟୋଧନ ପାତ୍ର)**

ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏହି ଜିଲା ଛତିଶଗଡ଼ ଆନ୍ଧ୍ର ଓ ତେଲେଙ୍ଗାନାକୁ ଲାଗି ରହିଥିବା ବେଳେ ସମସ୍ତ ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରିବା ସହ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଉଛି। ଏହି ଯାଞ୍ଚ ବେଳେ ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ନିକଟରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଅଲେଖ ଭୋଇଙ୍କ ନେତୃତ୍ୱରେ ମଙ୍ଗଳବାର ଯାଞ୍ଚ ହେଉଥିଲା। ମାଲକାନଗିରିରୁ ଛତିଶଗଡ଼ ଯାଉଥିବା ଏକ ସଫାରି (ନଂ.ସିଜି-୧୮-ଏଲ-୫୫୫୦)କୁ ଯାଞ୍ଚ ବେଳେ ସେଥିରେ ୩ ଲକ୍ଷ ୭୦ ହଜାର ଟଙ୍କା ଥିବା ସ୍କ୍ୱାଡ୍ ଦେଖିବାକୁ ପାଇଥିଲେ। ଏହି ଟଙ୍କାକୁ ମାଲକାନଗିରିର ଜଣେ ବ୍ୟକ୍ତି ଏବଂ ଅନ୍ୟଜଣେ ବ୍ୟବସାୟୀ ନେଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ନିର୍ବାଚନ ସମୟରେ ଏତେ ଟଙ୍କା ନେଇ କୁଆଡେ ଯାଉଥିଲ ବୋଲି ପୋଲିସ ପଚରାଉଚରା କରିବା ପରେ ମଧ୍ୟ ବ୍ୟକ୍ତିଦ୍ୱୟ ଏହାର ଉତ୍ତର ଦେଇପାରି ନ ଥିଲେ। ତେଣୁ ଟଙ୍କା ଜବତ କରାଯିବା ସହ ସେମାନଙ୍କୁ ଅଟକ ରଖାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡିଛି ।



ଯାଞ୍ଚ ବେଳେ ଜବତ ହୋଇଥିବା ଟଙ୍କା ।

# ଓଡ଼ିଶା କ୍ରୀଡ଼ା ପରିବେଶକୁ ପ୍ରଶଂସା

**ଭୁବନେଶ୍ୱର,୯।୪(ଅନିଲ ଦାସ)**

ଭାରତରେ ଅବସ୍ଥାପିତ ଜାତିସଂଘର ଆବାସିକ ସଂଯୋଜକ ସୋମ୍ବି ସାର୍ପ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଓଡ଼ିଶାକୁ କ୍ରୀଡ଼ା କେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ଆବାସିକ ସଂଯୋଜକ କଳିଙ୍ଗ ଷ୍ଟାଡିୟମରେ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର, କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଓ ଆକ୍ୱାଟିକ୍ ସେଣ୍ଟର ସମେତ ଅତ୍ୟାଧୁନିକ ସୁବିଧା ସୁଯୋଗ ପରିଦର୍ଶନ କରିଛନ୍ତି। ଏହିସବୁ ସୁବିଧାକୁ ପ୍ରଶଂସା କରି ସୋମ୍ବି ସାର୍ପ କ୍ରୀଡ଼ା ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧାସୁଯୋଗ ଦେଖି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନେ ପ୍ରକୃତରେ ଚମତ୍କାର ଏବଂ ମୁଁ ପୂର୍ବରୁ ଦେଖିଥିବା କୌଣସି ଜିନିଷଠାରୁ ଭିନ୍ନ। ଏହା ମୋତେ ବଡ଼ ହେବା ସମୟରେ କଲୋରାଡୋର ଅଲିମ୍ପିକ ପ୍ରଶିକ୍ଷଣ କେନ୍ଦ୍ରରେ ବିତାଇଥିବା ସମୟକୁ ମନେପକାଇ ଦେଇଛି। ଓଡ଼ିଶାରେ ଯାହା ହାସଲ ହୋଇଛି ତାହା ପ୍ରକୃତରେ ଅବିଶ୍ୱସନୀୟ ଏବଂ ଏହା ରାଜ୍ୟରେ କ୍ରୀଡ଼ାର ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ବୋଲି ଉଲ୍ଲେଖ କରିବା ସହିତ ତାଙ୍କର ଏହି ବକ୍ତବ୍ୟକୁ ସୋମ୍ବି ସାର୍ପ ଶେୟାର କରିଛନ୍ତି । ତାଙ୍କ ଗସ୍ତ ପାଇଁ ସାର୍ପଙ୍କୁ ପାଣ୍ଡିଆନ ଧନ୍ୟବାଦ ଜଣାଇବା ସହ ଓଡ଼ିଶା ଏବଂ ଭାରତୀୟ କ୍ରୀଡ଼ାକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଜାତିସଂଘ ସହ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ସମୟରେ ଓଡ଼ିଶା ଭାରତର ଏକ ପ୍ରମୁଖ କ୍ରୀଡ଼ାର ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି । ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ କ୍ରୀଡ଼ା ପାଇଁ ୧୦୦୦ କୋଟିରୁ ଅଧିକ ଟଙ୍କାର ବଜେଟ ରହିଛି ଏବଂ ସାରା ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ଦ୍ରୁତ ଗତିରେ ନିର୍ମାଣ କରୁଛି। ଭୁବନେଶ୍ୱର ଏବଂ ରାଉରକେଲା(ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ)ରେ ଶ୍ରେଷ୍ଠ ଷ୍ଟାଡିୟମ ସହ ଓଡ଼ିଶା ହକିର ଗ୍ଲୋବାଲ ହବ୍ ପାଲଟିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ ଷ୍ଟାଡିୟମ, ଆକ୍ୱାଟିକ୍ ସେଣ୍ଟର, ଭାରତର ସର୍ବବୃହତ୍ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଇତ୍ୟାଦି ସର୍ବୋତ୍ତମ ସୁବିଧା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ା, ଭବିଷ୍ୟତ ପାଇଁ ଯୁବପିଢ଼ିର ପରିକଳ୍ପନା' ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

**୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ଜାତିସଂଘ ଆବାସିକ ସଂଯୋଜକ**

**■ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିବା ଅଭିଜ୍ଞତା ଶେୟାର କଲେ**

**■ ଜାତିସଂଘର ସହଯୋଗ ପାଇଁ ଆଶା ପ୍ରକଟ କଲେ ପାଣ୍ଡିଆନ**

# ମିଶନ ଜଷ୍ଟିସ ଟିମ୍‌ର ତଦନ୍ତ



ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ମିଶନ ଜଷ୍ଟିସ୍‌ର ସଦସ୍ୟମାନେ ଆଲୋଚନା କରୁଛନ୍ତି।

**ଟଲଣା ସ୍କୁଲରେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା**

**ଗୁଣପୁର,୯।୪(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟଲଣା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ଭୁବନେଶ୍ୱରର ମିଶନ ଜଷ୍ଟିସ ସଂଗଠନ ସଦସ୍ୟମାନେ ସ୍କୁଲକୁ ଯାଇ ପଚରାଉଚରା କରିଛନ୍ତି। ସଂଗଠନର ତପନ ପାଢୀ ଏବଂ ତପନ ସ୍ୱାଇଁ ପ୍ରମୁଖ ଟଲଣା ଯାଇ ଘଟଣାର ସରଜମିନ ତଦନ୍ତ କରିଛନ୍ତି। ଛାତ୍ର ଜଣକ କାହିଁକି ଏପରି ପଦକ୍ଷେପ ନେଲେ ସେ ସମ୍ପର୍କରେ ସେମାନେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ଚପରାସୀ, ପୁଟାସିଂ ଥାନା ଅଧିକାରୀ, ମୃତ ଛାତ୍ରଙ୍କ ମାତାପିତାଙ୍କ ସମେତ ଗୁଣପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସହ ଆଲୋଚନା କରି ଘଟଣା ଉପରେ ତଥ୍ୟ ସଂଗ୍ରହ କରିଥିଲେ। ଏହି ଘଟଣା ପରେ ସେମାନେ ମୃତ ଛାତ୍ରଙ୍କ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ସୂଚନାଯୋଗ୍ୟ ଟଲଣା ପଞ୍ଚାୟତର ସର୍ଗିଆସିଂ ଗ୍ରାମର ପ୍ରଦୀପ ଶବରଙ୍କ ପୁଅ ଜୁଦାସ ଶବର(୧୧) ସ୍କୁଲର ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଜୁଦାସ ସବୁଦିନ ପରି ୨୧ ତାରିଖ ରାତିରେ ସାଙ୍ଗମାନଙ୍କ ସହ ମିଶି ଖାଇବା ପରେ ଶୋଇବାକୁ ଯାଇଥିଲେ। ୨୨ ତାରିଖ ସକାଳେ ଚପରାସୀ ଶ୍ରେଣୀଗୃହକୁ ଝାଡୁ ମାରିବାକୁ ଯାଇଥିବାବେଳେ ଜୁଦାସ ପଙ୍ଖାରେ ଝୁଲୁଥିବା ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହି ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ବିଲରେ ଟଳିପଡ଼ିଲେ ଚାଷୀ

**ରଘୁନାଥପୁର,୯।୪ (ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ତଆଁରା ପଞ୍ଚାୟତ ଅନ୍ତର୍ଗତ ଖର୍ଦ୍ଦା ସାହି ଗ୍ରାମର ଏକ ବିଲରେ ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଧ୍ରୁବ ଚରଣ ମହାନ୍ତିଙ୍କ ପୁଅ ପ୍ରଭାକର ମହାନ୍ତି (୫୮)। ସେ ନିଜ ଘର ବାରିତଳ ବିଲରୁ ମୁଗ ଓପାଡିବାକୁ ଯାଇଥିଲେ। ମାତ୍ର ଅସହ୍ୟ ତାତି ଓ ଗୁଳୁଗୁଳିରେ ସେ ବିଲରେ ଟଳି ପଡିଥିଲେ। ଅପରାହ୍ନ ସମୟରେ ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତୁରନ୍ତ ପରିବାର ଲୋକେ ପ୍ରଭାକରଙ୍କୁ ସ୍ଥାନୀୟ ରେଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରଭାକରଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଅଂଶୁଘାତରେ ପ୍ରଭାକରଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।

# ଗହିର ବିଲରୁ ବ୍ୟକ୍ତିଙ୍କ ମୃତଦେହ ଜବତ

**ରଘୁନାଥପୁର,୯।୪(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ସୁଧାଭୂମି ଗ୍ରାମର ଏକ ଗହିର ବିଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ଗ୍ରାମର ଗୋପାଳ ସ୍ୱାଇଁଙ୍କ ପୁତ୍ର ବିଚିତ୍ର (୪୫)। ସେ ସକାଳ ସମୟରେ ରଘୁନାଥପୁର ତହସିଲ ପଛପାର୍ଶ୍ୱରେ ଥିବା ମୁଗବିଲକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ନ ଫେରିବାରୁ ଘରଲୋକେ ଖୋଜାଖୋଜି କରିଥିଲେ, ମାତ୍ର ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପରେ ବିଚିତ୍ର ଗହିର ବିଲରେ ପଡ଼ିଥିବା ନେଇ ଜଣେ ଯୁବକ ଘରେ ଜଣାଇଥିଲେ। ଏହାପରେ ପରିବାର ଲୋକେ ସେଠାରେ ପହଞ୍ଚି ବିଚିତ୍ରଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ଖବରପାଇ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ସେଠାରେ ପହଞ୍ଚି ରଘୁନାଥପୁର ଥାନାକୁ ଅବଗତ କରାଇବା ସହ ଆମ୍ବୁଲାନ୍ସ ଡକାଇଥିଲେ। ଆଇଆଇସି ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ପଠାଇଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ସେଠୀ ପ୍ରକାଶ କରିଛନ୍ତି।

# ୧୬ ମାଛର ଓଜନ ୨୧୫ କେଜି

**■ ସମୁଦ୍ରରୁ ଧରାହେଲା ତେଲିଆ ବୋରେଇ**

**■ ୧୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇପାରେ**

**ପାରାଦୀପ,୯।୪(ଶରତ ରାଉତ)**

ପାରାଦୀପ ମାଛଧରା ବନ୍ଦରକୁ ମଙ୍ଗଳବାର ପାର୍ବତୀ ନାମକ ବୋଟ୍‌ରେ ୧୬ଟି ତେଲିଆ ବୋରେଇ ମାଛ ଆସିଥିଲା। ସେଗୁଡ଼ିକର ଓଜନ ୨୧୫ କେଜି ରହିଛି। ଉକ୍ତ ମାଛକୁ ବିକ୍ରି ପାଇଁ ବୋଟ୍ ମାଲିକ ସନ୍ଧ୍ୟାରେ କଲିକତା ଦୀଘା ନେଇ ଯାଇଛନ୍ତି। ଏସବୁ ମାଛର ବଜାର ମୂଲ୍ୟ ୧୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। କାରଣ ଉକ୍ତ ମାଛକୁ ପାରାଦୀପ ବଜାରରେ ବ୍ୟବସାୟୀମାନେ କେଜି ପିଛା ୬ ହଜାର ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ବୋଟ୍ ମାଲିକ କେଜି ପିଛା ୧୨ ହଜାର ଟଙ୍କା ଡାକିଥିଲେ। ଏଥିରେ ଅସହମତ ହେବାରୁ ଦୀଘା ଯାଇଛି। ସୂଚନାଯୋଗ୍ୟ, ତେଲିଆ ବୋରେଇ ମାଛର ଚାହିଦା ଅନ୍ତର୍ଜାତୀୟ ବଜାରରେ ଅଧିକ। କାରଣ ସେହି ମାଛ ପୁଟିରୁ ଔଷଧ ତିଆରି ହୋଇଥାଏ। ଚଳିତ ବର୍ଷ ମାଛଧରା ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାରଣ ଏପ୍ରିଲ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଦୁଇମାସ ସାମୁଦ୍ରିକ କଟକଣା ଜାରି ହେବ। ଏବେ ମାଛ ଉତ୍ପାଦନ ସ୍ୱାଭାବିକ ଭାବେ କମିଯାଇଛି। ମାତ୍ର ୮୦ ରୁ ୧୦୦ ବୋଟ୍ ଏବେ ସମୁଦ୍ରରେ ମାଛ ଧରିବାକୁ ଯାଇଛନ୍ତି ବୋଲି ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ସମ୍ପାଦକ ଅରବିନ୍ଦ ସ୍ୱାଇଁ କୁହନ୍ତି। ଏପରି ଅସମୟରେ ଏହି ତେଲିଆ ବୋରେଇ ମାଛ ମିଳିବା ଜଣେ ମାଲିକଙ୍କ ପାଇଁ ଖୁସି କଥା ବୋଲି ସେ କୁହନ୍ତି।



# ପ୍ରେମିକ ରାଜୁଙ୍କ ସହ ୨ ସହଯୋଗୀ ଜେଲ ଗଲେ

**ରାଜଧାନୀରେ ଯୁବତୀଙ୍କୁ ହତ୍ୟା ମାମଲା**

**ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)**

ରାଜଧାନୀର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଯୁବତୀଙ୍କୁ ହତ୍ୟା ମାମଲାରେ ମଙ୍ଗଳବାର ପ୍ରେମିକ ସେଖ୍ ରାଜୁ (୩୦)ଙ୍କ ସମେତ ଦୁଇ ସହଯୋଗୀ ଜେଲ ଯାଇଛନ୍ତି। ସହଯୋଗୀ ଦ୍ୱୟ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଓବାଇଦୁର ରହମାନ୍ (୨୨) ଓ ଶେଖ୍ ଜୁନାରୁଲ୍ (୧୯)। ରାଜୁ ଏବଂ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ମୃତା ଭାଗ୍ୟ ଡାକୁଆ ସ୍ଥାନୀୟ ଅଞ୍ଚଳରେ ୩ ମାସ ହେବ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହୁଥିଲେ। ତେବେ ଝଗଡ଼ା ପରେ ରବିବାର ସନ୍ଧ୍ୟାରେ ଭାଗ୍ୟ ଫ୍ୟାନ ହୁକ୍‌ରେ ଶାଢି ଦ୍ୱାରା ଆତ୍ମହତ୍ୟା କରିଥିବା ରାଜୁ ବୟାନ ଦେଇଛନ୍ତି। ହେଲେ ଭାଗ୍ୟଙ୍କ ବାପା ହିନଙ୍କ ଏତଲା ପରେ ପୋଲିସ ଏକ ହତ୍ୟା ମାମଲା (ନଂ. ୯୦/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭାଗ୍ୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ପୋଲିସ ଏ ବିଷୟରେ ସ୍ପଷ୍ଟ ହେବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନାଯୋଗ୍ୟ, ଭାଗ୍ୟଙ୍କ ମୃତଦେହ ଲୁଚାଇବାକୁ ରାଜୁ ଯୋଜନା କରିଥିଲେ। ରାଜୁ ତାଙ୍କ ଗାଁର ଦୁଇ ସହଯୋଗୀଙ୍କ ସହିତ ବାଇକ୍‌ରେ ମୃତଦେହ ନେଇ ରବିବାର ରାତି ୧୦ଟା ବେଳେ ଲିଙ୍ଗିପୁର ନଦୀପଠା ବନ୍ଧ ରାସ୍ତାରେ ଯାଉଥିଲେ। ଭାଗ୍ୟଙ୍କ ଗୋଡ଼ ରାସ୍ତାରେ ଘୋଷାରି ହୋଇଯାଉଥିବାରୁ ଲୋକେ ସନ୍ଦେହ କରି ସେମାନଙ୍କୁ ଗୋଡ଼ାଇଥିଲେ। ଫଳରେ ଅଭିଯୁକ୍ତଙ୍କ ୨ଟି ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ରାଜୁ ଓ ତାଙ୍କ ସହଯୋଗୀ ବାଇକ ଏବଂ ଭାଗ୍ୟଙ୍କ ମୃତଦେହ ସେଠାରେ ଛାଡ଼ି ପଳାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରଥମେ ରାଜୁଙ୍କୁ କାବୁ କରିଥିଲା।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ମୋବାଇଲ ଓ ମୋଟର ସାଇକେଲ।

> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ମଣିପୁରର ପ୍ରମାଣ

ଅଷ୍ଟାଦଶ ଲୋକ ସଭା ନିର୍ବାଚନରେ ମଣିପୁରର ଦୁଇଟି ଆସନ ପାଇଁ ଏପ୍ରିଲ ୧୯ ଓ ୨୬ ଦୁଇ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏହି କ୍ରମରେ ମଣିପୁର ହିଂସାରେ ପ୍ରଭାବିତ ହୋଇ ରିଲିଫ୍ କ୍ୟାମ୍ପରେ ଥିବା ଲୋକମାନଙ୍କ ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ମଣିପୁର ହିଂସାର ୧୧ ମାସ ପରେ ୩୦୦ଟି କ୍ୟାମ୍ପରେ ରହୁଥିବା ୫୦,୦୦୦ରୁ ଊର୍ଦ୍ଧ୍ୱ ବିସ୍ଥାପିତଙ୍କ ମଧ୍ୟରୁ ୨୪,୦୦୦ରୁ ଅଧିକ ଭୋଟରଙ୍କ ମତଦାନ ଲାଗି ୯୪ଟି ସ୍ୱତନ୍ତ୍ର ବୁଥ୍ କରାଯାଇଛି। ମଣିପୁରର ଇନର ଓ ଆଉଟର ଏହି ଦୁଇଟି ଲୋକ ସଭା ନିର୍ବାଚନମଣ୍ଡଳୀରେ ୨୦,୨୬,୬୨୩ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ଆଉଟର ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ୧୦,୧୬,୦୦୫ ଥିବାବେଳେ ଇନରରେ ଏହି ସଂଖ୍ୟା ୧୦,୧୦,୬୧୮। ବିସ୍ଥାପିତମାନେ ବି ଏମାନଙ୍କ ମଧ୍ୟରେ ରହିଛନ୍ତି। ତେବେ ନିର୍ବାଚନକୁ ନେଇ ବିସ୍ଥାପିତଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଏହି କ୍ୟାମ୍ପରେ ରହୁଥିବା ଲୋକମାନଙ୍କର ଦାବି ଏବେ ଶୁଣିବାକୁ ମିଳୁଛି। ସେମାନଙ୍କ କହିବା ଅନୁଯାୟୀ, ଗଣତନ୍ତ୍ର ସୁଦୃଢ଼ ଅଛି ବୋଲି ଦେଖାଇବାକୁ ଯାଇ ସରକାର ଭୋଟ ମାଗିବା ପୂର୍ବରୁ ଭୋଟରଙ୍କ ଜୀବନ ପ୍ରତି ଥିବା ବିପଦକୁ ଦୂରେଇବା ଉଚିତ। ଏହି ପ୍ରତିକ୍ରିୟାରୁ ବିସ୍ଥାପିତଙ୍କ ମାନସିକ ଓ ସାମାଜିକ ସ୍ଥିତି ବୁଝାପଡୁଛି। କେବଳ ବିସ୍ଥାପିତ ନୁହନ୍ତି, ମଣିପୁରରେ ନାଗରିକ ସମାଜ ମଧ ନିର୍ବାଚନକୁ ନେଇ ପ୍ରଶ୍ନ ଉଠାଇଛି। ଦେଖିବାକୁ ଗଲେ ଭିଟାମାଟି ଛାଡ଼ି, ପରିବାରର ସଦସ୍ୟଙ୍କୁ ହରାଇ ଶଙ୍କାକୁଳ ପରିବେଶରେ ରହୁଥିବା ଲୋକମାନଙ୍କର ଶାନ୍ତିରେ ବଞ୍ଚିବାର ଅଧିକାର ଦାବି କରିବା ଯୁକ୍ତିଯୁକ୍ତ ମନେହୁଏ। ଏଭଳି ପରିସ୍ଥିତିରେ ନିର୍ବାଚନ ପ୍ରକ୍ରିୟା ରଚି ଭୋଟ ଗ୍ରହଣ କରିବା ଏକପ୍ରକାର ଉପହାସ ଭଳି ମନେହେଉଛି।

ଉଲ୍ଲେଖନୀୟ, ମାର୍ଚ୍ଚ ୨୦୨୩ରେ ମଣିପୁର ଉଚ୍ଚ ନ୍ୟାୟାଳୟ ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପାଇଁ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାପରେ ହିଂସା ଦେଖାଯାଇଥିଲା। ଏହାକୁ କେନ୍ଦ୍ରକରି ଗତବର୍ଷ ମେ' ପ୍ରଥମ ସପ୍ତାହରୁ ମଣିପୁରର ପୁରାତନ ଆଦିବାସୀ କୁକି ଓ ମେଇତିଙ୍କ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଏଥିରେ ୨୦୦ରୁ ଅଧିକ ମୃତ୍ୟୁ ହେବାସହ ଅନେକ ମହିଳାଙ୍କ ବଳାତ୍କାର ହୋଇଛି। ତତ୍‌ସହିତ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇ ବର୍ତ୍ତମାନ ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ବିସ୍ଥାପିତଙ୍କ ପାଖରେ ରହୁଥିବା ୧୪ ହଜାରରୁ ଅଧିକ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସଙ୍କଟରେ ପଡ଼ିଥିବା ସମୟରେ ନିର୍ବାଚନ ସେମାନଙ୍କ ପାଇଁ ଗୌଣ ହୋଇଯିବା ସ୍ୱାଭାବିକ। ପେଟରେ ଭୋକ ଥିଲେ ମଣିଷ ଯେଭଳି ଧର୍ମ କି ରାଷ୍ଟ୍ର ଚିନ୍ତା କରିପାରେନାହିଁ ଠିକ୍ ସେମିତି ବିସ୍ଥାପିତଙ୍କ ପାଇଁ ଗଣତନ୍ତ୍ର ଓ ନିର୍ବାଚନ କଥା ଭାବିବାର ଇଚ୍ଛାଶକ୍ତି ନ ଥିବ।

> **ଏହା ସ୍ପଷ୍ଟ ଯେ ମଣିପୁର ଜନସଂଖ୍ୟାର ୫୩% ମେଇତି ସମ୍ପ୍ରଦାୟଙ୍କ ଭୋଟ ଆଶାରେ ଭାଜପା ସେଠାରେ ସାମାଜିକ ଅଶାନ୍ତି ସୃଷ୍ଟି କରିଛି। ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ମଣିପୁର ଏବେ ଭାଜପା ଦ୍ୱାରା ଶାସିତ। ସେଥିପାଇଁ ଡବଲ ଇଞ୍ଜିନ ସରକାର ଅର୍ଥାତ୍ ଦିଲ୍ଲୀ ଏବଂ ରାଜ୍ୟରେ ଗୋଟିଏ ଦଳ କ୍ଷମତାରେ ରହିଲେ ଉନ୍ନତି ହେବ ଯାହା କୁହାଯାଉଛି ତାହା ଅସତ୍ୟ ବୋଲି ମଣିପୁର ପ୍ରମାଣ କରିଦେଉଛି।**

ହିଂସାର ୯ ମାସ ପରେ ଚଳିତବର୍ଷ ଫେବୃଆରୀରେ ମଣିପୁର ଉଚ୍ଚ ନ୍ୟାୟାଳୟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶରେ ବିବାଦୀୟ ପାରାକୁ ହଟାଇ ନେବାପରେ ଶାନ୍ତିର ଆଶା ଦେଖାଯାଇଛି। ମନେ ରଖିବାକୁ ହେବ ଯେ, ହିଂସା ସୃଷ୍ଟି କରିବା ସହଜ କିନ୍ତୁ ଶାନ୍ତି ଫେରାଇବା କଷ୍ଟକର। ଏହା ସ୍ପଷ୍ଟ ଯେ ମଣିପୁର ଜନସଂଖ୍ୟାର ୫୩% ମେଇତି ସମ୍ପ୍ରଦାୟଙ୍କ ଭୋଟ ଆଶାରେ ଭାଜପା ସେଠାରେ ସାମାଜିକ ଅଶାନ୍ତି ସୃଷ୍ଟି କରିଛି। ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ମଣିପୁର ଏବେ ଭାଜପା ଦ୍ୱାରା ଶାସିତ। ସେଥିପାଇଁ ଡବଲ ଇଞ୍ଜିନ ସରକାର ଅର୍ଥାତ୍ ଦିଲ୍ଲୀ ଏବଂ ରାଜ୍ୟରେ ଗୋଟିଏ ଦଳ କ୍ଷମତାରେ ରହିଲେ ଉନ୍ନତି ହେବ ଯାହା କୁହାଯାଉଛି ତାହା ଅସତ୍ୟ ବୋଲି ମଣିପୁର ପ୍ରମାଣ କରିଦେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 8 | | | | | | 1 | |
| | 1 | | 3 | | | | | 9 |
| 2 | | | | 4 | | 6 | | 3 |
| 8 | | | | 7 | | | | |
| | | | 6 | | | 1 | 2 | |
| 1 | | | | | 6 | 2 | | |
| | 5 | | | | 1 | 7 | | |
| | 4 | | 7 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 6 | 9 | 4 | 7 | 2 | 8 |
| 2 | 9 | 4 | 8 | 1 | 7 | 6 | 5 | 3 |
| 8 | 7 | 6 | 5 | 2 | 3 | 9 | 4 | 1 |
| 3 | 5 | 8 | 7 | 6 | 2 | 4 | 1 | 9 |
| 9 | 4 | 7 | 1 | 3 | 8 | 2 | 6 | 5 |
| 1 | 6 | 2 | 4 | 5 | 9 | 3 | 8 | 7 |
| 7 | 8 | 1 | 3 | 4 | 6 | 5 | 9 | 2 |
| 6 | 3 | 9 | 2 | 8 | 5 | 1 | 7 | 4 |
| 4 | 2 | 5 | 9 | 7 | 1 | 8 | 3 | 6 |

ଗତକାଲିର ଉତ୍ତର

# ରାଜ୍ୟପାଳଙ୍କ ଅସ୍ତିତ୍ୱ ଓ କ୍ଷମତା



ହରେକୃଷ୍ଣ ପଣ୍ଡା

ଦେଶରେ ରାଜନୈତିକ ପରିସ୍ଥିତିକୁ ଦେଖିଲେ ରାଜ୍ୟପାଳ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ସଂଯୋଗର ସେତୁ ରୂପେ କାର୍ଯ୍ୟକରି ସମ୍ବିଧାନକୁ ସୁରକ୍ଷା ପ୍ରଦାନ କରିଥାଆନ୍ତି। ହେଲେ ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିରୋଧରେ ତୃଣମୂଳ କଂଗ୍ରେସ ଇସିଙ୍କୁ ଅଭିଯୋଗ କରିଛନ୍ତି। ରାଜ୍ୟପାଳଙ୍କ କାର୍ଯ୍ୟଧାରା ଉପରେ ଅଙ୍କୁଶ ଲଗାଇବାକୁ ଇସିଙ୍କୁ ଟିଏମ୍‌ସି ନିବେଦନ କରିଛି। କେରଳ ବିଧାନସଭାରେ ୨୦୨୧ ଓ ୨୦୨୨ରେ ବିଭିନ୍ନ ବିଭାଗର ୭ଟି ବିଲ୍ ଗୃହୀତ ହୋଇଥିଲା। ରାଜ୍ୟପାଳ ସେଗୁଡ଼ିକୁ ମଞ୍ଜୁରି ନ ଦେଇ ଅଟକାଇ ରଖିଲେ। ସେଥିରୁ ୪ ବିଧେୟକକୁ ସେ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇଥିଲେ। ସେ ମଧ୍ୟ ସହସା ମଞ୍ଜୁରି ଦେଇ ନ ଥିଲେ। ରାଜ୍ୟର ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର ଏହା ବିରୋଧରେ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଷ୍ଟ୍ରପତି କୌଣସି କାରଣ ନ ଦର୍ଶାଇ ବିଲ୍‌ଗୁଡ଼ିକୁ ପକାଇ ରଖିବାକୁ ଅସାମ୍ବିଧାନିକ ବୋଲି ଦର୍ଶାଇଛନ୍ତି। ଏପରି କି କେରଳ ରାଜ୍ୟପାଳଙ୍କୁ ବେଆଇନ ଘୋଷଣା କରାଯିବାକୁ କେରଳ ସରକାର ପିଟିଶନରେ ଦର୍ଶାଇଛନ୍ତି। ସେହିଭଳି ଆଉ ଏକ ଘଟଣା ତାମିଲନାଡୁରେ ପ୍ରକାଶ ପାଇଛି। କେ. ପୋନ୍‌ମୁଡ଼ିଙ୍କୁ ମନ୍ତ୍ରୀଭାବେ ନିଯୁକ୍ତ ନ କରିବାକୁ ତାମିଲନାଡୁ ରାଜ୍ୟପାଳ ଆରଏନ ରବି ଚାହିଁ ନ ଥିଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ରାଜ୍ୟପାଳ ତାଙ୍କୁ ନିଯୁକ୍ତି ଦେଇଥିଲେ। ରାଜ୍ୟପାଳ ନିଯୁକ୍ତି ନ ଦେବାର କାରଣ ଥିଲା ବେ-ଆଇନ ସମ୍ପତ୍ତି ଠୁଳ ମାମଲାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ୨୦୧୧ରେ ପୋନ୍‌ମୁଡ଼ିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଦଣ୍ଡାଦେଶ ଖାରଜ ହୋଇଥିଲା। ତେବେ ଏହା ଅସାମ୍ବିଧାନିକ ବୋଲି ଅଭିହିତ କରି ରାଜ୍ୟପାଳ ସ୍ପଷ୍ଟ ମନା କରି ଦେଇଥିଲେ। ଏହାର ପ୍ରତିବାଦରେ ଡିଏମ୍‌କେ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ। ଏହିପରି କେତେକ ଅଭିଯୋଗ ରାଜ୍ୟପାଳଙ୍କ ବିରୋଧରେ ମୁଣ୍ଡ ଟେକିବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହଁ।

ଆମ ଦେଶର ରାଷ୍ଟ୍ରପତି ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ରାଜ୍ୟପାଳ ଓ ଉପରାଜ୍ୟପାଳଙ୍କୁ ସମ୍ବିଧାନର ୩୬୧ ଅନୁଯାୟୀ ଆଇନଗତ ସୁରକ୍ଷା ମିଳିଥାଏ। ଅର୍ଥାତ୍ କୌଣସି ବ୍ୟକ୍ତିବିଶେଷ ରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା ଉପରାଜ୍ୟପାଳ ପଦରେ ଥିବା ସମୟରେ ତାଙ୍କ ବିରୋଧରେ କୌଣସି ପ୍ରକାର ଫୌଜଦାରି କିମ୍ବା




ଦେୱାନୀ ମାମଲା ଅଦାଲତରେ ରୁଜୁ କିମ୍ବା ଚାଲୁ କରିପାରିବେ ନାହିଁ। ଏହିଭଳି ଦେଖିବାକୁ ଗଲେ ଦେଶର ସାମ୍ବିଧାନିକ ପଦମର୍ଯ୍ୟାଦା ଭାରତୀୟ ସମ୍ବିଧାନରେ ଦିଆଯାଇଛି। ତେବେ ବର୍ତ୍ତମାନର ଶାସନ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଏହି ପଦମର୍ଯ୍ୟାଦା ଏକପ୍ରକାର ସଙ୍କଟରେ ସମ୍ମୁଖୀନ ହେଉଛି। ଅତି ସୂକ୍ଷ୍ମ ଭାବେ ଚିନ୍ତାକଲେ ଦେଶର ଶାସନ ବ୍ୟବସ୍ଥା ଏପରି ଯାହା ନ୍ୟାୟିକ ବ୍ୟବସ୍ଥା ପ୍ରତି ସଙ୍କଟ ସୃଷ୍ଟି କରୁଥିବା ଦେଖାଯାଉଛି। ଏଭଳି ଅଘଟଣ ଘଟିବା ମୂଳରେ କେତୋଟି କାରଣ ରହିଛି। ତାହା ହେଉଛି ଦେଶର ଗଣତାନ୍ତ୍ରିକ ନିର୍ବାଚନ ପଦ୍ଧତି ଅଚଳ ହୋଇ ପଡ଼ିବା। ରାଜନୈତିକ ଦଳଗୁଡ଼ିକ ଗଣତାନ୍ତ୍ରିକ ନୀତି ଅନୁସାରେ ଚାଲୁ ନାହାନ୍ତି। ଦଳ ମଧ୍ୟରେ ନିର୍ବାଚନ ଉପାୟରେ ସଭାପତି ଓ କର୍ମକର୍ତ୍ତା ନିର୍ବାଚନ ହେଉ ନାହିଁ। ଦଳ ସାଂପ୍ରଦାୟିକ ନିରପେକ୍ଷତାକୁ ଗୁରୁତ୍ୱ ଦେଉ ନାହାନ୍ତି। ଦଳୀୟ ନୀତି ରାଷ୍ଟ୍ର ଓ ଜନମଙ୍ଗଳ ଉପରେ ପର୍ଯ୍ୟବସିତ ହେଉ ନାହିଁ। ଭାରତ ବର୍ଷରେ ଏପରି କି କୋଟିଏରୁ ଊର୍ଦ୍ଧ୍ୱ ଦକ୍ଷ, ବିଚକ୍ଷଣ, ଦେଶଭକ୍ତ, ଅତିଯୋଗ୍ୟ, ନିରପେକ୍ଷ ବୁଦ୍ଧିଜୀବୀ ଅଛନ୍ତି ; ଯେଉଁମାନଙ୍କୁ ଦଳ ପାର୍ଲାମେଣ୍ଟ ଓ ବିଧାନସଭାକୁ ଯିବା ପାଇଁ ବାଟ ଛାଡୁ ନାହାନ୍ତି। ଦଶନ୍ଧି ଦଶନ୍ଧି ଧରି ଦେଖାଯାଉଛି ୫ ଥର ୬ଥର ନିର୍ବାଚିତ ରାଜନୈତିକ ସ୍ୱାର୍ଥାନ୍ୱେଷୀ,ବିପୁଳ ସମ୍ପତ୍ତି ଠୁଳ କରିଥିବା, ଶାସନ ଗାଦିକୁ ଅକ୍ତିଆର କରିଥିବା ସେହି ବଡ଼ପଣ୍ଡାମାନଙ୍କୁ ଦଳ ପ୍ରାର୍ଥିତ୍ୱ ପ୍ରଦାନ କରି ଚାଲିଛି। ଦେଶର ଏକ ସର୍ବେକ୍ଷଣ ସଂସ୍ଥା ଦର୍ଶାଇଛି ଯେ ଲୋକ ସଭାକୁ ଯାଉଥିବା ୪୪ ପ୍ରତିଶତ ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ରାଜନୈତିକ ଦଳ ଗୁଡ଼ିକର କ୍ଷମତାସୀନ ହେବାର ମୋହ ଏତେ ଶକ୍ତିଶାଳୀ ହୋଇପଡ଼ିଛି ଯେ ଦେଶର ସ୍ୱାର୍ଥକୁ ପଛରେ ପକାଇ ଗଣତାନ୍ତ୍ରିକ ପଦ୍ଧତିକୁ ଆଡ଼େଇ ଦେଇ ଶାସନର ଗଣ୍ଡିରୁ ବାହାରି ଯିବାକୁ ଚାହୁଁ ନାହାନ୍ତି। ଦେଶରେ ଏହା ଏକ ରାଜନୈତିକ ପରମ୍ପରାରେ ପରିଣତ ହୋଇସାରିଛି। ନିର୍ବାଚନ ପରିଚାଳନା ଓ ଦଳୀୟ ପ୍ରାର୍ଥୀ ଚୟନ ନିମନ୍ତେ ସମ୍ବିଧାନରେ ସେପରି ନିର୍ଦ୍ଦିଷ୍ଟ ବା ସ୍ପଷ୍ଟ ଚିତ୍ର ନ ଥିଲେ ହେଁ ନିର୍ବାଚନ ମୁଖ୍ୟ ନିଜସ୍ୱ କ୍ଷମତା ବଳରେ ସ୍ୱଚ୍ଛ ନୀତିକୁ ଆପଣେଇ ପାରନ୍ତେ। ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଏହି ସ୍ୱଚ୍ଛ ନୀତିକୁ କାର୍ଯ୍ୟକାରୀ କରାଇ ପାରନ୍ତେ। ନିର୍ବାଚିତ ପ୍ରତିନିଧି କ୍ଷମତା ହାସଲ କଲା ପରେ କେତେକେ ଦେଶର ସାର୍ବଭୌମତ୍ୱକୁ ଜଳାଞ୍ଜଳି ଦେବାକୁ ପଛାଉ ନ ଥିବା ଦେଖାଯାଏ। ଯେଉଁମାନେ ଶାସନ ବାହାରେ ରହିଯାଆନ୍ତି ସେମାନେ ଯୁକ୍ତି କରନ୍ତି ଅଭିବ୍ୟକ୍ତିର ସ୍ୱାଧୀନତା, ଧର୍ମୀୟ ସ୍ୱାଧୀନତା, ଏକାଡେମୀ ସ୍ୱାଧୀନତା, ସମାବେଶ ସ୍ୱାଧୀନତା, କାର୍ଯ୍ୟକରିବାରେ ଏନ୍‌ଜିଓଗୁଡ଼ିକର ସ୍ୱାଧୀନତା, ଆଇନର ଶାସନ, ନ୍ୟାୟପାଳିକାର ସ୍ୱାଧୀନତା, ପୋଲିସର ସ୍ୱାଧୀନତାର ମୂଲ୍ୟାୟନ କରାଯାଉ ବୋଲି ସେହିମାନେ ହିଁ ଏହିସବୁ କ୍ଷେତ୍ରରେ ସ୍ୱେଚ୍ଛାଚାରିତା ଅବଲମ୍ବନ କରି ଆସିଥିବା ଦେଖାଯାଏ। ତେବେ ବିଚାର କଲେ ଦେଖିବା ଯେ ଭାରତୀୟ ଗଣତନ୍ତ୍ରରେ ଏହା ଏକ ଭୟାନକ ରୂପ ମୁଣ୍ଡ ଟେକି ଉଠିଛି। କ୍ଷମତାସୀନ ଗୋଷ୍ଠୀକୁ ଗାଦିରୁ ହଟାଇ ଏମାନେ କ୍ଷମତାସୀନ ହେବାକୁ ଚାହାନ୍ତି। ସେଥିପାଇଁ ସେମାନେ ନୀତି ନୈତିକତାକୁ ପଛରେ ପକାଇ ଗଣତନ୍ତ୍ରର ସ୍ତମ୍ଭଗୁଡ଼ିକର ମର୍ଯ୍ୟାଦା ହାନି କରାଇବାକୁ ପଛାନ୍ତି ନାହିଁ।

ରାଜ୍ୟଗୁଡ଼ିକରେ ନିଯୁକ୍ତ ରାଜ୍ୟପାଳ ନୀରବଦ୍ରଷ୍ଟା ହୋଇ ପଦବୀ ଧାରଣ କରିଥାଆନ୍ତି ସତ, ଏଭଳି ସ୍ୱେଚ୍ଛାଚାରିତା ବିରୋଧରେ ପଦକ୍ଷେପ ନେବାକୁ ଉଦ୍ୟମ କଲେ ତାଙ୍କ କ୍ଷମତା ସମ୍ପର୍କରେ ପ୍ରଶ୍ନ ଉଠାଇ ଏହିମାନେ ହିଁ ଅଭିଯୋଗ ଆଣିଥାଆନ୍ତି ; ଯାହା ବର୍ତ୍ତମାନର ପରିସ୍ଥିତିରୁ ଜଣାପଡ଼େ। ତେବେ ରାଜ୍ୟପାଳଙ୍କୁ ଅଧିକ କ୍ଷମତା ପ୍ରଦାନର ବେଳ ଆସିଯାଇଥିବା କୁହାଯାଇପାରେ। ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ସେ ନିଜ ଦପ୍ତରରୁ ନିଜ କ୍ଷମତାକୁ ପ୍ରୟୋଗ କରି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା କରିପାରିବେ। ଦେଶରେ ଗଣତାନ୍ତ୍ରିକ ସ୍ୱଚ୍ଛତା ଆଣିବା ପାଇଁ ଏଥିପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ଲୋକ ସଭା ବାଚସ୍ପତି ପି ଏ ସାଙ୍ଗମା, ନିର୍ବାଚନ କମିଶନର ଟିଏନ ଶେଷାନ ମୁହଁ ଖୋଲିଥିବା ସମସ୍ତେ ଜାଣନ୍ତି। କିନ୍ତୁ ଏହି ପରମ୍ପରାକୁ ଭାଙ୍ଗି ନୂତନ ବାତାବରଣ ସୃଷ୍ଟି କରିବାରେ ଉଦ୍ୟମ ହୋଇ ନ ଥିବା ବେଳେ ଏବେଠୁ ନିର୍ବାଚିତ ପ୍ରତିନିଧିମାନେ ଉଦ୍ୟମ କରିବା ଦେଶବାସୀ ଚାହାନ୍ତି। ଦେଶରେ ରାଜ୍ୟପାଳଙ୍କ କ୍ଷମତାକୁ ସିଧା ସଳଖ ଊର୍ଦ୍ଧ୍ୱମୁଖୀ କରାଗଲେ ଏବଂ ତାଙ୍କର ଜ୍ଞାନ ଓ ଅଭିଜ୍ଞତାକୁ ମନ୍ତ୍ରିମଣ୍ଡଳ ସୁଯୋଗ ଦେଲେ ଗଣତନ୍ତ୍ର ଠିକ ବାଟକୁ ଆସିପାରନ୍ତା। ସେମାନେ ଆଇନ ତିଆରି କରି ନ ପାରନ୍ତି, କିନ୍ତୁ ଆଇନର ରକ୍ଷକ ସାଜିବା ପାଇଁ ଦେଶରେ ରାଜ୍ୟପାଳଙ୍କୁ କ୍ଷମତାଯୁକ୍ତ କରିବା ଆବଶ୍ୟକ କରୁ ନାହିଁ କି ?

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଦିବ୍ୟାଙ୍ଗଙ୍କ ଶ୍ରୀଜଗନ୍ନାଥ ଦର୍ଶନ



ହରିଶଙ୍କର ମିଶ୍ର

ଅନେକଦିନ ପୂର୍ବରୁ ଦିବ୍ୟାଙ୍ଗମାନଙ୍କୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଦର୍ଶନ ବ୍ୟବସ୍ଥା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଇଛନ୍ତି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଜିଲା ପ୍ରଶାସନ ଏଂ ଶ୍ରୀମନ୍ଦିର ପ୍ରଶାସନର ମିଳିତ ଦାୟିତ୍ୱ ହୋଇଥିବାରୁ ସର୍ବୋପରି ଶ୍ରୀଜଗନ୍ନାଥ ମନ୍ଦିରର ଆଭ୍ୟନ୍ତରୀଣ ସ୍ଥିତି ଏଂ ଶ୍ରୀଜୀଉମାନଙ୍କର ଦୈନିକ ଓ ବାର୍ଷିକ ନୀତି କ୍ରାନ୍ତିରେ ସ୍ୱତନ୍ତ୍ରତା ଯୋଗୁ ଏହା ସମ୍ପୂର୍ଣ୍ଣ ସମ୍ଭବ ହୋଇପାରୁ ନ ଥିବା ସମ୍ଭବତଃ ସତ୍ୟ। ଶ୍ରୀମନ୍ଦିର ପରିଚାଳନା କମିଟିରେ ସେହି ଆଦେଶକୁ କାର୍ଯ୍ୟକାରୀ କରିବାପାଇଁ ଅନେକ ବୈଠକରେ ଆଲୋଚନା ସତ୍ତ୍ୱେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନିର୍ଦ୍ଧାରିତ ହୋଇପାରିନାହିଁ। ଏଠାରେ ଗୋଟିଏ କଥା ସ୍ପଷ୍ଟ କରାଯାଇପାରେ ଯେ ଶ୍ରୀମନ୍ଦିର ନିକଟ ଅତୀତରେ ବା ସାଧୀନୋତ୍ତର ଭାରତ ଅବଧି ମଧ୍ୟରେ ନିର୍ମିତ ହୋଇନାହିଁ। ହୁଏତ ଶତାଧିକ ବର୍ଷ ପୂର୍ବରୁ ନିର୍ମିତ ଶ୍ରୀମନ୍ଦିର ସମେତ ସମସ୍ତ ମନ୍ଦିରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା ନାହିଁ। କିନ୍ତୁ ପ୍ରତ୍ୟେକ ମନ୍ଦିରରୁ ଦେବଦେବୀମାନେ ଗ୍ରାମ ପରିକ୍ରମା କରିଥାନ୍ତି। ତେଣୁ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ କରିଥିବାର ତଥ୍ୟ ଅନୁସନ୍ଧାନ ସାପେକ୍ଷ। ଏବେ ରାସ୍ତାର ସୁବିଧା ତଥା ସୁଲଭ ଯାତାୟାତ ସୁଯୋଗ ଯୋଗୁ ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ମଧ ପୁରୀ ଆସି ପାରୁଛନ୍ତି। ଶ୍ରୀକ୍ଷେତ୍ର ଆସିଲେ ଶ୍ରୀଜୀଉମାନଙ୍କ ଦର୍ଶନ ପ୍ରତ୍ୟେକ ବ୍ୟକ୍ତିର ଅଭିଳାଷ ଥାଏ। ସେହି ଉଦ୍ଦେଶ୍ୟରେ ଆସୁଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନେ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହୋଇ ଭଗ୍ନ ମନରେ ଫେରୁଛନ୍ତି। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଅବଶ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରୁଥିଲେ ତାହା ପର୍ଯ୍ୟାପ୍ତ ବା ସନ୍ତୋଷକାରକ ହୋଇପାରୁନାହିଁ । ଏଠାରେ ସୂଚନାଯୋଗ୍ୟ ଯେ, ଦେବ ଦର୍ଶନ ହେଉଛି ଆନ୍ତରିକ ଭକ୍ତିଭାବର ଅଦମ୍ୟ ମାନସିକତା। କିନ୍ତୁ ଧାର୍ମିକ ଆଧାରରେ ବିଚାର କଲେ ଦର୍ଶନ ଭକ୍ତି ନିବେଦନର ଏକମାତ୍ର ମାଧ୍ୟମ ନୁହେଁ। ପୁରାଣ ବର୍ଣ୍ଣିତ ନବଧା ଭକ୍ତିରୁ ଦର୍ଶନ ହେଉଛି ଅନ୍ୟତମ। ଅପରପକ୍ଷରେ ଶ୍ରୀଜୀଉ ହେଉଛନ୍ତି ଭକ୍ତ ବତ୍ସଳ । ଶାସ୍ତ୍ରୀୟ ମତ ରହିଛି ଯେ 'ଦୋଳେ ଚ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନଂ। ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ'। ଶ୍ରୀଜୀଉମାନଙ୍କୁ ରତ୍ନ ସିଂହାସନରେ ଦର୍ଶନ ପରିବର୍ତ୍ତେ ଦୋଳ ପୂର୍ଣ୍ଣମୀରେ ଦୋଳବେଦିରେ, ଚନ୍ଦନ ଯାତ୍ରାରେ ଚାପ ଉପରେ ବା ଶ୍ରୀଗୁଣ୍ଡିଚା ସମୟରେ ରଥରେ ଦର୍ଶନ କଲେ ଅଧିକ ପୁଣ୍ୟ ପ୍ରାପ୍ତ ହୋଇଥାଏ। ଶ୍ରୀଜଗନ୍ନାଥ ହେଉଛନ୍ତି କରୁଣାର ପାରାବାର। ତାଙ୍କୁ ରତ୍ନ ସିଂହାସନରେ ବାର୍ଦ୍ଧକ୍ୟ, ବିଧର୍ମ ବା ଦିବ୍ୟାଙ୍ଗ ଯୋଗୁ ଯେଉଁମାନେ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି ସେମାନଙ୍କ ଦର୍ଶନ ପାଇଁ ସ୍ନାନବେଦି ଓ ବଡ଼ଦାଣ୍ଡକୁ ସ୍ୱୟଂ ମହାପ୍ରଭୁ ଆସିଥାନ୍ତି। ସେଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରାର ଅନ୍ୟ ନାମ ପତିତପାବନ ଯାତ୍ରା। ନିଜକୁ ପତିତ ମନେକରି ଯେଉଁମାନେ ଭାବପୂର୍ଣ୍ଣ ହୋଇ ସମର୍ପିତ ମାନସିକତାରେ ରଥାରୂଢ ଶ୍ରୀଜୀଉଙ୍କ ଦର୍ଶନ କରନ୍ତି ସେମାନେ ଯଥେଷ୍ଟ କରୁଣା ପାଇଥାନ୍ତି।

ସୂଚନାଯୋଗ୍ୟ ଯେ, ଆମର ଧର୍ମଶାସ୍ତ୍ରୀୟ ବ୍ୟବସ୍ଥାରେ ଶ୍ରୀଜଗନ୍ନାଥଙ୍କ ସହ ପ୍ରତ୍ୟେକ ମନ୍ଦିରରେ ଦର୍ଶନ ପାଇଁ କିଛି ସ୍ୱତନ୍ତ୍ର ବିଧି ରହିଛି। ସେଥିପାଇଁ ମନ୍ଦିରମାନଙ୍କରେ ନିଯୁକ୍ତ ପ୍ରଶାସନିକ ଅଧିକାରୀ ବା ପରିଚାଳକମାନେ ଦର୍ଶନାର୍ଥୀ ଭକ୍ତଙ୍କୁ



ସେ ସମ୍ପର୍କରେ ଧାର୍ମିକ ଭାବନାରେ ସଚେତନ କରିବା ଆବଶ୍ୟକ। ସମସ୍ତ ସମସ୍ୟାର ସମାଧାନ ଆଇନ ପରିସରକୁ ନେବା ଜରୁରୀ ନୁହେଁ। ଭକ୍ତି ହେଉଛି ଭାବର ପ୍ରକାଶ। ଭାବ ଓ ଭକ୍ତି ହୃଦୟରେ ଥାଏ। ବ୍ୟାସଦେବଙ୍କ କୃତ ପଦ୍ମପୁରାଣରେ ଭଗବାନ କହିଛନ୍ତି ଯେ 'ନାହଂ ବସାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ। ମଦ ଭକ୍ତ୍ୟା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ'। ତେଣୁ ଦେବଦର୍ଶନ ପାଇଁ ଆନ୍ତରିକ ଭକ୍ତିଭାବ ହିଁ ସର୍ବାଦୌ ଆବଶ୍ୟକ। ଏହି ଭକ୍ତିଭାବ କୌଣସି ଅଦାଲତି ଆଦେଶ ବା କ୍ଷମତା ବଳୟରେ ମିଳି ନ ଥାଏ। ଆମର ଧାର୍ମିକ ପରମ୍ପରାର ରକ୍ଷକ ଓ ମାର୍ଗଦର୍ଶକ ହେଉଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ସର୍ବୋଚ୍ଚ ନ୍ୟାୟାଳୟ ଯେବେ ଦିବ୍ୟାଙ୍ଗମାନଙ୍କ ଦର୍ଶନର ସୁବନ୍ଦୋବସ୍ତ ପାଇଁ ଆଦେଶ ଦେଲେ ତା'ର ଧାର୍ମିକ ଦିଗ ପ୍ରତି ଧ୍ୟାନ ଦିଆଗଲା ନାହିଁ ବା ଏହାର କାର୍ଯ୍ୟକାରିତା ପାଇଁ ଶଙ୍କରାଚାର୍ଯ୍ୟଙ୍କଠାରୁ କୌଣସି ପରାମର୍ଶ ନିଆଗଲା ନାହିଁ। ବରଂ ବହୁ ଅର୍ଥ ବ୍ୟୟ କରାଯାଇ ଉତ୍ତର ଦ୍ୱାରଠାରୁ ଘୋଷରା ପାହାଚ ନିର୍ମାଣ କରାଗଲା। କିନ୍ତୁ ସେଇ ବାଟଦେଇ ଦିବ୍ୟାଙ୍ଗମାନଙ୍କୁ ନେବାରେ କିଛି ବାଧକ ରହିବାରୁ ତାହା ଫଳଦାୟକ ହେଲାନାହିଁ। ନିକଟରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଦିବ୍ୟାଙ୍ଗ ମାନଙ୍କୁ ନେବାପାଇଁ ଚଉକି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। କିନ୍ତୁ ଧାର୍ମିକ ବ୍ୟବସ୍ଥାରେ କୌଣସି ଯାନ ବା ଆସନରେ ବସି ଦେବଦର୍ଶନ ନିଷେଧ ଅଛି। ଭକ୍ତି ଓ ମାନସିକତା ଉଭୟକୁ ବଜାୟ ରଖି ବାସ୍ତବ ଗ୍ରହଣୀୟ ପନ୍ଥା ନିର୍ଦ୍ଧାରଣ ଜଗଦ୍‌ଗୁରୁଙ୍କ ପରାମର୍ଶ କ୍ରମେ କରାଯିବା ଉଚିତ।

ସର୍ବୋଚ୍ଚ ନ୍ୟାୟାଳୟ ମଧ ତାଙ୍କର ଆଦେଶରେ ପ୍ରତ୍ୟେକ ଧାର୍ମିକ ନିର୍ଣ୍ଣୟ ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଯେ ଯେଉଁମାନଙ୍କ ପାଇଁ ଚତୁର୍ଦ୍ଧା ବିଗ୍ରହ ରତ୍ନସିଂହାସନ ଛାଡ଼ି ସ୍ୱୟଂ ବଡ଼ଦାଣ୍ଡକୁ ଆସନ୍ତି ସେମାନେ ରଥ ଉପରେ ଶ୍ରୀଜୀଉମାନଙ୍କ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେ କରିବା ଉଚିତ। ଏପରି ଏକ ଦିବ୍ୟ ଯାତ୍ରା ଅନ୍ୟ କେଉଁଠି ଅନୁଷ୍ଠିତ ହେଉ ନ ଥିବାରୁ ତାହାର ଗୁରୁତ୍ୱ ମଧ ସେମାନେ ଉପଲବ୍ଧି କରିବା ସହ ଯାତ୍ରାର ମହନୀୟତା ବଜାୟ ରଖିବା ଉଚିତ । ଏହି ପତିତପାବନ ଯାତ୍ରା ସତ୍ତ୍ୱେ ସେମାନଙ୍କ ମନରେ ରହିଥିବା ଶ୍ରୀଜୀଉମାନଙ୍କୁ ରତ୍ନସିଂହାସନରେ ଦର୍ଶନ କରିବାର ଅଦମ୍ୟ ମାନସିକତାକୁ ସାକାର ପାଇଁ ଯଦି ପ୍ରଶାସନ ନିଜର କର୍ତ୍ତବ୍ୟ ଭାବେ ବିବେଚନା କରନ୍ତି ତେବେ ବିକଳ୍ପ ବ୍ୟବସ୍ଥା ମଧ ରହିଛି। ପ୍ରଶାସନ ଦ୍ୱାରା କିଛି ଶାରୀରିକ ବଳିଷ୍ଠ ଏଂ ନିର୍ଦ୍ଧାରିତ ଉଚ୍ଚତାର ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଏହି ଦର୍ଶନକୁ ସୁଗମ କରାଯାଇପାରିବ। ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଗଲେ ବ୍ୟବସ୍ଥା ଅଧିକ ଶୃଙ୍ଖଳିତ ହୋଇପାରିବ। ଭାରତର ଅନେକ ପୀଠରେ ଏହି ବ୍ୟବସ୍ଥା ରହିଛି। ଶ୍ରୀମନ୍ଦିର ପ୍ରଶାସନ ଅତୀତରେ ବହୁ ଅର୍ଥ ବ୍ୟୟ କରି କିଛି ସେବକଙ୍କୁ ଅନୁଭବ ଯାତ୍ରାରେ ପଠାଇଥିଲା। ସେମାନେ କେବଳ ଧାଡ଼ି ଦର୍ଶନକୁ ଗୁରୁତ୍ୱ ଦେଲେ। ମାତ୍ର ସେଇ ଧାଡ଼ି ଦର୍ଶନ ଯେ କେତେ ସଫଳ ହୋଇଛି ତାହା ସମସ୍ତ ଦର୍ଶନାର୍ଥୀ ଅନୁଭବ କରୁଛନ୍ତି। କାରଣ ଶ୍ରୀମନ୍ଦିର ସାତପାହାଚ ପରେ ସମସ୍ତ ଧାଡ଼ି ପ୍ରବଳ ଭିଡ଼କୁ ପରିବର୍ତ୍ତନ ହୋଇଯାଉଛି। ଜଗମୋହନ ତ ଜବରଦଖଲ ହୋଇଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ମନ୍ଦିରରେ ପ୍ରଚଳିତ ସ୍ୱେଚ୍ଛାସେବୀ ବ୍ୟବସ୍ଥା ସହ ଦିବ୍ୟାଙ୍ଗମାନଙ୍କୁ ଜଗମୋହନରେ ଦର୍ଶନ ସୁଯୋଗ ସୃଷ୍ଟି କରିବା ଯଥାର୍ଥ ମନେହୁଏ।

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ଜମି ନ ଥିଲେ ଚିନ୍ତା ନାହିଁ। ଘର ଛାତ ଉପରେ ବି ଚାଷ କରି ଭଲ ରୋଜଗାର କରିହେବ, ଯାହାର ଏକ ଉଦାହରଣ ହେଉଛନ୍ତି ରେମା ଦେବୀ। ସେ ଛାତ ଉପରେ ପନିପରିବା ଫସଲ କରି ମାସକୁ ୬୦ ହଜାର ଟଙ୍କା ରୋଜଗାର କରୁଛନ୍ତି। କେରଳ କୋଟାୟମରେ ତାଙ୍କ ଘର ଛାତ ଉପରେ ଏଭଳି ଚାଷ ୯୦ ଦଶକରେ ଆରମ୍ଭ କରିଥିଲେ। ବଗିଚା କରିବାର କୌଶଳ ଲୋକମାନଙ୍କୁ ଶିଖାଉଛନ୍ତି। ଏହି ବଗିଚା ସେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରିଛନ୍ତି। ପ୍ରଥମେ ସେ ୪ଟି କିସମର ପରିବା ଚାଷରୁ ଆରମ୍ଭ କରିଥିଲେ। ଏବେ ୨୦ରୁ ୩୦ ପ୍ରକାର ଫଳ ଓ ପରିବା ଫଳାଉଛନ୍ତି। ନିଜେ ଜୈବିକ ଖତ ପ୍ରସ୍ତୁତ କରି ତାହାକୁ ବ୍ୟବହାର କରୁଛନ୍ତି। ସେ ପରିବା ବିକ୍ରିରୁ ଯାହା ରୋଜଗାର କରୁଛନ୍ତି ତାହାଠାରୁ ଅଧିକ ଗୁଣ ମଞ୍ଜିରୁ ପାଉଛନ୍ତି। ପ୍ରତ୍ୟେକ ମଞ୍ଜି ପ୍ୟାକେଟକୁ ୨୫ରୁ ୪୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ସେ କେରଳର ବିଭିନ୍ନ ଅଞ୍ଚଳରୁ ଅର୍ଡର ପାଉଛନ୍ତି। ରମା ପିଲାବେଳୁ ବଗିଚା କରିବାକୁ ଭଲ ପାଉଥିଲେ। ତାଙ୍କ ଭଉଣୀ ମଧ ଜଣେ ସଫଳ ଗର୍ଡେନର। ବିବାହ ପରେ ସେ ଛାତ ଉପରେ ବଗିଚା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୭୫

- ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଜରିଆରେ ରାଜ୍ୟ ସରକାର ୭୦୧୧ ଗୋଟି କୂପ ଖନନ ପାଇଁ ୧ କୋଟି ୧୭ ଲକ୍ଷ ୭୭ ହଜାର ଟଙ୍କା ମଞ୍ଜୁର କରିଛନ୍ତି।
- ଆଖୁ ଚାଷୀଙ୍କ ପାଉଣା ପରିଶୋଧ ପାଇଁ ଚିନି କଳଗୁଡ଼ିକୁ ଋଣ ଦାନର ପରିମାଣ ସୀମା ବୃଦ୍ଧି କରିବା ନିମନ୍ତେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।
- ସୋଭିଏତ୍ ରୁଷିଆରୁ ୧୨ ଲକ୍ଷ ଟନ ପେଟ୍ରୋଲଜାତ ସାମଗ୍ରୀ ଆମଦାନି ନେଇ ଭାରତୀୟ ତୈଳ କର୍ପୋରେସନ ଓ ରୁଷ ତୈଳ ସଙ୍ଗଠନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ-ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉପେକ୍ଷିତ ବର୍ଗଙ୍କ ପ୍ରତି ଦୃଷ୍ଟିପଡୁ

ମହାଶୟ,

ଗତ କିଛିଦିନ ମଧ୍ୟରେ ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ ସମେତ କୃଷକ, ଶିକ୍ଷକ, ଶ୍ରମିକ, ଯୁବକ, ମହିଳା, କଳାକାର ଓ ଛାତ୍ରୀଛାତ୍ରଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନକରି ସାରିଲେଣି। ଏହା ନିଶ୍ଚିତଭାବେ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ କ୍ଷମତାପନ୍ନ କରିବ। ତେବେ କିଛି ଉପେକ୍ଷିତ ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ଏପର୍ଯ୍ୟନ୍ତ ପଡ଼ି ପାରିନାହିଁ। ସେମାନେ ହେଲେ ୱାର୍ଡମେମ୍ବର, ମଧବିତ୍ତ ବର୍ଗର ସାଧାରଣ ଲୋକ। ଏମାନଙ୍କ ଭତ୍ତା ଆଦି ବୃଦ୍ଧି କରିବା ସହ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀଙ୍କ ପାଇଁ ଚିକିତ୍ସାଭତ୍ତା ମଞ୍ଜୁର ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାର କରିବାକୁ ଅନୁରୋଧ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି ରୋଡ୍, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଖଇର କାଠ, ଯନ୍ତ୍ରଚାଳିତ କରତ ଜବତ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅଧୀନ ତେଲେନପାଲି ଗାଁ ନିକଟ ଥିବା ସଂରକ୍ଷିତ ଜଙ୍ଗଲ ନିକଟରୁ ବନବିଭାଗ ଚଢ଼ାଉ କରି ଖଇର କାଠ ଜବତ କରିଛି। ଜବତ କାଠର ପରିମାଣ ପ୍ରାୟ ୧୫କୁଇଣ୍ଟାଲ ହେବ। ଏଥିସହ ଏକ ଯନ୍ତ୍ର ଚାଳିତ କରତ, ଏକ ଟାଙ୍ଗିଆ ଜବତ ହୋଇଛି। ବେଆଇନ ଚାଲାଣ ଅଭିଯୋଗରେ ବିଭାଗ ଲାରମ୍ବା ଥାନା ଦମାଇପାଲି ପଞ୍ଚାୟତ ବଡ଼ଉଡେନ ଗାଁର ପୃଥ୍ୱୀରାଜ ରଣା (୩୨)ଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା ଓ ଟିମ୍ ଚଢାଉରେ ସାମିଲ ହୋଇଥିଲେ।

# ଲାନ୍ଥନଦୀରେ ଚୁଆ ଖୋଳି ପାଣି ସଂଗ୍ରହ

**ଲାଟୁଟ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ**

■ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ସଇଁତଳା,୯।୪(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କେରମେଲି ପଞ୍ଚାୟତ ଅନ୍ତର୍ଗତ ଲାଟୁଟ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପାଣି ପାଇଁ ଗ୍ରାମବାସୀ ୨କିଲୋମିଟର ଦୂର ଲାନ୍ଥନଦୀରେ ବାଲି ଚୂଆଁ କରି ପାଣି ସଂଗ୍ରହ କରୁଛନ୍ତି। ଦୀର୍ଘବର୍ଷରୁ ଗ୍ରାମବାସୀ ଏହି ସମସ୍ୟା ସର୍ମ୍ପକରେ ଜନପ୍ରତିନିଧି ଓ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ପ୍ରକାରର ପ୍ରକାରର ପ୍ରତିକାର କରାଯାଉନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

କେରମେଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲାଟୁଟ ଗ୍ରାମରେ ୪ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମରେ ଥିବା ନଳକୂପଗୁଡ଼ିକ ଅଧିକାଂଶ ସମୟରେ ଖରାପ ରହୁଛି। ଯେଉଁ କେତୋଟିରୁ ବାହାରୁଛି ତାହା ଫ୍ଲୋରାଇଡ୍ ଯୁକ୍ତ ପାଣି ହୋଇଥିବାରୁ ପିଇବା ପାଇଁ ଉପଯୋଗୀ ହେଉନାହିଁ। ଫଳରେ ଗାଁଠାରୁ ୨କିମି ଦୂର ଲାନ୍ଥ ନଦୀରେ ବାଲିଚୁଆଁ କରି ଗ୍ରାମର ପୁରୁଷ, ମହିଳାମାନେ ପ୍ରଚଣ୍ଡ ଖରାରେ ପାଣି ସଂଗ୍ରହ କରି ବଡକଷ୍ଟରେ ଆଣୁଛନ୍ତି। ଅନ୍ୟ ସବୁ ଜଳଉତ୍ସ ଶୁଖି ଯାଇଥିବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ମଧ୍ୟ ସେ ପାଣି ବ୍ୟବହାର କରିବାକୁ ପଡୁଛି। ସରକାର ବସୁଧା ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଉଥିବାବେଳେ ତାହା ଲାଟୁଟ ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି। ତେଣୁ ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ସେମାନେ ଚରମ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏ ସର୍ମ୍ପକରେ ସଇଁତଳା ବ୍ଲକ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇତିଶ୍ରୀ ଦେହୁରୀଙ୍କୁ ପଚାରିବାରୁ ବ୍ଲକର ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବା ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲାଟୁଟ ଗ୍ରାମବାସୀ ପାଇପ ଯୋଗେ ପିଇବା ପାଣି ପାଇ ପାରିବେ ବୋଲି କହିଛନ୍ତି। ଉକ୍ତ ଯୋଜନା କେବେ କାର୍ଯ୍ୟକାରୀ ହେବ ଓ ଲାଟୁଟ ଗ୍ରାମବାସୀ ପିଇବା ପାଇଁ ପାଣି ପାଇବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।


ଲାଟୁଟ ଗ୍ରାମର ମହିଳାମାନେ ବାଲିଚୁଆଁରୁ ପାଣି ସଂଗ୍ରହ କରୁଛନ୍ତି।

## ବ୍ଲକର ବିଭିନ୍ନ ଗ୍ରାମରେ ଚୈତ୍ର ଯାତ୍ରା

କୋକସରା,୯।୪
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ମଙ୍ଗଳବାରଠାରୁ ଚୈତ୍ର ଯାତ୍ରା ଆରମ୍ଭ ହୋଇଥିବା ବେଳେ ମା'ଙ୍କ ଆବାହନ ପାଇଁ ଚଳ ଚଞ୍ଚଳ ହୋଇପଡିଛି ସହରଠାରୁ ପଲ୍ଲୀ। ବ୍ଲକର ମହିମା ପଞ୍ଚାୟତ ମହିମା ଗ୍ରାମରେ ରବିବାର ଗ୍ରାମର ଦେବୀ ପୂଝାରୀ ରତନ ପୂଝାରୀ ଘରୁ ପୂଜାର୍ଚ୍ଚନା ପରେ ମା' ଠାକୁରାଣୀ, ମା' ବୁଡେନ, ମା' ପରଦେସେନ, ମା' ମାନପୁରେନ ଦେବୀଙ୍କୁ ଆବାହନ ପରେ କୁଆଁରୀ ଝିଅଙ୍କ ଦେହରେ ମା' ବିରାଜମାନ କରିଥିଲେ। ପରେ ପୂଜକ ତିନି ଘଣ୍ଟକୁ ପୂଜାର୍ଚ୍ଚନା କରି କୁଆଁରୀ ଝିଅମାନେ ଘଣ୍ଟକୁ ମୁଣ୍ଡରେ ସ୍ଥାପନ କରି ଗ୍ରାମ ପରିକ୍ରମା କରିବାକୁ ବାହାରିଥିଲେ। ପ୍ରଥମେ ଗ୍ରାମର ଗୌନ୍ତିଆଙ୍କ ଘରୁ ଘଣ୍ଟଙ୍କୁ ସ୍ୱାଗତ କରି ଦେବୀ ରୂପକ ଘଣ୍ଟକୁ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମରେ ଘଣ୍ଟ ପରିକ୍ରମା କରି ଭୁର୍ଷାଗୁଡା ଓ ମାଲପଡା ତିନି ଦିନ ଧରି ଘଣ୍ଟ ପରିକ୍ରମା କରି ମଙ୍ଗଳବାର ମହିମା ଗ୍ରାମର ମା' ଠାକୁରାଣୀ ମନ୍ଦିରକୁ ତିନି ଘଣ୍ଟ ବିରାଜମାନ କରିଥିଲେ। ଗ୍ରାମର ମା' ଠାକୁରାଣୀ, ମଣ୍ଡଳଭୀମା, କୁନ୍ଦିନୀ ବୁଡି ଦେବଦେବୀଙ୍କୁ ଶୁକ୍ଳ ଭୋଗ ନଡ଼ିଆ ସହ କୁକୁଡ଼ା, ବୋଦା ପାରା ବଳି ଦେଇ ପୂଜାର୍ଚ୍ଚନା କରି ମା'ଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଚୈତ୍ର ଘଣ୍ଟ ଯାତ୍ରାକୁ ଗାଁ ପୂଝାରୀ ରତନ ପୂଝାରୀ, ଦୁର୍ଗା ପୂଝାରୀ, ଶିରା ତୁମ୍ବେଶ୍ୱର ପୂଝାରୀ, ତନୁରାମ ମାଝି, ରୁପଧର କୋଲଥିଆ, ଗୌନ୍ତିଆ ଦିନକୃଷ୍ଣ ପାତ୍ର, ନରିଆ ଗୁଣଧର ଧ. ମାଝି, ରଇତ ଶୋଭା ମାଝି, ସରପଞ୍ଚ ଈଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ସମରଥ ପୂଝାରୀ, ଦେମତୀ ମାଝି, ବିମଳା ମାଝି, ପୂର୍ଣ୍ଣମୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

**WANTED**
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

**WANTED**
Urgently required for our office
Site Engineer (M/F),
Supervisor (M/F),
Marketing Executive (M/F),
Front Office (F) Peon (M),
Lady Caretaker,
Plumber cum Electrician.
For Details Contact or Whatsapp-
9238482524, 9437706594

# ଭାଜପା ଛାଡ଼ିଲେ ରୋହିତ ଦୁର୍ଗା

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)

ଚଳିତ ନିର୍ବାଚନ ପୂର୍ବରୁ ମଙ୍ଗଳବାର କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନମଣ୍ଡଳୀର ଯୁବ ଭାଜପା ନେତା ରୋହିତ ଦୁର୍ଗା ଓ ଜିଲା ସମ୍ପାଦକ ପ୍ରେମନାଥ ନାଏକ ଭାଜପାରୁ ଇସ୍ତଫା ଦେଇଛନ୍ତି। ଏ ନେଇ ମଙ୍ଗଳବାର ଅପରାହ୍ଣରେ ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପଟେ ରୋହିତ ଆସନ୍ତା ସାଧାରଣ ନିର୍ବାଚନରେ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବା ନେଇ ସୂଚନା ଦେଇଛନ୍ତି। ଗତ ୧୦ ବର୍ଷ ହେଲା ରୋହିତ ଓ ୨୫ ବର୍ଷ ହେଲା ପ୍ରେମନାଥ ଭାଜପା ସହିତ ଜଡିତ ଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଜିଲାରେ ୩୩ ଜିଲା ପରିଷଦ ଆସନରେ ଭାଜପା ବିଜୟୀ ହେବା ପଛରେ ରୋହିତଙ୍କ ବଳିଷ୍ଠ ସଙ୍ଗଠନର ହାତ ରହିଥିଲା। ଚଳିତ ନିର୍ବାଚନରେ ସେ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଆଶାୟୀ ରହିଥିଲେ। ହେଲେ ଅସୁସ୍ଥ ଥିବା ସତ୍ତ୍ୱେ ମଧ ଦଳ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକଙ୍କୁ ପୁଣି ଥରେ ଟିକେଟ ଦେଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଦୀପ୍ତ ମୋର ବଡ ଭାଇ ମୁଁ ତାଙ୍କୁ ବିରୋଧ କରୁନାହିଁ, ତାଙ୍କ ନିଷ୍ପତ୍ତିକୁ ମୁଁ ବିରୋଧ କରୁଛି ବୋଲି ସେ କହିଥିଲେ। କାରଣ ସେ ଏହି ନିର୍ବାଚନରେ ଅସୁସ୍ଥ ଥାଇ କେମିତି ପ୍ରଚାର କରିବେ ଓ ଲୋକେ ତାଙ୍କୁ କେମିତି ଗ୍ରହଣ କରିବେ ବୋଲି କହିଥିଲେ। ଚଳିତ ସାଧାରଣ ନିର୍ବାଚନରେ ମୋର ଶୁଭେଚ୍ଛୁଙ୍କ ମାର୍ଗ ଦର୍ଶନ ଓ ପରାମର୍ଶ ନେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବି ଓ ଲୋକେ ମୋତେ ନିଶ୍ଚୟ ଗ୍ରହଣ କରିବେ ବୋଲି ସେ ଆଶାବାଦୀ ରହିଛନ୍ତି। ଖବରଦାତା ସମ୍ମିଳନୀରେ ବିସ୍ଥାପିତ ଦୋକାନୀ ସଂଘର ସମ୍ପାଦକ ଅଶୋକ ଭାଟି, କୋଷାଧ୍ୟକ୍ଷ ସୁଶାନ୍ତ ଯୋଷୀ, ଉପସଭାପତି ବିଶିକେଶନ ବାଗ, ମହାଦେବ ରାଉତ, ପୂର୍ଣ୍ଣ ରାଉତ, ସାମାଜିକ କର୍ମୀ ମୁକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ରୋହିତ ସୂଚନା ଦେଉଛନ୍ତି।

■ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବା ନେଇ ଦେଲେ ସୂଚନା

■ଟିକେଟ ନ ମିଳିବାରୁ ଅସନ୍ତୋଷ ଜାହିର କଲେ

## ଭାଜପା ପୂର୍ବତନ ଜିଲା ସଭାପତି ପ୍ରଭାସ ପାଣିଗ୍ରାହୀଙ୍କ ଇସ୍ତଫା

ବଲାଙ୍ଗୀର,୯।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭାଜପା ପୂର୍ବତନ ଜିଲା ସଭାପତି ପ୍ରଭାସ ପାଣିଗ୍ରାହୀ ପ୍ରଭାସ କୁମାର ପାଣିଗ୍ରାହୀ ଭାଜପାରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରେରଣ କରି ବ୍ୟକ୍ତିଗତ କାରଣରୁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଦୀର୍ଘ ୩୫ ବର୍ଷ ଧରି ସେ ଭାଜପାରେ ରହି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। କିଛିବର୍ଷ ହେଲା ପୂର୍ବତନ ସଭାପତି ପାଣିଗ୍ରାହୀ ଦଳୀୟ କାର୍ଯ୍ୟକ୍ରମ ନେଇ ଅସନ୍ତୁଷ୍ଟ ଥିଲେ। ବିଭିନ୍ନ ସମୟରେ ଦଳର ସାଙ୍ଗଠନିକ କାର୍ଯ୍ୟ ଠିକ୍ ଚାଲି ନ ଥିବା ନେଇ ପ୍ରତିବାଦ ମଧ୍ୟ କରୁଥିଲେ। ତେବେ ଚଳିତ ନିର୍ବାଚନ ପୂର୍ବରୁ ତାଙ୍କର ଇସ୍ତଫା ଦଳକୁ ଧକ୍କା ବୋଲି ଆଲୋଚନା ହେଉଛି। ସୋନପୁର କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବା ପାଣିଗ୍ରାହୀ ପରବର୍ତ୍ତୀ ସମୟରେ ଅଧ୍ୟାପନା ଛାଡି ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେ ଜଣେ ଶିଳ୍ପଦ୍ୟୋଗୀ ଭାବେ ମଧ ପରିଚିତ ଅଛନ୍ତି। ଦଳରୁ ଇସ୍ତଫା ଦେବା ପରେ ପାଣିଗ୍ରାହୀ ବିଜେଡିରେ ସାମିଲ ହେବା ନେଇ ଜୋରସୋର ଚର୍ଚ୍ଚା ହେଉଛି। ଦୀର୍ଘ ୩୫ ବର୍ଷର ସର୍ମ୍ପକ ତୁଟାଇ ସେ ନିର୍ବାଚନ ପୂର୍ବରୁ ବିଜେଡି ଦଳକୁ ଯିବା ନେଇ ହେଉଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିନାହାନ୍ତି। ଦଳର ବରିଷ୍ଠ ନେତାଙ୍କ ସହ ତାଙ୍କର ମତଭେଦ ଏବଂ ଦଳରେ ତାଙ୍କୁ ଉପେକ୍ଷା କରାଯିବାରୁ ସେ ଦଳ ପରିତ୍ୟାଗ କରିଥିବା ଚର୍ଚ୍ଚାର ବିଷୟ ହୋଇଛି।


ପୂର୍ବତନ ଭାଜପା ଜିଲା ସଭାପତି ପ୍ରଭାସ ପାଣିଗ୍ରାହୀ।

**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09**
Advt. No.05/2024
ADDENDUM TO
Advertisement No.05/2024 : Recruitment of P.G.Ts
No.: N-1: In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425
Sd/- Secretary, SSB

# ୧୦ ବର୍ଷର ବିକାଶକୁ ଦେଖି ଲୋକେ ଭୋଟ ଦେବେ'

ବଲାଙ୍ଗୀର, ୯।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଦୀର୍ଘ ୨୪ ବର୍ଷ ରାଜନୈତିକ ଅବହେଳା ପରେ ୨୦୧୪ ମସିହାରେ ବଲାଙ୍ଗୀରବାସୀ ଜଣେ ଲଢୁଆ ଜନପ୍ରତିନିଧିଭାବେ ନରସିଂହ ମିଶ୍ରଙ୍କୁ ନିର୍ବାଚିତ କରିଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଗତ ୧୦ ବର୍ଷ ଧରି ବଲାଙ୍ଗୀର ପ୍ରତ୍ୟେକ କ୍ଷେତ୍ରରେ ବିକାଶ କରିଛି। ସେହି ବିକାଶମୂଳକ କାର୍ଯ୍ୟକୁ ନିରନ୍ତର ଜାରି ରଖିବା ପାଇଁ ବଲାଙ୍ଗୀରବାସୀ ପୁଣି ଥରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ବହୁ ଅଧିକ ପରିମାଣରେ ଭୋଟ ଦେଇ ବିଜୟୀ କରାଇବେ। ବଲାଙ୍ଗୀର ପୌରାଞ୍ଚଳ ୱାର୍ଡ ନମ୍ବର ୩ରେ ମଙ୍ଗଳବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ଏହା କହିଛନ୍ତି ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର । ଏହି କାର୍ଯ୍ୟକ୍ରମରେ ସେଇ ୱାର୍ଡର ପୂର୍ବତନ ବିଜେଡି କାଉନସିଲର ଉପେନ ଦୀପ ଦଳ ଛାଡି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଉପେନ ଦୀପ କଂଗ୍ରେସର ୧୦ବର୍ଷର ବିକାଶ ପ୍ରକ୍ରିୟାକୁ ଜାରି ରଖିବା ପାଇଁ ସେଠାରେ ଶପଥ ନେଇଥିଲେ। ସମାବେଶରେ ବିଧାୟକ ନରସିଂହ ମିଶ୍ର ଏକ ସଶକ୍ତ, ଲଢୁଆ ବିଧାୟକ ନିର୍ବାଚିତ କଲେ ହିଁ ଅଞ୍ଚଳର ପୂର୍ଣ୍ଣାଙ୍ଗ ବିକାଶ ହୋଇଥାଏ। ତେଣୁ ଆପଣମାନେ ନିଶ୍ଚିତ ଭାବେ କଂଗ୍ରେସ ଦଳର ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କୁ ବିଧାନସଭା ପଠାଇ ଅଞ୍ଚଳର ବିକାଶରେ ସହାୟକ ହେବେ ବୋଲି ଜନସାଧାରଣଙ୍କ ବିଧାୟକ ମିଶ୍ର ଆହ୍ୱାନ ଦେଇଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ଥାନୀୟ ରାଜପରିବାରକୁ ବିକାଶ ବିରୋଧୀ ବୋଲି କହି ସମାଲୋଚନା କରିଥିଲେ। ବିଜେଡି ରାଜନେତା ମାନଙ୍କ ଷଡଯନ୍ତ୍ର ଯୋଗୁ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ, କୃଷି ବିଶ୍ୱବିଦ୍ୟାଳୟ ତଥା କୌଣସି କୃଷିଭିତ୍ତିକ ଶିଳ୍ପ ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇ ପାରିଲା ନାହିଁ ବୋଲି ଅଭିଯୋଗ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରାଜ ନାଗ, ରୁପେଶ ନାଗ, ସନ ନାଗ, ବରିଷ୍ଠ ନାଗରିକ ଅମୂଲ୍ୟ ଛତ୍ରିଆ, ଅନୀଲ ନାୟକ ମଞ୍ଚାସୀନ ହୋଇଥିଲେ।


କଂଗ୍ରେସ ନେତୃବର୍ଗଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ବିଜେଡି ପୂର୍ବତନ କାଉନସିଲର ଉପେନ ଦୀପ।

■ବିକାଶ ପାଇଁ ଲଢୁଆ ବିଧାୟକ ଦରକାର: ନରସିଂହ

■ପୂର୍ବତନ ବିଜେଡି କାଉନସିଲର ଉପେନ ଦୀପ କଂଗ୍ରେସରେ ଯୋଗଦେଲେ

# ମହିଳା ଗୋଷ୍ଠୀ ମଦ କୋଠି ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ


ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

କୋକସରା,୯।୪
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମଲ ଗ୍ରାମର ୫/୬ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସୋମବାର କୋକସରା ଥାନାର ଦ୍ୱାରସ୍ଥ ହୋଇ ମଦ କୋଠି ବନ୍ଦ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଗାଁରେ ଥିବା ଦେଶୀ ମଦ କୋଠି ସହ ବିଦେଶୀ ମଦ ବିକ୍ରି ବନ୍ଦ କରିବା ସହ ମଦ ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପୋଲିସ ଥାନା ଆଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୁନାମାଲ ଗ୍ରାମର ମା' ତୁଳସୀ ଗ୍ରୁପ, ମା' ଦୁର୍ଗା ଏସଏଚଜି ଗ୍ରୁପ, ମା' ମଙ୍ଗଳା ଏସଏଚଜି ଗ୍ରୁପ, ମାନ ପୁରିଆଣି ଏସଏଚଜି ଗ୍ରୁପ, ମା' ଗାୟତ୍ରୀ ଏସଏଚଜି ଗ୍ରୁପ ସଭାପତି, ସମ୍ପାଦିକା ଓ ଶତାଧିକ ସଦସ୍ୟା କୋକସରା ଥାନାର ଦ୍ୱାରସ୍ଥ ହୋଇ ମଦ କୋଠି ବନ୍ଦ କରିବାକୁ ପୋଲିସ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ସୂଚନା ଯେ, ଗାଁରେ ଦେଶୀ ମଦ କୋଠି ସହ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ପରିବାରର ପୁରୁଷ, ଯୁବକ ଏପରିକି ସ୍କୁଲରେ ପଢୁଥିବା ଛାତ୍ରମାନେ ମଦ ପିଇବା ଅଭ୍ୟାସରେ ପଡୁଛନ୍ତି। ନିଶାଶକ୍ତ ହୋଇ ଗାଁରେ ଅରାଜକତା, ବିଶୃଙ୍ଖଳା ଓ ମହିଳା ଝିଅ ବୋହୁଙ୍କୁ ଟାହି ଟାପରା କରୁଥିବା ଅଭିଯୋଗ ହେଉଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207
**କାର୍ଯ୍ୟର ନାମ :** ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରାମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 11,62,361.69, EMD / ବିଡ୍ ସୁରକ୍ଷା ଜମା (₹) : 23,300.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରି ହେବା ତାରିଖ ଠାରୁ 06 (ଛଅ) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.04.2024 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-11/P/24-25

यूनियन बैंक ऑफ इंडिया — Union Bank of India
भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **"ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ"** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖରେ** ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ବାଲୁଗାଁ ଶାଖା, ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ, ପିତା: ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀକାନ୍ତ ଦାସ, ପିତା: ଚିନ୍ତାମଣୀ ଦାସ, ୪) ଶ୍ରୀ ବିଶ୍ୱଜିତ୍ ଦାସ, ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | ୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧:** ଶ୍ରୀ ରଜନୀ କାନ୍ତ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
**ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | ୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୨:** ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଚୁଣୀ, ସା/ପୋ: ଭବାନୀପୁର, ନାଚୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
**ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-**

**ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଲିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, ୩) ଶ୍ରୀ ବସନ୍ତ ଚିନେରା, ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | ୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୩:** ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
**ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ**

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧ୍ୟାନ କରନ୍ତୁ।

ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଅଭିଲାସ



@ ଦୀପକ



@ ରିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କିଙ୍ଗସ ଏକାଦଶଙ୍କୁ ହରାଇ ୟଙ୍ଗ ଫାଇଟର ଫାଇନାଲରେ

**ଅମରପାଲି,୯।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଖେଳ ପଡିଆରେ ହେଉଥିବା ପ୍ରଥମ ବହଳପଦର ପ୍ରିମିଅର ଲିଗ କ୍ରିକେଟର ଦ୍ୱିତୀୟ ସେମିଫାଇନାଲରେ କିଙ୍ଗସ ଏକାଦଶକୁ ହରାଇ ୟଙ୍ଗ ଫାଇଟର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ୟଙ୍ଗ ଫାଇଟର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୪ ଉଇକେଟ ହରାଇ ୧୫୦ ରନ କରିଥିଲା। ଦଳର ବିନୋଦ ଗର୍ଡିଆ ୩୨ ବଲ ରୁ ୮୧ ରନ ଓ ବାବୁଲୁ ମାଝୀ ୧୬ ବଲରୁ ୪୪ ରନ କରିଥିଲା। କିଙ୍ଗସ ଏକାଦଶର ଅନିଲ ଭୁକ୍ତା ୩ ଟି ଉଇକେଟ ନେଇଥିଲେ। ଜବାବରେ କିଙ୍ଗସ ଏକାଦଶ ୪.୨ ଓଭର ରେ ସମସ୍ତ ଉଇକେଟ ହରାଇ ୩୬ ରନ କରି ପରାସ୍ତ ହୋଇଥିଲା। ଦଳର ନିରୋଦ ମହାକୁର ୧୬ ରନ କରିଥିଲେ।



ବିଜୟୀ ୟଙ୍ଗ ଫାଇଟର ଦଳର ଖେଳାଳି।

**ପ୍ରଥମ ବହଳପଦର ପ୍ରିମିଅର ଲିଗ କ୍ରିକେଟ**

ବିପକ୍ଷ ୟଙ୍ଗ ଫାଇଟରର ରୀତିକ ସାହୁ ଓ ଜିତୁ ସେଠୀ ୨ ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟୀ ଦଳର ବିନୋଦ ଗର୍ଡିଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ବବୁନ ନନ୍ଦ ଓ ଟୁଟୁ ମହାକୁର ଅମ୍ପାୟାର ଅଜିତ ପଧାନ ସ୍କୋରର ଏବଂ ଲଳିତ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧୁବାର ଦିନ ଫାଇନାଲ ମ୍ୟାଚ କିଙ୍ଗ କୋବ୍ରା ଓ ୟଙ୍ଗ ଫାଇଟର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଜିଲାପାଳଙ୍କ ମତଦାନ କେନ୍ଦ୍ର ପରିଦର୍ଶନ

**ତରଭା,୯।୪(ମାନଭଞ୍ଜନ ମିଶ୍ର)**

ଆଗକୁ ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲାରେ ମତଦାତାମାନେ ଯେପରି ଅଧିକ ସଂଖ୍ୟାରେ ମତଦାନ କେନ୍ଦ୍ରକୁ ଆସି ସୁରୁଖୁରୁରେ ତଥା ବ୍ୟବସ୍ଥିତ ଭାବେ ନିଜ ନିଜର ମତଦାନକୁ ସାବ୍ୟସ୍ତ କରିପାରିବେ ସେଥିପାଇଁ ଜିଲା ପ୍ରଶାସନ ତରଫରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି। ମଙ୍ଗଳବାର ଜିଲାପାଳ ଅନ୍ୟା ଦାସ ଜିଲାର ତରଭା ବ୍ଲକ ଡୁବୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରାପିଟା, ଶିବତୁଳା ଗ୍ରାମ ପଞ୍ଚାୟତସ୍ଥିତ ଶିବତୁଳା ବୁଥ, ସରଗଛ ପଞ୍ଚାୟତ ଅନ୍ତର୍ଗତ ଶିଳାଟିମୁଣ୍ଡା, ଘାଟକଇଁତରା ଗ୍ରାମ ପଞ୍ଚାୟତର ଘାଟକଇଁତରା ପ୍ରାଥମିକ ସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାକୁ ଥିବା ମତଦାନ କେନ୍ଦ୍ରଗୁଡିକ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ତଥା ବୁଥଗୁଡିକର ଆବଶ୍ୟକ ଭିତ୍ତିଭୂମି ଓ ପ୍ରସ୍ତୁତିର ଯାଞ୍ଚ କରିଛନ୍ତି। ଜିଲାପାଳ ଦାସ ପରିଦର୍ଶନ ସମୟରେ ପ୍ରତ୍ୟେକ ବୁଥରେ ମତଦାନ ଦିନ ପାନୀୟଜଳ, ଆଶ୍ରୟସ୍ଥଳ, ବିଶ୍ରାମ କକ୍ଷ, ଶୌଚାଳୟ, ଆଲୋକ ବ୍ୟବସ୍ଥା, ଭିନ୍ନକ୍ଷମ ମତଦାତାଙ୍କ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ୮୦ ବର୍ଷରୁ ଊର୍ଦ୍ଧ୍ୱ ମତଦାତାଙ୍କ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ସହ ପାରିପାର୍ଶ୍ୱିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ବୁଥ ପରିଦର୍ଶନ ସମୟରେ ଉପଜିଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଅନିଲ କୁମାର କୁଲୁଙ୍କ ସହ ସମ୍ପୃକ୍ତ ବିଏଲଓ ତଥା ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

# କନ୍ଦଳ ନାହିଁ, ଏକାଠି ଲଢ଼େଇ

**ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ବରଗଡ଼ ଜିଲାରେ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ଏଥିରୁ ଜିଲାର ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟ ବାଦ୍ ପଡ଼ିନାହିଁ। ଏଠାରେ ଭାଜପା ପୁରୁଖା ନେତାଙ୍କୁ ବାଦ୍ ଦେଇ ଦଳକୁ ନବାଗତ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ଏହି ଆସନ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଦୀର୍ଘଦିନରୁ ଆଶାୟୀ ଥିବା କିଛି ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଏହା ବ୍ୟଥିତ କରିଛି। ଗତ କିଛିଦିନ ତଳେ ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେଭଳି ଆଶାୟୀଙ୍କ ମଧ୍ୟରେ ରହିଥିବା ଭରତ ବେହେରା, ଉର୍କୁଲୁ ତାଣ୍ଡିଙ୍କ ସମେତ ଦଳର ମହିଳା ନେତ୍ରୀ ସୁନନ୍ଦା ମେହେର ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଏପରିକି ମହାନନ୍ଦଙ୍କୁ ସେମାନେ ସମର୍ଥନ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ମାତ୍ର ମଙ୍ଗଳବାର ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ୭ ମଣ୍ଡଳ ସଭାପତି ସେହି କାର୍ଯ୍ୟକର୍ତ୍ତାଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ଭାଜପାରେ କୌଣସି କନ୍ଦଳ ନାହିଁ, ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଏକାଠି ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇ ଦଳୀୟ ପ୍ରାର୍ଥୀ ମହାନନ୍ଦଙ୍କ ବିଜୟ ପାଇଁ ଲଢ଼େଇ କରୁଥିବା କହିଛନ୍ତି।

ଖବରଦାତା ସମ୍ମିଳନୀରେ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ମଣ୍ଡଳ ସଭାପତି ସୁରେନ୍ଦ୍ର ସ୍ୱାଇଁ, ଭୀମସେନ ମଲ୍ଲିକ, ପୁଷ୍ପକ ଗାଇଗରିଆ, ଧନେଶ୍ୱର ମେଣ୍ଡଲୀ, ଦୀପକ ପ୍ରଧାନ, ସଦାଶିବ ପ୍ରଧାନ, ପଞ୍ଚାନନ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଦଳ ଅତାବିରା ଆସନ ପାଇଁ ଜଣେ ଲଢୁଆ ନେତା ଭାବେ ଜଣାଶୁଣା ନିହାର ରଞ୍ଜନ ମହାନନ୍ଦଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଛାଡ଼ିଛି ଏବଂ ତାଙ୍କୁ ସମସ୍ତେ ସମର୍ଥନ କରୁଛନ୍ତି ବୋଲି କହିଥିଲେ। ଏହାସହିତ ଏଥର ଏହି ନିର୍ବାଚନ ମଣ୍ଡଳୀରେ ଭାଜପାର ବିଜୟ ନିଶ୍ଚିତ ଏବଂ ଏଥିରେ ଅନ୍ୟ ଦଳ ଭୟଭୀତ ହୋଇ ନାନା ଷଡ଼ଯନ୍ତ୍ର ରଚୁଥିବା ସେମାନେ କହିଥିଲେ। ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶଧାରା ଉପରେ ଲୋକେ ଆକର୍ଷିତ ଅଛନ୍ତି ଏବଂ ନିର୍ବାଚନ ମଣ୍ଡଳୀର ସବୁଠି ଏଥର ଭାଜପା ପ୍ରତି ଅଧିକ ସମର୍ଥନ ରହିଛି ବୋଲି ସେମାନେ କହିଥିଲେ। ଦଳରେ କିଛି କନ୍ଦଳ ନାହିଁ, ସାମାନ୍ୟ ଭୁଲ ବୁଝାମଣା ଯୋଗୁ କିଛି ଦଳୀୟ କାର୍ଯ୍ୟକର୍ତ୍ତା ଖବରଦାତା ସମ୍ମିଳନୀରେ ପ୍ରାର୍ଥୀ ବିରୋଧରେ ସେଭଳି ବିରୋଧାଭାସ କରିଥିଲେ ବୋଲି ସେମାନେ କହିଥିଲେ।

# ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଅବସରରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଜିଲା ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରକୁ ଏସ୍‌ପି ୟଶପ୍ରତାପ୍ ଶ୍ରୀମାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସହରସ୍ଥିତ ଘୋଡାଘାଟପଡାର ଦମ୍ପତି ଅଞ୍ଜଳି ପାଣିଗ୍ରାହୀ ଓ ତ୍ରିଲୋଚନ ପ୍ରଥମେ ରକ୍ତଦାନ କରି ନୂଆ ଓ ମହିଳା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।




**୫୦ ୟୁନିଟ୍ ରକ୍ତ ସଂଗ୍ରହ**

ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର କୁମାର ନାୟକ, ରକ୍ତଦାତା ସଂଘର ମନୋଜ ପଣ୍ଡା, ଅର୍ପିତା ପଟ୍ଟନାୟକ, ବିଶ୍ୱ ବନ୍ଦିତା ପଟ୍ଟନାୟକ, ସୁଭାସିନୀ ପଧାନ, ଶୁଭଶ୍ରୀ ଦାଶ, ସଙ୍ଗୀତା ପାତ୍ର ଓ ସନ୍ଧ୍ୟା ବାଗ୍ ପ୍ରମୁଖ ରକ୍ତଦାନ କରି ଏସ୍‌ପିଙ୍କ ଠାରୁ ସମ୍ମାନିତ ହୋଇଥିଲେ। ରିଜର୍ଭ ଇନ୍ସପେକ୍ଟର ସରୋଜ ବେହେରା, ଜିଲା ହାବିଲଦାର-କନଷ୍ଟେବଲ ସଂଘ ସଭାପତି ଦୀନେଶ ମିଶ୍ର, ହାବିଲଦାର ସନ୍ତୋଷ ପାତ୍ର, କୃତିବାସ ମିଶ୍ର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

**WANTED**
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

**WANTED**
Urgently required for our office
Site Engineer (M/F),
Supervisor (M/F),
Marketing Executive (M/F),
Front Office (F) Peon (M),
Lady Caretaker,
Plumber cum Electrician.
For Details Contact or Whatsapp-
9238482524, 9437706594


**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09**
Advt. No.05/2024
**ADDENDUM TO**
**Advertisement No.05/2024 : Recruitment of P.G.Ts**
**No.: N-1:** In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425 — Sd/- Secretary, SSB

# ଦି ଇଲାଇଟ ଇଲେଭେନ ଚାମ୍ପିୟନ

**ଅମରପାଲି,୯।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁରଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଖେଳପଡିଆରେ ହେଉଥିବା ଦ୍ୱିତୀୟ ଖଣ୍ଡହତା ପ୍ରିମିଅର ଲିଗ କ୍ରିକେଟର ଫାଇନାଲରେ ଡ୍ରାଗନ ଆଟାକରର୍ସଙ୍କୁ ହରାଇ ଦି ଇଲାଇଟ ଇଲେଭେନ ଦଳ ଚାମ୍ପିୟନ ହୋଇଛି। ମ୍ୟାଚରେ ଦି ଇଲାଇଟ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ କରିଥିଲା।

**ଦ୍ୱିତୀୟ ଖଣ୍ଡହତା ପ୍ରିମିଅର ଲିଗ କ୍ରିକେଟ**

ଜବାବରେ ଡ୍ରାଗନ ଆଟାକରର୍ସ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୭୨ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ତଥା ବୀରମହାରାଜପୁର ଭାଜପା ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା ମୁଖ୍ୟଅତିଥି ଏବଂ ଜିଲା ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାସ, କମିରା ସରପଞ୍ଚ ପ୍ରତିନିଧି ସପନ ପ୍ରଧାନ, କ୍ରୀଡ଼ାବିତ ରାମପ୍ରସାଦ କର୍ଣ୍ଣ ଓ ଶରତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଦି ଇଲାଇଟ ଇଲେଭେନ ଦଳର ଅଜିତ ଦାସ ମ୍ୟାନ ଅଫ ଦି ଫାଇନାଲ ଓ ସିରିଜ, ରଞ୍ଜନ ବେହେରା ଶ୍ରେଷ୍ଠ ବ୍ୟାଟସ ମ୍ୟାନ, କାହ୍ନୁ ସାହୁଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଦି ଇଲାଇଟ ଇଲେଭେନ ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅଫ ଡ୍ରାଗନ ଆଟାକରର୍ସ ଦଳକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରାଜେଶ କର୍ମୀ ଓ ଲମ୍ବୋଦର କୁନକୁନା ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସୁଶିଲ ପାଣ୍ଡେ ସ୍କୋରିଂ ଏବଂ ରାଜୀବ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସେମିଫାଇନାଲରେ ଆଶ୍ରେଗାଁ ବିଜୟୀ

**ଖୁଣ୍ଟିଗୋରା ୯।୪ (ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ଉଡ଼େର ଗ୍ରାମର ଖେଳପଡ଼ିଆରେ ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ରାତ୍ରି କାଳୀନ ମା' ମେଟାକାନୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଗ୍ରାମର ମୁଖିଆ ପୀତାମ୍ବର ଭୋଇ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଖେଳରେ ଲଣ୍ଡାଗାଁ ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୬ ଓଭର ଖେଳରେ ୪ ଉଇକେଟ ହରାଇ ୪୫ ରନ କରିଥିଲା। ଜବାବରେ ଦେଓଗାଁ ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୩୮ ରନ କରି ପରାଜୟ ବରଣ କରିଥିଲା। ସେମିଫାଇନାଲରେ ଖୁଣ୍ଟିଗୋରା ଦଳ ଟସ୍ ଜିତି ପ୍ରଥମ



**ମା' ମେଟାକାନି କ୍ରିକେଟ ଟୁର୍ନାମେଣ୍ଟ**

ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୩୭ ରନ କରିଥିଲା। ଜବାବରେ ଆଶ୍ରେଗାଁ ଦଳ ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ବିନିମୟରେ ୩୮ ରନ କରି ବିଜୟୀ ହୋଇଥିଲା। ଖେଳରେ କନ୍ଧମାଳ ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅଞ୍ଚଳର ଆଦିବାସୀ ନେତା ପୀତାମ୍ବର ଭୋଇ, ସମାଜସେବୀ ସୁଧୀର ସାହୁ, ଶିକ୍ଷାବିତ୍ ରୀତିବନ୍ତ ସାହୁ, ପବିତ୍ର ଭୋଇ, ମକରନ୍ଦ ସାହୁ, ବଂଶୀଧର ମାଝୀ, ଶିମ୍ପିରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଲମ୍ବୋଦର ବେହେରା, ସନୁ ପୂଜାରୀ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ବାରିକ ଓ ପ୍ରଦୀପ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଭକ୍ତ ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।


**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207
**କାର୍ଯ୍ୟର ନାମ :** ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରୋମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 11,62,361.69, **EMD / ବିଡ୍ ସୁରକ୍ଷା ଜମା (₹) :** 23,300.00, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.04.2024 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-11/P/24-25


**यूनियन बैंक ऑफ इंडिया / Union Bank of India**
भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

## ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **"ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ"** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖରେ** ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାଲୁଗାଁ ଶାଖା, ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) **ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ,** ପିତା: ରଜନୀ କାନ୍ତ ଦାସ, **୩) ଶ୍ରୀ ରଜନୀକାନ୍ତ ଦାସ,** ପିତା: ଚିନ୍ତାମଣୀ ଦାସ, **୪) ଶ୍ରୀ ବିଶ୍ୱଜିତ୍ ଦାସ,** ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | **୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭** ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧ : ଶ୍ରୀ ରଜନୀ କାନ୍ତ ଦାସଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
**ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) **ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ,** ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | **୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩** ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୨ :** ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଚୁଣୀ, ସା/ପୋ: ଭବାନୀପୁର, ନାଚୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
**ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-**

**ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) **ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ,** ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଲିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **୩) ଶ୍ରୀ ବସନ୍ତ ଚିନେରା,** ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | **୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/-** ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୩: ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ** (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
**ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧାନ କରନ୍ତୁ।

ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ଯୁବକ ଗିରଫ

କୋକସରା,୯।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ପୋଡୁ ଚାଷ ପାଇଁ ନିଆଁ ଲଗାଇବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ହେଲେ କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତବର୍ତ୍ତୀ ବାରଲୀ ଅଞ୍ଚଳର ମିନୁ ରାମ ଯାନୀ (୪୦)। ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ପୋଡୁ ଚାଷ ପାଇଁ ନିଆଁ ଲଗାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ଚଢ଼ାଉ କରି ରାମଙ୍କୁ ଘଟଣାସ୍ଥଳରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

କୋମନା,୯।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ଗ୍ରାମପଞ୍ଚାୟତ ଜେଠୁପାଲି ବୋଲବମ କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର ଅପରାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା, ପୁରୁଷ ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ଗୁରୁମାଜୋରକୁ ଯାଇ ସେଠି ପୂଜାର୍ଚ୍ଚନା କରି ପୂର୍ଣ୍ଣକଳସ ପାଣି ଆଣି ସ୍ଥାପନା କରିଥିଲେ। ଏଥିରେ ନୂଆପଡ଼ାର ଜେଠୁପାଲି, ଟିକ୍ରାପଡ଼ା ଦାନଝଲା ବଘାମୁଣ୍ଡା, କଟିଙ୍ଗପଦର ବଲାଙ୍ଗୀର ପେପେଲଡବର, ଗରିବନ୍ଦର ଡେନ୍ଦୁପଦର ଓ କଳାହାଣ୍ଡିର ଭଏଁର ମାଲ ଏମିତି ୮ଟି ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିବେ। କର୍ତ୍ତା ଭାବେ ଫାଲ୍ଗୁନି ରାଉତ ଓ ତାଙ୍କ ପତ୍ନୀ ଦାୟିତ୍ୱ ତୁଲାଇବେ। ବୁଧବାର ସକାଳ ୮.୪୫ରେ ନାମ ଆରମ୍ଭ ହେବ ଓ ଆସନ୍ତା ଶନିବାର ସକାଳ ୮.୪୬ରେ ପୂର୍ଣ୍ଣାହୁତି ହେବ।

### ଘଟ ରୂପରେ ଦର୍ଶନ ଦେଲେ ମା' ଠାକୁରାଣୀ

କୋକସରା,୯।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲ ପଞ୍ଚାୟତ ପାଣି ଗାଁଠାରେ ଚୈତ୍ର ଯାତ୍ରା ପାଳିତ ହୋଇଯାଇଛି। ଏହି ଅସରରେ ମା' ଠାକୁରାଣୀଙ୍କୁ ଗ୍ରାମ୍ୟ ପୂଜକ ଦିଲୀପ କୁମାର ଧରୁଆ ଆବାହନ କରିବା ପରେ ମା' ଠାକୁରାଣୀଙ୍କ ଘଟ କୁଆଁରୀ କନ୍ୟା ମୁଣ୍ଡରେ ସ୍ଥାପନ କରି ଗାଁ ଗୌନ୍ତିଆ ସୁଦାମ ପ୍ରଧାନୀ, ଗଣ୍ଡା ପଞ୍ଚାନନ ବାଗଙ୍କ ଘରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ଘଟ ପାଣିଗାଁ ଗ୍ରାମ ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ସମୟରେ ଗାଁ ଦାଣ୍ଡରେ ଝୋଟି ଦେଇ ମହୁଲ ଫୁଲ, ଧୂଆଁ, ନଡ଼ିଆ, ଧୂପ ଦୀପ ଜାଳି ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ ଗ୍ରାମବାସୀ। ଗ୍ରାମର ମିନିକେତନ ପ୍ରଧାନୀ, ନିରଞ୍ଜନ ପ୍ରସାଦ ବାଗ, ଭାସ୍କର ପ୍ରଧାନୀ, ଶାରଳା ପ୍ରଧାନୀ, କ୍ଷମାନିଧି ପଟ୍ଟନାୟକ, ସୀମାଞ୍ଚଳ ପଟ୍ଟନାୟକ, କୁଶଧଜ ନାଏକ ପ୍ରମୁଖ ଚୈତ୍ର ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

### ଶିବ ପୁରାଣ ପାରାୟଣ ପାଇଁ କଳସ ଯାତ୍ରା



କର୍ଲାମୁଣ୍ଡା,୯।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଜାନୀପଡାଠାରେ ମଙ୍ଗଳବାର ମା' ତାରିଣୀଙ୍କ ଯାତ୍ରା ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ବୁଧବାରଠାରୁ ହେବାକୁ ଥିବା ଶିବ ପୁରାଣ ପାରାୟଣ ପାଇଁ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଞ୍ଜା ଜାନୀପଡା ବାସୀ ଆୟୋଜନ କରିଥିବା ବେଳେ ପୂଜକ ଭୋଳା ତ୍ରିପାଠୀ, ଯଜ୍ଞକର୍ତ୍ତା ଅନ୍ତ ସାହୁ ଓ ସୁରେଖା ସାହୁ, ତାରିଣୀ ପୂଜା କର୍ତ୍ତା ମୁରଲୀ ପୁଟେଲ ଓ ରାଏମତି ପୁଟେଲ, ଶରଦ ଜାନୀ ଓ ଗୁଲ୍ଲୁ ଜାନୀ, ଯଜ୍ଞ ସଭାପତି ସମ୍ପଦ ପାଣିଗ୍ରାହୀ, ପାରାୟଣ ଗାୟକ ଭାବେ ସୁନୀଲ କୁମାର ମିଶ୍ର ପ୍ରମୁଖ ରହିଛନ୍ତି। ବୁଧବାରଠାରୁ ପାରାୟଣ ଆରମ୍ଭ ହୋଇ ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୁତି ହେବାକୁ ଥିବା ଆୟୋଜକ କମିଟି କହିଛନ୍ତି।

# ବିପଦସଙ୍କୁଳ ଘରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

## ଲାଞ୍ଜିଗଡ଼ ତହସିଲ

■ବିପଦରେ କର୍ମଚାରୀ, ରେକର୍ଡପତ୍ର ସୁରକ୍ଷିତ ନେଇ ପ୍ରଶ୍ନବାଚୀ

ଲାଞ୍ଜିଗଡ଼,୯।୪(ରମେଶ ଚନ୍ଦ୍ର ନାୟକ)



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତହସିଲ ଅନ୍ତର୍ଗତ ସବୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଭଙ୍ଗାଦଦରା ହୋଇ ପଡିରହିଛି। ନଙ୍ଗଲବେଡାଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେଲା ବିପଦସଙ୍କୁଳ ଘୋଷଣା କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ନୂତନ କାର୍ଯ୍ୟାଳୟ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ବିଶ୍ୱନାଥପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବାରମ୍ବାର ମରାମତି ସତ୍ତ୍ୱେ ଅବସ୍ଥା ସୁଧୁରୁ ନ ଥିବାରୁ ପୁରୁଣା ତହସିଲ କାର୍ଯ୍ୟାଳୟରେ ଏହା କାର୍ଯ୍ୟ ଚାଲୁଛି। ସେହିପରି ସ୍ଥାନାଭାବରୁ ବିଜେପୁର ଓ ବନ୍ଧପାରି ଦୁର୍ଗମ ଅଞ୍ଚଳର ରାଜସ୍ୱ କାର୍ଯ୍ୟାଳୟ ମଧ୍ୟ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ପୁରୁଣା ତହସିଲ କାର୍ଯ୍ୟାଳୟରେ ଚାଲୁଥିବାବେଳେ ବିଜେପୁର ଓ ବନ୍ଧପାରି ଅଞ୍ଚଳର ଲୋକେ କୌଣସି କାର୍ଯ୍ୟ ପାଇଁ ୪୦ କି.ମି. ଦୂର ବିଶ୍ୱନାଥପୁର ଦୌଡୁଛନ୍ତି। ଲାଞ୍ଜିଗଡରୋଡଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଆଜି ପର୍ଯ୍ୟନ୍ତ ଏହାର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜାରାଜୁଡା ଅମଳରୁ ଜମିଜମା ରେକର୍ଡ ସଂରକ୍ଷଣ ସହିତ ଜମିଜମା ବନ୍ଦୋବସ୍ତରେ ଏହି ତହସିଲ କାର୍ଯ୍ୟାଳୟ ଆଗୁଆ ଥିବାବେଳେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ତହସିଲର ବିଭିନ୍ନ ରାଜସ୍ୱ ଗାଁରେ ତହସିଲ ସେବା ପହଞ୍ଚାଇବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜମି ଓ ରେକର୍ଡପତ୍ର ସଂରକ୍ଷଣ ଦାୟିତ୍ୱରେ ଥିବା ଲାଞ୍ଜିଗଡ ତହସିଲ ଅଞ୍ଚଳରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡିକର ଦୁର୍ଦ୍ଦଶା ଦେଖିଲେ ଆଖିକୁ ବିଶ୍ୱାସ ଲାଗୁନାହିଁ। କଳାହାଣ୍ଡି ଜିଲା ତହସିଲ ପକ୍ଷରୁ ଗାଁ ଗାଁରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ପ୍ରୟାସ ରହିଥିଲା। ଏହି ପରିପ୍ରେକ୍ଷୀରେ ୨୦୨୧ ଜୁନ ୧୮ରେ ଲାଞ୍ଜିଗଡ ବ୍ଲକରେ ଗୋଟିଏ ଦିନରେ ଭଟାଙ୍ଗପଦର ଓ ମୁଷାନାଳଠାରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କ ଦ୍ୱାରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିବା ବେଳେ ଭଟାଙ୍ଗପଦର ନୂତନ କାର୍ଯ୍ୟାଳୟରେ କାର୍ଯ୍ୟ ଚାଲୁଥିବା ବେଳେ ମୂଷାନାଳ ନୂତନ କାର୍ଯ୍ୟାଳୟ ଆଜି ପର୍ଯ୍ୟନ୍ତ ହସ୍ତାନ୍ତର ହୋଇନାହିଁ। ଫଳରେ ବିଶ୍ୱନାଥପୁରରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟ ଚାଲିଛି। ଫଳରେ ବିଜେପୁର, ମୂଷାନାଳ, ବନ୍ଧପାରି ଲୋକେ ବିଶ୍ୱନାଥପୁର ଦୌଡୁଛନ୍ତି। ଯେଉଁଠି ରାଜସ୍ୱ ନିରୀକ୍ଷକ ଓ କାର୍ଯ୍ୟାଳୟ ସୁରକ୍ଷିତ ନୁହେଁ ସେଠି ଲୋକଙ୍କ ଜମିଜମାର ରେକର୍ଡପତ୍ର କେତେଦୂର ସୁରକ୍ଷିତ ରହିଥିବା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବର୍ତ୍ତମାନ ଲାଞ୍ଜିଗଡ଼ ତହସିଲଦାର କିରଣ କୁମାର ମହାନ୍ତି ଓ ରାଜ୍ୟ ସରକାର ତଥା ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସଂସ୍କାର ଭାରତୀ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ




ହିନ୍ଦୁ ନବବର୍ଷ ଉପଲକ୍ଷେ ଆୟୋଜିତ ଶୋଭଯାତ୍ରା।

ରୁପ୍ରାରୋଡ୍,୯।୪(ସଞ୍ଜୀବ ଦାସ)

କଳାହାଣ୍ଡି ସଂସ୍କାର ଭାରତୀ ପକ୍ଷରୁ ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡଠାରେ ହିନ୍ଦୁ ନବବର୍ଷକୁ ସ୍ୱାଗତ ତଥା ଅଭିନନ୍ଦନ ଜଣାଇବାକୁ ଯାଇ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୭୦୦ଜଣ କଳାକାରଙ୍କୁ ନେଇ ସଂକୀର୍ତ୍ତନ, ଘୁମୁରା ବାଦ୍ୟ ସହ ରାମଲୀଳାର ଚରିତ୍ର ମାଧ୍ୟମରେ ବଲବସପୁର ଶିବମନ୍ଦିର, ରୁପ୍ରାରୋଡ ଦୁର୍ଗା ମନ୍ଦିର, ଜଗନ୍ନାଥ ମନ୍ଦିର, ଦେବସର ମନ୍ଦିର, ଗାୟତ୍ରୀ ମନ୍ଦିର ଓ ସରସ୍ୱତୀ ଶିଶୁ ମନ୍ଦିର ଯାଏଁ ନଗର କୀର୍ତ୍ତନ, ହରିବୋଲ ଓ ହୁଳହୁଳି ଧ୍ୱନିରେ ସାରା ନଗର ପ୍ରକମ୍ପିତ ହୋଇଥିଲା। ଏଥିରେ ଉତ୍କଳ ପଶ୍ଚିମପ୍ରାନ୍ତ ଅଧ୍ୟକ୍ଷ ପ୍ରଭାସ ମିଶ୍ର, କଳାହାଣ୍ଡି ଜିଲା ସଭାପତି ଭାଗିରଥି ବେହେରା, ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରମୋଦ ପରିଡ଼ା ସହ ବହୁ ସଂଖ୍ୟାରେ ସଂସ୍କାର ଭାରତୀ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ନବବର୍ଷ ସମସ୍ତଙ୍କ ଜୀବନରେ ନୂଆଁ ଉର୍ଜା, ନୂତନ ସମ୍ଭାବନା, ସୁଖଶାନ୍ତି ଏବଂ ସମୃଦ୍ଧି ଭରିଦେଉ ବୋଲି ଉପସ୍ଥିତ କର୍ମକର୍ତ୍ତା ଜଣାଇଥିଲେ।

# କଂଗ୍ରେସର ବାଇକ୍ ରାଲି, ନିର୍ବାଚନୀ ସଭା



ଆୟୋଜିତ ଶୋଭଯାତ୍ରାରେ କଂଗ୍ରେସ ଏମ୍‌ପି ପ୍ରାର୍ଥିନୀ ଏବଂ ବିଧାୟକ ପ୍ରାର୍ଥୀ।

ଲାଞ୍ଜିଗଡ଼,୯।୪(ରମେଶ ଚନ୍ଦ୍ର ନାୟକ)

## ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଲେ ଏମ୍‌ପି, ବିଧାୟକ ପ୍ରାର୍ଥୀ

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ପରେ ଏବେ ୩ ପ୍ରମୁଖ ଦଳ ଏବେ ସମରସଜ୍ଜା ଆରମ୍ଭ କରିଛନ୍ତି। ଏହିକ୍ରମରେ ମଙ୍ଗଳବାର କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମାଲିଜୁବାଙ୍ଗ ପଞ୍ଚାୟତ ମାଲିଜୁବାଙ୍ଗଠାରେ ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ବାଇକ୍ ରାଲି ସହିତ ଏକ ନିର୍ବାଚନୀ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ବେନଗାଁ ପଞ୍ଚାୟତ ପେଙ୍ଗସୁରଠାରୁ ଶତାଧିକ କଂଗ୍ରେସ କର୍ମୀ ଏକ ବାଇକ ରାଲିରେ ବାହାରି ବିଜେପୁର କନକଦୁର୍ଗା ମନ୍ଦିରକୁ ଯାଇ ଏମ୍‌ପି ପ୍ରାର୍ଥିନୀ ଏବଂ ବିଧାୟକ ପ୍ରାର୍ଥୀ ମା' କନକଦୁର୍ଗାଙ୍କ ଏବଂ ମାଲିଜୁବାଙ୍ଗଠାରେ ମା' ଠାକୁରାଣୀଙ୍କ ଆଶୀର୍ବାଦ ଗ୍ରହଣ କରି ମାଲିଜୁବାଙ୍ଗଠାରେ ଏକ ସଭାର ଆୟୋଜନ କରି କଂଗ୍ରେସ ନିଜର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହିତ ଦଳୀୟ କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରଖିବାକୁ ପ୍ରୟାସ କରିଛି। ମାଲିଜୁବାଙ୍ଗଠାରେ ଅନୁଷ୍ଠିତ ସଭାରେ ଦଳର କଳାହାଣ୍ଡି କଂଗ୍ରେସ ଲୋକ ସଭା ପ୍ରାର୍ଥିନୀ ଦ୍ରୌପଦୀ ମାଝି, କଂଗ୍ରେସ ବିଧାୟକ ପ୍ରାର୍ଥୀ ବଳଭଦ୍ର ମାଝି ଯୋଗଦେଇ ଜନସାଧାରଣଙ୍କୁ ଉଦବୋଧନ ଦେବା ସହିତ ୨୦୨୪ ନିର୍ବାଚନରେ ଦଳ କିପରି ବିପୁଳ ପରିମାଣରେ ବିଜୟ ଲାଭ କରିବା ପାଇଁ ଲଢିବାକୁ ଓ ପ୍ରଚାର କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ପରିପେକ୍ଷୀରେ ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀଙ୍କ ସହିତ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଲାଞ୍ଜିଗଡ଼ କଂଗ୍ରେସ ଯୁବ ସଭାପତି ଭୀମସେନ ନାଏକ, ଇଂ.ଫକୀର ମୋହନ ମାଝି, ଗୋବିନ୍ଦ ପ୍ରଧାନୀ, ଶିଶିର ପୂଝାରୀ, ସନ୍ତୋଷ ତୁଲ, ଗୋପାଳ ଦାସ ମହାନନ୍ଦ, ଉଦ୍ଧବ ମାଝି, ଉଦ୍ଧବ ନାଏକ, ଗଣେଶ ବେହେରା, ଡମବୁଡ଼ା ମାଝି ପ୍ରମୁଖ କର୍ମୀ ଯୋଗଦେଇଥିଲେ। ସ୍ଥାନୀୟ ଜନସାଧାରଣ ବିପୁଳ ସ୍ୱାଗତ କରିଥିବାବେଳେ କଂଗ୍ରେସର କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଭାଜପା ଓ ବିଜେଡିର ଅନେକ କର୍ମୀ ଏହି ସଭା ମାଧ୍ୟମରେ ଯୋଗଦେଇଥିଲେ।

# ଲୋକଦୃଷ୍ଟି କଲେଜର ବାର୍ଷିକ ଉତ୍ସବ ପାଳିତ

ଖଡ଼ିଆଲ,୯।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଲ ଲୋକଦୃଷ୍ଟି କଲେଜର ୧୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଅବନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକଦୃଷ୍ଟି ଚେୟାରମ୍ୟାନ ମେଜର ଡ. ରାମଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ ବଳଭଦ୍ର ମହାନ୍ତି, ଡ. ଫଣିନ୍ଦମ ସିଂଦେଓ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ହରିଶ ବରର୍ତ୍ତି ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୁକଲ ଡାଏରୀ ପୁସ୍ତକ ଉନ୍ମୋଚନ ପରେ ପ୍ରାଧ୍ୟାପକ ସାମୁଏଲ ଦାନୀ ସମୀକ୍ଷା କରିଥିଲେ। ଅଧ୍ୟକ୍ଷ ତାପସ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହା ପରେ ଦେବଦାସ, ଅମୂଲ୍ୟ ପଟ୍ଟନାୟକ, ପ୍ରୟାଗଦତ୍ତ ଯୋଷୀ, କପିଳ ନାରାୟଣ ତିୱାରୀ, ନିକୁଞ୍ଜ ପାଣିଗ୍ରାହୀ, ଜଗବନ୍ଧୁ ଦାସ ସ୍ମୃତି ସ୍ମାରକୀ ମାନପତ୍ର ଓ ଅର୍ଥ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଶ୍ୱେତା ମହାପାତ୍ରଙ୍କ ଧନ୍ୟବାଦ ଅର୍ପଣ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭାଜପା ପ୍ରଚାର କାର୍ଯ୍ୟ ଜୋର୍



ଶୋଭାଯାତ୍ରାରେ ଭାଜପା ପ୍ରାର୍ଥୀ ଓ କର୍ମୀ।

ନୂଆପଡ଼ା,୯।୪(ମକାରୁ ବେମାଲ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜିଲାରେ ପ୍ରଚାର ସେତେ ଜୋର ଧରିଛି। ଭାରତୀୟ ଜନତା ପାର୍ଟି ନିଜର ଦଳୀୟ କର୍ମୀଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ମଙ୍ଗଳବାର ଭାଜପା ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଦଳୀୟ କର୍ମୀଙ୍କ ସହ ଖରିଆର ରୋଡ ଶିବ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଏକ ବିଶାଳ ପଟୁଆରରେ ବାଇକ ରାଲିରେ ବାହାରି ନୂଆପଡା ପହଞ୍ଚିଥିଲା। ନୂଆପଡା ଏକତା ଛକରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କୋମନା ଅଭିମୁଖେ ବାହାରି ଥିଲେ। ନୂଆପଡାଠାରେ ଭାଜପା ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଇ ଏକ ରୋଡ ଶୋ କରାଯାଇଥିଲା। ଅଭିନନ୍ଦନ ପାଇଁ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ନୂଆପଡା ସଦର ମହକୁମାରେ ରୋଡ ଶୋ ପରେ ଶତାଧିକ କାର, ବାଇକରେ କୁରୁମପୁର, ପଳସିପାଣି, ବାଞ୍ଜିବାହାଲ, ବଞ୍ଜାରୀ, ଧରମପୁର, ତରବୋଡ, ଉଦ୍ୟାନବନ୍ଧ, କ୍ରିଷ୍ଣା ଦେଇ ଟିକ୍ରାପଡା ଗାଁଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା କରି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଭୋଟରଙ୍କୁ ଅବଗତ କରିବା ସହ ଡବଲ ଇଞ୍ଜିନ ସରକାର ଗଠନ ହେବ ବୋଲି କହିଥିଲେ।

# ଗଣ୍ଡାବାହାଲିରେ ମା' ତାରିଣୀଙ୍କ ଚୈତ୍ର ପର୍ବ



ତାରିଣୀପୀଠରେ ପୂଜା କରାଯାଉଛି।

ସିନାପାଲି,୯।୪(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ତାରିଣୀପୀଠରେ ଆନନ୍ଦଉଲ୍ଲାସର ମା'ତାରିଣୀଙ୍କ ଚୈତ୍ର ପର୍ବ ପାଳିତ ହୋଇଯାଇଛି। ବହୁ ଦୂରଦୂରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ମାନସିକ ପୂରଣ ହେଇଥିବା ଶ୍ରଦ୍ଧାଳୁମାନେ ବିଭିନ୍ନ ଜିନିଷ ମା'ଙ୍କଠାରେ ଅର୍ପଣ କରୁଛନ୍ତି। ଏହି ଅବସରରେ ପୂଜକ ଭାବେ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ଖମାରୀ ପୂଜା ତୁଲାଇଥିଲେ। ଯଜ୍ଞକର୍ତ୍ତା ତୁଳସୀରାମ ମେହେର ଓ କୌଶଲ୍ୟା ମେହେର କାର୍ଯ୍ୟ ତୁଲାଇଥିଲେ। ସକାଳ ୮ଟାରୁ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ ହେବା ସହିତ ତାରିଣୀ ମନ୍ଦିର ପରିଚାଳନା କମିଟି ଦ୍ୱାରା ଅନ୍ନଭୋଗର ଆୟୋଜନ ହେଇଥିଲା। କାର୍ଯ୍ୟକ୍ରମ ବୁଟୁଲୁ ମେହେର, ଅର୍ଜୁନ ମେହେର, ତୁଳସୀ ରାମ ମେହେର, ପ୍ରେମଲାଲ ଅଗ୍ରୱାଲ, ଜଗବନ୍ଧୁ ମେହେର, ଡମ୍ବରୁଧର ମେହେର, ମନୋଜ ମେହେର, ପୀତବାସ ମେହେର, ନିଶାକାନ୍ତ ମେହେର, ପବିତ୍ର ମେହେର ସହଯୋଗ କରିଥିଲେ।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ଼, ହତ୍ୟା ଧମକ

## ସିସିଟିଭି ଫୁଟେଜରେ କଏଦ ହେଲା ଦୃଶ୍ୟ

ଭବାନୀପାଟଣା,୯।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ବାଲାଜୀ ମନ୍ଦିର ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ରଜତ ବେହେରା(୩୫) ନାମକ ଜଣେ କର୍ମଚାରୀଙ୍କୁ ସ୍ଥାନୀୟ ଆଇନଜୀବୀ କ୍ଷିରୋଦ ନେଗୀ ଓ ତାଙ୍କ ସାଥି ମାଡ ମାରିବା ସହ ହତ୍ୟା ଧମକ ଦେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏପରି କି ମାଡ ମାରିବା ଘଟଣାର ସମସ୍ତ ଫୁଟେଜ ମଧ୍ୟ ସିସିଟିଭିରେ କଏଦ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ରଜତ ପେଟ୍ରୋଲ ପମ୍ପ ଟଙ୍କା ହିସାବ କରି ଘରକୁ ବାହାରିବା ସମୟରେ ସ୍କୁଟିରେ ଆଇନଜୀବୀ ନେଗୀ ଓ ତାଙ୍କ ସାଥି ଆସି ଜୋର ଜବରଦସ୍ତି ପମ୍ପ ଅଫିସ ଭିତରକୁ ପଶିଥିଲେ। ଏହାପରେ ସେମାନେ ରଜତଙ୍କୁ




ଛୁରୀ ଦେଖାଇ ଆକ୍ରମଣ କରିବା ସହ ମାଡ ମାରିଥିବା ଓ ହତ୍ୟା ଧମକ ଦେଇଥିବା ନେଇ ରଜତ ଥାନାରେ ଅଭିଯୋଗ କରିଛନ୍ତି। ଏପରିକି କ୍ଷିରୋଦଙ୍କ ମାଡରେ ରଜତ ଗୁରୁତର ଆହତ ହୋଇଥିବା ମଧ୍ୟ ଦର୍ଶାଇଛନ୍ତି। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଟାଉନ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ସମ୍ପୃକ୍ତ ଆଇନଜୀବୀ ଫେରାର ଥିବା ନେଇ ପ୍ରକାଶ କରିଛନ୍ତି।

# ଦଣ୍ଡପାଟର ୬୨ ମୌଜାରେ ବିହନ ଛିନା ପର୍ବ

ବେହେରା,୯।୪(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟର ୬୨ ମୌଜାରେ ମଙ୍ଗଳବାର ବିହନ ଛିନା ପର୍ବ ପାଳିତ ହୋଇଯାଇଛି। ବିହନ ଛିନା ହେଉଛି ଏହି ଅଞ୍ଚଳର ପ୍ରଥମ କୃଷି ଭିତ୍ତିକ ପର୍ବ। ଏହି ପର୍ବକୁ କୃଷି ଅନୁକୂଳ ପର୍ବ ମଧ୍ୟ କୁହାଯାଏ। ଏହି ପର୍ବର ପୂର୍ବ ଦିନ ମଧୁ ଅମାବାସ୍ୟା ପଡିଥାଏ। ଉକ୍ତ ରାତ୍ରିରେ ପୂଜାରୀ ନରିଆ, ଗ୍ରାମର ଗଣ୍ଡା ଓ କେତେକ ରଇତ(ପ୍ରଜା)ଙ୍କ ସହ ଗ୍ରାମ ବାହାରେ ଥିବା ଧାର୍ନି ମାତାଙ୍କ ପୀଠକୁ ଯାଇଥାନ୍ତି। ଉକ୍ତ ପୀଠରେ ମାଟି ମାତାଙ୍କୁ ଘୁଷୁରୀ ବଳି, ପଣ୍ଡରା ଭିମାଙ୍କୁ ପଣ୍ଡରା ବୋଦା, ଧାର୍ନି ମାତାଙ୍କୁ ଖଏଁରା ଛେଳି, କିମ୍ବା ମେଣ୍ଢା ସମେତ ଡାଣ ଘୁର, ବାଗ ଡୁମା ଦେବଦେବୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ବଳି ପ୍ରଦାନ କରି ପୂଜାରୀ



ଘରଧିରୁ ସାଙ୍ଗରେ ନେଇ ଥିବା ବିହନଙ୍କୁ ସମର୍ପଣ କରି କିଛି ବିହନ ଉକ୍ତ ପୀଠରେ ପୂଜାରୀ ବୁଣି ଥାନ୍ତି। ବିହନ ନାନା ଉପଦ୍ରବରୁ ରକ୍ଷା କରିବା ପାଇଁ ଉକ୍ତ ରାତି ପୂଜାରୀ ପୀଠ ମଧ୍ୟରେ ହିଁ ଜଗି ରହିଥାନ୍ତି। ପର ଦିନ ଚୈତ୍ର ଶୁକ୍ଳ ପ୍ରତିପଦା ସନ୍ଧ୍ୟାରେ ଗ୍ରାମର ସମସ୍ତ ରଇତ ନିଜ ବୋଲ ବଦନି ନେଇ ପହଞ୍ଚିଥାନ୍ତି ଉକ୍ତ ଧାର୍ନି ମାତାଙ୍କ ପୀଠରେ। ଯାହା ବି ମାତାଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ, ଘରକୁ ନ ଆଣି ଉକ୍ତ ସ୍ଥାନରେ ହିଁ ରନ୍ଧନ କରି ରଇତମାନେ ପ୍ରସାଦ ରୂପେ ଭକ୍ଷଣ କରିଥାନ୍ତି। ପରେ ଗ୍ରାମର ପୂଜାରୀ ରଇତମାନଙ୍କୁ ଶୁଭ ବିହନ ପ୍ରଦାନ କରିଥାନ୍ତି ଓ ନରିଆ ବିହନ ଗ୍ରହଣକାରୀଙ୍କ ପୀଠିରେ କାଦୁଅ ଲତା ମରିଥାଏ। ବିହନ ଗ୍ରହଣ ସରିବା ପରେ ପୂଜାରୀଙ୍କୁ ଗ୍ରାମର ସମସ୍ତ ରଇତମାନେ ବାଜା, ନିଶାଣ ବଜାଇ ହର୍ଷଉଲ୍ଲାସ ସହିତ ପୂଜାରୀଙ୍କ ତାଙ୍କ ଘରକୁ ପାଛୋଟି ଆଣିଥାନ୍ତି। ବିହନ ଛିନା ପର୍ବ କୃଷି ଅନୁକୂଳ ପାଇଁ ହେଲେ ମଧ୍ୟ ଏହା ଦ୍ୱାରା ଗ୍ରାମରେ ଭାଇଚାରା ବୃଦ୍ଧି ସହ ଗ୍ରାମୀୟ ଏକତାକୁ ମଜଭୁତ କରିଥାଏ।

# ଗାର୍ଡ ଅଫ୍ ଅନର ସହ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ନୂଆପଡ଼ା,୯।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଧରମବନ୍ଧା ଗାଁ ମାଝିପଡାର ଆଇଆରବି ଯବାନଙ୍କ ପ୍ରାର୍ଥିବ ଶରୀର ତାମିଲନାଡୁରୁ ମଙ୍ଗଳବାର ସକାଳେ ଗାଁରେ ପହଞ୍ଚିଛି। ଏହି ପରିପେକ୍ଷୀରେ ଗ୍ରାମବାସୀ ନୂଆପଡା ଏକତା ଛକଠାରୁ ଧରମବନ୍ଧା ଗାଁ ପର୍ଯ୍ୟନ୍ତ ଏକ ବାଇକ ରାଲି କରିଥିଲେ। ଯବାନ ପ୍ରମୋଦ ମାଝି ଅମର ରହେ, ଭାରତମାତା କି ଜୟ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା। ଗାଁରେ ଯବାନଙ୍କ ପ୍ରାର୍ଥିବ ଶରୀର ପହଞ୍ଚିବା ପରେ ଲୋକେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଘର ସମ୍ମୁଖକୁ ଯାଇଥିଲେ। ସେଠାରେ ଶେଷ ଦର୍ଶନ ପରେ ଅନ୍ତିମ ସଂସ୍କାର ପାଇଁ ଗାଁ ମଶାଣିକୁ ନିଆଯାଇଥିଲା। ପୋଲିସ ଓ ଆଇଆରବି ଯବାନମାନଙ୍କ ଦ୍ୱାରା ଗାର୍ଡ ଅଫ ଅନର ଦିଆଯାଇ ପରିବାର ବର୍ଗ ପକ୍ଷରୁ



ଗାର୍ଡ ଅଫ୍ ଅନର ଦିଆଯାଉଛି।

ମୁଖାଗ୍ନି ଦିଆଯାଇଥିଲା। ଏହି ସମୟରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ନୂଆପଡା ବିଧାୟକ ତଥା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା, ଆଦିବାସୀ ନେତା ଘାସିରାମ ମାଝି, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, କମଲ ଠାକୁର, ସ୍ଥାନୀୟ ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ଭକ୍ତବନ୍ଧୁ ଧରୁଆ, ଧର୍ମେଶ ଜୈନ, ସତୀଶ ଜୈନ ପ୍ରମୁଖ ସାମିଲ ହୋଇ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସୂଚନା ଯେ, ଯବାନ ପ୍ରମୋଦ ମାଝି ନିର୍ବାଚନୀ ଡିଉଟିରେ ତାମିଲନାଡୁରେ କାର୍ଯ୍ୟରତ ଥିଲେ। କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଯବାନଙ୍କୁ ସ୍ଥାନୀୟ ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚାଷୀଙ୍କୁ ଭୁଆଁ ବୁଲାଉଛି ପ୍ରଶାସନ

- ରବି ଧାନ ଫସଲ ଅମଳ ଉପନୀତ, ମିଳିନି ଖରିଫ କ୍ଷତିପୂରଣ
- ୨୪ ଘଣ୍ଟାର ମହଲତ ଦେଲା ଭେଡ଼େନ ବ୍ଲକ କୃଷକ ସଙ୍ଗଠନ
- କ୍ଷତିପୂରଣ ସହାୟତା ନ ମିଳିଲେ ଦାୟୀ ରହିବ ପ୍ରଶାସନ

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆଉ କିଛିଦିନ ପରେ ରବିଋତୁ ଧାନ ଅମଳ ଆରମ୍ଭ ହେବ। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଗତ ଖରିଫ ଫସଲକ୍ଷତିର କ୍ଷତିପୂରଣ ସହାୟତା ମିଳିନାହିଁ। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ମଙ୍ଗଳବାର ଭେଡ଼େନ ବ୍ଲକର ଚାଷୀମାନେ ସ୍ଥାନୀୟ ତହସିଲଦାର ଜି. ବର୍ଗେଙ୍କୁ ଫେରାଦ ହୋଇଥିଲେ। କ୍ଷତିପୂରଣ ସହାୟତା ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅପହଞ୍ଚ ହେବା ନେଇ ପ୍ରଶ୍ନ କରିଥିଲେ। ଏ ନେଇ ସନ୍ତୋଷଜନକ ଉତ୍ତର ନ ପାଇବା ପରେ ଚାଷୀମାନେ ଖରିଫ ଫସଲକ୍ଷତିର ତଥ୍ୟ ଉପସ୍ଥାପନ ଦାବି କରିଥିଲେ। ତାହା ମଧ୍ୟ ଚାଷୀଙ୍କୁ ତତ୍କାଳ ପ୍ରଦାନ କରାଯାଇ ନ ଥିଲା ଏବଂ ବୁଧବାର ସୁଦ୍ଧା ସେ ନେଇ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିଥିଲା। ତେବେ ବୁଧବାର ସୁଦ୍ଧା ସେ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚାଷୀମାନେ ସତର୍କ କରି ଦେଇଥିବା ଜଣାପଡ଼ିଛି ।

ପ୍ରକାଶ ଯେ, ଗତ ଖରିଫ ଋତୁରେ ଚାଷୀଙ୍କ ଧାନ ଫସଲ ଭଲ ହୋଇଥିଲା। ମାତ୍ର ଧାନ ଅମଳ ସମୟରେ ଅଦିନିଆଁ ବର୍ଷା ହେବା ଯୋଗୁ ବ୍ୟାପକ କ୍ଷତି ହୋଇଥିଲା। ଉଭୟ କଟାଧାନ ଏବଂ କ୍ଷେତରେ ରହିଥିବା ଧାନ ନଷ୍ଟ ହୋଇଥିଲା। ଚିରାଚରିତ ଢ଼ଙ୍ଗରେ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ। ସେତେବେଳେ ଜିଲାରେ ୪୧ହଜାର ହେକ୍ଟର ଜମିରେ ୩୩ ପ୍ରତିଶତରୁ ଧାନ ଫସଲ ପ୍ରଭାବିତ ହୋଇଥିବା ପ୍ରଶାସନ ଆକଳନ କରିଥିଲା। କିନ୍ତୁ କ୍ଷତିପୂରଣ ସହାୟତା କଥା ଉଠିଲେ, ସେଥିପ୍ରତି ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି । କଟା ହୋଇଥିବା ଧାନ ଏବଂ କ୍ଷେତରେ ଠିଆ ହୋଇଥବା ଧାନକୁ ଆଳ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତାରୁ ବଞ୍ଚିତ କରାଯିବା ପାଇଁ ମସୁଧା ଚାଲିଥିବା ଭେଡ଼େନ ବ୍ଲକ କୃଷକ ସଙ୍ଗଠନ ଅଭିଯୋଗ କରିଛି। ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭରୁ ବୀମା କ୍ଷତିପୂରଣ ପାଇଁ ଆଗତୁରା ବୀମା ପ୍ରିମିୟମ ଜମା କରୁଛନ୍ତି, ମାତ୍ର ଫସଲକ୍ଷତି ସମୟରେ ସେଭଳି ଟାଳଟୁଳ ନୀତି କରାଯିବାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘଦିନ ଧରି ଚାଷୀଙ୍କ ଧାରଣା ଚାଲିଥିବାବେଳେ ଭେଡ଼େନରେ ମଧ୍ୟ ଚାଷୀ ଆନ୍ଦୋଳନ ତେଜି ଉଠିଥିଲା।

କିନ୍ତୁ ଏପର୍ଯ୍ୟନ୍ତ ଭେଡ଼େନ ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ମିଳିପାରିନାହିଁ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ଚାଷୀମାନେ ଗତ ଖରିଫରେ ହୋଇଥିବା ଫସଲକ୍ଷତି ବାବଦକୁ ରିପୋର୍ଟ ପ୍ରଦାନ ଦାବିରେ ତହସିଲଦାରଙ୍କୁ ଫେରାଦ ହୋଇଥିଲେ। ମାତ୍ର ଆଉ କିଛିଦିନ ପରେ ରବିଋତୁ ଧାନ ଅମଳ ଆରମ୍ଭ ହେବାକୁ ଥିବାବେଳେ ତହସିଲଦାର ତତ୍କାଳ ଖରିଫ ଫସଲକ୍ଷତି ଆକଳନ ରିପୋର୍ଟ ଚାଷୀଙ୍କୁ ପ୍ରଦାନ କରିବାରେ ବିଫଳ ହେବାକୁ ନେଇ ନାନା ସନ୍ଦେହ ଉପୁଜିଛି। ଏଥିରୁ ଚାଷୀଙ୍କ ପ୍ରତି ପ୍ରଶାସନର ଆନ୍ତରିକତା କେତେ ରହିଛି, ତାହା ବାରି ହୋଇ ପଡ଼ିଛି ବୋଲି ଭେଡ଼େନ ବ୍ଲକ କୃଷକ ସଙ୍ଗଠନର ଚାଷୀ ପ୍ରତିନିଧିମାନେ କହିଛନ୍ତି। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଦି କ୍ଷତିପୂରଣ ସହାୟତାରୁ ବଞ୍ଚିତ କରାଗଲେ ଚାଷୀମାନେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି କୃଷକ ସଙ୍ଗଠନ ଚେତାବନୀ ଦେଇଛି । ଭେଡ଼େନ ବ୍ଲକ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ନିର୍ମଳ ଦୀପ, ସୁଧାଂଶୁ ଦୀପ, କୁନା ପ୍ରଧାନଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ତହସିଲଦାରଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

# ଦୁର୍ଘଟଣାରେ ଯବାନ ମୃତ
## ଅଞ୍ଚଳରେ ଶୋକାକୁଳ ପରିବେଶ

ବରପାଲି,୯।୪( ଚିତ୍ତରଞ୍ଜନ ସାହୁ)

ବଜାରକୁ ରାଶନ ସାମଗ୍ରୀ ପାଇଁ ଯାଇଥିବା ବେଳେ ଏକ କାର୍ ଧକ୍କା ଦେବାରୁ ଜଣେ ଯବାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ଜିଲା ବରପାଲି ଥାନା ବାଗବାଡ଼ି ଗ୍ରାମର ଅରୁଣ ବେହେରା(କୁନା)। କୋରାପୁଟ ଜିଲା ତେନ୍ତୁଳିଖୁଣ୍ଟି କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅରୁଣ ଭାରତୀୟ ରିଜର୍ଭ ବାଟାଲିୟନରେ ଯୋଗଦେଇ କୋରାପୁଟ ଜିଲାର ତେନ୍ତୁଳିଖୁଣ୍ଟି କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ସେ ମେସ୍ ଦାୟିତ୍ୱରେ ଥିବାରୁ ନିକଟସ୍ଥ ନାରାୟଣପାଟଣାକୁ ରାସନ ସାମଗ୍ରୀ ପାଇଁ ଯାଇଥିବା ବେଳେ ଏକ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ନିଜ ଗ୍ରାମ ବରପାଲି ବ୍ଲକ ବାଗବାଡିକୁ ଅଣାଯାଇଥିଲା। ବରପାଲି ବଲାଙ୍ଗୀର ଜାତୀୟ ରାଜପଥର କେନାଲ ଛକରୁ ଗ୍ରାମର ଯୁବକମାନେ ଏକ ବାଇକ ଶୋଭାଯାତ୍ରାରେ ମୃତଦେହକୁ ଗ୍ରାମକୁ ନେଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ୩ବର୍ଷର ପୁଅ ମୁଖାଗ୍ନି ଦେଇଥିଲେ। ଖବର ପାଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ ପ୍ରମୁଖ ବାଗବାଡ଼ିରେ ପହଞ୍ଚି ମୃତକଙ୍କ ପରିବାରକୁ ଶାନ୍ତ୍ୱନା ଦେଇଥିଲେ। ଅରୁଣଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଯବାନଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଉଛି।

## ସଂକ୍ଷେପରେ

### ହିନ୍ଦୁ ନବବର୍ଷ ପାଳିତ

**ପଦ୍ମପୁର,୯।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସତ୍ୟ ନାରାୟଣ ସାହା ଦୀପ ପ୍ରଜ୍ୱଳନ କରି ହିନ୍ଦୁ ନବବର୍ଷର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ହରି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ବିଦ୍ୟା ମନ୍ଦିର ପରିସରରେ ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ହିନ୍ଦୁ ନବବର୍ଷ ଉପରେ ଉଦ୍‌ବୋଧନ ଦେଇଥିଲେ। କଲ୍ୟାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଆହତ ହରିଣକୁ ଉଦ୍ଧାର କଲା ବନ ବିଭାଗ



**ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବନ ବିଭାଗ ମଙ୍ଗଳବାର ସକାଳେ ସହର ଉପକଣ୍ଠ ଟେଙ୍ଗନାନାଲି ନିକଟରୁ ଆହତ ଅବସ୍ଥାରେ ଏକ ହରିଣକୁ ଉଦ୍ଧାର କରିଛି। ହରିଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ପାଣି ଅନ୍ୱେଷଣରେ ଆସିଥିବାବେଳେ କୌଣସି ଗାଡି ଧକ୍କାରେ ଆହତ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଆହତ ହରିଣର ଚିକିତ୍ସା ଚାଲିଛି। ସୁସ୍ଥ ହେବା ପରେ ତାକୁ ଡେବ୍ରିଗଡ ଅଭୟାରଣ୍ୟରେ ଛାଡି ଦିଆଯିବ ବୋଲି ରେଞ୍ଜ ଅଫିସର ଆରତୀ ନେଗୀ କହିଛନ୍ତି। ସୂଚନା ଅନୁଯାୟୀ, ପାଣି ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁ ମୁହାଁ ହୋଇଛନ୍ତି। ଏହି କ୍ରମରେ ଆହତ ହରିଣ ଡେବ୍ରିଗଡ ଅଭୟାରଣ୍ୟରୁ ବରଗଡ଼ ମୁଖ୍ୟ କେନାଲ ବାହାରିଥିବା ହୀରାକୁଦ ଜଳଭଣ୍ଡାରର ଜିରୋ ପଏଣ୍ଟ ନିକଟକୁ ପାଣି ପିଇବା ପାଇଁ ଆସି ଜଳସ୍ରୋତରେ କିଛିଦୂର ଆସିବା ପରେ କେନାଲ ହିଡ ଦେଇ ରାସ୍ତା ଉପରକୁ ଆସିଥିବା ଏବଂ ସେଠାରେ କୌଣସି ଗାଡି ତାକୁ ଧକ୍କା ଦେଇଥିବା ବନ ବିଭାଗ ଅନୁମାନ କରାଯାଉଛି। ଗତ କିଛିଦିନ ତଳେ ଅଚେତ ଅବସ୍ଥାରେ ପଡିଥିବା ଅନ୍ୟ ଏକ ହରିଣକୁ ଉଦ୍ଧାର କରାଯାଇଥିଲା ବୋଲି ରେଞ୍ଜ ଅଫିସର ନେଗୀ କହିଛନ୍ତି।

# କଳସ ଶୋଭାଯାତ୍ରା ସହ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

ସୋହେଲା,୯।୪(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ସ୍ଥିତ ମା' ଗୌରୀ ଦେବୀ ମନ୍ଦିରରେ ମଙ୍ଗଳବାର ଚୈତ୍ର ନବରାତ୍ର ବାସନ୍ତୀକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶହ ଶହ ମହିଳାଙ୍କ ସମେତ କର୍ତ୍ତା ଦିନେଶ କୁମାର ଠାକୁର ଏବଂ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ସ୍ଥାନୀୟ ପୂର୍ଣ୍ଣୀବନ୍ଧରୁ ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଶୋଭାଯାତ୍ରାକୁ ଲୋକମାନେ ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି, କଳସ, ଦୀପ ଜାଳି ସ୍ୱାଗତ କରିଥିଲେ। ଏଥିରେ ଘଣ୍ଟବାଦ୍ୟ, ନମୋଗୁରୁ, ଦୁଲଦୁଲି ବାଦ୍ୟ ଦଳ ସାମିଲ ହୋଇଥିଲେ। ପ୍ରକାଶ ଚନ୍ଦ୍ର ଦେବତା, ମହମ୍ମଦ ରଫିକ, ପ୍ରମୋଦ ଦେବତା, ଗିର୍ଜେଶ ଖାଡଙ୍ଗା, ଲଳିତ ଅଗ୍ରୱାଲ, ଭଗବାନ ବାରିକ, ହିମାଂଶୁ ସାହୁ, ଯୁଧିଷ୍ଠିର ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚଳିତ ବର୍ଷ ପଣ୍ଡିତ ଟିକେଶ୍ୱର ମହାପାତ୍ର, ସଦାନନ୍ଦ ଷଡଙ୍ଗୀ, ସରୋଜ ଦେବତା, ରବି ନାରାୟଣ ଦେବତା, ସୁମନ୍ତ ପାଣିଗ୍ରାହୀ, ଦୁର୍ଗା ଦେବତା, ପ୍ରଫୁଲ୍ଲ ମିଶ୍ର ପୂଜକ ଦାୟିତ୍ୱରେ ରହିଛନ୍ତି। ହୃଷୀକେଶ ମହାପାତ୍ର, ମନ ମହାପାତ୍ର, ସୁଦାମ ମହାପାତ୍ର, ଅରବିନ୍ଦ ପଶାୟତ ସହଯୋଗ କରୁଛନ୍ତି । ଆସନ୍ତା ୧୨ ତାରିଖରୁ ତିନିଦିନ ଧରି କ୍ଷୁଦ୍ର ନାଟକ କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟର ୬ଟି ଅନୁଷ୍ଠାନ ନାଟକ ପରିବେଷଣ କରିବେ। ୧୫ ଓ ୧୬ତାରିଖରେ ପାରାୟଣ ଏବଂ ୧୭ରେ କୀର୍ତ୍ତନ ଧାରା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ପଦ୍ମପୁରରେ ଆଜିଠୁ ବାସନ୍ତିକ ନବରାତ୍ର ଦୁର୍ଗାପୂଜା

ପଦ୍ମପୁର,୯।୪ (ପ୍ରଦୀପ୍ତ ଦାଶ)

ପଦ୍ମପୁରର ପ୍ରସିଦ୍ଧ ମା' ବନଦୁର୍ଗା ଦେବୀଙ୍କ ପୀଠରେ ବୁଧବାରଠାରୁ ବାସନ୍ତୀକ ନବଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହେବ। ରୀତିବିଧି ଓ ପରମ୍ପରା ଅନୁସାରେ ପ୍ରତ୍ୟହ ଚଣ୍ଡୀହୋମ ସହ ଚଣ୍ଡୀ ହବନ କରାଯିବ। ଏହାସହ ମା'ଙ୍କ ଧୂପ, ଦୀପ, ନୈବେଦ୍ୟରେ ଆରତୀ ସହ ପୁଷ୍ପାଞ୍ଜଳି ଅର୍ପଣ, ମିଷ୍ଟାନ୍ନ ଭୋଗ ପୂର୍ବକ ପୂଜା ଅନୁଷ୍ଠିତ ହେବ। ଆସନ୍ତା ୧୮ତାରିଖରେ ବାଳଭୋଗ, ଅପରାଜିତା ପୂଜା ଓ ପୂର୍ଣ୍ଣାହୁତି ସହ ଘଟ ବିସର୍ଜିତ ହେବ ବୋଲି ପୂଜା କମିଟି ସଭାପତି ଡଃ ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଏବଂ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ, ପଣ୍ଡିତ ଗିରିଶ ଚନ୍ଦ୍ର ହୋତା ଚଣ୍ଡୀପାଠ, ପଣ୍ଡିତ ଅଶୋକ ପଣ୍ଡା ଓ ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ, ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା, ଲକ୍ଷ୍ମୀ ନାରାୟଣ ମନ୍ଦିର ପୂଜକ ଉଦୟ ନାରାୟଣ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଏଥିରେ ଅନିଲ କୁମାର ବେହେରା ଓ ସ୍ତ୍ରୀ ସୁଦେଷ୍ଣା ବେହେରା ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇବେ ବୋଲି ସୂଚନା ପ୍ରଦାନ କରାଯାଇଛି।

# କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ

ପଦ୍ମପୁର,୯।୪ (ପ୍ରଦୀପ୍ତ ଦାଶ)

ପଦ୍ମପୁରର ମେହେର କବି ସ୍ମୃତି ପରିଷଦ ଆନୁକୂଲ୍ୟରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ସକାଳେ ପରିଷଦ ପକ୍ଷରୁ ରାଜବୋଡାସମ୍ବର ହାଇସ୍କୁଲ ସମ୍ମୁଖ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ପରିଷଦ ସଭାପତି ଡ. ପ୍ରମୋଦ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଅଞ୍ଚଳ କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟ ଅତିଥି, ଭଟଲି କଲେଜର ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସ୍ୱଭାବ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ରୋହିତ ମେହେର କବିଙ୍କ ସ୍ମୃତିଚାରଣ କରିଥିବା ବେଳେ ସମ୍ପାଦକ ଶେଷଦେବ ମେହେର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମନୋଜ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ପ୍ରୀତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଡ. ବାଞ୍ଛାନିଧି ପଣ୍ଡା, ପ୍ରତାପ କେଶରୀ ସିଂ ବରିହା, ପୁରନ୍ଦର ଦୋରା, ଜୟନାରାୟଣ ତ୍ରିପାଠୀ, ଗୋବିନ୍ଦ ପାଣିଗ୍ରାହୀ, ଜିତେନ୍ଦ୍ରିୟ ଗୁରୁ ପ୍ରମୁଖ କବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଦସ୍ୟ କରୁଣାକର ମେହେର, ଗାନ୍ଧୀବାଦୀ ନେତା ନିରୋଜ ଦୋରା, ରାମଚନ୍ଦ୍ର ମେହେର, କୁଞ୍ଜବିହାରୀ ସରାଫ, କିଶୋର ପାତ୍ର, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ମେହେର ସ୍ମୃତି ପରିଷଦର କର୍ମକର୍ତ୍ତା ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ଶିଶୁଙ୍କ ବୌଦ୍ଧିକ ଜ୍ଞାନ ବିକାଶକୁ ଗୁରୁତ୍ୱ

ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ)

ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ବସ୍ତି ପରିକ୍ରମା କ୍ରମରେ ସ୍ଥାନୀୟ ନୀଳିବନ୍ଧପଡ଼ା ସ୍ଥିତ ଗଣପତି ପାଠାଗାର ପରିସରରେ 'ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାଠାଗାର ଉପଦେଷ୍ଟା ସାମାଜିକ କର୍ମୀ ଅର୍ଜୁନ ସେଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବସ୍ତି ଅଞ୍ଚଳର ପିଲାମାନଙ୍କୁ ଖାତା, କଲମ ବଣ୍ଟନ ସହ ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ଗୀତ, ଗଳ୍ପ, ମଜା କଥା ଓ ସାଧାରଣ ଜ୍ଞାନ ମାଧ୍ୟମରେ ପିଲାମାନଙ୍କ ମୌଳିକ ଓ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଉଦ୍ୟମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ଆଲୋକ ରଞ୍ଜନ ଦାଶ, ପ୍ରତ୍ୟୁଷ ଷଡ଼ଙ୍ଗୀ, ସ୍ମାରକ ସରାଫ, ଯଶୋବନ୍ତୀ ପୋଢ, ସନ୍ତୋଷିନୀ ପଦ୍ୟା, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଶିକ୍ଷାଦାନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଲିଶା ସାହୁ, ସିଦ୍ଧେଶ୍ୱରୀ ମେହେର, ସୋନି ବିଶ୍ୱକର୍ମା, ଲଭଲି ବଗର୍ତ୍ତି, ଲତିକା ଦଳବେହେରା ପ୍ରମୁଖଙ୍କୁ ପୁରସ୍କୃତ କରାଯିବ ବୋଲି ମନୋନୀତ କରାଯାଇଥିଲା। ଶିଶୁଶ୍ରୀର ଆବାହକ ଡଃ ରବିନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତିଥି, ଆୟୋଜକଙ୍କ ଗହଣରେ ପିଲାମାନେ ।

# ହିନ୍ଦୁ ନବବର୍ଷରେ ରକ୍ତଦାନ ଶିବିର

ସରଣ୍ଡା,୯।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କର୍ମୀଟିକ୍ରାଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମଙ୍ଗଳବାର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଆରଏସ୍ଏସ୍ ସଦସ୍ୟ ହୃଦାନନ୍ଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସଂଘର ହୃଷୀକେଶ ବାଗ ମୁଖ୍ୟ ଅତିଥି, ଭାଜପା ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେହିପରି ଝିଲିମିଣ୍ଡା ପଞ୍ଚାୟତ ଗୁର୍ଖାପାଲି ଅମରଜ୍ୟୋତି କ୍ଲବରେ ଗ୍ରାମ୍ୟ ଉନ୍ନୟନ କମିଟି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ରାଷ୍ଟ୍ରୀୟ ନବ ବର୍ଷ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଥୁଆପାଲି ଲାୟନ୍ସ କ୍ଲବ ସଭାପତି ଅମିୟ କୁମାର ମେହେର ମୁଖ୍ୟଅତିଥି, ଭୀମ୍‌ସାର ବୁର୍ଲାର ସର୍ଜରୀ ଡାକ୍ତର ଅଭିଷେକ ଦୁବେ, ସାମାଜିକ କର୍ମୀ ସୁରେନ୍ଦ୍ର କଠାର, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଋଷଭ ପଧାନ, ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ବଘାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ୫ ଜଣ ମହିଳାଙ୍କ ସମେତ ମୋଟ ୩୮ ଜଣ ରକ୍ତଦାନ କରିଥିଲେ।

# ଧାନଚାଷରେ ରୋଗପୋକ, କ୍ଷୟକ୍ଷତି ଆକଳନ ଦାବି

ସରଣ୍ଡା,୯।୪(ଯୁଧିଷ୍ଠିର ମହାପାତ୍ର)

ବରଗ ଜିଲା ଅତାବିରା ଅଞ୍ଚଳରେ ଧାନଚାଷରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ଅତାବିରା ତହସିଲ କାର୍ଯ୍ୟାଳୟକୁ ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଚଳିତ ଧାନଫସଲରେ ବ୍ୟାପକ ରୋଗପୋକ ଦେଖାଦେଇଛି। ଚାଷୀମାନେ ଯେତେ ଔଷଧ ସିଞ୍ଚନ କଲେ ମଧ ନିୟନ୍ତ୍ରଣ ହେଉନାହିଁ। ଏବେ ଅତାବିରା ତହସିଲ ଅଞ୍ଚଳରେ ଅଦିନିଆ ବର୍ଷା ଓ ରୋଗପୋକ ଜନିତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ଦେବାକୁ ବୁଦ୍ଧଦେବ ନନ୍ଦ, ସୁବାସ ବିଶ୍ୱାଳ, ସୁରେଶ କର୍ଣ୍ଣ, ସଂସାର ପ୍ରଧାନ, ଦଶରଥ ଭୋଇ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ନରେନ୍ଦ୍ର ପଧାନ, ପାପା ରାଓ ପ୍ରମୁଖ ଦାବି କରିଛନ୍ତି।



ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କର୍ମୀଟିକ୍ରାରେ ଭାଜପାର ସମାବେଶ

ସରଣ୍ଡା,୯।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅତାବିରା ବ୍ଲକ ଲରାସରା ଗ୍ରାମ ପଞ୍ଚାୟତର କର୍ମୀଟିକ୍ରାରେ ମଙ୍ଗଳବାର ଭାଜପାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦୀପକ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ଭାଜପାର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ରଞ୍ଜନ ସେଠ, ଯଶୋବନ୍ତ ସେଠ ଏବଂ କୁଶ କୁମ୍ଭାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇ, ପୁରୁଖା ନେତା ରାଧାଚରଣ ବାରିକ, ଏମ୍‌ପି ପ୍ରତିନିଧି ସୁରେଶ୍ୱର ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ନିହାର ରଞ୍ଜନ ମହାନନ୍ଦ ଭାଜପା କର୍ମୀ ଓ ସମର୍ଥକଙ୍କ ଗହଣରେ ସରଣ୍ଡା ସ୍ଥିତ ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ବାବା ଶୈବପୀଠରେ ପୂଜାର୍ଚ୍ଚନା କରି ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ସେମାନେ ଏକ ରାଲିରେ ଖଇରପାଲି ଏବଂ ପରେ କର୍ମୀଟିକ୍ରାରେ ହିନ୍ଦୁ ନବବର୍ଷ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମିଳନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଖବରଦାତା ସମ୍ମିଳନୀ କରି ଅତାବିରା ଭାଜପା ପ୍ରାର୍ଥିତ୍ୱକୁ ନେଇ ଅସନ୍ତୁଷ୍ଟ ଥିବା ଇଂ. ଭରତ ବେହେରା, ଉର୍କୁଳ ତାଣ୍ଡି ଓ ସୁନନ୍ଦା ମେହେରଙ୍କୁ ସମାବେଶରେ ଦେଖିବାକୁ ମିଳି ନ ଥିଲା।



କର୍ମୀ ସମାବେଶରେ ଉପସ୍ଥିତ ପ୍ରାର୍ଥୀ ଏବଂ ଦଳୀୟ କର୍ମକର୍ତ୍ତା।

## ସଂକ୍ଷେପରେ

### ମହିଳା ୱାରେଣ୍ଟି ଗିରଫ

ବଡ଼ଗାଁ, ୯।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗ୍ରାମ ପଞ୍ଚାୟତର ଭାଲୁମୁଣ୍ଡା ଗ୍ରାମର ପୁରୁଣା ୱାରେଣ୍ଟି ଗୁରୁବାରୀ ଟପ୍ପୋଙ୍କୁ ବଡ଼ଗାଁ ପୋଲିସ ରବିବାର ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ୨୦୦୧ ମସିହାରେ ଗୁରୁବାରୀଙ୍କ ନାମରେ ବେଆଇନ ମଦ କାରବାର ଅଭିଯୋଗରେ ମାମଲା ହୋଇଥିଲା।

### ବାଇକ୍ ଚାଳକଙ୍କୁ ଯାଞ୍ଚ

ବଡ଼ଗାଁ, ୯।୪(ଅଶୋକ ଷଡ଼ଙ୍ଗୀ)- ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ନିକଟ ରାଜ୍ୟ ରାଜପଥରେ ସନ୍ଧ୍ୟାରେ ବଡ଼ଗାଁ ପୋଲିସ ମଦୁଆ ଚାଳକଙ୍କୁ ଧରିବା ପାଇଁ ବାଇକ୍ ଚାଳକଙ୍କୁ ଯାଞ୍ଚ କରିଥିଲା। ଜଣେ ମଦୁଆ ଚାଳକଙ୍କୁ ଗିରଫ କରିବା ସହ ବାଇକକୁ ଜବତ କରିଛି। ଗିରଫ ଚାଳକ ହେଲେ ଗୋବିନ୍ଦପୁର ଥାନା ଅଞ୍ଚଳର। ବଡ଼ଗାଁ ଥାନା ଆଇଆଇସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଏସଆଇ ଗୋପୀନାଥ ଓଝା ଏହି ଧରପଗଡ କରିଥିଲେ।

### ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କଲେ ମହିଳା ଗୋଷ୍ଠୀ

**ଜଙ୍ଗଲରୁ ଯୁବକଙ୍କ କଙ୍କାଳ, ଖପୁରି ଜବତ ଘଟଣା**

ବଡ଼ଗାଁ, ୯।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରାନୀବେଡ଼ା ଜଙ୍ଗଲରୁ ଶଙ୍କରାପୋଷ ବୁଟୁରୁପଡାର ଜଣେ ଯୁବକଙ୍କ କଙ୍କାଳ ଓ ଖପୁରୀ ପୋଲିସ ଜବତ କରିବା ଘଟଣାର ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ମହିଳା ଗୋଷ୍ଠୀ। ଯୁବକଙ୍କୁ ହତ୍ୟା କରାଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା, ଏସଆଇ ଶ୍ୟାମଲାଲ ଓରାମ ତଦନ୍ତ କରିବାକୁ ଯାଇଥିବାବେଳେ ସ୍ଥାନୀୟ ଶଙ୍କରାପୋଷ ବୁଟୁରୁପଡା ଗ୍ରାମର ବହୁ ସଂଖ୍ୟକ ମହିଳା ଉକ୍ତ ଯୁବକଙ୍କୁ ତାଙ୍କ ପ୍ରେମିକା ଘର ଲୋକ ଯୋଜନାବଦ୍ଧ ଭାବେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି। ଆଇଆଇସି ଆଶିଷ କୁମାର ଜେନା ଘଟଣାକୁ ଗୁରୁତର ସହ ତଦନ୍ତ କରାଯିବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ମହିଳାମାନଙ୍କୁ କହିଥିଲେ। ଘଟଣାସ୍ଥଳରେ ପୋଲିସ ତଦନ୍ତ ସମୟରେ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ପହଞ୍ଚି ଆଇଆଇସି ଜେନାଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଶଙ୍କରାପୋଷ ବୁଟୁରୁପଡା ଗ୍ରାମର ଲଳିତ ଧାରୁଆଙ୍କ ପୁଅ ସୁଜିତ (୨୨)ଙ୍କ ଖପୁରୀ ଓ କଙ୍କାଳ ରାନୀବେଡା ନିକଟସ୍ଥ ଜଙ୍ଗଲରେ ପଡିଥିବା ବଡ଼ଗାଁ ପୋଲିସକୁ ସ୍ଥାନୀୟ ଗ୍ରାମବାସୀ ସୂଚନା ଦେଇଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ତାହା ଚିହ୍ନଟ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ସୁଜିତ ଗତ ଫେବ୍ରୁଆରୀ ୨୫ରୁ ନିଖୋଜ ଥିଲେ। ଏ ନେଇ ତାଙ୍କ ବାପା ମାର୍ଚ୍ଚ ୭ରେ ବଡ଼ଗାଁ ପୋଲିସରେ ଅଭିଯୋଗ କରିଥିଲେ। ବଡ଼ଗାଁ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିଲା। ତେବେ ରବିବାର ବଡ଼ଗାଁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ମଦ ବିକ୍ରି ବନ୍ଦ ନ କଲେ ଆନ୍ଦୋଳନ

- ତୁଡାଲଗା ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଚେତାବନୀ
- ସରପଞ୍ଚଙ୍କୁ ଡକାଇ ଜଣାଇବା ସହିତ ଲିଖିତ ଦାବିପତ୍ର ଦେଲେ

ବଡ଼ଗାଁ, ୯।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଅବାଧ ମଦ ବିକ୍ରିକୁ ନିୟନ୍ତ୍ରଣ କରିବାରେ ଅବକାରୀ ଓ ପୋଲିସ ବିଭାଗ ବିଫଳ ହୋଇଛି। ଉଭୟ ବିଭାଗର ଉଦାସୀନତାକୁ ନେଇ ମହିଳାମାନେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ କରୁଛନ୍ତି। ତଥାପି ଗାଁଗାଁରେ ଦେଶୀ ବିଦେଶୀ ମଦ ବିକ୍ରି ବଢ଼ିଚାଲିଛି। ମଦ ବିକ୍ରି ବନ୍ଦ ନ କଲେ ଆନ୍ଦୋଳନ କରାଯିବ ବୋଲି ତୁଡାଲଗା ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଚେତାବନୀ ଦେଇଛନ୍ତି। ମଙ୍ଗଳବାର


ମହିଳାମାନେ ସରପଞ୍ଚ ସୁଦୀପ ବାଡାଙ୍କୁ ଲିଖିତ ଦାବିପତ୍ର ଦେଉଛନ୍ତି।

ତୁଡାଲଗା ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ କଣ୍ଟିଆମୁରା ଗୋଷ୍ଠୀ କେନ୍ଦ୍ରରେ ବୈଠକ କରି ଗାଁଗାଁରେ ଚାଲିଥିବା ଅବାଧ ମଦ ବିକ୍ରି ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଅପରାହ୍ନରେ ଶାନ୍ତି ଖଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହାସଂଘର ସଭାନେତ୍ରୀ ଦୀପ୍ତି ରାଣୀ ରାଉତରାୟ, ସମ୍ପାଦିକା ଗୌରୀ ବଡେଇଙ୍କ ସହିତ ଅନୁପମା ସା, ମାଳତୀ ଷଣ୍ଡ, ନିରାଶ କିଷାନ, ଲକ୍ଷ୍ମୀ କିଷାନ, ଦୀପାଞ୍ଜଳି କିଷାନ, କ୍ଷେତ୍ରେଶ୍ୱରି ସା, ମାଧୁରୀ ରଣା, ଯଶୋଦା ଖଡିଆ, ଯମୁନା ଖଡିଆ, ପଦ୍ମିନୀ କିଷାନ ପ୍ରମୁଖ ମହିଳାମାନେ ମଦ ବିକ୍ରି ଯୋଗୁ ସଂସାର ଉଜୁଡି ଯାଉଥିବା କହିଥିଲେ। ମଦ ପିଇ ସ୍ୱାମୀମାନେ ଘରେ ସ୍ତ୍ରୀମାନଙ୍କୁ ଅତ୍ୟାଚାର କରୁଥିବା ଓ ସ୍ତ୍ରୀଙ୍କୁ ସହିବାକୁ ପଡୁଥିବା, କମ ବୟସର ପିଲାମାନେ ମଦ ପିଇ ପଥଭ୍ରଷ୍ଟ ହେଉଥିବା, ଗାଁ ଅଶାନ୍ତ ହେଉଥିବା ମହିଳାମାନେ କହି ବୈଠକରେ ସମାଧାନ ନେଇ ଆଲୋଚନା କରିଥିଲେ। ଅନିୟନ୍ତ୍ରିତ ମଦ ବିକ୍ରି ସତ୍ତ୍ୱେ ନା ଅବକାରୀ ନା ପୋଲିସ କେହି ମଦ ବିକ୍ରିକୁ ବନ୍ଦ କରିବାକୁ ଚେଷ୍ଟା କରୁ ନ ଥିବା ଅଭିଯୋଗ ଉଠାଇଥିଲେ। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ସରପଞ୍ଚ ସୁଦୀପ ବାଡାଙ୍କୁ ବୈଠକକୁ ଡକାଇ ଜଣାଇବା ସହିତ ତାଙ୍କୁ ଲିଖିତ ଜଣାଇଥିଲେ। ଏ ନେଇ ସରପଞ୍ଚ ସୁଦୀପ ବାଡା ବହୁବାର ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଥିବା ବୈଠକରେ କହିଥିଲେ। ଆସନ୍ତା ସାତଦିନ ମଧ୍ୟରେ ମଦ ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ବୈଠକ ଶେଷ ହେଲାପରେ ସମସ୍ତ ମହିଳା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି।

### ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହଟୁନି ଦଳୀୟ ଚିହ୍ନ କି ହୋର୍ଡିଂ

ବିଶ୍ରା, ୯।୪(ବଟକୃଷ୍ଣ ସ୍ୱାଇଁ)

ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବା ପରେ ସମସ୍ତ ଦଳୀୟ ଚିହ୍ନ କି ଫଟୋ ସହ ହୋର୍ଡିଂ ରହିବ ନାହିଁ ବୋଲି ଆଦେଶ ଜାରି କଲେ। ଆଦେଶ ଜାରି ହେବା ପରେ ମଧ୍ୟ କାନ୍ଥବାଡ଼ରେ ବିଭିନ୍ନ ଦଳ ନେତାମାନଙ୍କ ହୋଡ଼ିଂ ଲାଗିଥିବା ଜଣାପଡିଛି। ଯାହାର ଉଦାହରଣ ସ୍ୱରୂପ ସୁନ୍ଦରଗଡ଼ ଜିଲାର ସୀମାନ୍ତ ବିଶ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ହୋଡ଼ିଂ ଲାଗିଛି। ଡାରେଇକେଲା ଛକଠାରୁ ନୂଆଗାଁ ପର୍ଯ୍ୟନ୍ତ ନୂତନ ଭାବେ ରାସ୍ତା ଚୌଡ଼ା କରାଯାଇଛି। ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଲାଗିଥିବା ହୋଡ଼ିଂରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି। ବିଭିନ୍ନ ରାସ୍ତାପାର୍ଶ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ହୋଡିଂ ଦେଖିବାକୁ ମିଳିଛି। ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଡିଭିଜନ ଦ୍ୱାରା ହୋଡ଼ିଂ ଲଗାଯାଇଛି। ଯାହାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି।

# ବସନ୍ତ ମହୋତ୍ସବ ୨୬ରୁ

ସୁନ୍ଦରଗଡ଼,୯।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ଦେଇ ଆଗକୁ ନେଉଥିବା 'ନବଜୀବନ' ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ପରି ପ୍ରସିଦ୍ଧ 'ବସନ୍ତ ମହୋତ୍ସବ' ଆସନ୍ତା ୨୬ତାରିଖରୁ ଆରମ୍ଭ ହେଉଛି। ନବଜୀବନର ପୂର୍ବତନ ସଭାପତି ତଥା ସୁନାମଧନ୍ୟ ନାଟ୍ୟକାର, ନିର୍ଦ୍ଦେଶକ ସ୍ୱର୍ଗତ ପ୍ରଦୀପ ଭୋଲଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସେହି କାର୍ଯ୍ୟକ୍ରମକୁ ତାଙ୍କ ଆବର୍ତ୍ତମାନରେ ଜାରି ରଖିଛି ନବଜୀବନ ଅନୁଷ୍ଠାନ। ଏହି ପରିପ୍ରେକ୍ଷୀରେ ସୋମବାର ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି ଏହାର ପ୍ରସ୍ତୁତି ବୈଠକ। ଉକ୍ତ ସଭାରେ 'ନବଜୀବନ' ସଭାପତି ପ୍ରଭାତ କୁମାର ଭୋଳ ସଭାପତିତ୍ୱ କରି ସମସ୍ତଙ୍କ ମତାମତ ଲୋଡିଥିଲେ। ଏହାର ସଫଳ ଆୟୋଜନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ବସନ୍ତ ମହୋତ୍ସବ ଆସନ୍ତା ଅପ୍ରେଲ ୨୬, ୨୭ ଓ ୨୮ରେ ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ ବୋଲି ସଭାପତି ଭୋଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମହୋତ୍ସବରେ ଅପ୍ରେଲ ୨୬ରେ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ରଚିତ କାଳଜୟୀ ଓଡ଼ିଆ ନାଟକ 'ଚିଠି', ଡ.କୃଷ୍ଣଚନ୍ଦ୍ର ଦାଶଙ୍କ


ପ୍ରସ୍ତୁତି ବୈଠକରେ 'ନବଜୀବନ' ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ।

ନିର୍ଦ୍ଦେଶନାରେ ଅନୁଗୋଳର 'କଳାକାର' ନାଟ୍ୟଦଳ ଦ୍ୱାରା ପ୍ରଦର୍ଶିତ ହେବ। ସେହିପରି ୨୭ରେ ଅଶୋକ ମିଶ୍ରଙ୍କ ମୂଳ ହିନ୍ଦୀ ରଚନା ଓ ଡ.କେଶରଞ୍ଜନ ପ୍ରଧାନଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ଅନୁବାଦିତ ନାଟକ 'ଗାନ୍ଧୀଛକ' ଲୋକନାଥ ସେଠଙ୍କ ନିର୍ଦ୍ଦେଶନାରେ ପଦ୍ମପୁରର 'ଲୁ' ନାଟ୍ୟଦଳ ଦ୍ୱାରା ପ୍ରଦର୍ଶିତ ହେବ। ଶେଷ ଦିନରେ ୨୮ରେ ଆଶିଷ କୁମାର ମେହେରଙ୍କ ରଚିତ ସମ୍ବଲପୁରୀ ନାଟକ 'କେଡା' ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରର ଶ୍ରୀକଳଚରାଲ ଆସୋସିଏଶନ ନାଟ୍ୟଦଳ ଦ୍ୱାରା ଅନୁଷ୍ଠିତ ହେବାର ସୂଚନା ଭୋଳ ପ୍ରଦାନ କରିଛନ୍ତି। ଏହି ବୈଠକରେ ଗତ ୪ ତାରିଖରେ ଦାମନଯୋଡିଠାରେ ଅନୁଷ୍ଠିତ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବରେ ନବଜୀବନ ପ୍ରଦର୍ଶିତ ନାଟକ 'ଭୂମିସୁତା'ର ପ୍ରଶଂସା ସୁନ୍ଦରଗଡ଼ ଯାଏଁ ପ୍ରତିଧ୍ୱନିତ ହୋଇଛି ବୋଲି ଉପସ୍ଥିତ ସଦସ୍ୟ ପ୍ରକାଶ କରିଥିଲେ ତଥା କଳାକାରମାନଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରକାଶଯୋଗ୍ୟ ଯେ, ଏହି ମହୋତ୍ସବରେ ପ୍ରତିଦିନ ନାଟକ ପ୍ରଦର୍ଶନ ବ୍ୟତୀତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ବୈଠକରେ ସଭାପତି ପ୍ରଭାତ ଭୋଳଙ୍କ ସହିତ କଳାକାର ବୃନ୍ଦାବନ ମିଶ୍ର, ସିଦ୍ଧାନ୍ତ ପଣ୍ଡା, ସଚିନ ସାହୁ, ଠାକୁର ମୋହନ ପୁରୋହିତ, ରାଜକିଶୋର ମହାରଣା, ମନୋଜ ମହାରଣା, କୁମୁଦ ପଣ୍ଡା, ଗୁଣନିଧି ମହାନ୍ତି, ଅଜୟ ବେହେରା, ଦେବେନ ଅମାତ, ଅଶିନୀ ନାଏକ, ଲିଜାରାଣୀ ସାହୁ, ରୀତା ସାହୁ, ଲତିକା ପଟ୍ଟନାୟକ, ଲକ୍ଷ୍ମୀପ୍ରୀୟା ପତି, ଅଜୟ ବହିଦାର, ଶ୍ୟାମନନ୍ଦନ ସହାୟ ଓ ଆଶିଷ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ମଙ୍ଗଳାଙ୍କ ପୂଜାରେ ଭକ୍ତଙ୍କ ସମାଗମ

ବନ୍ଧମୁଣ୍ଡା, ୯।୪(ସୁବ୍ରତ ଦେ)

ମଙ୍ଗଳବାର ବନ୍ଧମୁଣ୍ଡାରେ ମା' ମଙ୍ଗଳାଙ୍କ ପୂଜା ଭକ୍ତି ଏବଂ ଉତ୍ସାହ ସହିତ ପାଳନ କରାଯାଇଛି। ଏହିଅବସରରେ ଡୁମେରତା ସ୍ଥିତ ମାହାତୋ ବସ୍ତି ପୋଖରୀରୁ କଳସ ଯାତ୍ରା ବାହାର କରାଯାଇଥିଲା। ଏହି ଯାତ୍ରାରେ ଅଂଶଗ୍ରହଣ କରିଥିବା ମହିଳା ଭକ୍ତମାନେ ପାରମ୍ପାରିକ ବାଜାର ଶବ୍ଦରେ ନାଚିଥିବା ଦେଖାଯାଇଥିଲା। ପିଲାମାନେ ମଧ୍ୟ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭକ୍ତମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଡି.ସେକ୍ଟରସ୍ଥିତ ସୀଟ ଷ୍ଟାର କ୍ଲବରେ ଭକ୍ତଙ୍କ ପାଇଁ ଚୂନା,ଗୁଡ଼ ଏବଂ ସର୍ବତ ବଣ୍ଟନ କରାଯାଇଛି। ଏହି ଅବସରରେ କ୍ଲବର ଦେବ କୁମାର ଦେ, ସୁଦୀପ ସିଂ, ବାବୁଲି ନାୟକ, ହିମାଂଶୁ ଶେଖର ଗଡନାୟକ, ସିଲୁ ତ୍ରିପାଠୀ, ଶିବୁ ଦେ, ମୋହିତ କିସ୍କୁ, ରାଜୀବ ଶର୍ମା, ବଳରାମ ଦାସ, ଲକ୍ଷ୍ମୀଧର ପ୍ରଧାନ, ବିକ୍ରମ ସିଂହ, ସେୱତା ସିଂହ, ପ୍ରିୟଙ୍କା ସିଂହ, ସାବିତ୍ରୀ ମାଝି, ମନିଷା ଡେ, ଆଶା କୁମାରୀ, ମାମୁନି ଦାସ, ଦିଶା ପାଢ଼ୀ, ଶ୍ରିତି ଡେ, ଜ୍ୟୋତି କୁମାରୀ, ପ୍ରିନ୍ସି ସିଂହ ଉପସ୍ଥିତ ଥିଲେ।

### ପୂର୍ବତନ ବିଜେଡି ଟାଉନ ସଭାପତିଙ୍କ ନିଲମ୍ବନ ଆଦେଶ ରଦ୍ଦ କଲେ ମୁଖ୍ୟମନ୍ତ୍ରୀ


ଅମରେଶ ପଣ୍ଡାଙ୍କୁ ସ୍ୱାଗତ କରାଯାଉଛି।

ରାଜଗାଙ୍ଗପୁର, ୯।୪(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟାଉନର ବହୁ ସୁପରିଚିତ ବିଜେଡିର ପୂର୍ବତନ ଟାଉନ ସଭାପତି ଅମରେଶ ପଣ୍ଡାଙ୍କର ବିଜେଡିରୁ ନିଲମ୍ବିତ ଆଦେଶକୁ ମଙ୍ଗଳବାର ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଦ୍ଦ କରିଛନ୍ତି। ଏହି ସଂକ୍ରାନ୍ତରେ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅମରେଶ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନଙ୍କ ଅନୁଗତ ଥିଲେ। ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡିର ଟାଉନ ସଭାପତି ଭାବେ ରହିଥିଲେ। କୌଣସି କାରଣରୁ ତାଙ୍କୁ ୨୦୨୧ରେ ଦଳରୁ ନିଲମ୍ବିତ କରାଯାଇଥିଲା। ନିଲମ୍ବନ ଆଦେଶ ରଦ୍ଦ ପରେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଜେଡିର ସହ ପର୍ଯ୍ୟବେକ୍ଷକ ଧରମେଶ ନାଏକ, ବିଜେଡିର ବିଭିନ୍ନ କାଉନସିଲର ତଥା ଅନ୍ୟମାନେ ତାଙ୍କୁ ସ୍ୱାଗତ ଓ ସମ୍ମାନିତ କରିଥିଲେ। ଆଗାମୀ ଦିନରେ ବିଜେଡି ଆହୁରି ଶକ୍ତିଶାଳି ହେବ ବୋଲି ଚର୍ଚ୍ଚା ରହିଛି।



ସବଡେଗାଠାରେ ଭାଜପା ସଭାରେ ଜୁଏଲ ଓରାମ ଏବଂ ଭବାନୀ ଭୋଇଙ୍କ ସହ ସନ୍ତୋଷ ଅମାତ।

# ବିଜେଡି ଛାଡ଼ି ଭାଜପାକୁ ଫେରିଲେ ସନ୍ତୋଷ ଅମାତ

ସୁନ୍ଦରଗଡ଼,୯।୪(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଲୋକସଭା ସମେତ ଜିଲାର ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟିରେ ବିଜେଡି ତାର ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡି ନେତା ତଥା ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝି ଏବଂ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଭୟେ ନେତା ଲୋକସଭା ଓ ବିଧାନସଭା ଟିକେଟ ଆଶାୟୀ ଥିଲେ। ହେଲେ ଏମାନଙ୍କୁ ନିରାଶ ହେବାକୁ ପଡିଛି। ସନ୍ତୋଷ ବିଜେଡିରୁ ଇସ୍ତଫା ଦେଇ ଏବେ ଭାଜପାକୁ ଫେରିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇସାରିବାପରେ ମଙ୍ଗଳବାର ସବଡେଗାରେ ଭାଜପା ସଭାରେ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମଙ୍କ ସହ ଏକାଠି ବସି ଭାଷଣ ଦେଉଥିବା ଦେଖିବାକୁ ମିଳିଛି। ୧୯୯୬ରେ ଭାରତୀୟ ରାଜସ୍ୱ ସେବା(ଆଇଆରଏସ)ଚାକିରୀରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ରାଜନୀତି ପାଇଁ ମନ ବଳାଇଥିଲେ। ୨୦୧୪ରେ ସେ ତଳସରା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଏହାପରେ ସେ ବିଜେଡିରେ ଯୋଗଦାନ କରିଥିଲେ। ବିଜେଡି ସେତେବେଳେ ତାଙ୍କୁ ସୁନ୍ଦରଗଡର ଏମ୍‌ପି ପ୍ରାର୍ଥୀ କିମ୍ବା ବିଧାୟକ ପ୍ରାର୍ଥୀ କରିବ ବୋଲି କହିଥିଲା। ମାତ୍ର ୨୦୧୯ରେ ତାଙ୍କ ବଦଳରେ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତାଙ୍କୁ ଲୋକସଭା ପ୍ରାର୍ଥୀ କରିଥିଲା। ଏପରିକି ସେତେବେଳେ ତାଙ୍କୁ ସୁନ୍ଦରଗଡ କିମ୍ବା ତଳସରା ଆସନରୁ ବିଜେଡିରୁ ବିଧାୟକ ପ୍ରାର୍ଥୀ ପାଇଁ ଟିକେଟ ମିଳି ନ ଥିଲା। ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କରି ସନ୍ତୋଷଙ୍କୁ ସନ୍ତୁଷ୍ଟ କରିଥିଲେ ବିଜେଡ଼ି ସଭାପତି। ପରବର୍ତ୍ତୀ ସମୟରେ ବିଜେଡିରେ କୋଣଠେସା କରି ରଖାଯିବା ପରେ ଏବେ ଲୋକସଭା କିମ୍ବା ବିଧାନସଭା ପାଇଁ ଟିକେଟ ନ ମିଳିବାରୁ ସେ ଭାଜପାକୁ ଫେରିଛନ୍ତି।

### ୩୮୦୦କେଜି ମହୁଲି ପୋଚ ସହ ମଦ ଜବତ

ଲହୁଣୀପଡ଼ା,୯।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଙ୍ଗଳବାର ଲହୁଣୀପଡ଼ା ଓ କୋଇଡା ଅବକାରୀ ବିଭାଗ ଓ ଲହୁଣୀପଡା ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲି ମଦ ସହିତ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ଲହୁଣୀପଡ଼ା ଅବକାରୀ ବିଭାଗ ଇନ୍ସପେକ୍ଟର ସୁବାସ ବାରିକ, ସବଇନ୍ସପେକ୍ଟର ତେଜରାଜ ଗହୀରଙ୍କ ନେତୃତ୍ୱରେ ଏଏସ୍‌ଆଇ ରୋଷ୍ନି ଲାକ୍ରା, ପଞ୍ଚାନନ ଜେନା, ଜ୍ୟୋତି ଛୁରିଆ, ଶୁକୁମାର ସାହୁ, ପ୍ରବାସିନୀ ବାରିକ, ବିକାଶ ମାହାନ୍ତ, କେଶବ ନାଏକ, ଅମୀର ଦାସ, ସୀମା କେର୍କେଟା ଲହୁଣୀପଡା ପୋଲିସ ଏଏସଆଇ ହରିହର ପାଲଙ୍କ ସହଯୋଗରେ ଲହୁଣୀପଡା ଥାନା ଅନ୍ତର୍ଗତ ତାଳବାହାଲି ପଞ୍ଚାୟତ କରଡା କୁଦର, ରଙ୍ଗମାଟିଆ ନାଳ ଓ କଲେଇପୋଷ ପଞ୍ଚାୟତ ପରାଗ ପୋଷ ନାଳ ମାନଙ୍କରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ କାଳରେ ୩୮୦୦କେଜି ମହୁଲ ପୋଚ ଓ ୧୦୦ ଲିଟର ମହୁଲି ମଦ ଜବତ କରି ତାକୁ ନଷ୍ଟ କରି ଦେଇଥିଲେ। ବିପୁଳ ପରିମାଣର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲେ। ବେନିୟମ ମହୁଲି ମଦ ବ୍ୟବସାୟୀମାନେ ଏବେ ନିଜ ଗ୍ରାମ ନିକଟସ୍ଥ ନାଳର ଦୁର୍ଗମ ଅଞ୍ଚଳରେ ବେନିୟମ ଭାବେ ମହୁଲି ମଦ ପ୍ରସ୍ତୁତି କରୁଥିବା ଜଣାପଡିଛି।


ଜବତ ସାମଗ୍ରୀ ସହ ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ।

# ବିଜୁ ଯୁବ ଜନତା ଦଳର ସମାବେଶ

**ତଳସରା ନିର୍ବାଚନମଣ୍ଡଳୀ**

- ବିନୟ, ଦିଲ୍ଲୀପଙ୍କ ବିଜୟ ପାଇଁ ଶପଥ

ବାଲିଶଙ୍କରା/ସବ୍‌ଡେଗା, ୯।୪ (ସୁବାସ ବାଗ/ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଡ. ବିନୟ ଟପ୍ପୋ ଏବଂ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଡ. ଦିଲ୍ଲୀପ ତିର୍କୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ବିଜୁ ଯୁବ ଜନତା ଦଳର କର୍ମୀମାନେ ଶପଥ ନେଇଛନ୍ତି। ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତଳସରା-ରେଙ୍ଗାଲି ଡ୍ୟାମ ପିକନିକ୍ ପାର୍କଠାରେ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ବିଜୁ ଯୁବ ଜନତା ଦଳର ସମାବେଶ ହୋଇଥିଲା। ବିଜୁ ଯୁବ ଜନତା ଦଳର ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଏହି ଯୁବ ସମାବେଶରେ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଡ. ବିନୟ ଟପ୍ପୋ ଯୋଗଦେଇ ତଳସରା ନିର୍ବାଚନମଣ୍ଡଳୀ


ବିଜୁ ଯୁବ ଜନତା ଦଳର ସମାବେଶରେ ସାମିଲ ନେତା ଓ କର୍ମୀ।

ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥିଲେ। ସମାବେଶରେ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଏବଂ ତଳସରା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ ଯୋଗଦେଇ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୁଗାନ୍ତକାରୀ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଏବଂ ଘରକୁ ଘର ବୁଲି ପ୍ରଚାର ପ୍ରସାର କରି ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଉପସ୍ଥିତ ଯୁବ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ବରିଷ୍ଠ ନେତା ମହମ୍ମଦ ହାରୁନ ରସିଦ, ନୃପଚରଣ ଦଣ୍ଡସେନା, ଜିଲା ପରିଷଦ ସଭ୍ୟ ବିନୋଦ କୁଜୁର୍, କେଶବ ରଣା, ସୁଦାମ ଭୋଇ, ସବ୍‌ଡେଗା ବ୍ଲକ ଯୁବ ସଭାପତି ଅନନ୍ତ ପଟେଲ, ମୁକେଶ ପୁରୋହିତ, ସରୋଜ ସାହୁ, ଦୀପକ ପୃଷେଟ, ରଞ୍ଜନ ସିଂ, ସୁଶିଲ ଗିଧି, ବିସ୍ମୟ ପଟ୍ଟନାୟକ, ସହଦେବ ପ୍ରଧାନ, ଜେନାମଣି କିଷାନ, ସଞ୍ଜୟ ବାରିକ, କୃଷ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ନାଏକ, ଅମିତ ସାହୁ, ଦିଲ୍ଲୀପ ବାରିକ, ଅଜିତ ସାହୁ, ସୁଦିପ ସା, କୈଳାସ କଣ୍ଡାରୀ, ବେଲମତି ଧୁରୁଆ, ଆଲକା କୁଜୁର, କୃଷ୍ଣଚନ୍ଦ୍ର ବରୁଆ, ଯୁକ୍ତେଶ୍ୱର୍ ସାହୁ, ବୀରକିସାନ ପ୍ରମୁଖ ଯୁବନେତା ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ଗାଁ, ଲେଫ୍ରିପଡ଼ା, ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକରୁ ଆସିଥିବା ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତ୍ତା, ପଞ୍ଚାୟତ ସଭାପତି ଏବଂ ଯୁବ ବିଜେଡି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବାଲିଶଙ୍କରା ବ୍ଲକର ଲୁଲୁକିଡ଼ିହି ପଞ୍ଚାୟତରୁ ୧୫ ଜଣ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ସେମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଜିଲା ସଭାପତି ସ୍ୱାଗତ କରି ଦଳରେ ସାମିଲ କରିଥିଲେ।

## ସଂକ୍ଷେପରେ

### ବିଭିନ୍ନ ସମସ୍ୟା ଉପରେ ଗୃହରକ୍ଷୀ ସଂଘର ଆଲୋଚନା

**ସମ୍ବଲପୁର,୯।୪ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ବୁଢ଼ାରଜା ପାହାଡ଼ ଉପରେ ନିଖିଳ ଉତ୍କଳ ଗୃହରକ୍ଷୀ ସଂଘ ସମ୍ବଲପୁର ଶାଖା ତରଫରୁ ଜିଲାସ୍ତରୀୟ ସାଧାରଣ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଗୃହରକ୍ଷୀ ସଂଘର ଉପଦେଷ୍ଟା କମିଟି ଓ ଜିଲାସ୍ତରୀୟ ଜୋନ କମିଟି ସଦସ୍ୟ ତଥା ସମ୍ବଲପୁର ଜିଲାର ବିଭିନ୍ନ ଥାନାର ଗୃହରକ୍ଷୀମାନେ ଯୋଗ ଦେଇଥିଲେ। ସମ୍ବଲପୁର ଜିଲା ସଂଘର ସଭାପତି ସୁଶାନ୍ତ କୁମାର ପ୍ରଧାନ ଓ ସମ୍ପାଦକ ରଶ୍ମି ରଞ୍ଜନ ପଣ୍ଡା ମିଳିତ ଭାବରେ ଏହାକୁ ପରିଚାଳନା କରିଥିଲେ। ସୁପ୍ରିମକୋର୍ଟରେ ଚାଲିଥିବା କେସ୍‌ର ଆଦେଶ ଅନୁସାରେ ସାରା ରାଜ୍ୟରେ କାର୍ଯ୍ୟରତ ଗୃହରକ୍ଷୀମାନଙ୍କୁ ୫ ବର୍ଷର ଏରିଅର ୨୫% ମିଳିପାରିଛି। ଏହାସହିତ ଅବସର ନେଇସାରିଥିବା ଓ ମୃତ୍ୟୁବରଣ କରିଥିବା ଗୃହରକ୍ଷୀମାନଙ୍କ ପରିବାର ବର୍ଗଙ୍କୁ ୫ବର୍ଷର ସମ୍ପୂର୍ଣ୍ଣ ଏରିଅର୍ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାସହ ବୈଠକରେ ଗୃହରକ୍ଷୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ କରାଯାଇଥିଲା। ଶେଷରେ ପ୍ରତାପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ବୈଦିକ ଯଜ୍ଞ

**ସମ୍ବଲପୁର,୯।୪ (ଭବାନୀ ଶଙ୍କର ଭୋଇ):** ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଅବସରରେ ମଙ୍ଗଳବାର ଆର୍ଯ୍ୟସମାଜର ପରମ୍ପରା ଅନୁସାରେ ଅମ୍ବିକାନଗର ସରସ୍ୱତୀ ବିହାରଠାରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଛତିଶଗଡର ବିଶିଷ୍ଟ ବେଦାଚାର୍ଯ୍ୟ ବାସୁଦେବ ବ୍ରତୀଙ୍କ ପୌରୋହିତ୍ୟରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାସହ ୭ ଜଣଙ୍କ ବ୍ରତୋପନୟନ ଓ ୭ ଜଣ ବୈଦିକ ଦୀକ୍ଷା ଗ୍ରହଣ କରିଥିଲେ। ଏହି ଅବସରରେ ବାସୁଦେବ ବ୍ରତୀ ବୈଦିକ ପ୍ରବଚନ ପ୍ରଦାନ କରି ଆଧାତ୍ମିକ ଜୀବନଯାପନ ସହ ସର୍ବଦା ଅନ୍ୟର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟସମାଜ ସହ ପତଞ୍ଜଳି ପରିବାର ଓ ସରସ୍ୱତୀ ବିହାର ବ୍ରତି ସମାଜ ସହଯୋଗ କରିଥିଲେ। ଦୀନମଣି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସରସ୍ୱତୀ ବିହାରରେ ନିୟମିତ ବୈଦିକ ହୋମଯଜ୍ଞ ଆୟୋଜନ କରାଯାଉଥିବା ବେଳେ ନବବର୍ଷ ଅବସରରେ ଋକ୍‌ବେଦ ଯଜ୍ଞ ଆରମ୍ଭ କରାଯାଇଛି।

### ପଦ୍ମପୁରରେ ବାସନ୍ତିକ ନବରାତ୍ର ଦୁର୍ଗାପୂଜା

**ପଦ୍ମପୁର,୯।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁରର ପ୍ରସିଦ୍ଧ ମା’ ବନଦୁର୍ଗା ଦେବୀଙ୍କ ପୀଠରେ ବୁଧବାରଠାରୁ ବାସନ୍ତୀକ ନବଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହେବ। ରୀତିବିଧି ଓ ପରମ୍ପରା ଅନୁସାରେ ପ୍ରତ୍ୟହ ଚଣ୍ଡୀହୋମ ସହ ଚଣ୍ଡୀ ହବନ କରାଯିବ। ଏହାସହ ମା’ଙ୍କ ଧୂପ, ଦୀପ, ନୈବେଦ୍ୟରେ ଆରତୀ ସହ ପୁଷ୍ପାଞ୍ଜଳି ଅର୍ପଣ, ମିଷ୍ଟାନ୍ନ ଭୋଗ ପୂର୍ବକ ପୂଜା ଅନୁଷ୍ଠିତ ହେବ। ଆସନ୍ତା ୧୮ତାରିଖରେ ବାଳଭୋଗ, ଅପରାଜିତା ପୂଜା ଓ ପୂର୍ଣ୍ଣାହୁତି ସହ ଘଟ ବିସର୍ଜିତ ହେବ ବୋଲି ପୂଜା କମିଟି ସଭାପତି ଡ. ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।

# ଭିମ୍‌ସାର ବୁଲିଲେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି

## ରୋଗୀ, ଡାକ୍ତର, ଅଧିକାରୀଙ୍କ ସହ ଆଲୋଚନା

**ସମ୍ବଲପୁର,୯।୪(ବି.ଶଙ୍କର)**



ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଭିମ୍‌ସାର ପରିଦର୍ଶନ କରୁଛନ୍ତି।

ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଭିମ୍‌ସାର ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଭିମସାର ନିର୍ଦ୍ଦେଶକଙ୍କୁ ଭେଟି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଭିମ୍‌ସାରକୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ସୁବିଧା ବିଷୟରେ ପଚାରି ବୁଝିଥିଲେ। ସେହିପରି ଅସ୍ଥିଶଲ୍ୟ ମହିଳା ବିଭାଗକୁ ଯାଇ ରୋଗୀମାନଙ୍କୁ ଭେଟିଥିଲେ। ଏହାପରେ ସେ ଡାକ୍ତରଖାନା ବୁଲି ଦେଖିଥିଲେ। ଡାକ୍ତର ବିଜୟ କୁମାର ଲାମିଆଙ୍କୁ ସାକ୍ଷାତ କରି ଜନହିତକର କାର୍ଯ୍ୟ, ଗରିବ ରୋଗୀସେବା ବିଷୟରେ ଆଲୋଚନା କରିଥିଲେ। ସେହିପରି ପଶ୍ଚିମବଙ୍ଗର ଜଣେ ଗରିବ ମହିଳା ରୋଗୀ ସୁସ୍ଥ ହୋଇଥିବା ବେଳେ ଭିମ୍‌ସାରକୁ ଦିଆଯାଇଥିବା ତାଙ୍କ ସାଂସଦ ପାଣ୍ଠି ଅନୁଦାନରେ ଥିବା ଆମ୍ବୁଲାନ୍ସରେ ତାଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କରାଯାଇଥିଲା। କୋଭିଡ୍ ସମୟରେ ନିଃସ୍ୱାର୍ଥପର ଭାବରେ ସେବା କରିଥିବା ସହଯୋଗୀ ପ୍ରଫେସର ଡାକ୍ତର ଜଗନ୍ନାଥ ହାତୀଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ସେ ପ୍ରଶଂସା କରିଥିଲେ। ତାଙ୍କ ସହ ରେଡକ୍ରସ ପୃଷ୍ଠପୋଷକ ନିହାଲ ସିଂ, ରାଜ୍ୟ ସଭା ସାଂସଦଙ୍କ ଆର୍‌ଡିସି ପ୍ରତିନିଧି ଏମ୍‌ଡି ପରବେଜ ଖାନ, ଜିଲା ପ୍ରତିନିଧି ଆଶିଷ ନନ୍ଦ, ପୂର୍ବତନ ବିଜେଡି ବୁର୍ଲା ନଗର ସଭାପତି ପ୍ରଫୁଲ୍ଲ ନାୟକ ଉପସ୍ଥିତ ଥିଲେ।

# କୁଚିଣ୍ଡା ବିଧାନସଭା ଟିକେଟକୁ ନେଇ ଦ୍ୱନ୍ଦ୍ୱରେ କର୍ମୀ

**କୁଚିଣ୍ଡା,୯।୪(ବିରଞ୍ଚି ଦର୍କା)**

ନିର୍ବାଚନକୁ ଆଉ ଦିନ କେଇଟା ବାକିଥିବା ବେଳେ କୁଚିଣ୍ଡା ବିଧାନସଭା ପାଇଁ ଭାଜପା ବ୍ୟତୀତ ବିଜେଡି ଓ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଫଳରେ ଦଳୀୟ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡିଛନ୍ତି। ବିଜେଡି ସମ୍ବଲପୁର ଜିଲାର କେବଳ ରେଙ୍ଗାଲି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ସମ୍ବଲପୁର, ରେଢାଖୋଲ ଓ କୁଚିଣ୍ଡା ପାଇଁ ସମୟ ଗଡାଇ ଚାଲିଥିବାରୁ କର୍ମୀ ମହଲରେ ନୈରାଶ୍ୟ ଭାବ ଦେଖାଦେଇଛି। ଏହି ବିଧାନସଭା କ୍ଷେତ୍ରରେ ଦେଖିବାକୁ ଗଲେ ବର୍ତ୍ତମାନର ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କୁ କୁଆଡେ ବିଜେଡି ସୁପ୍ରିମୋ ଟିକେଟ ଦେଉ ନ ଥିବା ଚର୍ଚ୍ଚା ଜୋର ଧରିଛି। ଇତି ମଧ୍ୟରେ ଟିକେଟ ଆଶାରେ ଭାଜପା ଛାଡି ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଓ ଧୁଡିପାଲି ପଞ୍ଚାୟତ ଲାଡମପାଲି ଗ୍ରାମର ଜଣେ ଅବସରପ୍ରାପ୍ତ ସରକାରୀ ଅଧିକାରୀ ଭବାନୀଶଙ୍କର କାଲୋଙ୍କ ବିଜେଡିରେ ଯୋଗଦାନ ଟିକେଟ ଫାଇନାଲ ପରିସ୍ଥିତିକୁ ଗୋଳିଆ କରିଛି। ମାତ୍ର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ସୋମବାର ରାଜଧାନୀ ଗସ୍ତ କରି ସେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ କୁଚିଣ୍ଡାରୁ ବିଜେଡି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଚାଲିଛି। ଗୋଷ୍ଠି କନ୍ଦଳ ଓ ବିରୋଧ ଯୋଗୁ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କୁ ପୁଣିଥରେ ପ୍ରାର୍ଥୀ କରି ବିଜେଡି ନେତୃତ୍ୱ ବୋଧହୁଏ ରିସ୍କ ନେବାକୁ ଚାହୁଁ ନାହାନ୍ତି। ଅନ୍ୟପକ୍ଷରେ ରାଜେନ୍ଦ୍ରଙ୍କୁ ଟିକେଟ ଫାଇନାଲର ପ୍ରତିଶ୍ରୁତି ମିଳିଲେ ଯାଇ ସେ କଂଗ୍ରେସରୁ ଇସ୍ତଫା ଦେବେ ବୋଲି କୁଆଡେ ଜିଦ ଧରିଥିବା ତାଙ୍କ ସମର୍ଥକ ମହଲରେ ଆଲୋଚନା ହେଉଛି।

# ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବା ନେଇ ପ୍ରଶ୍ନ ଉଠାଇଲେ ଧର୍ମେନ୍ଦ୍ର



ରୋଗୀଙ୍କୁ ଖଟିଆରେ ନିଆଯାଉଛି।

**ସମ୍ବଲପୁର,୯।୪ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଗଡ଼ଲୋଇସିଂହ ପଞ୍ଚାୟତ ବେଲପାଣି ଗାଁର ଜଣେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସ୍ୱାଧୀନତାର ୭୬ବର୍ଷ ପରେ ବି ରୋଗୀଙ୍କୁ ଭାରରେ, ଖଟିଆରେ ନେବାର ଦୃଶ୍ୟ ସାମ୍ନାକୁ ଆସିଛି। ଓଡ଼ିଶାରେ ୧୯ ପ୍ରତିଶତ ଶିଶୁ ଜନ୍ମ ବେଳେ କମ ଓଜନ ହୋଇଥିବା ବେଳେ ୩୧ ପ୍ରତିଶତ ଶିଶୁ ବୟସ ଅନୁସାରେ ଉଚ୍ଚତା କମ, ୧୮ପ୍ରତିଶତ ଶିଶୁ ଉଚ୍ଚତା ଅନୁସାରେ ଓଜନ କମ ଏବଂ ୬୪ ପ୍ରତିଶତ ଶିଶୁ ଓ ୬୨ପ୍ରତିଶତ ମହିଳା ରକ୍ତହୀନତାରେ ପୀଡ଼ିତ। କେଉଁଠି ସରକାରୀ ଡାକ୍ତରଖାନା ନାହିଁ ତ କେଉଁଠି ଡାକ୍ତରଖାନାରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଘୋର ଅଭାବ। ଜିଲା ସଦର ମହକୁମାଠାରୁ ମାତ୍ର ୪୦ କିମି ଦୂରରେ ରୋଗୀକୁ ଖଟିଆରେ ବୁହାହେଉଛି। ଏହି ଘଟଣା ଆଭ୍ୟନ୍ତରୀଣ ଅଞ୍ଚଳରେ ପରିସ୍ଥିତି ଆହୁରି ଶୋଚନୀୟ ରହିଥିବା କଥାକୁ ପ୍ରମାଣିତ କରୁଛି। ତେବେ ଖଟିଆରେ ବୁହାହେବା କ’ଣ ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଘଟଣା ରାଜ୍ୟର ସ୍ୱାସ୍ଥ୍ୟାବସ୍ଥାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ସେ ଆହୁରି କହିଛନ୍ତି, ଦେଶରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଜନକଲ୍ୟାଣକାରୀ ସରକାର ଚାଲିଛି। ଅନ୍ୟ ରାଜ୍ୟମାନେ ଏହାକୁ ଗ୍ରହଣ କଲେଣି। ଓଡ଼ିଶାବାସୀ ମଧ୍ୟ ପୁଣି ଥରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ସହ ଡବଲ ଇଞ୍ଜିନ ସରକାର ଆଣିବାକୁ ମନସ୍ଥ କଲେଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଏସ୍‌ପିଙ୍କ ଦୁର୍ବ୍ୟବହାର, ଦୁଃଖ ପ୍ରକାଶ କଲେ ଜିଲାପାଳ

**ସମ୍ବଲପୁର,୯।୪(ପ୍ରମୋଦ ବହିଦାର)**

## ସହରରେ ଭୁଶୁଡ଼ିପଡ଼ିଛି ଆଇନଶୃଙ୍ଖଳା ସ୍ଥିତି

ସମ୍ବଲପୁରରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଦମନଲୀଳା ଚଳାଇବା ଜିଲା ପୋଲିସର ଏକ ଅଭ୍ୟାସରେ ପରିଣତ ହୋଇଛି। ଫଳରେ ମଙ୍ଗଳବାର ଜିଲା ପ୍ରଶାସନକୁ ଅପଦସ୍ଥ ହେବାକୁ ପଡ଼ିଛି। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ଦୁର୍ବ୍ୟବହାର ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜିଲାପାଳଙ୍କୁ କ୍ଷମା ମାଗିବାକୁ ପଡ଼ିଛି। ଚଳିତବର୍ଷ ହନୁମାନ ଜୟନ୍ତୀ ଆୟୋଜନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଡକାଯାଇଥିଲା। ଏହାର ପ୍ରସାରଣ ପାଇଁ ଜିଲାପାଳଙ୍କ ସ୍ୱାକ୍ଷରିତ ପତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ଏପରି କି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୂଚନା ଓ ଜନସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଠିକ୍ ସମୟରେ ଯୋଗଦେବାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ରିମାଇଣ୍ଡର ମଧ୍ୟ ଦିଆଯାଇଥିଲା। ଜିଲାପାଳଙ୍କ ନିମନ୍ତ୍ରଣ ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଯାଇ ବୈଠକ କକ୍ଷରେ ଉପସ୍ଥିତ ହୋଇଥିଲେ। ଜିଲାପାଳଙ୍କ ଅଭିଭାଷଣ ପରେ ହଠାତ ଆରକ୍ଷୀ ଅଧୀକ୍ଷକ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକ କକ୍ଷରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଇ ପରେ ସୂଚନା ଦେବାକୁ ଡକାଯିବ ବୋଲି କହିଥିଲେ। ଫଳରେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରି ବାହାରକୁ ଚାଲିଆସିଥିଲେ। ଏହାର ପ୍ରତିବାଦରେ ଗଣମାଧ୍ୟମ ପ୍ରତିନିଧିମାନେ ଯାଇ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ଆରକ୍ଷୀ ଅଧୀକ୍ଷକଙ୍କ ଏତାଦୃଶ ବ୍ୟବହାର ପାଇଁ ସେ ଦୁଃଖ ପ୍ରକାଶ କରି ଗଣମାଧ୍ୟମ ପ୍ରନିନିଧିଙ୍କୁ କ୍ଷମା ମାଗିବା ସହ ଏଭଳି ଘଟଣାର ଆଦୌ ପୁନରାବୃତ୍ତି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଆରକ୍ଷୀ ଅଧୀକ୍ଷକଙ୍କ ଏତାଦୃଶ ବ୍ୟବହାରକୁ ସମ୍ବଲପୁର ପ୍ରେସ୍‌କ୍ଲବ, ଜିଲା ସାମ୍ବାଦିକ ସଂଘ, ସାମ୍ବାଦିକ କଲ୍ୟାଣ ସଂଗଠନ, ଏସ୍‌ୟୁଜେ ଆଦି ଗଣମାଧ୍ୟମ ସଂଗଠନ ସହିତ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ତେବେ ଆଗାମୀ ଦିନରେ ଏହାର ପୁନରାବୃତ୍ତି ହେଲେ ଗଣମାଧ୍ୟମ ପ୍ରତିନିଧିମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇ ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

### ଆହତ ହରିଣକୁ ଉଦ୍ଧାର କଲା ବନ ବିଭାଗ

**ବରଗଡ଼,୯।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବନ ବିଭାଗ ମଙ୍ଗଳବାର ସକାଳେ ସହର ଉପକଣ୍ଠ ଟେଙ୍ଗନାଳି ନିକଟରୁ ଆହତ ଅବସ୍ଥାରେ ଏକ ହରିଣକୁ ଉଦ୍ଧାର କରିଛି। ହରିଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ପାଣି ଅନ୍ୱେଷଣରେ ଆସିଥିବାବେଳେ କୌଣସି ଗାଡି ଧକ୍କାରେ ଆହତ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଆହତ ହରିଣର ଚିକିତ୍ସା ଚାଲିଛି। ସୁସ୍ଥ ହେବା ପରେ ତାକୁ ଡେବ୍ରିଗଡ ଅଭୟାରଣ୍ୟରେ ଛାଡି ଦିଆଯିବ ବୋଲି ରେଞ୍ଜ ଅଫିସର ଆରତୀ ନେଗୀ କହିଛନ୍ତି। ସୂଚନା ଅନୁଯାୟୀ, ପାଣି ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁ ମୁହାଁ ହୋଇଛନ୍ତି। ଏହି କ୍ରମରେ ଆହତ ହରିଣ ଡେବ୍ରିଗଡ ଅଭୟାରଣ୍ୟରୁ ବରଗଡ଼ ମୁଖ୍ୟ କେନାଲ ବାହାରିଥିବା ହୀରାକୁଦ ଜଳଭଣ୍ଡାରର ଜିରୋ ପଏଣ୍ଟ ନିକଟକୁ ପାଣି ପିଇବା ପାଇଁ ଆସି ଜଳସ୍ରୋତରେ କିଛିଦୂର ଆସିବା ପରେ କେନାଲ ହିଡ ଦେଇ ରାସ୍ତା ଉପରକୁ ଆସିଥିବା ଏବଂ ସେଠାରେ କୌଣସି ଗାଡି ତାକୁ ଧକ୍କା ଦେଇଥିବା ବନ ବିଭାଗ ଅନୁମାନ କରାଯାଉଛି। ଗତ କିଛିଦିନ ତଳେ ଅଚେତ ଅବସ୍ଥାରେ ପଡିଥିବା ଅନ୍ୟ ଏକ ହରିଣକୁ ଉଦ୍ଧାର କରାଯାଇଥିଲା ବୋଲି ରେଞ୍ଜ ଅଫିସର ନେଗୀ କହିଛନ୍ତି।

# ଭିସୁଟ୍‌ରେ ଇ-ସମିଟ୍ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଅଧିକାରୀମାନେ।

**ସମ୍ବଲପୁର,୯।୪(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ର ଉଦ୍ୟୋଗୀ ସେଲ୍ ପକ୍ଷରୁ ଇ-ସମିଟ୍ ୨୦୨୪ ଶୀର୍ଷକ ଏକ ଦୁଇଦିନିଆ ଔଦ୍ୟୋଗିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଫିନଟେକ୍‌ର ମୁଖ୍ୟ ବୈଷୟିକ ଅଧିକାରୀ ଭୋଙ୍କୟଲା ଭେଙ୍କଟ ଗିରି ମୁଖ୍ୟଅତିଥି ଓ ଟାଟା ମୋଟର୍ସର ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ ଦେବବ୍ରତ ଗିରି, ଫିଡୋର ସହପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ସତ୍ୟଜିତ ପଟ୍ଟନାୟକ, କଳିଙ୍ଗ ହେରିଟେଜ୍‌ର ସହପ୍ରତିଷ୍ଠାତା ଅର୍ଚ୍ଚନା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଓଲିଭ୍ ରିଡ୍‌ଲେ ମିଡିଆର ପ୍ରତିଷ୍ଠାତା ସମର ପ୍ରତାପ ନାୟକ ଏକ ଟ୍‌କ-ଶୋ ଜରିଆରେ ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବା, ଡ୍ରୋନ୍ ଉଦ୍ୟୋଗ, ମେସିନ ଲର୍ଣ୍ଣିଂ ଆଦି ସହିତ ଛୋଟ ଓ ମଧ୍ୟମ ବ୍ୟବସାୟରେ ସାଇବର ସୁରକ୍ଷାକୁ ନେଇ ଉପୁଜୁଥିବା ସମସ୍ୟା ସମାଧାନ ଉପରେ ଏକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ର ଷ୍ଟାର୍ଟଅପ ସମ୍ପର୍କିତ ଜ୍ଞାନ ଆହରଣ ସୁଯୋଗ ପାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଶେଷରେ ଡ. ଦେବାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସରରେ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି ଉଦ୍‌ଘାଟନ କରିଥିଲେ।

### କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ

**ପଦ୍ମପୁର,୯।୪ (ପ୍ରଦୀପ୍ତ ଦାଶ)**

ପଦ୍ମପୁରର ମେହେର କବି ସ୍ମୃତି ପରିଷଦ ଆନୁକୂଲ୍ୟରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ସକାଳେ ପରିଷଦ ପକ୍ଷରୁ ରାଜବୋଡାସମ୍ବର ହାଇସ୍କୁଲ ସମ୍ମୁଖ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ପରିଷଦ ସଭାପତି ଡ. ପ୍ରମୋଦ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଅଞ୍ଚଳ କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟ ଅତିଥି, ଭଟଲି କଲେଜର ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସ୍ୱଭାବ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ରୋହିତ ମେହେର କବିଙ୍କ ସ୍ମୃତିଚାରଣ କରିଥିଲେ।

# ପାଟଣେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠିତ



ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟବୋର୍ଡ ସଦସ୍ୟମାନେ।

**ସମ୍ବଲପୁର,୯।୪(ବି.ଶଙ୍କର)**

ସମ୍ବଲପୁରର ଅନ୍ୟତମ ଶକ୍ତିପୀଠ ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ମଙ୍ଗଳବାର ଗଠିତ ହୋଇଛି । ଏଥିରେ ସୁଶାନ୍ତ ପୁରୋହିତ ସର୍ବସମ୍ମତି କ୍ରମେ ଟ୍ରଷ୍ଟି ଭାବରେ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନୃସିଂହ ଦାସ, ପ୍ରେମ ରଞ୍ଜନ ପ୍ରଧାନ, ଅଶୋକ କୁମାର ପ୍ରଧାନ, ଡ. ସତ୍ୟ ନାରାୟଣ ଠାକୁର, ସିଦ୍ଧାର୍ଥ ଦଫେଦାର, ଶକ୍ତି ପ୍ରସାଦ ପାଣିଗ୍ରାହୀ ସଦସ୍ୟ ଅଛନ୍ତି । ଦେବୋତ୍ତର ବିଭାଗର ପତ୍ର ଅନୁସାରେ ସଦସ୍ୟମାନେ ନୂତନ ଦାୟିତ୍ୱ ଗ୍ରହଣ କରି ମା’ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ସ୍ୱତନ୍ତ୍ର ବୈଠକ ହୋଇଥିଲା। ପୂର୍ବତନ ସଦସ୍ୟ ସୁଧୀର ପୂଜାରୀ, ବିଦାୟୀ ସଦସ୍ୟ ପ୍ରମୋଦ ରାଠୀ, ପ୍ରକାଶ ପ୍ରଧାନ, ଧୀରେନ୍ଦ୍ର ଦାଶ ଉପସ୍ଥିତ ରହି ନବଗଠିତ ଟ୍ରଷ୍ଟକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

# ଜିଲା ବରିଷ୍ଠ ନାଗରିକ ସମାଜର ବୈଠକ

**ସମ୍ବଲପୁର,୯।୪(ବି.ଶଙ୍କର)**



ବୈଠକରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜର ବୈଠକ ସୋମବାର ରାତିରେ ଜିଲା ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କୃପାସିନ୍ଧୁ ପଣ୍ଡାଙ୍କ ରଚିତ ଆମର ଶ୍ରୀମଦ୍ ଭାଗବତ ପୁସ୍ତକର ତୃତୀୟ ଖଣ୍ଡ ଉନ୍ମୋଚିତ ହୋଇଥିଲା। ଆକାଶବାଣୀ ସମ୍ବଲପୁରର ପ୍ରାକ୍ତନ ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଦସ୍ୟ ରାମନାରାୟଣ ପାଢ଼ୀ ପୁସ୍ତକର ସମୀକ୍ଷା କରିଥିଲେ। ଗୋପୀନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସ ଚନ୍ଦ୍ର ଦାସ, ସତୀଶ ନନ୍ଦ, ସଞ୍ଜୟ ନାଏକ, ଶମ୍ଭୁ ସେନ ଓ ଜେନାମଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଭଜନ ମଣ୍ଡଳୀ ପକ୍ଷରୁ କୁନୁ ସେଟ ଓ ଦଳ ଭକ୍ତି ସଂଗୀତ ପରିବେଷଣ କରିଥିଲେ।

# ମୁକ୍ତେଶ୍ୱର ସାହିତ୍ୟ ସଂସଦ ଓ ସୁବର୍ଣ୍ଣ ସ୍ମୃତି କବି ସମ୍ମିଳନୀ

**ଜମନକିରା,୯।୪ (ରବୀନ୍ଦ୍ର ପ୍ରସାଦ ଦାନି)**



ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

ଜମନକିରା ମହାବିଦ୍ୟାଳୟରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ଓ ସୁବର୍ଣ୍ଣ ସ୍ମୃତି ସମିତି ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ସମ୍ମିଳନ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ମୁକ୍ତେଶ୍ୱର ବାବାଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁକ୍ତେଶ୍ୱର ସାହିତ୍ୟ ସଂସଦ ସଭାପତି ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ କରାଯାଇଥିଲା। ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର ମୁଖ୍ୟଅତିଥି ଓ ହୃଦାନନ୍ଦ ଶର୍ମା, ତୃପ୍ତି ମିଶ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସଂଯୋଜନା ଭାର ତୁଲାଇଥିଲେ। ବ୍ୟଙ୍ଗ କବି ପ୍ରମୋଦ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଶହେରୁ ଅଧିକ କବି ନିଜର କବିତା ପାଠ କରିଥିଲେ। ନାକଟିଦେଉଳର ଗିତାରାଣୀ ସାହୁ, ବଣାଇର ସ୍ନେହଲତା ରଣା, ଝାରସୁଗୁଡ଼ାର କୁନୁ ଦେହୁରି ଓ ପଙ୍କଜିନୀ ରାଉତଙ୍କୁ ସୁବର୍ଣ୍ଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରମୋଦ କୁମାର ନାୟକଙ୍କ ସ୍ୱରଚିତ ତୁମରି ସ୍ମୃତିରେ, ନନ୍ଦଲାଲ ସାହୁଙ୍କ ଈଶ୍ୱରୀୟ ଜ୍ଞାନମାଳା ଓ ମୁରଲୀଧର ନାୟକଙ୍କ ସାହିତ୍ୟ ଆସର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ କବି ପ୍ରଦ୍ୟୁମ୍ନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଡ଼ି ସହ ୮କେଜି ମହୁଲ ଫୁଲ ଜବତ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ଏକ ଟାଟା ଏସିଇରେ ଚାଲାଣ ବେଳେ ତୁରେକେଲା-ଲାଠୋର ରୋଡର ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିକଟରେ ୮ କେଜି ମହୁଲ ଫୁଲ ଜବତ କରିଛି। ଚାଲାଣ କରୁଥିବା ଗାଡି ଡ୍ରାଇଭର ତଥା ମାଲିକ ନବୀନ ପୁଟାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗାଡି ନଂ. ଓଡି-୧୭ଟ୮୭୮୫ ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଏହି ଚଢାଉରେ ଅବକାରୀ ଥାନା ଅଧିକାରୀ ପ୍ରବୀନ କୁମାର ସାହୁ, ଏଏସଆଇ ଅର୍ତ୍ତତ୍ରାଣ ବହିଦାର ଓ ଷ୍ଟାଫ ସାମିଲ ଥିଲେ।



**ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ**

# ନିଜ ସଂସ୍କୃତି, ସାହିତ୍ୟରେ ରହିଛି ଭରପୂର ଉପାଦାନ

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କଦମପଡାସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଥିଲା। ଏହି ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ପକ୍ଷରୁ ସକାଳେ ନବବର୍ଷ ଉତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା। ପରିଷଦ ଅଧକ୍ଷ ଡ. ଭବାନୀ ଶଙ୍କର ପଟେଲ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନିଜ ଦେଶର ସାହିତ୍ୟ, ସଂସ୍କୃତିରେ ରାଷ୍ଟ୍ରୀୟ ଚେତନା ପାଇଁ ଭରପୁର ଉପାଦାନ ରହିଛି। ତାର ଯେତିକି ପ୍ରଚାର ପ୍ରସାର ହେବ ରାଷ୍ଟ୍ରୀୟ ଚେତନା ଏବଂ ନିଜସ୍ୱ ମହତ୍ୱ ସେତିକି ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଡା. ଅଶୋକ ସେଠୀ ସଭା ପରିଚାଳନା କରି ଅଖିଳ ଭାରତୀୟ ସାହିତ୍ୟର ଉଦ୍ଭବ ଓ ଉଦ୍ଦେଶ୍ୟ ତଥା ସାହିତ୍ୟର ମହତ୍ୱ ପ୍ରତିପାଦନ କରିଥିଲେ। ରାଜ୍ୟ ସଭ୍ୟ ଗିରିଜା ରଥ ପରିଷଦର ଲକ୍ଷ୍ୟ ଉପରେ ଆଲୋକପାତ କରି ନବବର୍ଷ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ଭାବେ କେଶବ ପଟେଲ ଯୋଗଦାନ କରି ଭାରତବର୍ଷର ସଂସ୍କୃତି, ସାହିତ୍ୟ, ବିଜ୍ଞାନର ବିଶେଷତ୍ୱ ଏବଂ ଭାରତୀୟ ଜୀବନଶୈଳୀରେ ଏହାର ସକାରାତ୍ମକ ପ୍ରଭାବ ଉପରେ ତଥ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା ସାହିତ୍ୟ କିଭଳି ରାଷ୍ଟ୍ରୀୟ ସଂସ୍କୃତିର ବାହାକ ସାଜିଥାଏ କହିଥିଲେ। ଶିଶୁମନ୍ଦିରର ଗୁରୁଜୀ, ଗୁରୁମା ମାନେ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ କରୁଥିବା ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ପରିଷଦ ସଭାପତି ଡ. ପଟେଲ ପରିଷଦର କର୍ତ୍ତବ୍ୟ ଲକ୍ଷ୍ୟ, କାର୍ଯ୍ୟ ଉପରେ ଆଲୋକପାତ କରି ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଶେଷରେ ପରିଷଦ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ନବବର୍ଷ ପାଳନ ସଭାରେ ଅତିଥିମାନେ।

## ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହୁଅନ୍ତୁ ଛାତ୍ରୀଛାତ୍ର

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ସହପ୍ରଧାନ ଅଚାର୍ଯ୍ୟ ପ୍ରେମାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ପଟେଲ ଯୋଗଦେଇଥିଲେ। ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ରୀୟ ଚେତନା ଉପରେ ଆଲୋକପାତ କରିଥିଲେ। ହିନ୍ଦୁମାନେ ପ୍ରାଚୀନ ସଂସ୍କୃତିକୁ ଭୁଲି ଯାଇ ଇଂରେଜ ନବବର୍ଷ ପାଳନକୁ ନେଇ ସେ ଚିନ୍ତାବ୍ୟକ୍ତ କରିଥିଲେ। ଏପରିକି ହିନ୍ଦୁନବ ବର୍ଷ ପ୍ରତି ସେଭଳି କେହି ଧ୍ୟାନ ଦେଉ ନ ଥିବା କହି ସେ କ୍ଷୋଭପ୍ରକାଶ କରିଥିଲେ । ଏଣୁ ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ ମୁଖ୍ୟ ଅତିଥି ପଟେଲ। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଅଚାର୍ଯ୍ୟ ନିତ୍ୟାନନ୍ଦ ପଧାନ।

## ହିନ୍ଦୁ ନବବର୍ଷ: ପ୍ରତିଭା ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚିତ

କଣ୍ଟାବାଞ୍ଜି, ୯।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା କଣ୍ଟାବାଞ୍ଜି ଓ ନିର୍ଝରିଣୀ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ଝରିଣୀ ସାହିତ୍ୟ ପରିଷଦ ସଭାପତି ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମହନ୍ତ ଅଦ୍ୱୈତ ବଲ୍ଲଭ ମୁଖ୍ୟ ଅତିଥି, ଡକ୍ଟର ନାରାୟଣ ମିଶ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଖମାରୀ ସମ୍ମାନୀତ ଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା କବି ସୁଶ୍ରୀ ସବିତା ଭୋଇ ମଞ୍ଚାସୀନ ଥିଲେ। ଏହି ଅବସରରେ ନିର୍ଝରିଣୀ ସାହିତ୍ୟ ପରିଷଦ ସଭାପତି ସାହୁଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଲତା ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନିର୍ଝରଣୀର ଶିଶୁ କିଶୋର ପତ୍ରିକା ଓ ସବିତା ଭୋଇଙ୍କ ଆକାଶକୁ ଯାଉଛୁ ଉନ୍ମୋଚିତ ହୋଇଥିଲା। ନିର୍ଝରିଣୀର ସମ୍ପାଦକ ବିରଞ୍ଚି ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସହ ସମ୍ପାଦିକା ଅଞ୍ଜଳି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୁ ନବବର୍ଷ ପାଳନର ତାତ୍ପର୍ଯ୍ୟ ବୁଝିବାକୁ ହେବ

ମୁରିବାହାଲ,୯।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ହିନ୍ଦୁ ନବବର୍ଷ ପାଳିତ ହୋଇ ଯାଇଛି। ହଳଦୀ କଲ୍ୟାଣ ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ବିଶ୍ୱଶାନ୍ତି ପାଇଁ ଯଜ୍ଞ କରାଯାଇଥିଲା। ଏହାପରେ ଜିଲା ସହ ସଂଘ ଚାଳକ ପ୍ରସାଦି କମ୍ପଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମ ପ୍ରାନ୍ତ ଧର୍ମଜାଗରଣ ପ୍ରମୁଖ ବିକ୍ରମ କେଶରୀ ଆଚାଯ୍ୟ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ସ୍ୱୟଂ ସେବକ ସଂଘ ବଲାଙ୍ଗୀର ବିଭାଗ ବୌଦ୍ଧିକ ପ୍ରମୁଖ କ୍ଷୀରସିନ୍ଧୁ ବାଗ,ବିଶ୍ୱହିନ୍ଦୁ ପରିଷଦର ବ୍ଲକ ପ୍ରମୁଖ ବିରାଜ କୁମାର ମହାନ୍ତି, ସଂଘ ବ୍ୟବସ୍ଥା ପ୍ରମୁଖ ସତ୍ୟାନନ୍ଦ ମହାକୁର,ଖଣ୍ଡ କାର୍ଯ୍ୟବାହ ପ୍ରଭାକର ମହକୁର ଉପସ୍ଥିତ ଥିଲେ। ସେହିପରି ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପସଭାପତି ରାଜୀବ କୁମାର ମହାନ୍ତି, ନାରାୟଣ ସାହୁ, ସୁଧାଂଶୁ ଶେଖର ପୋଡ଼ ଯାଦବଙ୍କ ନେତୃତ୍ୱରେ ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିର ନିକଟରୁ ଏକ ବାଳକ ରାଲି ବାହାରି ମୁରିବାହାଲ ଓ ଘଣ୍ଟବାହାଲ ଗ୍ରାମ ପରିକ୍ରମ କରିଥିଲା। ଏହି ଅବସରରେ ରାଧାକୃଷ୍ଣ ମନ୍ଦିର ନିକଟରେ ଅନୁଷ୍ଠିତ ସଭାରେ ସାଧୁରାମ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଅନୁରୂପଭାବେ ମୁରିବାହାଲ ସରସ୍ୱତୀ ଶିଶୁମନ୍ଦିର ତରଫରୁ ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରିଙ୍କ ନେତୃତ୍ୱରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନଗର ପରିକ୍ରମା କରି ହିନ୍ଦୁ ନବବର୍ଷ ପାଳନ କରାଯାଇଛି।




ମୁରିବାହାଲ ବ୍ଲକ ହଳଦୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଅତିଥିମାନେ।

## ଯୁବ ସାହିତ୍ୟିକମାନଙ୍କ ସମାବେଶ

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ମାନସ ବିହାର ରାମ ମନ୍ଦିରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଆଗଲପୁର ଓ ଲୋଇସିଂହା ବ୍ଲକର ଯୁବ ସାହିତ୍ୟିକମାନଙ୍କୁ ନେଇ ଏକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଲିଖନୀରେ ରାଷ୍ଟ୍ରୀୟତା ଓ ରାଷ୍ଟ୍ରପ୍ରେମର ଗାରିମା ରହିଲେ ତାହା ପାଠକ ମନକୁ ଛୁଇଁପାରେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ପରିଷଦ ପକ୍ଷରୁ ଗୁରୁ ପୂର୍ଣ୍ଣିମା, ଜଗନ୍ନାଥ ଦାସ ଜୟନ୍ତି, ମେହେର ଜୟନ୍ତୀ, ବାଲ୍ମିକୀ ଜୟନ୍ତୀ ଓ ଭାଗବତ ଜୟନ୍ତୀ ପାଳନ କରାଯିବାକୁ ସ୍ଥିର କରାଯାଇଛି। ପ୍ରାରମ୍ଭରେ ସାହିତ୍ୟିକ ରାମଚନ୍ଦ୍ର ପଟେଲଙ୍କ ଦ୍ୱାରା ଭାରତ ମାତା ଓ ପ୍ରଭୁ ରାମ ଚନ୍ଦ୍ରଙ୍କର ପୂଜନ ପର୍ବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବି ଯୋଗେନ୍ଦ୍ର ଦାଶ। କବି ଉଦ୍ଧବ ବାବା, ଋଷଭ ପ୍ରଧାନ, ରାଧାକାନ୍ତ ସାହୁ, ପଦ୍ମଲୋଚନ ମୁଦୁଲି, ମହେନ୍ଦ୍ର ପଟେଲ, ଅନିରୁଦ୍ଧ ଭୋଇ, ଆନନ୍ଦ ସାହୁ, କୌସ୍ତୁଭ ଜାଲ ପ୍ରମୁଖ ଦେଶାତ୍ମକବୋଧ କବିତା ପାଠ କରିଥିଲେ। ସତ୍ୟ ନାରାୟଣ ପ୍ରଧାନଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ଉପସ୍ଥିତ ସାହିତ୍ୟିକମାନେ।

## ମୃତ ଛାତ୍ରଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ



ଆଶୁତୋଷ ପଣ୍ଡା।

ଟିଟିଲାଗଡ଼, ୯।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡର ବାସୀନ୍ଦା ତଥା ବୁର୍ଲା ଭିସୁଟର ପ୍ରଥମ ବର୍ଷ ଇଞ୍ଜିନିୟରଂ ଛାତ୍ର ଆଶୁତୋଷ ପଣ୍ଡା(୨୦)ଙ୍କ ଏପ୍ରିଲ ୭ତାରିଖରେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ମୃତ୍ୟୁ ପରେ ତାଙ୍କ ପିତା ମନୋଜ କୁମାର ପଣ୍ଡା ଓ ମାତା ରୀନା ପଣ୍ଡା ଭାଙ୍ଗି ପଡିଛନ୍ତି। ଏପରିସ୍ଥିଳେ ପୁଅ ତ ବଞ୍ଚିଲାନି, ହେଲେ ତା ଆଖିରେ ଆଉ କିଏ ଦୁନିଆ ଦେଖୁ ବୋଲି ବିବେଚନା କରି ପଣ୍ଡା ଦମ୍ପତ୍ତି ପୁଅର ଆଖିକୁ ଦାନ କରି ଦେଇଛନ୍ତି। ଏଥି ପୂର୍ବରୁ ବୁର୍ଲା ଭିମସାର ମେଡିକାଲ କଲେଜ ଚକ୍ଷୁବ୍ୟାଙ୍କ ସହ ସେମାନେ ଏକ ଚୁକ୍ତିପତ୍ର କରିଥିଲେ। ଏହି ମହତ୍ କାର୍ଯ୍ୟ କରି ସେମାନେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ଶୋଭାଯାତ୍ରା

ବଲାଙ୍ଗୀର,୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଶ୍ୱ ହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ସାମାଜିକ ସଙ୍ଗଠନ ଆନୁକୂଲ୍ୟରେ ମଙ୍ଗଳବାର ହିନ୍ଦୁ ନବବର୍ଷ ପାଳିତ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସ୍ଥାନୀୟ ଡେଲିମାର୍କେଟ ସ୍ଥିତ ରାମଚରିତ ମାନସ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଲୋକେ ପରସ୍ପରକୁ ନବବର୍ଷ ଶୁଭେଚ୍ଛା ଜଣାଇ ନିଜ ସଂସ୍କୃତି, ପରମ୍ପରାକୁ ସମ୍ମାନ ଜଣାଇବାକୁ ବାର୍ତ୍ତା ଦେଇଥିଲେ। ରାମଚରିତ ମାନସ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରିଷଦର ପବିତ୍ର କୁମାର ଦାଶ, ଗୋବିନ୍ଦ ମିଶ୍ର, ରାହାସ ବିହାରୀ ମାଝି, ବାଳକ୍ରିଷ୍ଣନ ଅଗ୍ରୱାଲ, ରବି ଅଗ୍ରୱାଲ, ପ୍ରକାଶ ତରିଆ, ବଜରଙ୍ଗ ଦଳର ସୌମ୍ୟ ମିଶ୍ର, ଶଙ୍କର ଅଗ୍ରୱାଲ, ମନୋଜ ଜୈନ୍, ସନ୍ତୋଷ ମୋଦୀ, ପ୍ରାଣବନ୍ଧୁ ରାଉତ ନେତୃତ୍ୱ ନେଇଥିଲେ। କୁନି ପୁଅଝିଅଙ୍କୁ ରାମ, ଲକ୍ଷ୍ମଣ ସୀତା ବେଶରେ ସଜାଇ ରିକ୍ସାରେ ବୁଲାଇଥିଲେ।



ହିନ୍ଦୁ ନବବର୍ଷ ଉପଲକ୍ଷେ ବଲାଙ୍ଗୀର ସହରରେ ପରିକ୍ରମା କରୁଥିବା ଶୋଭାଯାତ୍ରା।

## ନିର୍ବାଚନ ପୂର୍ବରୁ ରାତ୍ରକାଳୀନ ପାଟ୍ରୋଲିଂ

ଖପ୍ରାଖୋଲ,୯।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଛକ, ରାସ୍ତାରେ କିଛି ଦିନ ହେଲା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସିଆରପିଏଫ ଓ ଖପ୍ରାଖୋଲ ପୋଲିସ ମିଳିତ ଭାବେ ନାଇଟ ପାଟ୍ରୋଲିଂ ଚଳାଇଛନ୍ତି। ସନ୍ଧାନୀ କୁକୁର, ମେଟାଲ ଡିଟେକ୍ଟରର ସହାୟତାରେ ବାଇକ ଓ ବିଭିନ୍ନ ଯାନବାହନ ଯାଞ୍ଚ କରାଯାଉଛି। ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କହିବାକୁ ଅସାମାଜିକ ତତ୍ତ୍ୱଙ୍କୁ ଚେକ ଦେବାକୁ ଯାଞ୍ଚ କଡାକଡି କରାଯାଉଥିବା ସିଡ଼ଆରପିଏଫ ତତଫରୁ ସୂଚନା ଦିଆଯାଇଛି। ସିଡ଼ଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର୍ ସିଂହଙ୍କ ତତ୍ତ୍ୱାବଧାନରେ ତନଖି ପ୍ରକ୍ରିୟା ଚାଲିଥିବା ସିଆରପିଏଫ ଏସଆଇ ବି.କେ.ଭରାସଗର ସୂଚନା ଦେଇଛନ୍ତି। ଖପ୍ରାଖୋଲ ଥାନା ଏଏସଆଇ ସେବନ କେରକେଟା ଏଥିରେ ସାମିଲ ହେଇଥିଲେ।

## ଅଦିନିଆ ବର୍ଷାରେ ପନିପରିବା ନଷ୍ଟ

ଦେଓଗାଁ,୯।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଅଦିନିଆ ବର୍ଷା, କୁଆ ପଥରମାଡରେ ପନିପରିବା ଚାଷ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ଦେଓଗାଁ, ଉଡାର, ଉପରଝର, ମହଲାଇ, ଗାଇବାହାଲ, ହାତିସରା, କୁଦୁର୍ଲା ପଞ୍ଚାୟତରେ ସୋମବାର ରାତିରେ ଝଡତୋଫାନ ସହ ବର୍ଷା ହେବା ଫଳରେ ଚାଷୀଙ୍କ ଫୁଲକୋବି, ବନ୍ଧାକୋବି, ପାତଲଘଣ୍ଟା ତଥା ତରଭୁଜ ଫସଲ ନଷ୍ଟ ହୋଇଛି। ପନିପରିବା ଚାଷର ଗାଁ କୁହାଯାଉଥିବା ଉପରଝର ପଞ୍ଚାୟତର କୁହିମୁଣ୍ଡା ଗାଁର ଅଗ୍ରଣୀ ଚାଷୀ ଶମ୍ଭୁ ଭୂଷଣ ସାହୁଙ୍କ କହିବାନୁସାରେ କୁଆପଥର ମାଡରେ ବନ୍ଧାକୋବି ସମ୍ପୁର୍ଣ୍ଣରୂପେ ନଷ୍ଟ ହୋଇଯାଇଛି। ଏଣୁ ଆଗକୁ କଣ କରିବେ ସେ ନେଇ ଗାଁର ପ୍ରାୟ ସମସ୍ତ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। ବିଭାଗ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସହାୟତା ଯୋଗାଇଦେବା ପାଇଁ ଚାଷୀ ମହଲରେ ଦାବି ହେଉଛି।



କୁହିମୁଣ୍ଡାର ଚାଷୀ ଶମ୍ଭୁଭୂଷଣ ସାହୁଙ୍କ କ୍ଷେତରେ କ୍ଷତିଗ୍ରସ୍ତ ବନ୍ଧାକୋବି ଫସଲ।

## ଗାଡ଼ିମୋଟର ଯାଞ୍ଚ କଡ଼ାକଡ଼ି କଲା ପୋଲିସ

ଲୋଇସିଂହା,୯।୪(ସୁଶାନ୍ତ ବାରିକ)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଲୋଇସିଂହା ପୋଲିସ ଗାଡି ମୋଟର ଯାଞ୍ଚକୁ କଡାକଡି କରିଛି। ମଙ୍ଗଳବାର ଥାନା ଅନ୍ତର୍ଗତ ସାଲେଭଟାରେ ଯାଞ୍ଚ କରାଯାଇଥିଲା। ମେ ୨୦ରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ଗୁରୁତ୍ୱାରୋପ ଦେଉଛନ୍ତି। ଆଇଆଇସି ଯାଜ୍ଞସିନୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସମେତ ବିଭିନ୍ନ ଗ୍ରାମ୍ୟରାସ୍ତାରେ ପୋଲିସ ପକ୍ଷରୁ ନାକା ଡ୍ୟୁଟିକୁ କଡାକଡି କରାଯାଉଛି। ଟଙ୍କା, ମାଦକ ଦ୍ରବ୍ୟ ରୋକିବା ପାଇଁ ଗାଡିମୋଟର ନିୟମିତ ଯାଞ୍ଚ ହେଉଥିବା ଆଇଆଇସି ନାୟକ କହିଛନ୍ତି।


**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank
**ରୂପାଲି ସ୍କୋୟାର ଶହୀଦ ନଗର ଶାଖା (୧୦୫୮୧)**
ଇର୍ପିକଲ୍ ହାଉସ୍, ଜନପଥ, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୩୭୯୧୬

**କୃଷି ସ୍ୱର୍ଣ୍ଣ ଋଣ ବକେୟା ଦେୟ ପଇଠ କରିବା ନିମନ୍ତେ ଅନ୍ତିମ ସ୍ମାରକ ଏବଂ ନିଲାମ ପତ୍ର**

ଚିଠି ନଂ.: 10581/Rupali Square/2024/15 — ତାରିଖ:୧୭.୦୧.୨୦୨୪

ପ୍ରାପ୍ତେଷୁ,
**ଶ୍ରୀ ଅଭିଜିତ୍ ବାରିକ**, ପ୍ଲଟ ନଂ.୫୦, ଏକଦନ୍ତ ଆର୍କେଡ, ଫ୍ଲାଟ ନଂ.୪, ଡିଏଭି ସ୍କୁଲ ନିକଟ, କଳିଙ୍ଗ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୩ ।
**ବିଷୟ: ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. ୧୦୫୮୧୬୫୫୪୦୦୦୦୮୩ ର ବକେୟା ଦେୟ: ଟ.୧,୫୦,୪୦୦/- ।**
ଦୟାକରି ଆମର ଚିଠି ନଂ.୨ (ତାରିଖ: ୧୩.୧୧.୨୦୨୩) କୁ ଅନୁସରଣ କରନ୍ତୁ ଯେଉଁଥିରେ ଆପଣଙ୍କୁ ଆପଣଙ୍କ ସ୍ୱର୍ଣ୍ଣ ଋଣ ଆକାଉଣ୍ଟରେ ପର୍ଯ୍ୟାପ୍ତ ମାର୍ଜିନ ରଖିବାକୁ / ଋଣ ଆକାଉଣ୍ଟ ନିୟମିତ କରିବାକୁ କୁହାଯାଇଥିଲା । ଋଣ ସୁବିଧାକୁ ଉପଲବ୍ଧ କରିବା ନିମନ୍ତେ ଆପଣ ନିମ୍ନଲିଖିତ ଡକ୍ୟୁମେଣ୍ଟଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି :
ଡିପି ନୋଟ୍, AD02 (A), ଲାଏନ୍ ଚିଠି ଏବଂ ଅନ୍ୟାନ୍ୟ ସ୍ୱର୍ଣ୍ଣ ଋଣ ବିସ୍ତୃତ ଫର୍ମାଟ ।
ଆପଣ ତା.୩୦.୦୩.୨୦୨୩ରିଖରେ ଚିଠି ଦ୍ୱାରା ଆପଣ ଗ୍ରହଣ କରିଥିବା ଋଣ ସୁବିଧାର ଦାୟୀତ୍ୱକୁ ସ୍ୱିକାର କରିସାରିଛନ୍ତି । ବର୍ତ୍ତମାନ ଆପଣ ଦେବାକୁ ଥିବା ସ୍ୱର୍ଣ୍ଣ ଋଣ ଆକାଉଣ୍ଟର ବକେୟା ଦେୟ: ତା.୧୭.୦୧.୨୦୨୪ରିଖ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୫୦,୪୦୦/-(ଏକ ଲକ୍ଷ ପଚାଶ ହଜାର ଚାରି ଶହ ଟଙ୍କା ମାତ୍ର) । ଆପଣଙ୍କୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଆପଣ ଋଣର ବକେୟା ଦେୟ ଏବଂ ସୁଧକୁ ପଇଠ କରିବାରେ ଅବହେଳା କରିବା ସହିତ ବର୍ତ୍ତମାନ ସୁଦ୍ଧା ପଇଠ କରିନାହାଁନ୍ତି ।
ପରିଶେଷରେ ଆମେ ଆପଣଙ୍କୁ ଜଣାଇଦେଉଛୁ ଯେ ଆପଣ ଟ.୧,୫୦,୪୦୦/- ସହିତ ତା୩୦.୦୩.୨୦୨୩ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ତ୍ରୟ ମାସିକ /ଅର୍ଦ୍ଧ ବାର୍ଷିକ କମ୍ପାଉଣ୍ଡ ସୁଧ ୮.୭୫% ହାରରେ ପଇଠ କରନ୍ତୁ କିମ୍ବା ଏହି ବିଜ୍ଞାପନ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଶାଖା ସହିତ ବିଚାରବିମର୍ଶକରି ଅତିରିକ୍ତ ସୁନା ଅଳଙ୍କାର ବନ୍ଧକ ରଖିବାର ବ୍ୟବସ୍ଥା କରନ୍ତୁ । ଅନ୍ୟଥା ଆପଣଙ୍କ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକୁ ଉପଯୁକ୍ତ ବିଧି ଏବଂ ବ୍ୟବସ୍ଥା ଅନୁସାରେ ନିଲାମ କରିଦିଆଯିବ ।
ଆପଣଙ୍କର ବିଶ୍ୱସ୍ତ,
ପରିଚାଳକ

ତାରିଖ: ୦୯.୦୪.୨୦୨୪, ସ୍ଥାନ: ଭୁବନେଶ୍ୱର — ଶାଖା ପରିଚାଳକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ସାଙ୍କେତିକ/ଭୌତିକ ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଲିଖିତ ତାରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା । ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଷ୍ଟେସନ ସ୍କୋୟାର ଶାଖା,** ପ୍ଲଟ ନଂ.୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର, ଓଡିଶା, ପିନ୍- ୭୫୧୦୦୧
ମୋବାଇଲ ନଂ.:୯୭୭୭୬୬୬୫୪୩, ଇମେଲ୍: ubin0903337@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) **ମେସର୍ସ ଓଡି ପ୍ଲାଷ୍ଟ, ସତ୍ତ୍ୱାଧିକାରୀ: ଶ୍ରୀ ସଚ୍ଚିଦାନନ୍ଦ ଦାସ,** ପ୍ଲଟ ନଂ.୫୮/ଇ, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ପାତ୍ରପଡା, ଭୁବନେଶ୍ୱର- ୭୫୧୦୦୯ । | ତା.୧୫.୦୭.୨୦୨୨ ସୁଦ୍ଧା **ଟ.୧,୧୧,୫୩,୦୮୫/-** ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୧:** ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଯାହାର ଇଡ୍‌କୋ ପ୍ଲଟ ନଂ.୫୮/ଇ, ରେଭିନ୍ୟୁ ଖାତା ନଂ.୫୦୩, ରେଭିନ୍ୟୁ ପ୍ଲଟ ନଂ.୫୪(ପି), ସମୁଦାୟ ଜମି ଏରିଆ: ଏ୦.୧୧୫ ଡିସିମିଲି, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ମୌଜା: ଭଗବାନପୁର, ତହସିଲି: ଭୁବନେଶ୍ୱର, ଥାନା: ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୧୦୧୯ ।
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯୧,୪୦,୬୫୬/- / ଅମାନତ ଜମା: ଟ.୯,୧୪,୦୬୫/- / ବିଡ୍ ବୃଦ୍ଧି ରାଶି: ଟ.୧,୦୦,୦୦୦/-**

**ମଧୁସୂଦନ ନଗର ଶାଖା,** ପ୍ଲଟ ନଂ.୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର, ପିନ୍-୭୫୧୦୨୨,
ମୋବାଇଲ ନଂ.: ୮୨୬୦୪୮୯୫୯୫, ଇମେଲ୍: ubin0808954@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) **ଶ୍ରୀ ସତ୍ୟଜିତ୍ ପଣ୍ଡା,** ପ୍ଲଟ ନଂ.୨୧୬୯(ଅଂଶ), କେଦାରଗୌରୀ ରୋଡ, ଭୁବନେଶ୍ୱର-୭୫୧୦୦୨, **(୨)ଶ୍ରୀ ଦେବବ୍ରତ ନାୟକ,** ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର-୭୫୧୦୦୨, **(୩) ଏଶ୍ରୀ ଲିଙ୍ଗରାଜ ରାଉତରାୟ,** ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ପ୍ଲଟ ନଂ.୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର-୭୫୧୦୦୨ଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ । | ତା.୧୭.୦୮.୨୦୨୩ସୁଦ୍ଧା **ଟ.୪୮,୬୯,୯୬୩.୦୪** ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୨: ଶ୍ରୀ ସତ୍ୟଜିତ୍ ପଣ୍ଡା**ଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହା ରୟାଲ ରେସିଡେନ୍ସିର ଫ୍ଲାଟ ନଂ.୩୨, ଏହାର ପ୍ଲଟ ନଂ.୮୭୭/୨୬୧୯ (ଜିଏ ପ୍ଲଟ ନଂ.ଏନ୍/୩-୭୧), ଖାତା ନଂ.୧୪୨୭(ଜିଏ), ମୌଜା: ଜୟଦେବ ବିହାର (ୟୁନିଟ-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୫, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୩୧, ଦକ୍ଷିଣ- ଖୋଲା ସ୍ଥାନ, ପୂର୍ବ- ଖୋଲା ସ୍ଥାନ, ପଶ୍ଚିମ- ଖୋଲା ସ୍ଥାନ।
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୫,୮୮,୯୦୦/- / ଅମାନତ ଜମା: ଟ.୬,୫୮,୮୯୦/- / ବିଡ୍ ବୃଦ୍ଧି ରାଶି: ଟ.୭୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ**

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍:https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspx କୁ ଅନୁଧ୍ୟାନ କରନ୍ତୁ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଏହା ଏକ ନୋଟିସ୍ କି ଉପରବର୍ଣ୍ଣିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୪.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମେ ୨୨ରୁ ୧୦୪ ମଣ୍ଡିରେ ଧାନ ସଂଗ୍ରହ

■ଧାନ କିଣାରେ ୬୦ ପାକ୍ସ, ୩୭ ଡବ୍ଲ୍ୟୁଏସ୍ଏଚ୍‌ଜି ସାମିଲ
■ପଞ୍ଜୀକୃତ ହୋଇଛନ୍ତି ୩୫, ୫୭୯ ଚାଷୀ



ସୁବର୍ଣ୍ଣପୁର ଜିଲା ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ସୋନପୁର,୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୨୨ରୁ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୬୦ ପାକ୍ସ ଓ ୩୭ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପାଳ ତଥା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଅଧ୍ୟକ୍ଷ ଅନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଗତ ରବିରେ ଏକର ପ୍ରତି ୨୬ କୁଇଣ୍ଟାଲ ଧାନ କିଣା ଯାଇଥିଲା ଓ ଟୋକନ ଅବଧି ୧୫ ଦିନ ଥିଲା। ଚଳିତ ଥର ଏକର ପ୍ରତି କେତେ ପରିମାଣର ଧାନ କିଣାଯିବ ଓ ଟୋକନ ଅବଧି କେତେ ଦିନ ରହିବ ତାହା ସ୍ପଷ୍ଟ କରାଯାଇନାହିଁ। ସରକାର ସେ ନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦିଆ ଯାଇଥିଲା।

ଧାନ ସଂଗ୍ରହ ପାଇଁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧୀନରେ ଚଳିତ ଥର ମୋଟ ୧୦୪ଟି ମଣ୍ଡି ଖୋଲିବ। ମଣ୍ଡିଗୁଡିକ (ରବିବାର ବ୍ୟତୀତ)ସପ୍ତାହକ ୬ ଦିନ ଖୋଲା ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଓ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ରହିଛି । ବିକ୍ରି ଧାନର ପ୍ରାପ୍ୟ ପି-ପାସ୍(ପେଡି ପ୍ରକ୍ୟୁମେଣ୍ଟ ଅଟୋମେଶନ ସିଷ୍ଟମ) ମାଧ୍ୟମରେ ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର ଜରିଆରେ ଧାନ ବିକ୍ରିର ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ଜିଲାର ମିଲର୍ସମାନେ ଗତ ଖରିଫ୍ ଧାନ ସଂଗ୍ରହର ୪୭% କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆଉ ୧୨ ଲକ୍ଷ ୮୫ ହଜାର ୯୦୧ କୁଇଣ୍ଟାଲ ଚାଉଳ ଦେବାକୁ ବାକି ଥିବା ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ଓ ଶ୍ରମିକଙ୍କ ସମସ୍ୟା ପାଇଁ ଡୁଙ୍ଗୁରିପାଲି ଏଫ୍‌ସିଆଇ ଟାର୍ଗେଟ୍ ଅନୁଯାୟୀ ଦୈନିକ ଚାଉଳ ମିଲର୍ସଙ୍କ ନିକଟରୁ ନେଇ ପାରୁନଥିବା ଜିଲାର ମିଲର୍ସମାନେ ଅଭିଯୋଗ କରିଥିଲେ। ଏଫ୍‌ସିଆଇ ଓ ଆରଆରସି ଚାଉଳ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ମିଲର୍ସ ଏବଂ ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ଦାବି ହୋଇଥିଲା। ଜିଲାର ୩୫ ହଜାର ୫୭୯ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଗତ ରବିରେ ୩୫ ହଜାର ୫୮୫ ଜଣ ଚାଷୀ ପଞ୍ଜୀକୃତ ହୋଇ ୨୨ଲକ୍ଷ ୯୯ ହଜାର ୮୨୧ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ସେହିପରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ବିଜୁଳି, ତାର୍ପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ଦାସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ କିଣା ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ମଣ୍ଡିରେ ଶ୍ରମିକ ସମସ୍ୟାକୁ ଦୃଷ୍ଟିରେ ରଖି ମାର୍କେଟ୍ ୟାର୍ଡଗୁଡିକରେ ପୋର୍ଟେବୁଲ ପେଡି ଲିଫ୍ଟିଂ କନଭେୟର ରଖାଯିବ। ଡୁଙ୍ଗୁରିପାଲି ଆରଏମ୍‌ସି ୧୫ଟି ଓ ବୀରମହାରାଜପୁର ଆରଏମ୍‌ସି ୫ଟି ପେଡି ଲିଫ୍ଟିଂ କନଭେୟର କିଣିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅଦିନିଆ ବର୍ଷା, କାଳବୈଶାଖୀ ଓ କୁଆପଥର ମାଡରେ ଚାଷୀଙ୍କ ଅମଳ ଧାନ ଯେଭଳି ମଣ୍ଡିରେ କ୍ଷତିଗ୍ରସ୍ତ ନ ହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ, ମୁଖ୍ୟ ଜିଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର, ସୁବର୍ଣ୍ଣପୁର ଡିଆରସିଏସ୍ ରଶ୍ମିଲତା ବେହେରା, ସୋନପୁର ଏଆରସିଏସ ପାଣ୍ଡୁ ଚରଣ ସାହୁ, ବୀରମହାରାଜପୁର ଏଆରସିଏସ୍ ଗିରିଶ ଚନ୍ଦ୍ର ପୁରୋହିତ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା, ଚାଷୀ ପ୍ରତିନିଧି ସର୍ଜନ ପଣ୍ଡା, ପ୍ରକାଶ ହୋତା, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ଉପସଭାନେତ୍ରୀ ସୋନାଲି ବିଶି, ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ମିଲର୍ସ ପ୍ରତିନିଧି ଆନନ୍ଦ ବାବୁ, ସୁଶାନ୍ତ କୁମାର ସାହୁ, ଆଶିଷ ବାବୁ, ବଜରଙ୍ଗଲାଲ ଅଗ୍ରୱାଲ ଓ ସଜନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଧ୍ୟୟନ ସହ କଠୋର ପରିଶ୍ରମ ଜରୁରୀ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଚକାବର ୟୁପି ସ୍କୁଲରେ ବାର୍ଷିକୋତ୍ସବ

ଅମରପାଲି,୯।୪(ପୀତାମ୍ବର ସାହୁ)

ଛାତ୍ରୀଛାତ୍ରମାନେ ଜୀବନରେ ସଫଳତା ପାଇଁ ନିରନ୍ତର ଅଧ୍ୟୟନ କରିବା ଆବଶ୍ୟକ। ଅଧ୍ୟୟନ ସହିତ କଠୋର ପରିଶ୍ରମ, ସମୟାନୁବର୍ତ୍ତିତା,ଶୃଙ୍ଖଳିତ , ସଂଯମୀ ଓ ସଂସ୍କାରୀ ହେବା ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚକାବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହିତ ଚକାବର କ୍ଲଷ୍ଟରର ସିଆରସିସି ଉମାଶଙ୍କର ପୂଜାହାରୀ ଓ ସ୍କୁଲ ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ସହୁ ସ୍ୱାଗତ ଭାଷଣ ଦେଇଥିଲେ । ନାରାୟଣ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ସୁମିତ କ୍ଷେତିଙ୍କୁ ଶ୍ରେଷ୍ଠ ଛାତ୍ର, ମୁସ୍କାନ ମହାରଣାଙ୍କୁ ଶ୍ରେଷ୍ଠ ଛାତ୍ରୀ, ରାକ୍ଷୀ ଦଣ୍ଡସେନାଙ୍କୁ ସୁନା ଝିଅ, ତପନ ମଣି ବେହେରାଙ୍କୁ ସୁନା ପୁଅ ଏବଂ ଶ୍ରେଷ୍ଠ ଉପସ୍ଥାନ ପାଇଁ ରାଜଶ୍ରୀ ମେହେରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାସହିତ ଗୀତିନାଟ୍ୟ ଟୀକା ଗୋବିନ୍ଦ ଚନ୍ଦ୍ର ମଞ୍ଚସ୍ଥ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦ କେଜି ଗଞ୍ଜେଇ ଜବତ

ଡୁଙ୍ଗୁରିପାଲି,୯।୪ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଚେରୁପାଲି ଅଙ୍ଗ ନଦୀ ବ୍ରିଜ ପାଖରେ ଦୁଇ ଜଣ ବାଇକ ଆରୋହୀଙ୍କ ଠାରୁ ୨୦ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଉଭୟଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଡୁଙ୍ଗୁରିପାଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ସୋମବାର ସନ୍ଧ୍ୟାରେ ଚେରୁପାଲି ଅଙ୍ଗ ନଦୀ ବ୍ରିଜ ନିକଟରେ ଜଗି ରହିଥିଲା । ଏହି ସମୟରେ ଦୁଇ ଜଣ ବାଇକ୍‌ରେ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ୨୦ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା କମଘାଟ ଗ୍ରାମର ବେଦବ୍ୟାସ ସାହୁ (୨୨) ଓ କଣ୍ଟାମାଳ ଥାନା ଚାରଭାଟି ଗ୍ରାମର ସାଗର ବେଡ଼ଚାର୍ଟ (୨୯) । ଉଭୟଙ୍କ ନାମରେ ନଂ ୧୦୬ /୨୦୨୪ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।



ପୋଲିସ ଜବତ କରିଥିବା ଗଞ୍ଜେଇ ଓ ୨ ଅଭିଯୁକ୍ତ ।

# ହିନ୍ଦୁ ନବବର୍ଷ ପାଳିତ

ବୌଦ୍ଧ,୯।୪(ଅଜିତ କୁମାର ବାରିକ)

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଦିନ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଲକ୍ଷ୍ମଣ ନାଏକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ଉପସ୍ଥିତ ରହି ହିନ୍ଦୁ ନବବର୍ଷ ପାଳନ ନେଇ ମତବ୍ୟକ୍ତ କରିଥିଲେ। ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ନାଏକ ନବବର୍ଷର ମହତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ସମସ୍ତ ଗୁରମା ଗୁରୁଜୀ, ସେବିକା ସେବକ ଉପସ୍ଥିତ ଥିଲେ । ଗୁରୁଜୀ ଅଶୋକ କୁମାର ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ସ୍କୁଟି ସହ ୨୧ କେଜି ଗଞ୍ଜେଇ ଜବତ

ବାଉଁଶୁଣୀ,୯।୪
(ଦେବାଶିଷ ନେପାକ)

ମଙ୍ଗଳବାର ସକାଳେ ଛେଲିବାହାଲ ଗ୍ରାମ ରାସ୍ତା ନିକଟରୁ ସ୍କୁଟି ସହ ୨୧ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବାଉଁଶୁଣୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ, ସ୍କୁଟି ଯୋଗେ ଲୁମ୍ବରଜନା ଠାରୁ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଛେଲିବାହାଲ ଗ୍ରାମ ନିକଟରେ ଜଗି ରହିଥିଲା। ସ୍କୁଟିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣା ପଡିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ୨୧ କେଜି ହୋଇଥିଲା। ପୋଲିସ ଗଞ୍ଜେଇ ଓ ସ୍କୁଟିକୁ ଜବତ କରିଛି। ଏହି ଘଟଣାରେ ବାଉଁଶୁଣୀ ଥାନା ବହିରା ଗ୍ରାମର ମନୋଜ କଲତାଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଅଞ୍ଜଳୀ ବିଶ୍ୱାଳଙ୍କ ସୂତ୍ରରୁ ସୁଚନା ମିଳିଛି ।

# ବସ୍ ଧକ୍କାରେ ଜଣେ ମୃତ: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ



ଘଣ୍ଟାପଡ଼ା/ଖୁଣ୍ଟିଗୋରା,୯।୪
(ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

ମଙ୍ଗଳବାର ସକାଳ ୮ ଟା ସମୟରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲମ୍ବସରୀ ଛକ ନିକଟରେ ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଲ୍ମିକୀ ମହାନନ୍ଦିଆ(୬୦)। ତେବେ ମୃତଦେହ ବ୍ୟବଚ୍ଛେଦ ପାଇଁ ବହୁ ବିଳମ୍ବ ହେବାରୁ ସମ୍ପର୍କୀୟ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ମନମୁଣ୍ଡା ଡାକ୍ତରଖାନା ଛକରେ ୫୭ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପ୍ରକାଶ ଯେ, କଣ୍ଟାମାଳ ବ୍ଲକ ବିଚିକା ଗାଁର ପ୍ରଶାନ୍ତ ମହାନନ୍ଦିଆ(୨୨) ଓ ବାଲ୍ମିକି ମହାନନ୍ଦିଆ କୌଣସି କାମରେ ବାଇକ୍ ଯୋଗେ ପଲଶାଗୋରା ଯାଉଥିଲେ। ଏହି ସମୟରେ ଲମ୍ବସରୀ ଛକଠାରେ ଡପଲା ପଟୁ କଣ୍ଟାମାଳ ଅଭିମୁଖେ ଯାଉଥିବା ଲକ୍ଷ୍ମୀ ବସ ଉକ୍ତ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଏତେ ଜୋରରେ ଧକ୍କା ହୋଇଥିଲା ଯେ, ପ୍ରଶାନ୍ତ ଓ ବାଲ୍ମିକି ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାଲ୍ମିକୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ପ୍ରଶାନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଖବର ପାଇ କଣ୍ଟାମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମନମୁଣ୍ଡା ଡାକ୍ତରଖାନା ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ଜବତ କରିଛି। ସନ୍ଧ୍ୟାରେ ସିଡିଏମଓଙ୍କ ହସ୍ତକ୍ଷେପ ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବୌଦ୍ଧରେ ଘଡ଼ିଆଳ କୁମ୍ଭୀର ବିଶେଷଜ୍ଞ

## ମହାନଦୀର ୪ ଘାଟରେ କରାଗଲା ସର୍ଭେ

ବୌଦ୍ଧ,୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ହାଟଗାଁ, ମଙ୍ଗଳପୁର, କରଡ଼ି ଓ ଶ୍ୟାମସୁନ୍ଦରପୁର ମହାନଦୀ ଘାଟ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ସମୟରେ ଘଡ଼ିଆଳ କୁମ୍ଭୀର ଚଳପ୍ରଚଳକୁ ଦୃଷ୍ଟିରେ ରଖି ମଙ୍ଗଳବାର ଏକ ବିଶେଷଜ୍ଞ ଟିମ୍ ଭୁବନେଶ୍ୱରରୁ ବୌଦ୍ଧ ଯାଇ ସର୍ଭେ କରିଛନ୍ତି। ଘଡ଼ିଆଳ କୁମ୍ଭୀରର ଚିରାଚରିତ ଅଭ୍ୟାସକୁ ଅନୁଧ୍ୟାନ ପାଇଁ କୁମ୍ଭୀର ବିଶେଷଜ୍ଞ ଅସହର ରଜା ଖାନ ଏବଂ ବନରକ୍ଷୀ ପ୍ରକାଶ କୁମାର ପ୍ରଧାନ ମହାନଦୀର ସମ୍ପୃକ୍ତ ଘାଟଗୁଡ଼ିକ ଡଙ୍ଗା ସାହାଯ୍ୟରେ ବୁଲି ଏହାର ସର୍ଭେ କରିଥିଲେ। ଏହାସହ ଫିଜିଓ କେମିକାଲ ପାରାମିଟର ସାହାଯ୍ୟରେ ଏସବୁ ଘାଟରେ ପାଣିର ଗଭୀରତା, ତାପମାତ୍ରା ଏବଂ ବିଶୁଦ୍ଧତା ଆଦି ପରୀକ୍ଷା କରିଥିଲେ। ଶେଷରେ ଏସବୁ ଗାଁରେ ରହୁଥିବା ମାଛଧରାଳିଙ୍କ ସହ କୁମ୍ଭୀରର ଗତିବିଧି ଉପରେ ଆଲୋଚନା କରିଥିଲେ। ସୂଚନାଥାଉ କି, ପ୍ରତିବର୍ଷ ବନ୍ୟା ସମୟରେ ସାତକୋଶିଆ ମହାନଦୀ ଗଣ୍ଡ ଅଭୟାରଣ୍ୟ ସୁନାଖଣିଆ କୋର ଏରିଆରୁ ଘଡ଼ିଆଳ ପ୍ରଜାତିର କୁମ୍ଭୀର ନିଜ ବାସସ୍ଥଳୀଠାରୁ ଦୀର୍ଘ ୩୦ କି.ମି. ଦୂରରେ ଥିବା କରଡ଼ି, ହାଟଗାଁ, ଶ୍ୟାମସୁନ୍ଦରପୁର ଏବଂ ମଙ୍ଗଳପୁର ମହାନଦୀ ଘାଟ ଅଞ୍ଚଳର ଉପର ଭାଗକୁ ଉଠି ଆସିଥାନ୍ତି। କେଉଁ କାରଣରୁ କୁମ୍ଭୀର ପ୍ରତିବର୍ଷ ଏଠାକୁ ଚାଲିଆସନ୍ତି ସେ ଦିଗରେ ଅନୁଧ୍ୟାନ କରିବା ପାଇଁ ବୌଦ୍ଧ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି। ସାତକୋଶିଆ ଗଣ୍ଡ ଜଳ ସହ ଏସବୁ ଘାଟର ଜଳ ମଧ୍ୟରେ ସମାନତା ରହିଛି କି ନାହିଁ ତା' ଉପରେ ମଧ୍ୟ ଅନୁଧ୍ୟାନ କରାଯାଇଛି। ଏହା ସାଙ୍ଗକୁ ସାତକୋଶିଆ ଗଣ୍ଡର ଗଭୀରତା ଏବଂ ଏହି ଅଞ୍ଚଳରେ ମହାନଦୀର ଗଭୀରତା କେତେ ରହିଛି ସେସବୁ ଦିଗକୁ କୁମ୍ଭୀର ବିଶେଷଜ୍ଞ ଅନୁଧ୍ୟାନ କରିଛନ୍ତି। ପାଣିର ବିଶୁଦ୍ଧତା ସାଙ୍ଗକୁ ବର୍ତ୍ତମାନ ସମୟରେ ରହିଥିବା ନଦୀ ଜଳର ତାପମାତ୍ରା ପରୀକ୍ଷା କରାଯାଇଛି। ଏସବୁ ଦିଗର ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଗଲେ ଘଡ଼ିଆଳ କୁମ୍ଭୀର ପ୍ରତିବର୍ଷ ଏହି ଅଞ୍ଚଳକୁ ଆସିବାର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।



ବିଶେଷଜ୍ଞ ଦଳ ପକ୍ଷରୁ ମହାନଦୀରେ ସର୍ଭେ କରାଯାଉଛି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank
ରୂପାଲି ସ୍କୋୟାର ଶହୀଦ ନଗର ଶାଖା (୧୦୫୮୧)
ଇର୍ଫିକଲ୍ ହାଉସ୍, ଜନପଥ, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୩୭୯୧୬

**କୃଷି ସ୍ୱର୍ଣ୍ଣ ଋଣ ବକେୟା ଦେୟ ପଇଠ କରିବା ନିମନ୍ତେ ଅନ୍ତିମ ସ୍ମାରକ ଏବଂ ନିଲାମ ପତ୍ର**

ଚିଠି ନଂ.: 10581/Rupali Square/2024/15 ତାରିଖ:୧୭.୦୧.୨୦୨୪
ପ୍ରାପ୍ତେଷୁ,
ଶ୍ରୀ ଅଭିଜିତ୍ ବାରିକ, ପ୍ଲଟ ନଂ.୫୦, ଏକଦନ୍ତ ଆର୍କେଡ, ଫ୍ଲାଟ ନଂ.୪, ଡିଏଭି ସ୍କୁଲ ନିକଟ, କଳିଙ୍ଗ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୩ ।
ବିଷୟ: ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. ୧୦୫୮୧୬୫୪୦୦୦୦୮୩ ର ବକେୟା ଦେୟ: ଟ.୧,୫୦,୪୦୦/- ।
ଦୟାକରି ଆମର ଚିଠି ନଂ.୨ (ତାରିଖ: ୧୩.୧୧.୨୦୨୩) କୁ ଅନୁସରଣ କରନ୍ତୁ ଯେଉଁଥିରେ ଆପଣଙ୍କୁ ଆପଣଙ୍କ ସ୍ୱର୍ଣ୍ଣ ଋଣ ଆକାଉଣ୍ଟରେ ପର୍ଯ୍ୟାପ୍ତ ମାର୍ଜିନ ରଖିବାକୁ / ଋଣ ଆକାଉଣ୍ଟ ନିୟମିତ କରିବାକୁ କୁହାଯାଇଥିଲା । ଋଣ ସୁବିଧାକୁ ଉପଲବ୍ଧ କରିବା ନିମନ୍ତେ ଆପଣ ନିମ୍ନଲିଖିତ ଡକ୍ୟୁମେଣ୍ଟଗୁଡିକୁ କାର୍ଯ୍ୟକାରୀ କରିଛନ୍ତି :
ଡିପି ନୋଟ୍, AD02 (A), ଲାଏନ୍ ଚିଠି ଏବଂ ଅନ୍ୟାନ୍ୟ ସ୍ୱର୍ଣ୍ଣ ଋଣ ବିସ୍ତୃତ ଫର୍ମାଟ ।
ଆପଣ ତା.୩୦.୦୩.୨୦୨୩ରିଖରେ ଚିଠି ଦ୍ୱାରା ଆପଣ ଗ୍ରହଣ କରିଥିବା ଋଣ ସୁବିଧାର ଦାୟୀତ୍ୱକୁ ସ୍ୱିକାର କରିସାରିଛନ୍ତି । ବର୍ତ୍ତମାନ ଆପଣ ଦେବାକୁ ଥିବା ସ୍ୱର୍ଣ୍ଣ ଋଣ ଆକାଉଣ୍ଟର ବକେୟା ଦେୟ: ତା.୧୭.୦୧.୨୦୨୪ରିଖ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୫୦,୪୦୦/-(ଏକ ଲକ୍ଷ ପଚାଶ ହଜାର ଚାରି ଶହ ଟଙ୍କା ମାତ୍ର) । ଆପଣଙ୍କୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଆପଣ ଋଣର ବକେୟା ଦେୟ ଏବଂ ସୁଧକୁ ପଇଠ କରିବାରେ ଅବହେଳା କରିବା ସହିତ ବର୍ତ୍ତମାନ ସୁଦ୍ଧା ପଇଠ କରିନାହାଁନ୍ତି ।
ପରିଶେଷରେ ଆମେ ଆପଣଙ୍କୁ ଜଣାଇଦେଉଛୁ ଯେ ଆପଣ ଟ.୧,୫୦,୪୦୦/- ସହିତ ତା୩୦.୦୩.୨୦୨୩ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ତ୍ରୟ ମାସିକ /ଅର୍ଦ୍ଧ ବାର୍ଷିକ କମ୍ପାଉଣ୍ଡ ସୁଧ ୮.୬୫% ହାରରେ ପଇଠ କରନ୍ତୁ କିମ୍ବା ଏହି ବିଜ୍ଞାପନ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଶାଖା ସହିତ ବିଚାରବିମର୍ଶକରି ଅତିରିକ୍ତ ସୁନା ଅଳଙ୍କାର ବନ୍ଧକ ରଖିବାର ବ୍ୟବସ୍ଥା କରନ୍ତୁ । ଅନ୍ୟଥା ଆପଣଙ୍କ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡିକୁ ଉପଯୁକ୍ତ ବିଧି ଏବଂ ବ୍ୟବସ୍ଥା ଅନୁସାରେ ନିଲାମ କରିଦିଆଯିବ ।
ଆପଣଙ୍କର ବିଶ୍ୱସ୍ତ,
ପରିଚାଳକ

ତାରିଖ: ୦୯.୦୪.୨୦୨୪, ସ୍ଥାନ: ଭୁବନେଶ୍ୱର — ଶାଖା ପରିଚାଳକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ସାଙ୍କେତିକ/ଭୌତିକ ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଲିଖିତ ତାରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା । ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଷ୍ଟେସନ ସ୍କୋୟାର ଶାଖା**, ଫ୍ଲାଟ ନଂ.୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର, ଓଡିଶା, ପିନ୍- ୭୫୧୦୦୧
ମୋବାଇଲ୍ ନଂ.:୯୭୭୭୬୬୬୫୪୩, ଇମେଲ୍: ubin0903337@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ମେସର୍ସ ଓଡି ପ୍ଲାଷ୍ଟ, ସତ୍ତ୍ୱାଧିକାରୀ: ଶ୍ରୀ ସଚ୍ଚିଦାନନ୍ଦ ଦାସ, ପ୍ଲଟ ନଂ.୫୮/ଇ, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ପାତ୍ରପଡା, ଭୁବନେଶ୍ୱର- ୭୫୧୦୦୯ । | ତା.୧୫.୦୭.୨୦୨୨ ସୁଦ୍ଧା ଟ.୧,୧୧,୫୩,୦୮୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୧:** ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଯାହାର ଇଡ୍‌କୋ ପ୍ଲଟ ନଂ.୫୮/ଇ, ରେଭିନ୍ୟୁ ଖାତା ନଂ.୫୦୩, ରେଭିନ୍ୟୁ ପ୍ଲଟ ନଂ.୫୪(ପି), ସମୁଦାୟ ଜମି ଏରିଆ: ଏ୦.୧୧୫ ଡିସିମିଲି, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ମୌଜା: ଭଗବାନପୁର, ତହସିଲି: ଭୁବନେଶ୍ୱର, ଥାନା: ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୧୦୧୯ ।
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯୧,୪୦,୬୫୬/- / ଅମାନତ ଜମା: ଟ.୯,୧୪,୦୬୫/- / ବିଡ୍ ବୃଦ୍ଧି ରାଶି: ଟ.୧,୦୦,୦୦୦/-

**ମଧୁସୂଦନ ନଗର ଶାଖା**, ପ୍ଲଟ ନଂ.୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର, ପିନ୍-୭୫୧୦୨୨,
ମୋବାଇଲ୍ ନଂ.: ୮୨୬୦୪୮୯୫୯୫, ଇମେଲ୍: ubin0808954@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀ ସତ୍ୟଜିତ୍ ପଣ୍ଡା, ପ୍ଲଟ ନଂ.୨୧୬୯(ଅଂଶ), କେଦାରଗୌରୀ ରୋଡ, ଭୁବନେଶ୍ୱର-୭୫୧୦୦୨, (୨)ଶ୍ରୀ ଦେବବ୍ରତ ନାୟକ, ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର-୭୫୧୦୦୨, (୩) ୯ଶ୍ରୀ ଲିଙ୍ଗରାଜ ରାଉତରାୟ, ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ପ୍ଲଟ ନଂ.୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର-୭୫୧୦୦୨ଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ । | ତା.୧୭.୦୮.୨୦୨୩ ସୁଦ୍ଧା ଟ.୪୮,୬୯,୯୬୩.୦୪ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୨: ଶ୍ରୀ ସତ୍ୟଜିତ୍ ପଣ୍ଡା**ଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହା ରୟାଲ ରେସିଡେନ୍ସିର ଫ୍ଲାଟ ନଂ.୩୨, ଏହାର ପ୍ଲଟ ନଂ.୮୭୭/୨୬୧୯ (ଜିଏ ପ୍ଲଟ ନଂ.ଏନ୍/୩-୭୧), ଖାତା ନଂ.୧୪୨୭(ଜିଏ), ମୌଜା: ଜୟଦେବ ବିହାର (ୟୁନିଟ-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୫, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୩୧, ଦକ୍ଷିଣ- ଖୋଲା ସ୍ଥାନ, ପୂର୍ବ- ଖୋଲା ସ୍ଥାନ, ପଶ୍ଚିମ- ଖୋଲା ସ୍ଥାନ।
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୫,୮୮,୯୦୦/- / ଅମାନତ ଜମା: ଟ.୬,୫୮,୮୯୦/- / ବିଡ୍ ବୃଦ୍ଧି ରାଶି: ଟ.୭୦,୦୦୦/-

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍:https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍
https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspx କୁ ଅନୁଧ୍ୟାନ କରନ୍ତୁ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୪.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ରାଜପୁରରେ ବିଧାୟିକା ଅଳକା ମହାନ୍ତିଙ୍କ ପ୍ରଚାର

**ବ୍ରଜରାଜନଗର,୯।୪(ବିଜୟ ବରାଡ଼):** ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ଅଳକା ମହାନ୍ତି ରାଜପୁର ଗ୍ରାମପଞ୍ଚାୟତର ରାଜପୁର ଗ୍ରାମରେ ଥିବା ମା' ସମଲେଶ୍ୱରୀ ମନ୍ଦିର ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ସେ ଦଳର କର୍ମୀ ଓ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ଗ୍ରାମବାସୀଙ୍କୁ ଭେଟି ଭୋଟ ଭିକ୍ଷା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜପୁର ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଓ ବିଧାୟିକାଙ୍କ ପ୍ରତିନିଧି ଗଣେଶରାମ ବାଗ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ରାଜପୁର ନାଏବ ସରପଞ୍ଚ କୌଶଲ୍ୟା ଦେହୁରି, ବ୍ଲକ ଛାତ୍ର ସଭାପତି ଦିବ୍ୟ କିଷାନ, ରାଜା ପାଢଯୋଶୀ, ଜୟ କୁମାରୀ ପଟେଲଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଟାଙ୍ଗରପାଲି ବ୍ଲକରେ ଯୋଗେଶଙ୍କ ନିର୍ବାଚନ ପ୍ରଚାର



**ସୁନ୍ଦରଗଡ଼,୯।୪(ଜୟନାରାୟଣ ମେଣ୍ଢୁଲି):** ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ମଙ୍ଗଳବାର ଟାଙ୍ଗରପାଲି ବ୍ଲକର ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଯୋଗେଶ ଟାଙ୍ଗରପାଲି, ମହୁଲପାଲି, ମେଘଡେଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଥିବା ନିର୍ବାଚନୀ ସଭାରେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଏବଂ ସଦର ବିଧାନସଭା ପ୍ରାର୍ଥୀ ଭାବରେ ତାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଇଭିଏମରେ ସୁଇଚ ଟିପି ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ଏହି ନିର୍ବାଚନୀ ସଭାଗୁଡିକରେ ଜିଲା ପରିଷଦ ସଭାପତି କୁନ୍ତି ପ୍ରଧାନ, ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ଜିଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ବ୍ଲକ ସଭାପତି ଶୋଭନ ଦାସ, ଜଟିଆ ମୁଣ୍ଡା, ବିରେନ୍ଦ୍ର ପଟେଲ, ନିତ୍ୟାନନ୍ଦ ପଟେଲ, ପ୍ରଫୁଲ୍ଲ ମାଝି, ଅଜିତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ରାମଚଣ୍ଡୀଙ୍କ ଆଶୀର୍ବାଦ ନେଇ କିଶୋରଙ୍କ ପ୍ରଚାର

**ବ୍ରଜରାଜନଗର,୯।୪(ବିଜୟ ବରାଡ଼):** ବ୍ରଜରାଜନଗର ବିଧାନସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ମଙ୍ଗଳବାର ମା' ରାମଚଣ୍ଡୀଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରଚାର ଆରମ୍ଭ କରିଛନ୍ତି। ପୂର୍ବାହ୍ନରେ ସେ ଶତାଧିକ କର୍ମୀଙ୍କ ସହ ବାଇକ୍ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ନିର୍ବାଚନମଣ୍ଡଳୀର ଭୋଟରମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ବ୍ରଜରାଜନଗରବାସୀଙ୍କ ପାଇଁ କିଛି କରିବାର ଲକ୍ଷ୍ୟ ନେଇ ନିର୍ବାଚନ ଲଢୁଛି। ତେଣୁ ସୁଯୋଗ ଦେବା ପାଇଁ ସେ ଭୋଟରମାନଙ୍କୁ ଅପିଲ କରିଥିଲେ। ମିଡ଼ିଆ ପ୍ରଭାରୀ ଜୀବନ ସାର୍ଥକ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



ବିପଜ୍ଜନକ ଭାବେ କଲେଜ ପିଲା ରେଳ ଲାଇନ ପାର ହେଉଛନ୍ତି।

# ରେଲୱେ ଲାଇନରେ ଅସୁରକ୍ଷିତ ଯାତାୟାତ

**ଓଭରବ୍ରିଜ୍‌ରେ ଯାଉନାହାନ୍ତି ପଦଯାତ୍ରୀ, ସାଇକେଲ ଚାଳକ**

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ଏସ୍‌ଟିଆଇ ଛକ ହେଉଛି ସହରର ଏକ ପୁରୁଣା ଜନବହୁଳ ଛକ। ଏହି ଛକରେ ଦୈନିକ ହଜାର ହଜାର ଯାତ୍ରୀ ଛେଣ୍ଡ, ବାସନ୍ତୀ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ଛକରେ ହେଉଥିବା ପ୍ରବଳ ଭିଡ଼ ଯୋଗୁ ପୂର୍ବରୁ ବ୍ୟାପକ ଟ୍ରାଫିକ ଜାମ ହେଉଥିଲା। ଏଥିସହ ଏଫ୍‌ସିଆଇ, ଲେବର ଟେନାମେଣ୍ଟ ଓ ଗଙ୍ଗାଧରପାଲ୍ଲୀ ବସ୍ତି ସମେତ ୟୁଜିଆଇ କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟତ ଲାଗି ଏସଟିଆଇ ଛକ ଦେଇ ରେଲୱେ ଲାଇନ ପାର ହୋଇ ଯାତାୟାତ କରିବାକୁ ପଡୁଥିଲା। ଫଳରେ ଏସ୍‌ଟିଆଇ ଛକ ରେଲୱେ ଲାଇନ ରେଳ ଫାଟକରେ ଗାର୍ଡ ମୁତୟନ ରହୁଥିଲେ। ମାତ୍ର ଏହାକୁ ବିପଜ୍ଜନକ ହୃଦୟଙ୍ଗମ କରି ୨୦୧୮-୧୯ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ଏସଟିଆଇ ଛକରୁ ଛେଣ୍ଡ ବାସନ୍ତୀକୁ ୪କି.ମି ବିଶିଷ୍ଟ ଏକ ଓଭରବ୍ରିଜ ରାସ୍ତା ତିଆରି ହେଲା। ମାତ୍ର ପରିତାପ ବିଷୟ ଓଭରବ୍ରିଜ ନିର୍ମାଣ ପରେ ମଧ୍ୟ ବିପଜ୍ଜନକ ଭାବେ ରେଲୱେ ଲାଇନ କ୍ରସିଂ ଯାତାୟାତ ବନ୍ଦ ହୋଇନାହିଁ। ଦୈନିକ ଉକ୍ତ ବସ୍ତି ଅଞ୍ଚଳର ଲୋକ ଏବଂ ଛାତ୍ରୀଛାତ୍ର ରେଳ ଲାଇନ ପାର ହୋଇ ଏସ୍‌ଟିଆଇ ଛକକୁ ଆସୁଛନ୍ତି। ଏଭଳି ବିପଜ୍ଜନକ ଭାବେ ଯାତାୟାତ କରୁଥିବା ଲୋକଙ୍କୁ ପଚାରିଲେ ସେମାନେ କହୁଛନ୍ତି, ଓଭରବ୍ରିଜ ପଦଯାତ୍ରୀ ଓ ସାଇକେଲ ଚାଳକଙ୍କ ପାଇଁ ନୁହେଁ, କେବଳ ଦୁଇଚକିଆ ଏବଂ ଚାରିଚକିଆ ଆରୋହୀଙ୍କ ପାଇଁ ଉପଯୁକ୍ତ। ଏତେଦୂର ରାସ୍ତା ପାର ହୋଇ ଚାଲି ଚାଲି ଏସ୍‌ଟିଆଇ ଛକକୁ ଆସିବା ମୁସ୍କିଲ। ଏଥିସହିତ ଏଠାରେ ଜଣେ ଗାର୍ଡ ମୁତୟନ କରାଗଲେ ଉଚିତ୍ ହୁଅନ୍ତା ବୋଲି ପଦଯାତ୍ରୀ କହିଛନ୍ତି।

ଏ ନେଇ ରେଲୱେ ବୋର୍ଡ ସଦସ୍ୟ ପ୍ରଫେସର ସୁବାଷ ଚନ୍ଦ୍ର ଲେଙ୍କା କୁହନ୍ତି, ଦୈନିକ ୩ହଜାରରୁ ଊର୍ଦ୍ଧ୍ୱ ଲୋକ ସର୍ଟକର୍ଟ ରାସ୍ତା ଯୋଗୁ ରେଳ ଲାଇନ ପାର ହୋଇ ଯାତାୟାତ କରୁଛନ୍ତି। ଆଗରୁ ଫାଟକ ଥିଲା ଓ ଗାର୍ଡ ମଧ୍ୟ ରହୁଥିଲେ। ମାତ୍ର ଓଭରବ୍ରିଜ୍ ନିର୍ମାଣ ହେବା ପରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବ୍ୟବସ୍ଥା ଉଠାଇ ଦିଆଯାଇଛି। ଏଣୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଜଣେ ଗାର୍ଡ ମୁତୟନ ଜରୁରୀ ବୋଲି ସେ କହିଥିଲେ। ସେହିପରି ରାଉରକେଲା ରେଳ ଷ୍ଟେଶନ ପରିଚାଳକ ପ୍ରଭାଶ ଦାସ କୁହନ୍ତି, ଓଭରବ୍ରିଜ ନିର୍ମାଣ ହେବା ପରେ ଆମେ ଫାଟକ ଓ ଗାର୍ଡ ମୁତୟନ ବନ୍ଦ କଲୁ। ତେବେ ଲୋକଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ ଜଣେ ଗାର୍ଡ ରଖିବା କଥା ବୋଲି ସେ କହିଥିଲେ।

## ଧାନଚାଷରେ ରୋଗପୋକ, କ୍ଷୟକ୍ଷତି ଆକଳନ ଦାବି

**ସରଣ୍ଡା,୯।୪(ଯୁଧିଷ୍ଠିର ମହାପାତ୍ର)**

ବରଗ ଜିଲା ଅତାବିରା ଅଞ୍ଚଳରେ ଧାନଚାଷରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ଅତାବିରା ତହସିଲ କାର୍ଯ୍ୟାଳୟକୁ ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଚଳିତ ଧାନଫସଲରେ ବ୍ୟାପକ ରୋଗପୋକ ଦେଖାଦେଇଛି। ଚାଷୀମାନେ ଯେତେ ଔଷଧ ସିଞ୍ଚନ କଲେ ମଧ୍ୟ ନିୟନ୍ତ୍ରଣ ହେଉନାହିଁ। ଏବେ ଅତାବିରା ତହସିଲ ଅଞ୍ଚଳରେ ଅଦିନିଆ ବର୍ଷା ଓ ରୋଗପୋକ ଜନିତ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ଦେବାକୁ ବୁଦ୍ଧଦେବ ନନ୍ଦ, ସୁବାସ ବିଶ୍ୱାଳ, ସୁରେଶ କର୍ଣ୍ଣ, ସଂସାର ପ୍ରଧାନ, ଦଶରଥ ଭୋଇ, ଟିକେଲାଲ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ନରେନ୍ଦ୍ର ପଧାନ, ପାପା ରାଓ ପ୍ରମୁଖ ଦାବି କରିଛନ୍ତି।

## ଡା. ରାମଚନ୍ଦ୍ର ମେହେରଙ୍କୁ ଉତ୍କଳ ପ୍ରତିଭା ସମ୍ମାନ

**ରାଉରକେଲା,୯।୪(ଦିନେଶ ମିଶ୍ର)**

ରାଉରକେଲାର ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାମଚନ୍ଦ୍ର ମେହେରଙ୍କୁ ଉତ୍କଳ ପ୍ରତିଭା ରତ୍ନ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହାପି ମୁମେଣ୍ଟ୍‌ସ ଇଣ୍ଡିଆ ପକ୍ଷରୁ ଉତ୍କଳ ଦିବସ ପାଳନ ଅବସରରେ ଏହି ପ୍ରଭିତା ସମ୍ମାନ ଉତ୍ସବରେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ମେହେରଙ୍କୁ ଉପଢୌକନ ସହ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ। ଡାକ୍ତର ମେହେର ରାଉରକେଲା ସହରରେ ଦୀର୍ଘ ୪୩ ବର୍ଷ ଧରି ଚକ୍ଷୁସେବା କ୍ଷେତ୍ରରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ମାଗଣା ଚକ୍ଷୁ ପରୀକ୍ଷା ସହ ସଫଳ ଅସ୍ତ୍ରୋପଚାର କରିଛନ୍ତି। ତାଙ୍କର ଏହି ସେବା ମନୋଭାବ ଯୋଗୁ ନିକଟରେ ତାଙ୍କୁ ବାଙ୍ଗଲାଦେଶ ସ୍ଥିତ ଗୋପାଳଗଞ୍ଜଠାରେ ଇଣ୍ଡୋ-ବାଙ୍ଗ୍‌ଲାଦେଶ ଫ୍ରେଣ୍ଡଶିପ୍ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡାକ୍ତର ମେହେରଙ୍କ ଏହି କାର୍ଯ୍ୟ ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ କର୍ମ ପ୍ରତିବଦ୍ଧତା ତାଙ୍କୁ ସହରରେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ପରିଚିତ କରିପାରିଛି। ଜୀବନ ଥିବା ପର୍ଯ୍ୟନ୍ତ କିଭଳି ଅଧିକରୁ ଅଧିକ ଗରିବ ଲୋକଙ୍କୁ ନିଃଶୁଳ୍କ ଚକ୍ଷୁସେବା ଯୋଗାଇଦେବେ ଏହାହିଁ କାମନା ବୋଲି ଡାକ୍ତର ମେହେର ମତପ୍ରକାଶ କରିଛନ୍ତି।




ଡାକ୍ତର ରାମଚନ୍ଦ୍ର ମେହେରଙ୍କୁ ସମ୍ମାନିତ କରାଯାଉଛି।

## ସାରଦାଙ୍କୁ ଭବ୍ୟ ସ୍ୱାଗତ, ପୂଜାର୍ଚ୍ଚନା ପରେ ପ୍ରଚାର କଲେ



ବିଜେଡି ପ୍ରାର୍ଥୀ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

**ରାଉରକେଲା,୯।୪(ଦିନେଶ ମିଶ୍ର)**

ବିଜୁ ଜନତା ଦଳର ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଟିକେଟ ପାଇବା ପରେ ମଙ୍ଗଳବାର ରାଉରକେଲାରେ ପହଞ୍ଚିଛନ୍ତି। ବିଧାୟକଙ୍କୁ ଶତାଧିକ ଦଳୀୟ କର୍ମୀ ପୁଷ୍ପମାଲ୍ୟ ଅର୍ପଣ କରି ଭବ୍ୟ ସ୍ୱାଗତ କରିଥିଲେ। ବିଧାୟକ ନାୟକ ସହରରେ ପହଞ୍ଚିବା ପରେ କର୍ମୀଙ୍କ ଗହଣରେ ରାଉରକେଲା ରେଳ ଷ୍ଟେଶନ ନିକଟ ଶଙ୍କଟ ମୋଚନ ହନୁମାନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହ ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ଉପସ୍ଥିତ ଥିଲେ। ପରେ ବିଧାୟକ ପ୍ରାର୍ଥୀ ନାୟକ ଓ ଲୋକସଭା ପ୍ରାର୍ଥୀ ତିର୍କୀ ସମର୍ଥକଙ୍କ ସହ ଶୋଭାଯାତ୍ରା କରି ନିର୍ବାଚନ ପ୍ରଚାର କରିଥବଲେ। ଏହି ଶୋଭାଯାତ୍ରା ଶଙ୍କଟମୋଚନ ମନ୍ଦିର ପରିସରରୁ ବାହାରି ରାଉରକେଲା ମୁଖ୍ୟ ମାର୍ଗ ମଧୁସୂଦନ ମାର୍ଗ ଦେଇ ଡେଲିମାର୍କେଟ, କଚେରୀ ରୋଡ, ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିଥିଲା। ସେଠାରୁ ବାସନ୍ତୀ କଲୋନୀ ମୁଖ୍ୟ ମାର୍ଗ ହୋଇ ଛେଣ୍ଡ କଲୋନୀ ଦେଇ କଳିଙ୍ଗ ବିହାର ସ୍ଥିତ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଉଭୟ ପ୍ରାର୍ଥୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଓ ରାଉରକେଲାର ବିକାଶ ଦିଗରେ କିଭଳି କାର୍ଯ୍ୟ କରି ସହରକୁ ସମୃଦ୍ଧି ପଥରେ ନିଆଯିବ ସେ ନେଇ ବିଧାୟକ ନାୟକ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏଥିରେ ରାଉରକେଲା ବିଜେଡି ନଗର ସଭାପତି ଗଗନ ପଣ୍ଡା, ଆନନ୍ଦ ଚନ୍ଦ୍ର ମହାନ୍ତି, ସୂଚନା ଅଧିକାରୀ ଜୟନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସଞ୍ଜୀପ ମିଶ୍ର, ସୁଦାମ ଦାସ, ବ୍ରିଜମୋହନ ଅଗ୍ରୱାଲ, ପ୍ରବୀଣ ଗର୍ଗ, ବିଭୂତି ପୁହାଣ, ହରମୋହନ ମହାପାତ୍ର, ପପୁ ଜସୱାଲ, ରାଜେଶ ସେଠୀ, ଲକ୍ଷ୍ମୀ ସିଂ, ପ୍ରମୋଦ ଶର୍ମା, ଜୋସ୍ନା ନାଏକ, ସୁରେଶ ଶର୍ମା, ଏମ୍‌ଡି ଗୁଡ୍ଡୁ, ବିନୋଦ ସିଂ, ପ୍ରବୀଣ ଗର୍ଗ, ଆଶିଷ ମହାନ୍ତି, ସୁବାଷ ସ୍ୱାଇଁ, ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସେକ୍ଟର-୨ରେ ହିନ୍ଦୁ ନବବର୍ଷ ପାଳନ

**ରାଉରକେଲା,୯।୪(ବିପ୍ଳବ ରଞ୍ଜନ ଦାଶ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ନବବର୍ଷ ଆୟୋଜନ ସମିତି ସେକ୍ଟର-୨ ଆନୁକୂଲ୍ୟରେ ମଙ୍ଗଳବାର ଲକ୍ଷ୍ମୀପୂଜା ମଣ୍ଡପରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନାମଯଜ୍ଞ, ଘୃତଯଜ୍ଞ, ୧୦୮ ଦୀପ ଯଜ୍ଞ, ସେବାଯଜ୍ଞ, ଗୀତାଯଜ୍ଞ, ଜ୍ଞାନ ଯଜ୍ଞ ଏବଂ ଅନ୍ନ ଯଜ୍ଞ ଆୟୋଜିତ ହୋଇଥିଲା। ସେବାଯଜ୍ଞରେ ରକ୍ତଦାନ ସହ ମାଗଣା ଚକ୍ଷୁ ଚିକିତ୍ସା ଶିବିର ହୋଇଥିଲା। ରକ୍ତଦାନ ଶିବିରରେ ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଚକ୍ଷୁ ଚିକିତ୍ସା ଶିବିରରେ ୧୫୪ ଜଣ ଚକ୍ଷୁରୋଗୀ ପଞ୍ଜୀକୃତ ହୋଇଥିବା ବେଳେ ୮ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ସେମାନଙ୍କୁ ହସ୍ପିଟାଲ ତରଫରୁ ମାଗଣା ସେବା ଯୋଗାଇ ଦିଆଯିବା ସହିତ ୩ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଗଲା। ଅନ୍ୟ ଚକ୍ଷୁରୋଗୀଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ସେବାଶ୍ରମ ସଂଘ ବୃନ୍ଦାବନର ସ୍ୱାମୀ ଜଗନ୍ନାଥ ନନ୍ଦଜୀ ମୁଖ୍ୟଅତିଥି, ଗୁରୁକଲ୍ୟାଣ ମହାପାତ୍ର ସମ୍ମାନୀତ ଅତିଥି ଏବଂ ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ତଥା ଆରଏସ୍ଏସ୍‌ର ଓଡିଶା ପଶ୍ଚିମ ପ୍ରାନ୍ତ ସଞ୍ଚାଳକ ଡକ୍ଟର ସନାତନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା ଏବଂ ସମିତି ସଭାପତି ଯୋଗେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ହନୁମାନ ଗୋୟଲ, ଆବାହକ ହରେକୃଷ୍ଣ ମାଝୀଙ୍କ ସମେତ କର୍ମକର୍ତ୍ତାଗଣ ସହଯୋଗ କରିଥିଲେ। ସମ୍ପାଦକ ସମାଜପତି ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,**
ଇମେଲ୍: crld.robhubaneshwar@unionbankofindia.bank
**ରୂପାଲି ସ୍କୋୟାର ଶହୀଦ ନଗର ଶାଖା (୧୦୫୮୧)**
**ଇର୍ପିକଲ୍ ହାଉସ୍, ଜନପଥ, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୩୭୯୧୬**

**କୃଷି ସ୍ୱର୍ଣ୍ଣ ଋଣ ବକେୟା ଦେୟ ପଇଠ କରିବା ନିମନ୍ତେ ଅନ୍ତିମ ସ୍ମାରକ ଏବଂ ନିଲାମ ପତ୍ର**

ଚିଠି ନଂ.: 10581/Rupali Square/2024/15 ତାରିଖ:୧୭.୦୧.୨୦୨୪
ପ୍ରାପ୍ତେଷୁ,
**ଶ୍ରୀ ଅଭିଜିତ୍ ବାରିକ, ପ୍ଲଟ ନଂ.୫୦, ଏକଦନ୍ତ ଆର୍କେଡ, ଫ୍ଲାଟ ନଂ.୪, ଡିଏଭି ସ୍କୁଲ ନିକଟ, କଳିଙ୍ଗ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୩।**
**ବିଷୟ: ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. ୧୦୫୮୧୬୫୪୦୦୦୦୮୩ ର ବକେୟା ଦେୟ: ଟ.୧,୫୦,୪୦୦/- ।**
ଦୟାକରି ଆମର ଚିଠି ନଂ.୨ (ତାରିଖ: ୧୩.୧୧.୨୦୨୩) କୁ ଅନୁସରଣ କରନ୍ତୁ ଯେଉଁଥିରେ ଆପଣଙ୍କୁ ଆପଣଙ୍କ ସ୍ୱର୍ଣ୍ଣ ଋଣ ଆକାଉଣ୍ଟରେ ପର୍ଯ୍ୟାପ୍ତ ମାର୍ଜିନ ରଖିବାକୁ / ଋଣ ଆକାଉଣ୍ଟ ନିୟମିତ କରିବାକୁ କୁହାଯାଇଥିଲା। ଋଣ ସୁବିଧାକୁ ଉପଲବ୍ଧ କରିବା ନିମନ୍ତେ ଆପଣ ନିମ୍ନଲିଖିତ ଡକ୍ୟୁମେଣ୍ଟଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି :
ଡିପି ନୋଟ୍, AD02 (A), ଲାଏନ୍ ଚିଠି ଏବଂ ଅନ୍ୟାନ୍ୟ ସ୍ୱର୍ଣ୍ଣ ଋଣ ବିସ୍ତୃତ ଫର୍ମାଟ।
ଆପଣ ତା.୩୦.୦୩.୨୦୨୩ରିଖରେ ଚିଠି ଦ୍ୱାରା ଆପଣ ଗ୍ରହଣ କରିଥିବା ଋଣ ସୁବିଧାର ଦାୟୀତ୍ୱକୁ ସ୍ୱିକାର କରିସାରିଛନ୍ତି। ବର୍ତ୍ତମାନ ଆପଣ ଦେବାକୁ ଥିବା ସ୍ୱର୍ଣ୍ଣ ଋଣ ଆକାଉଣ୍ଟର ବକେୟା ଦେୟ: ତା.୧୭.୦୧.୨୦୨୪ରିଖ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୫୦,୪୦୦/-(ଏକ ଲକ୍ଷ ପଚାଶ ହଜାର ଚାରି ଶହ ଟଙ୍କା ମାତ୍ର)। ଆପଣଙ୍କୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଆପଣ ଋଣର ବକେୟା ଦେୟ ଏବଂ ସୁଧକୁ ପଇଠ କରିବାରେ ଅବହେଳା କରିବା ସହିତ ବର୍ତ୍ତମାନ ସୁଦ୍ଧା ପଇଠ କରିନାହାଁନ୍ତି।
ପରିଶେଷରେ ଆମେ ଆପଣଙ୍କୁ ଜଣାଇଦେଉଛୁ ଯେ ଆପଣ ଟ.୧,୫୦,୪୦୦/- ସହିତ ତା୩୦.୦୩.୨୦୨୩ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ତ୍ରୟ ମାସିକ /ଅର୍ଦ୍ଧ ବାର୍ଷିକ କମ୍ପାଉଣ୍ଡ ସୁଧ ୮.୬୫% ହାରରେ ପଇଠ କରନ୍ତୁ କିମ୍ବା ଏହି ବିଜ୍ଞାପନ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଶାଖା ସହିତ ବିଚାରବିମର୍ଶକରି ଅତିରିକ୍ତ ସୁନା ଅଳଙ୍କାର ବନ୍ଧକ ରଖିବାର ବ୍ୟବସ୍ଥା କରନ୍ତୁ। ଅନ୍ୟଥା ଆପଣଙ୍କ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକୁ ଉପଯୁକ୍ତ ବିଧି ଏବଂ ବ୍ୟବସ୍ଥା ଅନୁସାରେ ନିଲାମ କରିଦିଆଯିବ।
**ଆପଣଙ୍କର ବିଶ୍ୱସ୍ତ,**
**ପରିଚାଳକ**
**ତାରିଖ: ୦୯.୦୪.୨୦୨୪, ସ୍ଥାନ: ଭୁବନେଶ୍ୱର** **ଶାଖା ପରିଚାଳକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,**
ଇମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ସାଙ୍କେତିକ/ ଭୌତିକ ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଲିଖିତ ତାରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଷ୍ଟେସନ ସ୍କୋୟାର ଶାଖା, ପ୍ଲଟ ନଂ.୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର, ଓଡିଶା, ପିନ୍- ୭୫୧୦୦୧**
ମୋବାଇଲ୍ ନଂ.:୯୭୭୭୬୬୬୫୪୩, ଇମେଲ୍: ubin0903337@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ମେସର୍ସ ଓଡି ପ୍ଲାଷ୍ଟ, ସତ୍ତ୍ୱାଧିକାରୀ: ଶ୍ରୀ ସଚିଦାନନ୍ଦ ଦାସ, ପ୍ଲଟ ନଂ.୫୮/ଇ, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ପାତ୍ରପଡା, ଭୁବନେଶ୍ୱର- ୭୫୧୦୦୯। | ତା.୧୫.୦୭.୨୦୨୨ ସୁଦ୍ଧା ଟ.୧,୧୧,୫୩,୦୮୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୧:** ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଯାହାର ଇଡ୍‌କୋ ପ୍ଲଟ ନଂ.୫୮/ଇ, ରେଭିନ୍ୟୁ ଖାତା ନଂ.୫୦୩, ରେଭିନ୍ୟୁ ପ୍ଲଟ ନଂ.୫୪(ପି), ସମୁଦାୟ ଜମି ଏରିଆ: ଏ୦.୧୧୫ ଡିସିମିଲି, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ମୌଜା: ଭଗବାନପୁର, ତହସିଲି: ଭୁବନେଶ୍ୱର, ଥାନା: ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୧୦୧୯।
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯୧,୪୦,୬୫୬/- / ଅମାନତ ଜମା: ଟ.୯,୧୪,୦୬୫/- / ବିଡ୍ ବୃଦ୍ଧି ରାଶି: ଟ.୧,୦୦,୦୦୦/-**

**ମଧୁସୂଦନ ନଗର ଶାଖା, ପ୍ଲଟ ନଂ.୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର, ପିନ୍-୭୫୧୦୨୨,**
ମୋବାଇଲ୍ ନଂ.: ୮୨୬୦୪୮୯୫୯୫, ଇମେଲ୍: ubin0808954@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀ ସତ୍ୟଜିତ୍ ପଣ୍ଡା, ପ୍ଲଟ ନଂ.୨୧୬୯(ଅଂଶ), କେଦାରଗୌରୀ ରୋଡ, ଭୁବନେଶ୍ୱର-୭୫୧୦୦୨, (୨)ଶ୍ରୀ ଦେବବ୍ରତ ନାୟକ, ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର-୭୫୧୦୦୨, (୩) ୰ଶ୍ରୀ ଲିଙ୍ଗରାଜ ରାଉତରାୟ, ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ପ୍ଲଟ ନଂ.୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର-୭୫୧୦୦୨ଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ। | ତା.୧୭.୦୮.୨୦୨୩ ସୁଦ୍ଧା ଟ.୪୮,୬୯,୯୬୩.୦୪ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ-୨: ଶ୍ରୀ ସତ୍ୟଜିତ୍ ପଣ୍ଡା**ଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହା ରୟାଲ ରେସିଡେନ୍ସିର ଫ୍ଲାଟ ନଂ.୩୨, ଏହାର ପ୍ଲଟ ନଂ.୮୭୭/୨୬୧୯ (କିଏ ପ୍ଲଟ ନଂ.ଏନ୍/୩-୭୧), ଖାତା ନଂ.୧୪୨୭(କିଏ), ମୌଜା: ଜୟଦେବ ବିହାର (ୟୁନିଟ-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୫, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୩୧, ଦକ୍ଷିଣ- ଖୋଲା ସ୍ଥାନ, ପୂର୍ବ- ଖୋଲା ସ୍ଥାନ, ପଶ୍ଚିମ- ଖୋଲା ସ୍ଥାନ।
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୫,୮୮,୯୦୦/- / ଅମାନତ ଜମା: ଟ.୬,୫୮,୮୯୦/- / ବିଡ୍ ବୃଦ୍ଧି ରାଶି: ଟ.୭୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ**

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍:https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspx କୁ ଅନୁଧ୍ୟାନ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୪.୨୦୨୪** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ପ୍ରାର୍ଥୀ ଘୋଷଣା ସରୁନି, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୯।୪(ସୁନିତ୍ ମିଶ୍ର)

ଆସନ୍ତା ମେ ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଓଡ଼ିଶାର ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନରେ ଭୋଟ ହେବ। ସେହି କ୍ରମରେ ଦେଖିଲେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଲାଗି ନାମାଙ୍କନ ଦାଖଲ ପାଇଁ ଆଉ ମାତ୍ର ୮ ଦିନ ସମୟ ରହିଛି। ହେଲେ ଓଡ଼ିଶାର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ଏପର୍ଯ୍ୟନ୍ତ ସବୁ ଆସନରେ ନିଜର ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। କଂଗ୍ରେସରୁ ଏକାଧିକ ନେତା ଦଳ ଛାଡ଼ି ଅନ୍ୟ ଦଳକୁ ଯାଉଥିବାବେଳେ ଭାଜପା ଅସନ୍ତୁଷ୍ଟ ବିଜେଡି ନେତାଙ୍କୁ ଦଳରେ ସାମିଲକରି ନିଜ ଦଳର ମୂଳ ନେତାମାନଙ୍କୁ ଅସନ୍ତୁଷ୍ଟ କରୁଥିବା ଲକ୍ଷ୍ୟ କରାଯାଉଛି, ଯେଉଁଥିଲାଗି ଭାଜପା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରିବା ପରଠାରୁ ବହୁ ବିଧାନସଭା କ୍ଷେତ୍ରରୁ ଆଶାୟୀଙ୍କ ସମର୍ଥକମାନେ ଆସି ଦଳୀୟ କାର୍ଯ୍ୟାଳୟଠାରେ ପ୍ରତିବାଦ ଏବଂ ବିରୋଧ ପ୍ରକ୍ରିୟା ଜାରି ରଖିଛନ୍ତି। ସେହିପରି ବିଜେଡି ଅନ୍ୟ ଦଳର ଅନେକ ନେତାଙ୍କୁ ଆମଦାନୀ କରି ଟିକେଟ ଦେବା କାରଣରୁ ବହୁ ନେତା ଅସନ୍ତୁଷ୍ଟ ହୋଇ ଦଳ ଛାଡୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ୩ ଦଳରେ ପ୍ରାର୍ଥୀ ଘୋଷଣା ସରୁ ନ ଥିବା ବେଳେ ବାକି ଥିବା ଆସନରେ ଆଶାୟୀଙ୍କ ଚିନ୍ତା ଦିନକୁ ଦିନ ବଢ଼ିଚାଲିଛି।

ଭାଜପା ଗୋଟିଏ ପର୍ଯ୍ୟାୟରେ ୧୧୨ ବିଧାନସଭା ଓ ସମସ୍ତ ୨୧ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଲାଣି। ତେବେ ବାଲେଶ୍ୱର ଲୋକ ସଭା ଆସନକୁ ଛାଡ଼ିଦେଲେ ଅନ୍ୟ କୌଣସି ନିର୍ବାଚନମଣ୍ଡଳୀରେ ଏମ୍‌ପି ଟିକେଟ ପାଇଁ ଦଳରେ ଖୋଲାଖୋଲି ଦ୍ୱନ୍ଦ୍ୱ ଦେଖିବାକୁ ମିଳୁନାହିଁ। ବାଲେଶ୍ୱର ଲୋକ ସଭା ଆସନ ପାଇଁ ଯୀର ଖାରବେଳ ସ୍ୱାଇଁ ଖୋଲାଖୋଲି ଦଳୀୟ ଟିକେଟ ପାଇଁ ଦାବି କରୁଥିବା ଦେଖିବାକୁ ମିଳିଛି। ଏପର୍ଯ୍ୟନ୍ତ ଆହୁରି ୩୫ଟି ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଘୋଷଣା ନ କରି ଝୁଲାଇ ରଖିଛି। ଫଳରେ ବିଜେଡିରୁ ଅସନ୍ତୁଷ୍ଟ ହୋଇ ଟିକେଟ ଆଶାରେ ଥିବା ଅନେକ ନେତା ଏବେ ଚିନ୍ତାରେ ପଡ଼ିଗଲେଣି। ଯେହେତୁ ଭାଜପା ଘୋଷଣା କରିଥିବା ଟିକେଟ ମଧ୍ୟରୁ ଅନେକ ସ୍ଥାନରେ ଏବେ ବିରୋଧ ଦେଖିବାକୁ ମିଳୁଛି ତାହା ମଧ୍ୟ ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ଧର୍ମଶାଳା, ମାହାଙ୍ଗା, ରଣପୁର, ଜୟଦେବ, ଖୋର୍ଦ୍ଧା, ହିଞ୍ଜିଳି ଭଳି ବହୁ ଆସନରେ ଟିକେଟ ଘୋଷଣା ପରେ ଭାଜପାର ସମସ୍ୟା ବଢ଼ିଛି।

ସେହିପରି ବିଜେଡି ୩ଟି ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ମୋଟ ୧୦୮ଟି ବିଧାନସଭା ଆସନ ଓ ୨୦ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ହେଲେ ଆହୁରି ୩୯ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ(ବାଲେଶ୍ୱର) ପାଇଁ ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନାହିଁ। କେତେକ ଆସନରେ ବିଜେଡି ବିରୋଧୀ ଦଳରୁ ନେତାଙ୍କୁ ଆଣି ଟିକେଟ ଦେଉଥିବା ଲକ୍ଷ୍ୟ କରାଯାଉଛି। ଗତଥର ତୁଳନାରେ ଏଥର ନିର୍ବାଚନରେ ଏହି ପ୍ରକ୍ରିୟାକୁ ବିଜେଡି ଅଧିକ ଉପଯୋଗ କରୁଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପଟେ ବାଲେଶ୍ୱର ଲୋକ ସଭା ଆସନରେ ଦଳ କାହାକୁ ଟିକେଟ ଦେବ ସେନେଇ ବିଚାରବିମର୍ଶ ଜାରି ରଖିଛି। ଏହି ଆସନରେ ମଧ୍ୟ ଶାସକ ଦଳ ଅନ୍ୟ ଦଳରୁ ଆମଦାନୀ କରି ଆଣିଥିବା ଜଣଙ୍କୁ ଟିକେଟ ଦେବା ଯଥେଷ୍ଟ ସମ୍ଭାବନା ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କଂଗ୍ରେସ ମଧ୍ୟ ଏଯାଏଁ ୮ଟି ଲୋକ ସଭା ଏବଂ ୪୭ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି। ଦୁଇଟି ଆସନ ଦଳ ମେଣ୍ଟକୁ ଛାଡ଼ି ଦେଇଛି। ଏହିପରି ମୋଟ ୪୯ଟି ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାକି ୧୩ ଲୋକ ସଭା ଏବଂ ୯୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଅନେକ ନେତା କଂଗ୍ରେସ ଛାଡ଼ି ନିକଟରେ ବିଜେଡି ଏବଂ ଭାଜପାରେ ଯୋଗଦେଇ ସେମାନଙ୍କ ଟିକେଟରେ ଏଥର ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ବରିଷ୍ଠ ନେତା ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ସୁରେନ୍ଦ୍ର ସିଂଭୋଇଙ୍କ ଭଳି ଅନେକ ନେତା ବିଜେଡି ଟିକେଟରୁ ନିର୍ବାଚନ ଲଢୁଛନ୍ତି। ତେଣୁ କଂଗ୍ରେସ ପ୍ରାର୍ଥୀ ଚୟନ ନେଇ ଚିନ୍ତାରେ ପଡ଼ିଯାଇଛି। ଦଳ ପ୍ରଗମନ ଆପ୍‌ରେ ଯେଉଁ ହଜାର ହଜାର ଲୋକ ଟିକେଟ ପାଇଁ ଆବେଦନ କରିଥିବା କଥା କହୁଥିଲା ସେଥିରେ କେତେ ସତ୍ୟତା ରହିଛି ତାହା ମଧ୍ୟ ଜଣାପଡୁନାହିଁ। ଆସନ୍ତା ୧୩ରେ ସିଇସି ବୈଠକ ଥିବାବେଳେ ଏହାପରେ ଯାଇ ଦଳ ବାକି ଆସନଗୁଡିକ ପାଇଁ ପ୍ରାର୍ଥୀ ଘୋଷଣା କରିବ ବୋଲି ଜଣାପଡ଼ିଛି।

# ‘ସାଲୁଜା ଯୁଆଡେ, ଆମେ ସିଆଡେ’



କଂଗ୍ରେସ କର୍ମୀ ସମ୍ମିଳନୀରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ସମର୍ଥକ।

କଣ୍ଟାବାଞ୍ଜି, ୯।୪ (ଗୁରୁଦୟାଲ ହଂସ)

**କଣ୍ଟାବାଞ୍ଜି କଂଗ୍ରେସ କର୍ମୀ ସମ୍ମିଳନୀରେ ସମର୍ଥକଙ୍କ ଘୋଷଣା**

- ପୁଣି ଥରେ ବିଧାନସଭା ପଠାଇବାକୁ ଶପଥ ନେଲେ
- ସାଲୁଜା କହିଲେ କଣ୍ଟାବାଞ୍ଜି ଜିଲା ଦାବି ହେବ ମୁଖ୍ୟ ପ୍ରସଙ୍ଗ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ହରିଭବନରେ ମଙ୍ଗଳବାର କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସମେତ କଣ୍ଟାବାଞ୍ଜି ଏନଏସିର ସହସ୍ରାଧିକ କର୍ମୀ ଓ ସମର୍ଥକ, ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ପୁଣି ଥରେ ସାଲୁଜାଙ୍କୁ ବିଧାୟକଭାବେ ବିପୁଳ ଭୋଟରେ ନିର୍ବାଚିତ କରିବାକୁ ସମ୍ମିଳନୀରେ ଶପଥ ନେଇଥିଲେ। ସମସ୍ତ କର୍ମୀ, ସମର୍ଥକ ଓ କାର୍ଯ୍ୟକର୍ତ୍ତା ସାଲୁଜା ଯେଉଁଠି ରହିବେ ତାଙ୍କ ସହ ସମସ୍ତେ ରହି ସମର୍ଥନ ଦେବେ ବୋଲି ସେଠାରେ ଘୋଷଣା କରିଥିଲେ।

ସମ୍ମିଳନୀରେ ପ୍ରଥମେ ମୁରିବାହାଲ ବ୍ଲକ ୩୦ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ ଅଞ୍ଚଳର ବିକାଶରେ ବିଧାୟକ ସାଲୁଜାଙ୍କ ଯୋଗଦାନ ସମ୍ପର୍କରେ କହିଥିଲେ। କଣ୍ଟାବାଞ୍ଜି ବିକାଶରେ ସେ ଏକମାତ୍ର ନେତା ବୋଲି କହିଥିଲେ । ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ତଥା ସମିତି ସଭ୍ୟ ଭୋଳାନାଥ ବେହେରା ଅଞ୍ଚଳର ବିକାଶରେ ସାଲୁଜା ଏକମାତ୍ର ବିକଳ୍ପ ବୋଲି କହିଥିଲେ। ସେ ସାଲୁଜାଙ୍କୁ ଟାଇଗର ସମ୍ବୋଧନ କରି ଯେତେବେଳ ପର୍ଯ୍ୟନ୍ତ ସେ ଅଛନ୍ତି ବିକାଶ ସମ୍ଭବ ବୋଲି କହିଥିଲେ। ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ନାରାୟଣ ଜୈନ ସାଲୁଜାଙ୍କ ବିଧାୟକତ୍ୱ ସମୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ସୂଚନା ଦେଇ ତାଙ୍କୁ ଅଞ୍ଚଳବାସୀଙ୍କ ସୁଖଦୁଃଖର ସାଥୀ ବୋଲି କହିଥିଲେ। ଏନଏସି ଉପାଧ୍ୟକ୍ଷା ମନୋରମା ରାଉତ ଓ ତୁରେକେଲା ବ୍ଲକ ୧୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ କୌଶିକ ମେହେର ପ୍ରତ୍ୟେକ କର୍ମୀଙ୍କୁ ସାଲୁଜା ନିଜ ପରିବାର ସଦସ୍ୟ ଭାବେ ବ୍ୟବହାର କରନ୍ତି ବୋଲି କହିଥିଲେ। ନଗରପାଳ ବିରୟାମ ସିଂ ସାଲୁଜା ତାଙ୍କ ବକ୍ତବ୍ୟରେ ସାଲୁଜା ପରିବାର କିଭଳି ଅଞ୍ଚଳରେ ବିକାଶ କରିଛନ୍ତି କହିଥିଲେ।

ବିଧାୟକ ସାଲୁଜା ତାଙ୍କ ବକ୍ତବ୍ୟରେ ଆଗାମୀ ବିଧାନସଭା ନିର୍ବାଚନରେ ବିଜୟୀ ହେବାକୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇ କର୍ମୀ ଓ ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ଚାଷୀର ଫସଲ ବୀମା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ହେଉ କିମ୍ବା ବ୍ୟକ୍ତିଗତ ସମସ୍ୟା ହେଉ ବିରୋଧୀଠାରୁ କର୍ମୀ ଯାଏ ସମସ୍ତଙ୍କ ସମସ୍ୟାର ସମାଧାନ ପାଇଁ ସେ ଚେଷ୍ଟାକରି ଆସିଛନ୍ତି ବୋଲି କହିଥିଲେ । ନିଜକୁ କଣ୍ଟାବାଞ୍ଜି ମାଟିର ସନ୍ତାନ ବୋଲି କହି ସେ ଯେଭଳି ବିକାଶ କାର୍ଯ୍ୟ କରିବେ ଅନ୍ୟଠାରୁ ଆସିଥିବା ଲୋକେ ଏଠାରେ କ’ଣ ବିକାଶ କରିବେ ବୋଲି କହିଥିଲେ। ଦୀର୍ଘଦିନରୁ କଣ୍ଟାବାଞ୍ଜିର ଦାଦନ ସମସ୍ୟା, ଜଳସେଚନର ବ୍ୟବସ୍ଥା ସହିତ ଜିଲା ଦାବି କଥା ବିଧାନସଭାରେ ସେ ଉଠାଇ ଆସିଥିବା ସୂଚନା ଦେଇଥିଲେ। ଆଗାମୀ ଦିନରେ କଣ୍ଟାବାଞ୍ଜି ଜିଲା ଦାବିକୁ ସରକାରଙ୍କଠାରେ ଉପସ୍ଥାପନ କରି ସଫଳ ହେବେ ବୋଲି ଦୃଢ଼ତାର ସହ କହିଥିଲେ। ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଭୋଳାନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା ସଞ୍ଚାଳନ କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଷୀ ଧନ୍ୟବାଦ ଦେଇଥିଲେ। ବିଧାୟକ ସାଲୁଜା ଦଳବଦଳ କରିପାରନ୍ତି ବୋଲି କିଛିଦିନ ହେଲା ଚର୍ଚ୍ଚା ହେଉଥିଲେ ମଧ୍ୟ ମଙ୍ଗଳବାରର କଂଗ୍ରେସର ସମ୍ମିଳନୀ ଅନେକାଂଶରେ ସେଇ ଚର୍ଚ୍ଚାକୁ ପ୍ରଶମିତ କରିବ ବୋଲି ଆଶା କରାଯାଉଥିଲା। ତେବେ ସମ୍ମିଳନୀରେ କର୍ମୀ ଓ ସମର୍ଥକମାନେ ସାଲୁଜା ଯେଉଁଆଡେ ସେମାନେ ସିଆଡେ ବୋଲି ଘୋଷଣା କରିବାକୁ ନେଇ ଚର୍ଚ୍ଚା ଜାରି ରହିଛି।



ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଆଶାୟୀ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କୁ ଟିକେଟ ଦେବା ଦାବିରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ସମର୍ଥକଙ୍କ ବିକ୍ଷୋଭ ପ୍ରଦର୍ଶନ।

# ଭାଜପା କାର୍ଯ୍ୟାଳୟରେ ପୁଣି ହିମାଂଶୁଙ୍କ ସମର୍ଥକ

କାଏମା, ୯।୪(ଶିବ ପ୍ରସାଦ ମହାନ୍ତି)

- ବାଇକ୍ ଶୋଭାଯାତ୍ରାରେ ଆସି ଧାରଣା ଦେଇଛନ୍ତି
- ଟିକେଟ ପରିବର୍ତ୍ତନ ଦାବି ଜୋର

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ନେତା ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଏବେବି ଟିକେଟ ଆଶାରେ ଅଛନ୍ତି। ସେମାନେ ମଙ୍ଗଳବାର ଧର୍ମଶାଳା ମହୋତ୍ସବ ପଡ଼ିଆରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ସନ୍ଧ୍ୟାରେ ଧାରଣା ଦେଇଛନ୍ତି। ଟକେଟ ପରିବର୍ତ୍ତନ ନ ହେଲେ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପା ବିଧାନସଭା ପ୍ରାର୍ଥୀ ଟିକେଟକୁ ନେଇ ଚାଲିଛି ଛକାପଞ୍ଝା। ଭାଜପା ପକ୍ଷରୁ ୨ ତାରିଖ ମଙ୍ଗଳବାର ବିଧାନସଭା ପ୍ରାର୍ଥୀ ଭାବେ ସ୍ମୃତିରେଖା ପହିଙ୍କ ନାମ ଘୋଷଣା ପରେ ଅଡୁଆ ସୃଷ୍ଟି ହୋଇଛି। କେତେଜଣ କର୍ମୀ ସ୍ମୃତିରେଖାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ଅନେକ କର୍ମୀ ଦଳର ନିଷ୍ପତ୍ତିକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। କିଛି ଦିନ ହେବ ହିମାଂଶୁ ପଦଯାତ୍ରା, ମିଶ୍ରଣ ପର୍ବ ଭଳି ସଭା କରି ହଜାର ହଜାର ସଂଖ୍ୟାରେ କର୍ମୀଙ୍କୁ ଏକଜୁଟ କରିବା ସହ ସଙ୍ଗଠନ ଗଢୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଖୋଲ ଗସ୍ତ ବେଳେ ସେ ୫ ହଜାରରୁ ସମର୍ଥକଙ୍କୁ ନେଇ ବାଇକ ଶୋଭାଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ତାଙ୍କୁ ଟିକେଟ ମିଳିବ ବୋଲି ସମର୍ଥକ ଆଶାବାଦୀ ଥିଲେ। ମାତ୍ର ସ୍ମୃତିରେଖାଙ୍କୁ ଟକେଟ ମିଳିବା ପରେ ହିମାଂଶୁଙ୍କ ସମର୍ଥକ ଏହାକୁ ଗ୍ରହଣ କରିପାରି ନ ଥିଲେ। ଦଳୀୟ ନିଷ୍ପତ୍ତିର ପୁନର୍ବିଚାର ଦାବିରେ ସେହିଦିନ ଅପରାହ୍ଣରେ ତାଙ୍କ ସମର୍ଥକ ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ଟିମ୍‌ଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ଭିତରେ ୮ ଦିନ ବିତିଯାଇଥିଲେ ବି କୌଣସି ଉତ୍ତର ମିଳି ନ ଥିବାରୁ ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

# ଏକାମ୍ରରେ ନିର୍ଦ୍ଦଳୀୟ ପ୍ରାର୍ଥୀ ହୋଇପାରନ୍ତି ଅମିୟ

ପୁରୁଣା ଭୁବନେଶ୍ୱର, ୯।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ(ବିଜେଡି) ଏବଂ ଭାରତୀୟ ଜନତା ପାର୍ଟି(ଭାଜପା) ନିଜର ପ୍ରାର୍ଥୀଙ୍କୁ ଦୋହରାଇଛନ୍ତି। ବିଜେଡିରୁ ଅଶୋକ ଚନ୍ଦ୍ର ପଣ୍ଡା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ବାବୁ ସିଂଙ୍କ ଉପରେ ଭରସା କରିଛି। କଂଗ୍ରେସର ପ୍ରାର୍ଥୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏସବୁ ମଧ୍ୟରେ ୨୦୧୪ରେ ଏକାମ୍ର କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେଇଥିବା ସାମାଜିକକର୍ମୀ ଅମିୟ ଦାସଙ୍କ ନୀରବତା ଏବେ ଏକାମ୍ର କ୍ଷେତ୍ରରେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ଷ ତମାମ ଅନେକ କ୍ଲବ, ସାମାଜିକ ସଙ୍ଗଠନରେ ରହି ବହୁ ସାମାଜିକ କାର୍ଯ୍ୟକ୍ରମରେ ସେ ନିଜକୁ ଜଡ଼ିତ ରଖିଛନ୍ତି। ଏକାମ୍ର କ୍ଷେତ୍ରରେ ବିଜେପି ସଙ୍ଗଠନକୁ ସୁଦୃଢ଼ କରିବାପାଇଁ ଅମୀୟ ଦାସଙ୍କ ଅବଦାନ ବହୁତ ରହିଆସିଛି। ୨୦୧୯ରେ ହଠାତ୍ ବିଜେଡିରୁ ଆସି ଭାଜପାରେ ଯୋଗଦାନ ପରେ ବାବୁ ସିଂ ଟିକେଟ ପାଇବା ଘଟଣା ସେତେବେଳେ ଅମୀୟ ଓ ତାଙ୍କ ସମର୍ଥକଙ୍କୁ ନିରାଶ କରିଥିଲା। ସମ୍ଭବତଃ ଦଳୀୟ କନ୍ଦଳରୁ ଏକାମ୍ର କ୍ଷେତ୍ରରେ ଭାଜପା ହାରିଥିଲା। ଚଳିତ ନିର୍ବାଚନରେ ଅମୀୟ ଯଦିଓ ଭାଜପାରେ ଅଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ଅମୀୟ ଦାସ କହିଛନ୍ତି, ରାଜନୀତିକୁ ସେବା ଭାବେ ଗ୍ରହଣ କରିଛନ୍ତି। ପଦପଦବୀ ଏକ ପ୍ରକ୍ରିୟା। ଚଳିତ ନିର୍ବାଚନରେ ଅନେକ ସଙ୍ଗଠନର କର୍ମକର୍ତ୍ତା ଏବଂ ବିଭିନ୍ନ ପଞ୍ଚାୟତ ଓ ବିଏମ୍‌ସି ଅଞ୍ଚଳର ଶୁଭେଚ୍ଛୁଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ଦଳୀୟ ଟିକେଟ ନ ମିଳିଲେ ମଧ୍ୟ ନିର୍ବାଚନରେ ନିର୍ଦ୍ଦଳୀୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମନସ୍ଥ କରିଥିବା ଜଣାଇଛନ୍ତି।

# ଏଥର ଦ୍ୱିତୀୟ ଲମ୍ବା ନିର୍ବାଚନ

ନୂଆଦିଲ୍ଲୀ, ୯।୪




- ୧୯୫୧-୫୨ରେ ୪ ମାସ ଚାଲିଥିଲା
- ୨୦୧୯ରେ ସର୍ବାଧିକ ୯ ପର୍ଯ୍ୟାୟ

ଚଳିତ ଲୋକ ସଭା ନିର୍ବାଚନ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଜୁନ୍ ୪ରେ ଭୋଟ ଗଣତି କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ ଦେଶର ବିଭିନ୍ନ ଭାଗରେ ଏପ୍ରିଲ ୧୯, ୨୬, ମେ’ ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଭୋଟ ଗ୍ରହଣ କରାଯିବ ବୋଲି ଗତ ୧୬ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଥିଲେ। ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ଫଳାଫଳ ଆସିବା ପର୍ଯ୍ୟନ୍ତ ୮୨ ଦିନ ହେଉଥିବାରୁ ପ୍ରକ୍ରିୟା ଅବଧି ଦୃଷ୍ଟିରୁ ଏହା ହେଉଛି ଦେଶର ଇତିହାସରେ ଦ୍ୱିତୀୟ ଲମ୍ବା ନିର୍ବାଚନ। ତେବେ ପ୍ରଥମରୁ ସପ୍ତମ ପର୍ଯ୍ୟାୟ ପର୍ଯ୍ୟନ୍ତ ଭୋଟଗ୍ରହଣକୁ ଦେଖିଲେ ମତଦାନ ଅବଧି ୪୪ ଦିନ ହେଉଛି। ସ୍ୱାଧୀନତା ପରେ ୧୯୫୧-୫୨ରେ ୪ ମାସରୁ ଉର୍ଦ୍ଧ୍ୱ ସମୟ ଧରି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୮୦ରେ ମାତ୍ର ୪ ଦିନରେ ସାରା ଦେଶରେ ନିର୍ବାଚନ ସମ୍ପୂର୍ଣ୍ଣ ହୋଇଥିଲା। ୨୦୦୪ରେ ଏପ୍ରିଲ ୨୦ରୁ ମେ’ ୧୦ ମଧ୍ୟରେ ୪ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହୋଇଥିଲା। ୨୦୦୯ରେ ଏପ୍ରିଲ ୧୬ରୁ ମେ ୧୩ ଭିତରେ ୫ ପର୍ଯ୍ୟାୟରେ ଦେଶର ଭୋଟରମାନେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ଏହା ପରେ ୨୦୧୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଏପ୍ରିଲ ୭ରୁ ମେ’ ୧୨ ପର୍ଯ୍ୟନ୍ତ ସର୍ବାଧିକ ୯ ପର୍ଯ୍ୟାୟରେ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳେ ଏପ୍ରିଲ ୧୧ରୁ ମେ’ ୧୯ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଇଥିଲା। କେନ୍ଦ୍ର ସରକାର ନିର୍ବାଚନୀ ଖର୍ଚ୍ଚ କାଟ୍ ଓ ପ୍ରଶାସନିକ ବୋଝ ହ୍ରାସ ପାଇଁ ସାରା ଦେଶରେ ଏକକାଳୀନ ନିର୍ବାଚନ କରାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ‘ଏକ ଦେଶ ଗୋଟିଏ ନିର୍ବାଚନ’ ପାଇଁ ଅନୁଧ୍ୟାନ କରିବା ଲାଗି ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ମଧ୍ୟ ଗଠନ କରିଛନ୍ତି। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ କେନ୍ଦ୍ରରେ ମୋଦି ସରକାର ଆସିବା ପରଠୁ ଦେଶରେ ନିର୍ବାଚନ ଅବଧି ଲମ୍ବି ଚାଲିଛି। ଲମ୍ବା ଏବଂ ବ୍ୟୟବହୁଳ ନିର୍ବାଚନକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଉଛନ୍ତି।

# ରାଉରକେଲାରୁ ଲଢ଼ିବେ ଦିଲୀପ

ରାଉରକେଲା, ୯।୪
(ବିପ୍ଳବ ରଞ୍ଜନ ଦାଶ)



ଦିଲୀପ ରାୟ

ଆସନ୍ତା ମେ ୨୦ ତାରିଖରେ ସୁନ୍ଦରଗଡ଼ ଜିଲାରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ୍ ଗ୍ରହଣ କରାଯିବ। ତେବେ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଉରକେଲା ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ରାଉରକେଲା ବିଧାନସଭା ଆସନ ପାଇଁ ବିଜେଡି ପୁଣି ସାରଦା ପ୍ରସାଦ ନାୟକଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ କଂଗ୍ରେସ ବୀରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଭାଜପା ଏଯାଏ କାହାକୁ ପ୍ରାର୍ଥୀ ଘୋଷଣା କରିନାହିଁ। ଭାଜପା ପକ୍ଷରୁ କିଏ ପ୍ରାର୍ଥୀ ହେବେ ସେନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ରାଉରକେଲା ବିଧାନସଭା ଆସନରେ ଦିଲୀପ ରାୟ ଭାଜପା ପ୍ରାର୍ଥୀ ହେବା ସୁନିଶ୍ଚିତ। କେବଳ ଦଳ ପକ୍ଷରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି ବୋଲି ଭାଜପାର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମ ସବଡେଗା ଓ ତଳସରା ନିର୍ବାଚନୀ କ୍ଷେତ୍ରକୁ ଦଳୀୟ ପ୍ରଚାରରେ ଆସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ଦିଲୀପ ନିର୍ବାଚନ ଲଢିବେ କି ନାହିଁ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ରାଉରକେଲାରେ ଦିଲୀପ ଭାଜପା ପ୍ରାର୍ଥୀ ହେଲେ ବିଜେଡି ପ୍ରାର୍ଥୀ ସାରଦାଙ୍କ ସହ ତାଙ୍କର ଲଢେଇ ହେବ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ୧୯୯୯ରେ ଝାଡ଼ଖଣ୍ଡର କୋଇଲା ଖଣି ଆବଣ୍ଟନରେ ଅନିୟମିତତାକୁ ନେଇ ପୂର୍ବରୁ ଦିଲୀପ ରାୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ମାମଲାର ନିର୍ଦ୍ଦିଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି କୋଇଲା ଦୁର୍ନୀତି ମାମଲାରେ ଦିଲୀପଙ୍କ ଦୋଷୀ ସାବ୍ୟସ୍ତ ରାୟ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର ସ୍ଥଗିତାଦେଶ ଦେଇଛନ୍ତି। ଫଳରେ ସେ ୨୦୨୪ ନିର୍ବାଚନ ଲଢ଼ିପାରିବେ ବୋଲି ସ୍ପଷ୍ଟ ହୋଇଛି।

# ବିଜେଡି-ଭାଜପା ଅସନ୍ତୁଷ୍ଟଙ୍କୁ ଅନେଇଛି କଂଗ୍ରେସ

ବାଲେଶ୍ୱର, ୯।୪(ମାନସ ବିଶ୍ୱାଳ)



ବିକ୍ରମ ପଣ୍ଡା



ସରୋଜ ଲେଙ୍କା

**ବାଲେଶ୍ୱର ରାଜନୀତି**

କଂଗ୍ରେସ ଏପର୍ଯ୍ୟନ୍ତ ବାଲେଶ୍ୱର ଲୋକସଭା ଏବଂ ଜିଲାର କୌଣସି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଭାଜପା ଇତିମଧ୍ୟରେ ଜଳେଶ୍ୱର, ରେମୁଣା, ବାଲେଶ୍ୱର, ସୋର ଓ ସିମୁଳିଆ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଏବଂ ଲୋକସଭା ପାଇଁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନାମ ଘୋଷଣା କରିଛି। ସେହିପରି ବିଜେଡି ଜଳେଶ୍ୱର, ବସ୍ତା, ବାଲେଶ୍ୱର, ସୋର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଅବଶ୍ୟ ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ପଛରେ ପଡ଼ିଯାଇଛି। ଶୁଣିବାକୁ ମିଳୁଛି, ହାତ ଦଳ ଶ୍ରୀକାନ୍ତ ଜେନାଙ୍କୁ ବାଲେଶ୍ୱର ଲୋକସଭା ପାଇଁ ପ୍ରାର୍ଥୀ କରିପାରେ। ଯଦି ସେ ପ୍ରାର୍ଥୀ ହୁଅନ୍ତି ତେବେ ଦଳରେ ଥିବା ତାଙ୍କର ଅନୁଗତ ବରିଷ୍ଠ ଓ ଛାମୁଆ ନେତାମାନେ ବିଭିନ୍ନ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ହେବା ନେଇ ଆଶା ବାନ୍ଧିଲେଣି। ଅନ୍ୟପକ୍ଷରେ ଗତ ୨୦୧୯ରେ ଲୋକସଭା କ୍ଷେତ୍ରରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନବଜ୍ୟୋତି ପଟ୍ଟନାୟକ ମଧ୍ୟ ଲବିରେ ଅଛନ୍ତି। ତେବେ ଜିଲାର ବାଲେଶ୍ୱର ବିଧାନସଭା ଆସନଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଠାରୁ ପ୍ରାର୍ଥୀ ହେବା ପାଇଁ କଂଗ୍ରେସର ଏକାଧିକ ବ୍ୟକ୍ତି ଆବେଦନ କରିଛନ୍ତି। ଅପରପକ୍ଷେ ବିଜେଡି ଓ ଭାଜପା ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ କଂଗ୍ରେସ ତା’ର ପ୍ରାର୍ଥୀଙ୍କ ନାମ ଘୋଷଣା କରିବ ବୋଲି ଶୁଣିବାକୁ ମିଳିଛି। ଫଳରେ ଉଭୟ ଦଳରୁ ଅସନ୍ତୁଷ୍ଟଙ୍କୁ ନିଜ ଦଳରେ ସାମିଲ କରି ଜିଲାରେ ଭଲ ଫଳାଫଳ କରିବା ପାଇଁ କଂଗ୍ରେସ ଅନାଇ ବସିଛି।

ବାଲେଶ୍ୱର ବିଧାନସଭା ଆସନରୁ ଚଳିତ ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ଏବଂ ଭାଜପା ପ୍ରାର୍ଥୀ ମାନସ ଦତ୍ତଙ୍କ ନାମ ଘୋଷଣା ପରେ ସେମାନେ କର୍ମୀମାନଙ୍କୁ ନେଇ ସମ୍ମିଳନୀ ଏବଂ ନିର୍ବାଚନୀ ପ୍ରଚାର ଆରମ୍ଭ କରିସାରିଲେଣି। ମାତ୍ର କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ବି ଆଶାୟୀମାନେ ସେମାନଙ୍କ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ଗୋଟିଏପଟେ କଂଗ୍ରେସର ପୁରୁଖା ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କାଙ୍କ ପୁଅ ସରୋଜ ଲେଙ୍କା ଆଶାୟୀ ପ୍ରାର୍ଥୀ ଅଛନ୍ତି। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସହଯୋଗ ତାଙ୍କ ପ୍ରତି ରହିଥିବା ଚର୍ଚ୍ଚା ଚାଲିଛି। ଏଥିସହ ସରୋଜ ମଧ୍ୟ ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଅପରପକ୍ଷେ ବିଭିନ୍ନ ସମୟରେ ବିଧାୟକଙ୍କୁ ଟାର୍ଗେଟ କରି ଜନସମାବେଶଠାରୁ ଆରମ୍ଭ କରି ଘର ଘର ବୁଲି ପ୍ରଚାର କରୁଥିବା ବିକ୍ରମ ପଣ୍ଡାଙ୍କ ନାମ ମଧ୍ୟ କଂଗ୍ରେସ ଆଶାୟୀ ପ୍ରାର୍ଥୀ ତାଲିକାରେ ରହିଛି। ସେ ନିଜର ପ୍ରଚାର ପ୍ରସାର କାର୍ଯ୍ୟ ଚଳାଇଥିଲେ ବି କଂଗ୍ରେସରୁ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ଅନ୍ୟପଟେ ସରୋଜ କଂଗ୍ରେସରେ ରହି ଦଳର ନିର୍ଦ୍ଦେଶ ଅନୁସାରେ କାମ କରିଚାଲିଛନ୍ତି। କୁହାଯାଉଛି, ଯଦି ଶ୍ରୀକାନ୍ତ ଜେନା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ନ୍ତି, ତେବେ ବିକ୍ରମଙ୍କୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏହାରି ଭିତରେ ଦଳର ନିଷ୍ପତ୍ତି ଅଟକିଥିବା ବେଳେ ଆଗାମୀ ଦିନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ ବାକି ରହିଲା।

# ସେନ୍‌ସେକ୍ସର ସର୍ବକାଳୀନ ରେକର୍ଡ

■ ୭୫,୦୦୦ ଉପରେ ସେନ୍‌ସେକ୍ସ
■ ୨୩,୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦



ନୂଆଦିଲ୍ଲୀ,୯।୪

ଚଳିତ ଆର୍ଥିକ ବର୍ଷର ୨ସପ୍ତାହ କାରବାରର ୨ଦିନରେ ଘରୋଇ ଶେୟାର ବଜାର ଏକ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଥିଲା। ଏପରିକି ଶେୟାର ବଜାରର ପ୍ରାଥମିକ ପର୍ଯ୍ୟାୟ କାରବାର (ସକାଳ ୧୦ ଘଟିକା) ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ପ୍ରଥମ ଥର ପାଇଁ ୭୫,୦୦୦ (୭୫,୧୨୪.୨୮ ) ଅଙ୍କ ଅତିକ୍ରମ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାର ମଧ୍ୟ ୨୩,୦୦୦(୨୨,୭୬୫.୧୦) ଅଙ୍କର ନିକଟବର୍ତ୍ତୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର କାରବାର ମଙ୍ଗଳବାର ସକାଳ ସମୟରେ ବିଏସ୍‌ଇ ସେନ୍‌ସେକ୍ସର କାରବାର ୩୮୧.୭୮ ପଏଣ୍ଟ ବା ୦.୫୧% ବଢି ୭୫,୧୨୪.୨୫ ଅଙ୍କରେ ରହିଥିଲାବେଳେ ଏନ୍‌ଏସଇ ନିଫ୍ଟି-୫୦ର କାରବାରରେ ମଧ୍ୟ ୯୮.୮ ବା ୦.୪୪% ବୃଦ୍ଧି ଘଟି ୨୨,୭୬୫.୧୦ଅଙ୍କରେ ପହଞ୍ଚିଯାଇଥିଲା। ସୂଚନାଯୋଗ୍ୟ, ପୁଞ୍ଜିବଜାରର ସୂଚନା ଅନୁଯାୟୀ, ସୋମବାର ଘରୋଇ ଶେୟାର ବଜାରର କାରବାର ୪୦୦ ଲକ୍ଷ କୋଟିରେ ସାମିଲ ହୋଇଥିଲାବେଳେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ ପାଇଁ ମଧ୍ୟ ଏହା ଏକ ଐତିହାସିକ ସଫଳତା ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ।

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାରବଜାରକାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯ (୫୮.୮୦) ପଏଣ୍ଟ କମି ୭୪,୬୮୪(୭୪,୬୮୩.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪ (୨୩.୫୫) ପଏଣ୍ଟ ହ୍ରାସ ଘଟି ୨୨,୬୪୩(୨୨,୬୪୨.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରାଜେଶ ପିଏନ୍‌ବିର ନୂତନ ଅଞ୍ଚଳ ମୁଖ୍ୟ

ଭୁବନେଶ୍ୱର,୯।୪



ରାଜେଶ କୁମାର

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ମୁଖ୍ୟ (ମହାପ୍ରବନ୍ଧକ) ଭାବେ ରାଜେଶ କୁମାର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବର୍ଦ୍ଧମାନ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୫ରେ ରାଜେଶ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିବାବେଳେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ ଓ ଓଡ଼ିଶା ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ସେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କୁମାରଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ସେହିଭଳି ଆଞ୍ଚଳିକ ମୁଖ୍ୟ ଭାବେ ଯୋଗଦେବା ପରେ କୁମାର ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରେ ପ୍ରାଧାନ୍ୟ ଦେବା ସହ ବ୍ୟବସାୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ପିଏନ୍‌ବିକୁ ଆଗାମୀ ପିଢ଼ିର ପସନ୍ଦଯୋଗ୍ୟ ବ୍ୟାଙ୍କ ରୂପେ ଗଢି ତୋଳିବା ସହ ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ଲୋକପ୍ରିୟତା କରାଇବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟରେ ଶାଖା ନେଟ୍‌ୱର୍କକୁ ବିସ୍ତାର କରିବା ଓ ରାଜ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଲ୍ୟାଣ୍ଡସ୍କେପ୍‌ରେ ବ୍ୟାଙ୍କିଙ୍ଗ୍ କାରବାରକୁ ବୃଦ୍ଧି କରାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅପରପକ୍ଷରେ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ବ୍ୟାଙ୍କର ୫ଟି ମଣ୍ଡଳ କାର୍ଯ୍ୟାଳୟ ରହିଥିବା ବେଳେ ରାଜ୍ୟରେ ପିଏନ୍‌ବିର ମୋଟ ୩୪୪ଟି ଶାଖା ରହିଛି।

# ୪ଲକ୍ଷ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା




ଭୁବନେଶ୍ୱର,୯।୪

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସମସ୍ତ ୟୁନିଟ୍ ଓ କାର୍ଯ୍ୟ ପରିସର ମଧ୍ୟରେ ପ୍ରାୟ ୪ ଲକ୍ଷ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ସ୍ୱାସ୍ଥ୍ୟ ପଦକ୍ଷେପ ମାଧ୍ୟମରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ୟୁନିଟ୍‌ଠାରେ ୪ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ବିଭିନ୍ନ ଶିବିର ଜରିଆରେ ଲୋକ ଉପକୃତ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ପାଇଁ କମ୍ପାନୀ ତା'ର ସମ୍ପ୍ରଦାୟକୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ମାଧ୍ୟମରେ ସେବା ଯୋଗାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ବିଷୟବସ୍ତୁ ମୋର ସ୍ୱାସ୍ଥ୍ୟ, ମୋର ଅଧିକାର ସହିତ କମ୍ପାନୀ ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପଦକ୍ଷେପ ଗ୍ରହଣ କରାଯାଇଛି।

# ରାଉରକେଲାରେ ଭୋଲ୍‌ଟାସର ଏକ୍ସକ୍ଲୁସିଭ ବ୍ରାଣ୍ଡ ଶପ

ଭୁବନେଶ୍ୱର,୯।୪




ଦେଶର ୧ ନଂ. ଏୟାର କଣ୍ଡିସନର (ଏସି) କମ୍ପାନୀ ତଥା ଟାଟା ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଭୋଲ୍ଟାସ୍ ଲିମିଟେଡ୍‌ର ପ୍ରିମିୟମ ଆଉଟଲେଟ 'ଭୋଲ୍‌ଟାସ ବ୍ରାଣ୍ଡ ଶପ୍'ର ଏକ୍ସକ୍ଲୁସିଭ ଆଉଟଲେଟ ମଙ୍ଗଳବାର ରାଉରକେଲାର ବିସ୍ରା ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସାହେବ ଡ୍ରିଷ୍ଟିବ୍ୟୁଟର୍ସ ଆନୁକୂଲ୍ୟରେ ଉକ୍ତ ଶପ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୋଲ୍‌ଟାସର ଆଞ୍ଚଳିକ ମୁଖ୍ୟ (ରିଜିଓନାଲ ହେଡ୍ ଇଷ୍ଟ-୨) ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦୀପକ ସାସମଲ, ବିଶ୍ୱରଞ୍ଜନ ମହାନ୍ତି, ବିଭୂତି ପଣ୍ଡା ଏବଂ ସୁଖବିନ୍ଦର ସିଂହଙ୍କ ସମେତ ଉଭୟ ଭୋଲ୍‌ଟାସ ଲିମିଟେଡ୍ ଓ ସାହେବ ଡ୍ରିଷ୍ଟିବ୍ୟୁଟର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଭୋଲ୍‌ଟାସ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଥିଲେ, ରାଉରକେଲାରେ ଆମେ ଆମର ନୂତନ ବ୍ରାଣ୍ଡ ଶପ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ରାଉରକେଲାରେ ଏହା ଆମର ୨ୟ ଏବଂ ଓଡ଼ିଶା ବଜାରରେ ୨୦ତମ ବ୍ରାଣ୍ଡ ଶପ୍ ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ଅନେକ ଶପ୍ ରାଜ୍ୟ ପ୍ରମୁଖ ସହର ଓ ବଜାରରେ ଖୋଲିବା ଯୋଜନା ରହିଛି। ସେହିଭଳି ଏଠାରେ ଉଭୟ ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକର ସମସ୍ତ ଉତ୍ପାଦ ଗୁଣାତ୍ମକ ଓ ଉଚିତ ମୂଲ୍ୟରେ ପାଇପାରିବେ। ଏପରିକି ଏଠାରେ ଏସି, ୱାଟର ହିଟର,ଏୟାର କୁଲର୍ସ, କମର୍ସିଆଲ ରେଫ୍ରିଜରେଟର ଭଳି ଅନେକ ଭୋଲ୍‌ଟାସ ଉତ୍ପାଦ ଉପଲବ୍ଧ।

# ୧୧୯ କୋଟି ଟେଲିଫୋନ୍ ବ୍ୟବହାରକାରୀ

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଦେଶରେ ଟେଲିଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ୧୧୯.୭୩୫ କୋଟି ରହିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଜାରି କରିଥିବା ତଥ୍ୟରୁ ଏହି ସୂଚନା ମିଳିଛି। ଦେଶରେ ୯୧.୬୭୭ କୋଟି ବ୍ରଡ୍‌ବ୍ୟାଣ୍ଡ ସବ୍‌ସ୍କ୍ରାଇବର ରହିଛନ୍ତି। ଦେଶର ସହରାଞ୍ଚଳରେ ମୋଟ ୬୬.୬୪୦ କୋଟି ବ୍ୟକ୍ତି ଟେଲିଫୋନ୍ ବ୍ୟବବହାର କରୁଥିବାବେଳେ ଗ୍ରାମାଞ୍ଚଳରେ ମୋଟ୍ ୫୩.୧୩୫ କୋଟି ବ୍ୟବହାରକାରୀ ଅଛନ୍ତି। ଟ୍ରାଇ ରିପୋର୍ଟ ମୁତାବକ ଓଡ଼ିଶାରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩ କୋଟି ୩୫ ଲକ୍ଷରୁ ଅଧିକ ରହିଛି। ୨୦୨୪ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩ କୋଟି ୩୫ ଲକ୍ଷ ୩୦ ହଜାର ୧୪୫ ରହିଛି। ଉକ୍ତ ମାସରେ ଟେଲିକମ୍ ଉପଭୋକ୍ତା ସଂଖ୍ୟାରେ ୧ ଲକ୍ଷ ୭୬ ହଜାର ୬୭୫ ବୃଦ୍ଧି ଘଟିଛି। ରାଜ୍ୟରେ ଥିବା ୪ ଟେଲିକମ୍ ଅପରେଟରଙ୍କ ମଧ୍ୟରୁ ଦୁଇଟି କମ୍ପାନୀ ନୂଆ ଉପଭୋକ୍ତା ଯୋଡ଼ିଥିବାବେଳେ ଆଉ ଦୁଇ କମ୍ପାନୀ ଉପଭୋକ୍ତା ହରାଇଛନ୍ତି। ରିଲାଏନ୍ସ ଜିଓର ମୋବାଇଲ ଉପଭୋକ୍ତା ସଂଖ୍ୟା ୮୭ ହଜାର ୫୬ ବୃଦ୍ଧି ପାଇ ଏହାର ମୋଟ ଉପଭୋକ୍ତା ସଂଖ୍ୟା ଦେଢ଼ କୋଟିରୁ ଅଧିକ ହୋଇଛି। ରାଜ୍ୟର ସର୍ବାଧିକ ମୋବାଇଲ ଉପଭୋକ୍ତା ଜିଓ ବ୍ୟବହାରକାରୀ ଅଟନ୍ତି। ଏୟାରଟେଲ ଫେବୃଆରୀରେ ୫୮ ହଜାର ୭୩ ନୂଆ ଉପଭୋକ୍ତା ଯୋଡ଼ିବା ପରେ ଏହାର ମୋଟ ଉପଭୋକ୍ତାଙ୍କ ସଂଖ୍ୟା ୧ କୋଟି ୧୫ ଲକ୍ଷ ୬୦ ହଜାରରୁ ଅଧିକ ହୋଇଛି। ଚଳିତ ବର୍ଷ ଫେବୃଆରୀରେ ଭୋଡାଫୋନ ଆଇଡିଆ ୨୪,୪୯୬ ଉପଭୋକ୍ତାଙ୍କୁ ହରାଇବା ପରେ ରାଜ୍ୟରେ ଏହାର ମୋଟ ଉପଭୋକ୍ତା ସଂଖ୍ୟା ୧୪ ଲକ୍ଷ ୫୩ ହଜାର ୭୭୫କୁ ହ୍ରାସ ପାଇଛି। ବିଏସ୍‌ଏନ୍‌ଏଲ୍ ମଧ୍ୟ ୨୯୫୮ ଉପଭୋକ୍ତାଙ୍କୁ ହରାଇବାରୁ ଏହାର ଉପଭୋକ୍ତା ସଂଖ୍ୟା ୫୪ ଲକ୍ଷ ୪୭ ହଜାର ୧୦୧କୁ ହ୍ରାସ ପାଇଛି।

## ନୀତି ରାଜନୀତି

# ସନାତନଙ୍କ ଭୂମିକା ଉପରେ ନଜର

## କେନ୍ଦୁଝର ଜିଲାରେ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

କେନ୍ଦୁଝର,୯।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ବିଭିନ୍ନ ଦଳର କର୍ମୀ, ନେତା ନିରାଶ ହୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି। କେନ୍ଦୁଝର ଲୋକ ସଭା ଆସନ ସହିତ ୬ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମେ ୨୫ରେ ନିର୍ବାଚନ ହେବ। ଯଦିଓ ଏକ ମାସରୁ ଅଧିକ ସମୟ ବାକି ରହିଛି, ତଥାପି ଯେଉଁଭଳି ଭାବରେ ପ୍ରାର୍ଥୀ ଘୋଷଣା ହେଉଛି ତାହା ବିଚିତ୍ର ସ୍ଥିତି ସୃଷ୍ଟି କରୁଛି।

ଲୋକ ସଭା ପ୍ରାର୍ଥୀ ସମେତ ୬ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ପଛରେ ପଡ଼ିଯାଇଛି। ଏପରିକି ଦଳର ପ୍ରଚାର ମଧ୍ୟ ଆରମ୍ଭ ହୋଇ ପାରୁନାହିଁ। ଚିନ୍ତାରେ ଆଶାୟୀ ପ୍ରାର୍ଥୀମାନେ ରହିଥିବା ବେଳେ ବିଶେଷକରି ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରି ଓ ତାଙ୍କ ସ୍ତ୍ରୀ ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ ଏବଂ ପୂର୍ବତନ ସଦର ବିଜେଡି ବିଧାୟକ ସୁବର୍ଣ୍ଣ ନାୟକ ଓ ତାଙ୍କ ସ୍ତ୍ରୀ ପୂର୍ବତନ ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ପ୍ରତିଭା ମଞ୍ଜରୀ ନାଏକଙ୍କ ମଧ୍ୟରୁ ୨ଜଣ ଟିକେଟ ପାଇବା ସ୍ପଷ୍ଟ ସୂଚନା ମିଳିଥିଲେ ହେଁ ତୁରନ୍ତ ଘୋଷଣା ହେଉ ନ ଥିବାରୁ ସମସ୍ତେ ଚିନ୍ତାରେ ରହିଛନ୍ତି। ବିଜେଡି ଓ ଭାଜପା ଏମ୍‌ପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡି ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆନନ୍ଦପୁର, ତେଲକୋଇ, ପାଟଣା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ। ସେହିଭଳି ଭାଜପା ଘଷିପୁରା, ତେଲକୋଇ, ଚମ୍ପୁଆ ଓ ପାଟଣା ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା କରିନାହିଁ।

ବର୍ତ୍ତମାନ ସନାତନ ମହାକୁଡ଼ଙ୍କ ପାଇଁ କେନ୍ଦୁଝର ରାଜନୈତିକ ସମୀକରଣ ଅଟକି ରହିଥିବାବେଳେ ସେ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବେ। ଏହାସହ ଚମ୍ପୁଆରୁ ଟିକେଟ ନେଇ ପାଟଣା, ତେଲକୋଇ, ଆନନ୍ଦପୁରରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଛିଡ଼ାକରାଇ ଜିତାଇବେ



ସନାତନ ମହାକୁଡ଼

ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କୁଶ ଆପଟଙ୍କ ପ୍ରାର୍ଥୀ ହେବା ଆଶା ମଉଳି ଯାଇପାରେ। ତେବେ ଏନେଇ ସନାତନ ମୁହଁ ଖୋଲି ନ ଥିଲେ ମଧ୍ୟ ତାଙ୍କ ସମର୍ଥକମାନେ ଏଭଳି କୁହାକୁହି ହେଉଛନ୍ତି। ସନାତନ ଗୋଟିଏ ଦଳରେ ମିଶିବେ ଏବଂ ଚମ୍ପୁଆ ସହିତ ଅନ୍ୟ କେତେକ ନିର୍ବାଚନମଣ୍ଡଳୀରେ ନିଜ ପସନ୍ଦର ପ୍ରାର୍ଥୀ ଦେବାକୁ ଚାହୁଁଥିବାରୁ ତାଙ୍କ ଉପରେ ସମସ୍ତଙ୍କର ନଜର କେନ୍ଦ୍ରୀଭୂତ ହୋଇଛି।

ବିଜେଡି ଏମ୍‌ପି ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ପୂର୍ବତନ ଏମ୍‌ପି ଅନନ୍ତ ନାୟକଙ୍କୁ ପ୍ରାର୍ଥୀ କରିଛି। ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାକୁ ଯାଉଥିବାରୁ ଦୁଇ ପ୍ରାର୍ଥୀ ପ୍ରଚାର, ବନ୍ଧୁ ମିଳନ, ସଭାସମିତି ଆଦି ଆରମ୍ଭ କରିଦେଇଛନ୍ତି। ସେହିପରି ବିଜେଡି ଘଷିପୁରା ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର, ପାଟଣା ପାଇଁ ପୂର୍ବତନ ବିଧାୟକ ଜଗନ୍ନାଥ ନାୟକଙ୍କ ନାମ ଘୋଷଣା କରିଛି। ଆନନ୍ଦପୁରରେ ଭାଜପା ଆଲୋକ ସେଠୀଙ୍କ ନାମ ଘୋଷଣା କରି ସାରିଥିବା ବେଳେ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝିଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ପୂର୍ବତନ ବିଧାୟକ ମୋହନ ମାଝିଙ୍କୁ ରିପିଟ୍ କରିଛି। ଗତ ନିର୍ବାଚନରେ ମୋହନ ମାତ୍ର ୧,୨୦୦ ଭୋଟରେ ବିଜେଡି ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ଜିଲା ପରିଷଦ ସଭ୍ୟ ଆସନ ହାସଲ କରି ସ୍ଥିତିକୁ ମଜଭୁତ କରିପାରିଛି। ଏଣୁ ପଞ୍ଚାୟତସ୍ତରରେ ବିଜେଡି ସୁଦୃଢ଼ ଥିବାରୁ ମୋହନ କିପରି ମୀନାଙ୍କୁ ମୁକାବିଲା କରିବେ ତାହା ତାଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି।

# ସମ୍ବଲପୁରବାସୀ ମୋଦିଙ୍କ ସହ ରହିଛନ୍ତି: ଧର୍ମେନ୍ଦ୍ର

ସମ୍ବଲପୁର,୯।୪ (ଭବାନୀ ଶଙ୍କର ଭୋଇ)



ବୁଢୀମା'ଙ୍କ ଯାତ୍ରାରେ ସାମିଲ ହୋଇଥିବା ଅବସରରେ ଧର୍ମେନ୍ଦ୍ର ପ୍ରଧାନ।

ଭାଜପା ପକ୍ଷରୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲା ସମେତ ଦେବଗଡ, ଆଠମଲ୍ଲିକ ଓ ଛେଣ୍ଡିପଦାରେ ଧୂଆଁଧାର ପ୍ରଚାର ଆରମ୍ଭ କରିଦେଇଛନ୍ତି। ମଙ୍ଗଳବାର ସମ୍ବଲପୁରଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସାଙ୍ଗଠନିକ ବୈଠକରେ ସେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବିକଶିତ ଭାରତ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେ ଆହୁରି କହିଛନ୍ତି, ଦେଶରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଜନକଲ୍ୟାଣକାରୀ ସରକାର ଚାଲିଛି। ଅନ୍ୟ ରାଜ୍ୟରେ ଲୋକମାନେ ଏହାକୁ ଗ୍ରହଣ କରିସାରିଲେଣି। ଓଡ଼ିଶାବାସୀ ମଧ୍ୟ ପୁଣି ଥରେ ତୃତୀୟଥର ପାଇଁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବେ। ଏହାସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଓଡ଼ିଶାବାସୀ ମନସ୍ଥ କଲେଣି ବୋଲି ସେ କହିଛନ୍ତି। ଏହି ବୈଠକରେ ସମ୍ବଲପୁର ଅଞ୍ଚଳର ବହୁ ବରଷ୍ଠ ଭାଜପା କର୍ମୀ ସାମିଲ ହୋଇଥିଲେ। ପରେ ସେ ମାନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସମ୍ବଲପୁର ଗୋବିନ୍ଦପାଲିଠାରେ ସାମାଜିକ ସଂଗଠନ ସେବା ଭାରତୀ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ। ସଂଗଠନର ଏପରି ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଠେଲକୋପଡ଼ାଠାରେ ଚାଲିଥିବା ବୁଢୀମା'ଙ୍କ ଯାତ୍ରାରେ ସାମିଲ ହୋଇ ଆଶୀର୍ବାଦ ନେଇଥିଲେ।

# ଘୋଷଣା ହୋଇପାରୁନି କଂଗ୍ରେସ ପ୍ରାର୍ଥୀ ତାଲିକା

ବରୀ,୯।୪(ମହେନ୍ଦ୍ର ସ୍ୱାଇଁ)


ଆରତି ଦେଓ


ଅମରେଶ ପରିଡ଼ା


କଳ୍ପନା ପଣ୍ଡା


ଅପୂର୍ବ ସାମଲ

୨୦୦୦ ମସିହାରୁ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ କୌଣସି କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଲଢ଼ି ବିଜୟର ସ୍ୱାଦ ଚାଖି ନାହାନ୍ତି। ଚଳିତ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ମଧ୍ୟ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

୨୦୧୪ ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଦେବାଶିଷ ନାୟକ ୫୯,୮୦୦ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱରଞ୍ଜନ ମଲିକ ୫୨,୬୨୮ ଖଣ୍ଡ, ଭାଜପାର ପ୍ରାର୍ଥୀ ନୀଳମଣି ସାମଲ ୯,୧୮୩ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଗଗନ ବିହାରୀ ଜେନା ୭,୬୮୨ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ ଶାସକ ଦଳ ପ୍ରାର୍ଥୀ ଦେବାଶିଷ ନାୟକ ୭,୧୭୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। କିନ୍ତୁ ୨୦୧୯ରେ ବରୀର ରାଜନୈତିକ ଚିତ୍ର ଓଲଟପାଲଟ ହୋଇଯାଇଥିଲା। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବିଶ୍ୱରଞ୍ଜନ ମଲିକ ଭାଜପାରେ ଯୋଗଦେଇ ଶାସକ ଦଳର ପ୍ରାର୍ଥୀ ସୁନନ୍ଦା ଦାସଙ୍କୁ କଡ଼ା ଟକ୍କର ଦେଇ ୪୦୬୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ୭୦୮୨ ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବା ଏହି ଦଳର ଦୁର୍ବଳତାକୁ ପଦାରେ ପକାଇ ଦେଇଛି।

ଗତଥର କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଦଳ ଛାଡ଼ିବା ପରେ ଯୁବନେତା ଅମରେଶ ପରିଡ଼ା ତୃଣମୂଳ ସ୍ତରରେ କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିଥିଲେ। ଅପରପକ୍ଷରେ ଜିଲା କଂଗ୍ରେସ ନେତ୍ରୀ ଆରତି ଦେଓ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା କଳ୍ପନା ପଣ୍ଡା, ବରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି, ପୂର୍ବତନ ନୌସେନା ଅଧିକାରୀ ତଥା ବିଶିଷ୍ଟ କଂଗ୍ରେସ ନେତା ନବକିଶୋର ସାମଲଙ୍କ ପୁଅ ଅପୂର୍ବ ସାମଲ ମଧ୍ୟ କଂଗ୍ରେସ ଟିକେଟ ଦୌଡ଼ରେ ରହିଛନ୍ତି। ଦଳ ଡିଆଁ ରାଜନୀତି ଚାଲିଥିବାରୁ ମୂଳ କଂଗ୍ରେସ ପରିବାରରୁ ଦଳରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବାକୁ ଆଶାୟୀ ପ୍ରାର୍ଥୀ କଳ୍ପନା ପଣ୍ଡା ମତ ରଖିଛନ୍ତି। ସେହିପରି କଂଗ୍ରେସ ଏକ ଶୃଙ୍ଖଳିତ ଦଳ, ଆମେ ଶୃଙ୍ଖଳାରେ ବିଶ୍ୱାସ କରୁ। ଆମ ଦଳ ଯାହାକୁ ପ୍ରାର୍ଥୀ ଘୋଷଣା କରିବ ଆମେ ସମସ୍ତେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଲାଭ କରିବା କ୍ଷେତ୍ରରେ ସହଯୋଗ କରିବୁ ବୋଲି ଯୁବ ସମାଜସେବୀ ଅପୂର୍ବ ସାମଲ, ନାରୀ ନେତ୍ରୀ ଆରତୀ ଦେଓ ଓ ଇଞ୍ଜିନିୟର ଅମରେଶ ପରିଡ଼ା କହିଛନ୍ତି।

# ଗୌରହରି ବିଶୋଇ ଗଞ୍ଜାମ ଜିଲା ଯୁବ ବିଜେଡି ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୯।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା

## ଅମରେଶ ପଣ୍ଡାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ସେରଗଡ ବ୍ଲକ ସେରଗଡ଼ ଗ୍ରାମର ଗୌରହରି ବିଶୋଇଙ୍କୁ ଗଞ୍ଜାମ ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ବିଜେଡି ସଭାପତି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ଅମରେଶ ପଣ୍ଡାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନେଇଛନ୍ତି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# 'ଏକ୍ସ'ରେ ଧର୍ମେନ୍ଦ୍ରଙ୍କୁ ବବିଙ୍କ ଟାର୍ଗେଟ

ସମ୍ବଲପୁର,୯।୪
(ଭବାନୀ ଶଙ୍କର ଭୋଇ)

କେନ୍ଦ୍ରମନ୍ତ୍ରୀ ତଥା ଭାଜପାରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଖଟିଆରେ ରୋଗୀ ବୁହାହେବା ଘଟଣାରେ ମଙ୍ଗଳବାର ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରଙ୍କୁ ଘେରିବା ପରେ ସମ୍ବଲପରରୁ ବିଜେଡି ସାଂସଦ ପ୍ରାର୍ଥୀ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ସମ୍ବଲପୁର-କଟକ ରାଜପଥର ଦୁରବସ୍ଥା ସହ କେନ୍ଦ୍ର ସରକାରଙ୍କ ଅପାରଗତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବବି ଏକ୍ସରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଲେଖିଛନ୍ତି- ଧର୍ମେନ୍ଦ୍ର ଭାଇ, ଗତ ୧୦ବର୍ଷରେ ସମ୍ବଲପୁର-କଟକ ଏନ୍‌ଏଚ୍-୫୫ର ଦୁରବସ୍ଥା ଯୋଗୁ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ଜୀବନ ଯାଇଛି। କାହା ପାଇଁ, କାହାର ଅପାରଗତା ଓ ସ୍ଥାଣୁତା ଯୋଗୁଁ ଆପଣ ୧୦ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ସାମାନ୍ୟ ରାସ୍ତା କାମଟିଏ ସାରିପାରିଲେ ନାହିଁ। ଏହାଠାରୁ ବଡ଼ ବିଫଳତା ଆଉ କ'ଣ ହୋଇପାରେ ?


Pranab Prakash Das
@pranabpdas
Follow

.@dpradhanbjp ଭାଇ, ଗତ ୧୦ ବର୍ଷ ମଧ୍ୟରେ ସମ୍ବଲପୁର-କଟକ ଏନଏଚ-୫୫ର ଦୂରାବସ୍ଥା ଯୋଗୁଁ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ବହୁମୂଲ୍ୟ ଜୀବନ ଚାଲିଯାଇଛି। କାହା ପାଇଁ? କାହାର ଅପାରଗତା ଓ ସ୍ଥାଣୁତା ଯୋଗୁଁ? ଆପଣ ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ସାମାନ୍ୟ ରାସ୍ତା କାମଟିଏ ସାରିପାରିଲେ ନାହିଁ। ଏହାଠାରୁ ବଡ଼ ବିଫଳତା ଆଉ କ'ଣ ହୋଇପାରେ? କେଉଁ ମୁହଁ ନେଇ ଆପଣ ସମ୍ବଲପୁରବାସୀଙ୍କୁ ସାମ୍ନା କରିବେ। ଯାହାଙ୍କର ଜୀବନରେଖାକୁ ଆପଣ ବିପର୍ଯ୍ୟସ୍ତ କରି ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କର ୧୦ ବର୍ଷର ବିଫଳତାର ଚିଠା ସମ୍ବଲପୁରବାସୀଙ୍କ ପାଖରେ ଅଛି। ଜନସାଧାରଣ ଆପଣଙ୍କୁ ଉଚିତ୍ ଜବାବ ଦେବେ।

ପ୍ରଣବ ଦାସଙ୍କ ଏକ୍ସରେ ଦିଆଯାଇଥିବା ମତାମତ।

କେଉଁ ମୁହଁ ନେଇ ଆପଣ ସମ୍ବଲପୁରବାସୀଙ୍କୁ ସାମ୍ନା କରିବେ, ଯାହାଙ୍କର ଜୀବନରେଖାକୁ ଆପଣ ବିପର୍ଯ୍ୟସ୍ତ କରି ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କର ୧୦ ବର୍ଷର ବିଫଳତାର ଚିଠା ସମ୍ବଲପୁରବାସୀଙ୍କ ପାଖରେ ଅଛି। ଜନସାଧାରଣ ଆପଣଙ୍କୁ ଉଚିତ ଜବାବ ଦେବେ। ପ୍ରଣବଙ୍କ ମନ୍ତବ୍ୟ ପରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି, ପ୍ରଣବ ବାବୁ, ଆପଣଙ୍କ ୨୫ ବର୍ଷ ସରକାର ନିଜ ବିଫଳ ରୂପାନ୍ତରଣକୁ ଲୁଚାଇବାକୁ ଚେଷ୍ଟା କେଲେ ବି କେବେ ଲୁଚିବନି। ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ପାଇଁ କ'ଣ କରିଛନ୍ତି ସାଧାରଣ ଜନତା ଜାଣିଛନ୍ତି ବୋଲି ନାଉରୀ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇଦ୍ରାବାଦର ସଂଘର୍ଷପୂର୍ଣ୍ଣ ବିଜୟ

**ଚଣ୍ଡୀଗଡ,୯।୪**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)ରେ ସନରାଇଜର୍ସ ହାଇଦ୍ରାବାଦ ୨ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ସନରାଇଜର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ୍ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ଟପ୍ ଅର୍ଡର କିନ୍ତୁ ପଞ୍ଜାବ ବୋଲରଙ୍କ ଆଗରେ ଫେଲ ମାରିଥିଲା। ଟ୍ରାଭିସ୍ ହେଡ୍(୨୧) ଓ ଅଭିଷେକ ଶର୍ମା(୧୬) ପ୍ରଥମ ଉଇକେଟରେ ୨୭ ରନ୍ ଯୋଡିଥିଲେ। ତେବେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା କାରଣରୁ ଦଳ ୬୪ ରନ୍‌ରେ ୪ ଉଇକେଟ ହରାଇଥିଲା। ପ୍ରଥମ ଅର୍ଦ୍ଧଶତକ ହାସଲ କରି ନୀତୀଶ ରେଡ୍ଡୀ ୬୪ ରନ୍‌ର ଇନିଂସ ଖେଳିଥିଲେ। ୩୭ ବଲ୍ ଖେଳିଥିବା ନୀତୀଶ ୪ ଚୌକା ଓ ୫ ଛକା ମାରିଥିଲେ। ଅବଦୁଲ ସମଦ(୨୫)ଙ୍କ ସହ ମିଶି ସେ ପଞ୍ଚମ ଉଇକେଟରେ ୫୦ ରନ୍ ଯୋଡିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ୪, ସାମ୍ କୁରାନ୍ ଓ ହର୍ଷଲ ପଟେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୩ ରନ୍ ଲକ୍ଷ୍ୟର ପିଛା କରୁଥିବା ପଞ୍ଜାବ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ରନ୍‌ରେ ୩ ଉଇକେଟ ହରାଇଥିଲା। ସାମ କୁରାନ ୨୯ ଓ ସିକନ୍ଦର ରାଜା ୨୮ ରନ୍ କରି ଇନିଂସ ସଜାଡିଥିଲେ। ଗତ ମ୍ୟାଚ୍‌ର ହିରୋ ଶଶାଙ୍କ ଓ ଆଶୁତୋଷ ପୁଣି ଥରେ କମାଣ ସମ୍ଭାଳିଥିଲେ। ଶଶାଙ୍କ ୨୫ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୪୬ ରନ୍ କରିଥିଲେ। ଆଶୁତୋଷ ୧୫ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୩ ରନ୍ କରିଥିଲେ। ଅନ୍ତିମ ଓଭରରେ ୨୯ ରନ୍ ଆବଶ୍ୟକ ଥିବା ବେଳେ ଉଭୟ ୨୭ ରନ୍ ସଂଗ୍ରହ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**
**ରାଜସ୍ଥାନ ବନାମ ଗୁଜରାଟ**
**ସ୍ଥାନ: ଜୟପୁର**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ଶଟ୍ ଖେଳୁଛନ୍ତି ନୀତୀଶ କୁମାର ରେଡ୍ଡୀ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୨/୯ (ନୀତୀଶ ରେଡ୍ଡୀ-୬୪, ଅବଦୁଲ ସମଦ-୨୫, ଟ୍ରାଭିସ୍ ହେଡ୍-୨୧, ଅର୍ଶଦୀପ ସିଂ-୪/୨୯, ହର୍ଷଲ ପଟେଲ-୨/୩୦, ସାମ୍ କୁରାନ-୨/୪୧)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୦/୬ (ଶଶାଙ୍କ ସିଂ-୪୬*, ଆଶୁତୋଷ ଶର୍ମା-୩୩*, ସାମ କୁରାନ୍-୨୯, ଭୁବନେଶ୍ୱର କୁମାର-୨/୩୨, ପ୍ୟାଟ କମିନ୍ସ-୧/୨୨, ଟି. ନଟରାଜନ-୧/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୪ | ୦ | ୮ | +୧.୧୨୦ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ଗୁଜରାଟ ଟାଇଟନ୍ସ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | -୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

# ମୁଖ୍ୟ ଡ୍ର'ରେ ରତପର୍ଣ୍ଣା, ଶ୍ୱେତପର୍ଣ୍ଣା



ଶ୍ୱେତପର୍ଣ୍ଣା ଓ ରତପର୍ଣ୍ଣା ପଣ୍ଡା।

### ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଓଡ଼ିଶାର ପଣ୍ଡା ସିଷ୍ଟର୍ସ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଚାଇନାର ନିଙ୍ଗବୋଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ମହିଳା ଡବଲ୍ସ ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ଗ୍ରୁପ୍ 'ଏ'ରେ ଦୁଇ ଭଉଣୀ ଉଭୟ ଡବଲ୍ସ ମ୍ୟାଚ ଜିତି ଏହି ସଫଳତା ପାଇଛନ୍ତି। ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡରେ ସେମାନେ ଚାଇନିଜ ଯୋଡ଼ି ଶୁ ଜିଆନ ଝାଙ୍ଗ୍ ଓ ୟୁ ଝେଙ୍ଗ୍‌ଙ୍କୁ ଭେଟିବେ। ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ସେମାନଙ୍କ ଡବଲ୍ସ କ୍ୱାଲିଫାଇଂରେ ପ୍ରଥମେ ବାଂଲାଦେଶୀ ଯୋଡ଼ି ଉର୍ମି ଅକ୍ତର/ନାସିମା ଖାତୁନଙ୍କୁ ୨୧-୬, ୨୧-୬ରେ ଏବଂ ପରେ ମାକାଉର ୱେ ଚି ଏଙ୍ଗ୍ ଓ ପାଇ ଚି ୱାଁଙ୍କୁ ୨୧-୧୮, ୨୧-୧୬ରେ ହରାଇ ଦେଇଥିଲେ। ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ପ୍ରବେଶ କରି ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ମୁଖ୍ୟ ଟୁର୍ନାମେଣ୍ଟରେ ମଧ୍ୟ ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ଉବର କପ୍ ପାଇଁ ଘୋଷିତ ଭାରତୀୟ ଦଳରେ ଦୁହେଁ ସ୍ଥାନ ପାଇ ନ ଥିଲେ। ମାତ୍ର ଏହି ପ୍ରଦର୍ଶନ ପରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଏ ଦୁଇ ଖେଳାଳିଙ୍କୁ ଜାତୀୟ ଦଳରେ ସାମିଲ କରିବ ବୋଲି ବ୍ୟାଡ୍‌ମିଣ୍ଟନ ପ୍ରେମୀମାନେ ଆଶା ରଖିଛନ୍ତି। ଉଭୟ ଭଉଣୀ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଆଗାମୀ ଟୁର୍ନାମେଣ୍ଟ ଲାଗି ଏ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କଳାହାଣ୍ଡି କପ୍

# ବିନାୟକ, ସୌମ୍ୟ, ଓମ୍, ଦୀନେଶଙ୍କ ଶତକ

**ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ମଙ୍ଗଳବାର କଳାହାଣ୍ଡି କପ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର 'ବି' ଦଳ ବିଜୟ ହାସଲ କରିଛି। ଗଜପତିର ବିନାୟକ ସାହୁ, ଗଞ୍ଜାମର ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ଓମ୍ ଟି. ମୁଣ୍ଡେ ଏବଂ କଳାହାଣ୍ଡିର ଦୀନେଶ କୁମାର ମାଝି ଶତକ ହାସଲ କରିଛନ୍ତି। ଜଗତ୍‌ସିଂହପୁରର ସୋହମ୍ ସାହୁ ୫ ଉଇକେଟ ସଫଳତା ପାଇଛନ୍ତି। ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଗଞ୍ଜାମ ୫ ଉଇକେଟରେ ଗଜପତିକୁ ହରାଇ ଦେଇଛି। ବିନାୟକ ସାହୁ (୧୧୦ ରନ)ଙ୍କ ଶତକ ସହାୟତାରେ ଗଜପତି ୪୭ ଓଭରରେ ୬ ଉଇକେଟ ହରାଇ ୨୬୬ ରନ କରିଥିବାବେଳେ ଗଞ୍ଜାମ ୪୬.୧ ଓଭରରେ ୫ ଉଇକେଟ ହରାଇ ୨୬୯ ରନ ସଂଗ୍ରହ କରି ନେଇଥିଲା। ଦୁଇ ଖେଳାଳି ସୌମ୍ୟ ରଞ୍ଜନ ବିଶ୍ୱାଳ(୧୦୩) ଓ ଓମ୍ ଟି. ମୁଣ୍ଡେ (୧୦୧) ଶତକ ହାସଲ କରି ଦଳକୁ ବିଜୟୀ କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ୮ ଉଇକେଟରେ କନ୍ଧମାଳକୁ ପରାସ୍ତ କରିଛି। କନ୍ଧମାଳ ୧୩୩ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କେନ୍ଦ୍ରାପଡ଼ା ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ନବରଙ୍ଗପୁର ୧୧୯ ରନରେ ମାଲକାନଗିରିକୁ ହରାଇ ଦେଇଛି। ନବରଙ୍ଗପୁର ୧୭୯ ରନରେ ସମସ୍ତ ଉଇକେଟ ହରାଇଥିଲା। ମାତ୍ର ମାଲକାନଗିରି ୧୩.୨ ଓଭରରେ ୬୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।



ଦୀନେଶ କୁମାର ମାଝି

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କଳାହାଣ୍ଡି ୧୦୦ ରନରେ ଜଗତ୍‌ସିଂହପୁରକୁ ହରାଇ ଦେଇଛି। ଦୀନେଶ କୁମାର ମାଝି (୧୫୩)ଙ୍କ ଶତକ ସତ୍ତ୍ୱେ କଳାହାଣ୍ଡି ୩୫.୩ ଓଭରରେ ୨୬୦ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୋହମ୍ ସାହୁ ୫ ଉଇକେଟ ଅକ୍ତିଆର କରିଥିଲେ। ଜଗତ୍‌ସିଂହପୁର ଇନିଂସ ୧୬୦ ରନ ମଧ୍ୟରେ ସୀମିତ ରହିଯାଇଥିଲା। ନିମପୁର ପଡ଼ିଆରେ ବଲାଙ୍ଗୀର ୭ ଉଇକେଟରେ ସୋନପୁରକୁ ପରାସ୍ତ କରିଛି। ସୋନପୁରର ୧୫୦ ରନ ଜବାବରେ ବଲାଙ୍ଗୀର ୨୬.୫ ଓଭରରେ ୩ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ବାରବାଟୀ ଷ୍ଟାଡିୟମରେ ସମ୍ବଲପୁର 'ବି' ୬ ଉଇକେଟରେ ଦେବଗଡ଼କୁ ହରାଇଛି। ଦେବଗଡ଼ ୧୧୨ ରନରେ ସୀମିତ ରହିଥିବାବେଳେ ସମ୍ବଲପୁର 'ବି' ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ସିଲଭର-ଏ ଗ୍ରୁପ୍‌ର ଶୀର୍ଷ ଦଳ କେନ୍ଦ୍ରାପଡ଼ା ଓ ସିଲ୍‌ଭର-ବି ଗ୍ରୁପ୍‌ର ସମ୍ବଲପୁର ମଧ୍ୟରେ କ୍ୱାଲିଫାୟର/ଏଲିମିନେଟର ମ୍ୟାଚ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।


# Classified Everyday
**0674-2580101, 2549949**



MATRIMONIAL

### BRIDE WANTED

Brahmin Divorcee, 1967/ Doctor, well settled Bhubaneswar (caste no bar) "VAISNABI". 0674-2551286, 7008967858. D-71072

### GROOM WANTED

58 ବୟସ୍କା Height- 5', 90,000/- ଦରମା Widow ଏକାକୀ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7873680393. D-038

Wanted a fair complexioned Ht- 5'2", below 36 years of age bride for a DIV Defence Officer. Mob- 8480210256. D-71581



REAL ESTATE

### SALE

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-010

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

Flat for sale- ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର @14.99 lakhରେ। Mob- 8249177191, 8249079730. D-031

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ-23,60,000/-. Contact- 6370469894. D-75942

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact- 8658992600. D-039

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Healthcare

Kerala body massage best therapist Bhubaneswar. 9348457050. D-016

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

Newly open Jyoti Spa positively health benefits (Expert Therapist). 8458067955. D-76111

Relax, refresh your body, mind by expert therapist. Contact- 9938843929. D-76112

### EDUCATION

Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବା ଠିକଣା:- classifieddharitri@gmail.com

### LOST

ମୁଁ ଅନିତା ବଗର୍ତ୍ତି, ସ୍ୱାମୀ- ବୃନ୍ଦାବନ ପାଣ୍ଡେ, ଗ୍ରାମ- ବ୍ରାହ୍ମଣିପାଲି, ପୋଷ୍ଟ- ଖର୍ଜୁରା, ଜିଲ୍ଲା- ବଲାଙ୍ଗୀର। ମୁଁ E.Doc ନଂ.-10312101837 ତା. 14.07.2021ରେ ପଞ୍ଜୀକୃତ ବିକ୍ରୟ କାରବାର ଅନୁଯାୟୀ ଏକ ଜମି କିଣିଛି। ଏହାର ମୂଳ ମଧ୍ୟବର୍ତ୍ତୀ ବିକ୍ରୟ କାରବାର E.Doc No.-10311203311 ଏବଂ RSD No.-3056 dt. 05.11.2012 ଯାହା ମୋତେ ହସ୍ତାନ୍ତର କରାଯାଇଥିଲା ତାହା କୌଣସି ସ୍ଥାନରେ ହଜିଯାଇଛି, ଯେତେବେଳେ ମୁଁ ବଲାଙ୍ଗୀର ମହାଦେବ ମନ୍ଦିର ଛକରୁ ରାଜେନ୍ଦ୍ର କଲେଜ ଛକକୁ ଆସୁଥିଲି। ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାହାର ସନ୍ଧାନ ପାଇଲି ନାହିଁ। ଯଦି କୌଣସି ବ୍ୟକ୍ତି ପାଆନ୍ତି ଦୟାକରି ଆଡ୍‌ଭୋକେଟ୍ ଆଶୁତୋଷ ପଟ୍ଟନାୟକ ମୋ ନଂ.- 7008043907 ରେ ଜଣାବାକୁ ଅନୁରୋଧ। ଧ-୦୫୬

ଏତଦ୍ୱାରା ମୁଁ ପାରାଉ ଟୁଡୁ, ପିତା- ସ୍ୱର୍ଗତ ଦୁବରାଜ ଟୁଡୁ, ସା- ଚିତ୍ରିଟାଙ୍ଗର, ପୋ- ହେସଡ଼ା, ଥାନା-ଜାମଦା, ଜିଲ୍ଲା- ମୟୂରଭଞ୍ଜ ସତ୍ୟପାଠ ନଂ.-3107, ତା. 27.03.2024 ଏବଂ ରାଇରଙ୍ଗପୁର ଥାନା ଏତଲା ସଂ.-24, ତାରିଖ 28.03.2024 ଆଧାରରେ ଜଣାଉଅଛି ଯେ ପ୍ଲଟ୍ ନଂ.- 1489/1616 ମଉଜା ନୂଆଗାଁ, ତହସିଲ ରାଇରଙ୍ଗପୁର, ଏକର 0.17 ଡିସିମିଲ ଯାହା ବନ୍ଧୁଆ ମହାନ୍ତଙ୍କ ଦ୍ୱାରା ବିମଳ କୁମାର ମହାନ୍ତ ଏବଂ ସରୋଜ କୁମାର ମହାନ୍ତଙ୍କୁ ବିକ୍ରି ଦଲିଲ ସଂ.-164, 165 ଓ 167 ତା. 01.03.2002 ଦ୍ୱାରା ବିକ୍ରି କରାଯାଇଥିଲା। ବର୍ତ୍ତମାନ ମୋ ଅଧିକାରରେ ଅଛି ଓ ଉକ୍ତ ଦଲିଲ କେଉଁଠି ହଜିଯାଇଛି। ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଯଦି କେହି ଉକ୍ତ ସମ୍ପତ୍ତି ସମ୍ବନ୍ଧରେ ଆପତ୍ତି ଓ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତେବେ ଏହି ସୂଚନାର 15 ଦିନ ମଧ୍ୟରେ ରଜତ କୁମାର କର, ଓକିଲ, ଏଲ୍.ଆଇ.ସି. ଏଚ୍.ଏଫ୍.ଏଲ୍. ବାଲେଶ୍ୱର, ମୋବାଇଲ ନଂ-9937943086 ସହିତ ଯୋଗାଯୋଗ କରନ୍ତୁ। ଧ-୦୬୦

### AFFIDAVIT

By the virtue of an affidavit before the Court of Executive Magistrate, Jatni, I Snehalata Bihari have changed my name to Snehalata Misra according to my husband's surname i.e. Sandeep Misra for all future purpose. D-054

I, Soumyaswarupa Pradhan(32), W/o- Sushanta Kumar Behera, Vill- Radhanathpur, P.S.- Basudevpur, Dist.- Bhadrak. In my son Sourav Kumar Behera and Swastik Kumar Behera's school admission register my name is wrongly mentioned Soumyaswarupa Behera. By this affidavit I want to correction my above title name from Soumyaswarupa Behera to Soumyaswarupa Pradhan in the school admission register. D-057

I, Sibanika Sarangi, D/o- Mahendra Nath Sarangi, resident of Plot No- 3610, Lane 5A, Gouri Nagar, Bhubaneswar, P.O./P.S.- Old Town, Dist.- Khordha, PIN- 751002 Odisha declare by this affidavit No.- CF-22/23 dtd- 05.08.2023 that now onwards I shall be known as **Shivanika Sarangi** for all future purposes. D-059

By virtue of an affidavit before Executive Magistrate, Karanjia, I Pradeep Kumar Behera, Village- Chadheibhol, P.O.- Ghosada, Karanjia, Mayurbhanj States that my name has been wrongly recorded as Bulu Behera in my Aadhaar Card XXXXXXXX 8501, I want to change my name in Aadhaar Card from Bulu Behera to Pradeep Kumar Behera. Henceforth I shall be known as Pradeep Kumar Behera for all purposes. D-053

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଭେଣ୍ଡିର ଉନ୍ନତ କିସମ



ବର୍ଷ ସାରା ଭେଣ୍ଡି ଲଗାଯାଇପାରେ । ଉନ୍ନତ କିସମବିହନଲଗାନ୍ତୁ ।ଯଥା–ଉତ୍କଳ,ଗୌରବ, ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା–ବର୍ଷା,ବିଜୟ, ବିଶାଳ,ତାରା, ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ୍ୟ ଲଗାଇପାରିବେ । କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ । ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ,୪୫କି.ଗ୍ରା . ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ଼ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ ।

## ରଜନୀଗନ୍ଧାରେ ସାର ପ୍ରୟୋଗ

ପୂର୍ବରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ । କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ । ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ । ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ । କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର । ଶୀତଳ ଭଣ୍ଡାରରେ ୪–୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ । ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ ।



## ଲାଭଜନକ ଫଳଚାଷ



ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି । ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ । ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ । ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର । ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ । ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର । ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ ।

# ଗୋବନ୍ଧ୍ୟା ନିରାକରଣ



ଡା. ବୀରକିଶୋର ପରିଡ଼ା

ସାଧାରଣତଃ ଗୋବନ୍ଧ୍ୟା ବା ଗୋରୁଗାଈଙ୍କ ବନ୍ଧ୍ୟାଦୋଷ ୨ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଲା – ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା – ଅସ୍ଥାୟୀ ବନ୍ଧ୍ୟାଦୋଷ ।

**ସ୍ଥାୟୀ ବନ୍ଧ୍ୟାଦୋଷ**

ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ, ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

**ଅସ୍ଥାୟୀ ବନ୍ଧ୍ୟାଦୋଷ**

ଯଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ, ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

ଉପରୋକ୍ତ ୨ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣ କରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ । କିନ୍ତୁ ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ, ମାଈ ବାଛୁରୀ ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ । ଏହାର କେତୋଟି ମୁଖ୍ୟ କାରଣ ହେଲା–

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବକ ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା ।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା ।
- ଶରୀର ବିଭିନ୍ନ ରୋଗ ଦ୍ୱାରା ରୋଗାକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା – ଯକ୍ଷ୍ମା, ଫାଟୁଆ, ଛେରାରୋଗ ଏବଂ କୃମିରୋଗ ଇତ୍ୟାଦି ।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି ।
  –ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ । ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ । ଫଳରେ ଗାଈ ଗରମକୁ ଆସନ୍ତି ନାହିଁ ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି । କିନ୍ତୁ ଖରାଦିନେ, ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି ।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି ।

"ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ ମାସରୁ ୩ ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ ।"



**ବନ୍ଧ୍ୟାଦୋଷ କିପରି ଜାଣିବ :** ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ । ଗୋପାଳକମାନେ ମନେରଖିବା ଉଚିତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ ।

**କାହାଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀ ଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି । ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ରୁ ୩ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରନ୍ତି । ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ । ସଙ୍କର ଜାତୀୟ ଗାଈ ବେଶି ପରମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା :** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ । ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ୍ୟ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ । ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ । (କ୍ରମଶ..)

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

## ସ୍ୱଳ୍ପ ଅବଧି ଧାନ କିସମ ଚୟନ



ମରୁଡି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି ଧାନ କିସମ ଚୟନ କରନ୍ତୁ । ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ । ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯାହାଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ । ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ । ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ । ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ବିଶୋଧନ ପାଇଁ ବ୍ୟବହାର କରନ୍ତୁ । ଫଳତଃ ଜମିରେ ଘାସ କମ୍ ହୋଇଥାଏ । ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ । ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ । ଢ଼ିପ ଜମିଗୁଡିକରେ କେବଳ ଧାନ ନକରି ଅନ୍ୟ ଫସଲ ଯଥା–ମୁଗ ,ବିରି, ହରଡ,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ । ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ । ମରୁଡି ସହି ପାରୁଥିବା ଧାନ କିସମ ଯଥା– ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରୀ, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ । ଧାନ ବିହନକୁ ସୋଡିୟମ୍ ଫସଫେଟ ଦ୍ରବଣ (ଏକ ଲିଟର ପାଣିରେ ୩୫୮ ମିଲିଗ୍ରାମ)୬ଘଣ୍ଟା ବତୁରାନ୍ତୁ ଓ ତାପରେ ଶୁଖାଇ ବୁଣନ୍ତୁ । ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ ।

## କୁଜିସାରୁ ଚାଷ କରୁଥିଲେ...



ଅଧିକ ଅମଳକ୍ଷମ କୁଜିସାରୁ ପାଇଁ ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଚୟନ କରନ୍ତୁ । ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ । ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ । ଏକ ଏକର ସାରୁ ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ । ପ୍ରତି କି.ଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ । ଜମିର ପ୍ରକାର ଅନୁସାରେ ୨–୩ ଓଡ ଗଭୀର ଚାଷ କରିବା ପରେ ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ । ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ । ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪କିଗ୍ରା ଫସଫରସ, ୧୬କିଗ୍ରା ପଟାସ ପ୍ରୟୋଗ କରନ୍ତୁ । ପରେ ଗଜା ବାହାରିବାର ୭–୧୦ଦିନ ପରେ ୨୦କିଗ୍ରା ଯବକ୍ଷାରଜାନ,୨୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ ।

## ଢିପ ଜମିରେ ଡାଲିଜାତୀୟ ଫସଲ ଚାଷ



ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

## ବିହନ ବ୍ୟବହାର ପୂର୍ବରୁ...



ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ । ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା– ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ । ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ । ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚ ଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ । ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ । ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ ।

## ଆଖୁ ୧୦୫ଦିନର ହୋଇଥିଲେ...

ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ । ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ । ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ । ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ । ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ । ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡ଼ାଇଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ । ୨ ଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ ।

## ଚିନାବାଦାମ ବୁଣିବା ସମୟରେ...



ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୨୪ Bhubaneswar, Wednesday, April 10/ 2024


# ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଡବ୍ଲ୍ୟୁଏଫ୍ଆଇ ବାସନ୍ଦ ପ୍ରସଙ୍ଗ

**ନୂଆଦିଲ୍ଲୀ, ୯।୪ (ପି.ଟି.)**

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)କୁ ବାସନ୍ଦ ପ୍ରସଙ୍ଗରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ୧୫ ଓ ୨୦ ବର୍ଷରୁ କମ୍ ରେସ୍‌ଲିଂ ଟୁର୍ନାମେଣ୍ଟ ଆୟୋଜନ ପାଇଁ ରହିଥିବା ପ୍ରକ୍ରିୟାକୁ ଅନୁସରଣ କରି ନ ଥିବା କାରଣରୁ କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍ଆଇକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବାସନ୍ଦ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଡିସେମ୍ବର ୨୧ ତାରିଖରେ ହୋଇଥିବା ବେଳେ ୩ ଦିନ ପରେ ଏହାକୁ ବାସନ୍ଦ କରାଯାଇଥିଲା। ଫଳରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଡବ୍ଲ୍ୟୁଏଫ୍ଆଇ। ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି କରିବା ସହ ଜବାବ ରଖିବା ପାଇଁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମେ' ୨୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ସୁବ୍ରମଣ୍ୟମ ରାମପ୍ରସାଦ ଏହି ମାମଲାର ଶୁଣାଣି କରିଥିଲେ। ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ ଆଡଭୋକେଟ ଦୟାନ କ୍ରିଷ୍ଣନ ମାମଲା ପରିଚାଳନା କରିଥିଲେ। କ୍ରୀଡା ମନ୍ତ୍ରଣାଳୟର ନିଷ୍ପତ୍ତି ଆଇନ ବିରୁଦ୍ଧ ଓ ଏହା ଜାତୀୟ ସ୍ପୋର୍ଟ୍ସ କୋଡ୍‌ର ଉଲ୍ଲଂଘନ କରୁଛି ବୋଲି ସେ ଦାବି କରିଥିଲେ। ନିୟମ ଅନୁଯାୟୀ କୌଣସି ଫେଡେରେଶନକୁ ବାସନ୍ଦ କରିବା ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା କଥା। ମାତ୍ର କ୍ରୀଡା ମନ୍ତ୍ରଣାଳୟ ସିଧାସଳଖ ବାସନ୍ଦ କରି ଏହାର ଉଲ୍ଲଂଘନ କରିଥିଲେ। ନବ ନିର୍ବାଚିତ ଡବ୍ଲ୍ୟୁଏଫ୍ଆଇ ତରବରିଆ ଭାବେ ନିୟମ ବହିର୍ଭୂତ କାର୍ଯ୍ୟ କରି ୧୫ ଓ ୨୦ ବର୍ଷରୁ କମ୍ ରେସ୍‌ଲିଂ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଥିଲା ବୋଲି କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ବାସନ୍ଦର କାରଣ ଭାବେ ଦର୍ଶାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗାମୀ ସଞ୍ଜୟ ସିଂ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ମହିଳା ଖେଳାଳିଙ୍କୁ ଯୌନ ନିର୍ଯାତନା ଦାବିରେ ବ୍ରିଜ୍ ଭୂଷଣ ନିଜ ପଦରୁ ଓହରିଥିଲେ। ଡିସେମ୍ବର ୨୧ ତାରିଖରେ ସଞ୍ଜୟ ସିଂ ନିର୍ବାଚିତ ହେବା ଦିନ ହିଁ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ହେବ ବୋଲି ସଞ୍ଜୟ ଘୋଷଣା କରିଥିଲେ। ତେବେ ଏଭଳି ତରବରତିଆ ନିଷ୍ପତ୍ତି ପଛର କାରଣ ଜଣା ପଡି ନ ଥିବା ବେଳେ ଏହାକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର/ଜୁନିୟର/ସବ୍ ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା।

# ରୌପ୍ୟରେ ପରିଣତ ହେଲା ଐଶ୍ୱର୍ଯ୍ୟାଙ୍କ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୯।୪(ପି.ଟି.)**



୨୦୨୩ ଏସିଆନ ଚାମ୍ପିୟନଶିପ୍ ୪୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଜିତିଥିବା ଉଜ୍‌ବେକିସ୍ତାନର ଫରିଦା ସୋଲିୟେଭା ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଛି। ଫଳରେ ଏହି ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଥିବା ଭାରତର ଐଶ୍ୱର୍ଯ୍ୟା ମିଶ୍ର ବର୍ତ୍ତମାନ ପଦୋନ୍ନତି ପାଇଛନ୍ତି। ବର୍ତ୍ତମାନ ସେ ରୌପ୍ୟର ହକ୍‌ଦାର ହୋଇଛନ୍ତି। ଗତବର୍ଷ ଜୁଲାଇ ୧୩ରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସୋଲିୟେଭାଙ୍କଠାରୁ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ସେଥିରେ ନିଷିଦ୍ଧ ଦ୍ରବ୍ୟ ମେଲ୍‌ଡୋନିୟମ ଠାବ କରାଯାଇଥିଲା। ଫଳରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ସେହିଦିନଠାରୁ ତାଙ୍କର ସମସ୍ତ ଫଳାଫଳକୁ ରଦ୍ଦ କରିଦେଇଛି। ଏଥିସହିତ ତାଙ୍କୁ ୨୦୨୩ ସେପ୍ଟେମ୍ବର ୧୩ରୁ ବାସନ୍ଦ କରିଛି। ସୋଲିୟେଭା ୫୨.୯୫ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ଏବଂ ମିଶ୍ର ୫୩.୦୭ ସେକେଣ୍ଡ ଟାଇମିଂରେ ତୃତୀୟ ହୋଇଥିଲେ। ଶ୍ରୀଲଙ୍କାର ନାଦିଶା ରାମନାୟକେ ୫୨.୬୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପାଇଥିଲେ। ମିଶ୍ର ଆହୁରି ମଧ୍ୟ ମିକ୍ସଡ ୪x୪୦୦ମିଟର ରିଲେ ଟିମ୍‌ର ଅଂଶବିଶେଷ ଥିଲେ। ଚାମ୍ପିୟନଶିପ୍‌ରେ ମହିଳା ୪x-୪୦୦ମିଟର ରିଲେରେ ଏକ ବ୍ରୋଞ୍ଜ ଲାଭ କରିଥିଲେ। ଭାରତ ଏହି ଚାମ୍ପିୟଶିପ୍‌ରେ ୬ ସ୍ୱର୍ଣ୍ଣ ସହ ୨୭ ପଦକ ଜିତି ତୃତୀୟ ହୋଇଥିଲା।

# ରୋନାଲ୍‌ଡୋଙ୍କୁ ରେଡ୍ କାର୍ଡ, ସସ୍‌ପେଣ୍ଡ

**ଆବୁଧାବି, ୯।୪ (ଏ.ପି.)**

ଅଲ୍-ନାସର ଓ ଅଲ୍-ହିଲାଲ ମଧ୍ୟରେ ଅନୁଷ୍ଠିତ ସାଉଦି ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ସେମିଫାଇନାଲ ମ୍ୟାଚରେ ରେଡ୍‌କାର୍ଡ ଯୋଗୁ କ୍ରିଷ୍ଟିଆନୋ ରୋନାଲ୍‌ଡୋ ତାଙ୍କର ଆଗାମି ଦୁଇଟି ଗେମ୍‌ରୁ ସସ୍‌ପେଣ୍ଡ ହୋଇଛନ୍ତି। ୫ଥର ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ଜିତିଥିବା ରୋନାଲ୍‌ଡୋ ୨୦୨୨ ଡିସେମ୍ବରରେ ଅଲ୍ ନାସର କ୍ଲବ ସହିତ ଚୁକ୍ତି କରିଥିଲେ। ଆବୁଧାବିରେ ଖେଳାଯାଇଥିବା ଏହି ମ୍ୟାଚର ୮୬ତମ ମିନିଟ୍‌ରେ ସେ ବିପକ୍ଷ ଅଲ-ହିଲାଲ ଡିଫେଣ୍ଡର ଅଲି ଅଲ୍-ବୁଲାହିଙ୍କୁ କହୁଣି ମାରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରେଡ୍‌କାର୍ଡ ପରେ ପଡ଼ିଆ ଛାଡ଼ିବା ବେଳେ ରେଫରିଙ୍କୁ ଇଙ୍ଗିତ କରିଥିବାରୁ ଏହି ୩୯ ବର୍ଷୀୟ ମହାନ ଫୁଟ୍‌ବଲ ଖେଳାଳି ଆହୁରି ଦଣ୍ଡିତ ହୋଇପାରନ୍ତି। ଏହି ମ୍ୟାଚରେ ଅଲ-ନାସରଙ୍କଠାରୁ



ଅଲ୍-ବୁଲାହିଙ୍କୁ କହୁଣି ମାରିବା ଅବସରରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ।

ଅଲ୍-ହିଲାଲ ୨-୧ ଗୋଲରେ ହାରିଯାଇଥିଲ। ରୋନାଲ୍‌ଡୋ ପଡ଼ିଆ ଛାଡ଼ିବା ବେଳକୁ ସାଲେମ ଅଲ୍ ଦସାରି ଓ ବ୍ରାଜିଲିଆନ ୱିଙ୍ଗର ମାଲ୍‌କମଙ୍କ ଗୋଲ୍ ବଳରେ ଅଲ୍-ନାସେର ବିପକ୍ଷରେ ଅଲ୍-ହିଲାଲ ୨-୦ ଗୋଲ୍‌ରେ ଆଗୁଆ ରହିଥିଲା। ପରେ ଇଞ୍ଜୁରି ସମୟ ଖେଳ ବେଳେ ସେନେଗାଲ ଇଣ୍ଟରନ୍ୟାଶନାଲ ସାଡିଓ ମାନେଙ୍କ ଏକ ଗୋଲ ପରିଶୋଧ କରିଦେଇଥିଲେ। ଫଳରେ ହିଲାଲା ଦଳ ଗୁରୁବାର ଅଲ-ଇତିହାଦ ସହିତ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିଛି।

# ଜୋକୋଭିଚ୍, ବୋପାନ୍ନାଙ୍କ ବିରଳ ରେକର୍ଡ

**ମଣ୍ଟେକାର୍ଲୋ, ୯।୪ (ପି.ଟି.):** ଭାରତୀୟ ଡବଲ୍ସ ଟେନିସ୍ ତାରକା ରୋହନ ବୋପାନ୍ନା ଓ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଏଟିପି ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଉଭୟ ଖେଳାଳି ବୟସ୍କ ଆଥ୍‌ଲେଟ ଭାବରେ ଏଟିପି ର୍‍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନରେ ରହିବାର ସୌଭାଗ୍ୟ ହାସଲ କରିଛନ୍ତି। ନିକଟରେ ଜୋକୋଭିଚ୍ ମଣ୍ଟେକାର୍ଲୋ ମାଷ୍ଟର୍ସରେ ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପକୁ ଏଟିପି ଏହାର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛି। ୪୪ ବର୍ଷୀୟ ବୋପାନ୍ନା ପୁରୁଷ ଡବଲ୍ସରେ ବୟସ୍କ ଖେଳାଳି ଭାବରେ ୧ ନମ୍ବର ସ୍ଥାନ ହାସଲ କରିଥିଲେ। ଅନ୍ୟପକ୍ଷରେ ୩୬ ବର୍ଷୀୟ ଜୋକୋଭିଚ୍ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କୁ ପଛରେ ପକାଇ ବୟସ୍କ ଖେଳାଳି ଭାବରେ ପୁରୁଷ ସିଙ୍ଗଲ୍ସରେ ଏକ ନମ୍ବର ମାନ୍ୟତା ହାସଲ କରିଛନ୍ତି। ଟେନିସ୍ ଆମକୁ ଅନେକ ଜିନିଷ ଶିଖାଇଥାଏ। ଅଭିଜ୍ଞତା ହିଁ ଜୀବନର ସବୁଠାରୁ ବଡ ଉପଲବ୍ଧି ବୋଲି ଜୋକୋଭିଚ୍‌ଙ୍କୁ କହିଥିଲେ ବୋପାନ୍ନା। ଆମେ ବୟସ୍କ, ମାତ୍ର ସୁନାଠାରୁ କମ୍ ନୁହେଁ ବୋଲି କହିଥିଲେ ଜୋକୋଭିଚ୍।

# ଜାତୀୟ ମହିଳା ହକି ଲିଗ୍ ୩୦ରୁ

**ନୂଆଦିଲ୍ଲୀ, ୯।୪ (ପି.ଟି.):** ଜାତୀୟ ମହିଳା ହକି ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣ ରାଞ୍ଚିରେ ଏପ୍ରିଲ ୩୦ରୁ ମେ ୧୦ ପର୍ଯ୍ୟନ୍ତ ହେବ। ହକିଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଏହି ଲିଗ୍‌ରେ ଦେଶର ଉଦୀୟମାନ ଖେଳାଳି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପୁଣେଠାରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍‌ର ୮କ୍ୱାର୍ଟରଫାଇନାଲିଷ୍ଟ ହରିୟାଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ମଧ୍ୟ ପ୍ରଦେଶ, ବେଙ୍ଗଲ, ମିଜୋରାମ, ମଣିପୁର ଓ ଓଡ଼ିଶାକୁ ନେଇ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଲିଗ୍ ଖେଳାଯିବ। ଲିଗ୍‌ରେ ୨୧ବର୍ଷରୁ କମ୍ ଖେଳାଳିଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ। ଚୟନକର୍ତ୍ତାମାନେ ଭବିଷ୍ୟତର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନର ସୁଯୋଗ ପାଇବେ। ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ କେବେ ହେବ ତାହା ଘୋଷଣା କରାଯାଇ ନାହିଁ।

# ଗୋଆର ରୋମାଞ୍ଚକ ବିଜୟ

## ଇଣ୍ଡିଆନ୍ ସୁପର୍ ଲିଗ୍

**ରାଞ୍ଚି,୯।୪:** ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ମଙ୍ଗଳବାର ଜାମସେଦପୁର ଏଫ୍‌ସିକୁ ୩-୨ରେ ହରାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଏଫ୍‌ସି ଗୋଆ। ଇଞ୍ଜୁରୀ ଟାଇମରେ ବୋର୍ଜା ହେରେରା ଗୋଆ ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଜାମସେଦପୁର



ଗୋଲ ସ୍କୋର ପରେ ବୋର୍ଜା ହେରେରା (ଡାହାଣ)

ପାଇଁ ରେଇ ଟାଚିକାୱା(୧୭) ଓ ସେମିନଲେନ ଡୌଙ୍ଗେଲ(୭୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଗୋଆ ପକ୍ଷରୁ ନୋଆ ସାଦୌଇ (୨୧), କାର୍ଲୋସ ମାର୍ଟିନେଜ୍ (୨୮) ଓ ବୋର୍ଜା ହେରେରା (୯୦+୫) ମିନିଟରେ ଗୋଲ ଦେଇଥିଲେ।

ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳା ଯାଇଥିବା ମ୍ୟାଚ୍‌ରେ ୧୭ ତମ ମିନିଟରେ ୬ ୟାର୍ଡ ଦୂରରୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଲ ସ୍କୋର କରିଥିଲେ ରେଇ ଟାଚିକାୱା। ଏହାର ୪ ମିନିଟ ମଧ୍ୟରେ କାର୍ଲ ମ୍ୟାକହଗ୍‌ଙ୍କ ଆସିଷ୍ଟରେ ଗୋଆ ପକ୍ଷରୁ ନୋଆ ସାଦୌଇ ଗୋଲ୍ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ନୋଆ ସାଦୌଇଙ୍କ ଆସିଷ୍ଟରୁ ୨୮ ତମ ମିନିଟରେ କାର୍ଲୋସ ମାର୍ଟିନେଜ୍ ସ୍କୋର କରିବା ସହ ଗୋଆକୁ ୨-୧ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ୨-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଗୋଆ ସାମାନ୍ୟ ରକ୍ଷଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ୭୩ ମିନିଟରେ ସେମିନଲେନ ଡୌଙ୍ଗେଲ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ଇଞ୍ଜୁରୀ ଟାଇମ୍‌ରେ ବୋର୍ଜା ହେରେରା ଗୋଲ ଦେଇଥିଲେ। ଏହା ସହ ୨୧ ମ୍ୟାଚ୍‌ରୁ ୧୨ ବିଜୟ ସହ ୪୨ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଏଫ୍‌ସି ଗୋଆ।








| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹35 000 | ₹10 000 | ₹3 000 | ₹48 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹25 000 | ₹10 000 | - | ₹35 000 |
| i20 | ₹25 000 | ₹10 000 | - | ₹35 000 |

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736590; JAGATSINGHPUR, PH: 7077736600, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. Benefits may vary with variants and are subject to change without prior notice. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ